REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ଶ
ସଂ ୩୬ ଖ୍ୟା

ତା ୩୦ ରଣ ମାହେ ଅଗଷ୍ଟ ସନ ୧୮୭୯ ମସିହା । ମୂ । ଭାଦ୍ରବ ଦ ୧୬ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୪॥
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬॥
ମଫସଲପାଇଁ ଡାକମାସୁଲ ଟ ୧।୵

ଅମ୍ଭେମାନେ ଆନନ୍ଦପୂର୍ବକ ଅବଗତ ହେଲୁଁ ଯେ ପରୁଆର ବିଷୟର ଚୂଡାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ କାଗଜ ଛଲଙ୍ଗା ସ୍ଥଗିତ ରଖିବାର ବୋର୍ଡ ମଞ୍ଜୁର କରିଅଛନ୍ତି । କିନ୍ତୁ ଏ ବିଷୟରେ ବାଲେଶ୍ୱରର କଲେକ୍ଟର ଆବେଦନ କରିଥିବାରୁ ବୋର୍ଡଙ୍କ ଆଜ୍ଞା କେବଳ ବାଲେଶ୍ୱରଜିଲ୍ଲା ପ୍ରତି ହୋଇଅଛି । ଏଥିକୁ କମିଶନର ସାହେବ ସେ ଆଜ୍ଞା ଅନ୍ୟ ଜିଲାମାନଙ୍କରେ ପ୍ରଚାର କରିବା କାରଣ ବୋର୍ଡଙ୍କୁ ପ୍ରାର୍ଥନା କରିଅଛନ୍ତି । ବାଲେଶ୍ୱରର କଲେକ୍ଟରଙ୍କର ଆବେଦନ ପଠାଇବା ବେଳେ ଏହା କରିବାର ତାଙ୍କୁ ଉଚିତ ଥିଲା । କିନ୍ତୁ ଏ ଭୁଲରେ କିଛି ଅନିଷ୍ଟ ଘଟି ନାହିଁ ତାଙ୍କର ପୂର୍ବ ଆଜ୍ଞାମତେ ଏଠାରେ କାଗଜ ଛଲଙ୍ଗା ସ୍ଥଗିତ ଅଛି । ଭରସା କରୁଁ କଟକ ଓ ପୁରୀପ୍ରତି ବୋର୍ଡ ଉପର୍ଯ୍ୟୁକ୍ତ ଆଜ୍ଞା ପ୍ରଦାନ କରିବେ ।

---

ପାର୍ଲିମେଣ୍ଟ ସଭାରେ ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ଚଳିତମାସ ତା ୧୫ରିଖରେ ଯେଉଁ ବକ୍ତୃତା କରିଥିଲେ ତହିଁରେ ଭାରତବର୍ଷ ସଂକ୍ରାନ୍ତରେ କହିଲେ କି ଅମିର ୟାକୁବ ଖାଁ ସଙ୍ଗେ ସନ୍ଧି ହେବାରୁ କାବୁଲଯୁଦ୍ଧ ଶେଷ ହୋଇ ତାଙ୍କ ଆମ୍ଭ ମଧ୍ୟରେ ସୌହାର୍ଦ୍ଦ୍ୟ ସ୍ଥାପନ ହୋଇଅଛି ଓ ସେ ଶାନ୍ତି ଓ ନିରାପଦତା ନିମିତ୍ତ ପ୍ରତିଭୂ ପ୍ରଦତ୍ତ କରିଅଛନ୍ତି ଏବଂ ଆମ୍ଭର ଭାରତବର୍ଷୀୟ ରାଜ୍ୟର ସୀମା ଦୃଢ଼ୀଭୂତ ହୋଇଅଛି । ଅମ୍ଭ ସେନାପତିମାନଙ୍କର ଦକ୍ଷତା ଓ ସୈନ୍ୟମାନଙ୍କର ସାହସ ଓ ସହିଷ୍ଣୁତା ହେତୁ ସେମାନେ ସ୍ୱଦେଶ ଓ ପାର୍ଲିମେଣ୍ଟ ସଭାରୁ ଧନ୍ୟବାଦ ପାଇବାର ଯୋଗ୍ୟ । ଭାରତବର୍ଷର ଅନେକ ଦେଶୀୟ ରାଜାମାନଙ୍କୁ ଅମ୍ଭେ ବିଶେଷରୂପେ ଧନ୍ୟବାଦ ଦେଉଅଛୁଁ ଏବଂ ଭାରତବର୍ଷୀୟ ପ୍ରଜାମାନଙ୍କର ସହାୟତା ଓ ଅମ୍ଭପ୍ରତି ସେମାନଙ୍କର ସ୍ନେହ ଓ ସଦିଚ୍ଛା ଅମ୍ଭେ ସ୍ୱୀକାର କରୁଅଛୁଁ । ଶ୍ରୀମତୀ ଭାରତେଶ୍ୱରୀଙ୍କ ଶ୍ରୀମୁଖର ଏପରି ସୁମିଷ୍ଟ ବଚନ ପ୍ରୀତିକର ଓ ଆନନ୍ଦଜନକ ଅଟଇ ।

---

ବିଲାତରେ ବାବୁ ଲାଲମୋହନ ଘୋଷ ଗତ ମାସ ତା ୨୩ ରିଖରେ ଏକ ସଭାରେ ଚମତ୍କାର ବକ୍ତୃତା କରିଥିଲେ । ଇଂରେଜମାନେ ତାହା ଶୁଣି ଚମତ୍କୃତ ହୋଇଅଛନ୍ତି । ଭାଷା ଓ ଉଚ୍ଚାରଣ ଏପରି ସୁନ୍ଦରରୂ ହୋଇଥିଲା ଯେ ଏ ଦେଶୀୟ ଲୋକ କହିବା ପରି ଆଦୌ ଜଣା ନ ପଡିଲା । ପାୟୋନୀୟରର ପରି କାର ପକ୍ଷପ୍ରେରକ ପ୍ରାୟ କାହାରି ପ୍ରଶଂସା କରନ୍ତି ନାହିଁ ସେ ସୁଦ୍ଧା ଲାଲମୋହନ ବାବୁଙ୍କର ପ୍ରଶଂସା କରି ଲେଖନ୍ତି ଯେ ଇଂରେଜଙ୍କ ମଧ୍ୟରେ ତାଙ୍କ ତୁଲ୍ୟ ସୁବକ୍ତା ଅତ୍ୟଳ୍ପ ଅଛନ୍ତି । ବିଲାତରେ ଥିବା ଜଣେ ବଙ୍ଗଦେଶୀୟ ବ୍ୟକ୍ତି ହିନ୍ଦୁପେଟ୍ରିଅଟଙ୍କୁ ଲେଖିଅଛନ୍ତି କି ଲାଲମୋହନ ବାବୁଙ୍କର ବକ୍ତୃତା ଯୋଗେ ଦେଶୀୟ ଲୋକ ଉଚ୍ଚ କର୍ମରେ ନିଯୁକ୍ତ ହେବା ବିଷୟର ନିୟମାବଳୀ ଶୀଘ୍ର ପ୍ରକାଶ ହେଲା । ଅମ୍ଭେମାନେ ଅତି ଆନନ୍ଦିତ ହୋଇ ଲାଲମୋହନ ବାବୁଙ୍କର ଅସୀମ ପ୍ରଶଂସା କରୁଅଛୁଁ ତାଙ୍କ ଯୋଗେ ଏଦେଶର ବିଶେଷ ଉପକାରର ଦୃଢ଼ ଆଶା ହେଉଅଛି ।

---

### କୁସଂସ୍କାର ।

ବାଲେଶ୍ୱରରେ ଓଲାଉଠା ରୋଗ ନିବାରଣ ନିମିତ୍ତ ଶ୍ୟାମସୁନ୍ଦର ଜିଉଙ୍କ ନଗରଭ୍ରମଣ ଓ ୨୪ ପ୍ରହର ହରିକୀର୍ତ୍ତନ ସଂକ୍ରାନ୍ତରେ ଅମ୍ଭେମାନେ ଯାହା ଏଥିପୂର୍ବେ ଲେଖିଥିଲୁଁ ତହିଁର ପ୍ରତିବାଦରେ ଖଣ୍ଡିଏ ପ୍ରେରିତପତ୍ର ଉତ୍କଳଦର୍ପଣରେ ପ୍ରକାଶିତ ହୋଇଅଛି । ଅମ୍ଭେମାନେ ସମୟ ଓ ସ୍ଥାନାଭାବରୁ ଏପର୍ଯ୍ୟନ୍ତ ତାହା ଉଲ୍ଲେଖ କରି ନ ଥିଲୁଁ ବର୍ତ୍ତମାନ ତହିଁର ଉତ୍ତର ଦେବାକୁ ପ୍ରବୃତ୍ତ ହୋଇଅଛୁଁ । ଓଲାଉଠା ଉପସ୍ଥିତ ହେଲେ କାଲଣୀ କାଣ୍ଡ, ସଂକୀର୍ତ୍ତନ ଇତ୍ୟାଦି ସର୍ବତ୍ରରେ ଊଣା ଅଧିକରେ ହୋଇଥାଏ । ବାଲେଶ୍ୱରରେ ଉପର୍ଯ୍ୟୁକ୍ତ କାର୍ଯ୍ୟମାନ ଅତି ଆଡମ୍ବର ଓ ଅନେକ ବ୍ୟୟରେ ହୋଇଥିଲା ଓ ସେହି ସମୟରେ ସମ୍ବାଦଦାତା ଲେଖିଥିଲେ ଯେ ସେଠାରେ କୂପ ବା ଉତ୍ତମ ଜଳ ନ ଥିବାରୁ ଓଲାଉଠା ଏପରି ପ୍ରବଳ ହୋଇଅଛି ତଥାଚ ଏ ଅଭାବମୋଚନ ପକ୍ଷରେ କାହାରି ମନୋଯୋଗ ନାହିଁ । ଏହେତୁ ଅମ୍ଭେମାନେ ଲେଖିଥିଲୁଁ କି ବାଲେଶ୍ୱର ବାସିମାନେ ଓଲାଉଠାର ପ୍ରକୃତ ପ୍ରତୀକାରରେ

Split by PDF Splitter
Digitized by srujanika@gmail.com

ମନୋଯୋଗୀ ନ ହୋଇ ଅନର୍ଥକ ଆଡମ୍ବରରେ ଶତ ୨୫ ଟଙ୍କା ବ୍ୟୟ କରୁଅଛନ୍ତି । ଏଥିରୁ ପତ୍ରପ୍ରେରକ ଶ୍ରୀ—ଆଡମ୍ବର କଥାକୁ ଦୋଷଯୁକ୍ତ ଜାଣି ତାହା ଗୁଡ ଦେଇ ଉକ୍ତ କାର୍ଯ୍ୟମାନଙ୍କୁ ଅମ୍ଭେମାନେ କେବଳ ଅନର୍ଥକ ମଣିଥିବାର ଲେଖି ଅଛନ୍ତି । ହେଉ, ତାଙ୍କର କଥା ହେଲା ଉକ୍ତ କାର୍ଯ୍ୟ ଉତ୍ତାରେ ଦେଡମାସ ପର୍ଯ୍ୟନ୍ତ ସେଠାରେ ପ୍ରତି ସପ୍ତାହରେ ଶତ ୨ ନରନାରୀ ଓଲାଉଠାରେ ମୃତ୍ୟୁ ପ୍ରାପ୍ତ ହେବାର ଦର୍ପଣ ଓ ବାହବା ଉକ୍ତିରୁ ପ୍ରକାଶ । ତେବେ ଅନର୍ଥକ ବୋଲିଲେ କି ଦୋଷ ? ବାଲେଶ୍ୱର ଶ୍ରୀ—ସାଇକୋପେଥି ଅର୍ଥାତ୍ ମାନସ ଉପାୟକୁ ସକଳପ୍ରକାର ଚିକିତ୍ସା ଅପେକ୍ଷା ଅଧିକ ଉତ୍କୃଷ୍ଟ ମଣିଅଛନ୍ତି । ମନର ଦମ୍ଭିତାରେ ରୋଗର ଉପଶମ ହୁଏ ସତ୍ୟ କିନ୍ତୁ ସକଳସ୍ଥଳେ କିହା ଔଷଧରେ ଆରୋଗ୍ୟ ହେବ କି ? ପୁଣି ଉତ୍କଟ ରୋଗରେ ମନର ଦମ୍ଭିତା ଆଦୌ ନ ଥାଏ ସେସ୍ଥଳେ କି ହେବ ? ଭ୍ରମରେ ବିଷ ଖାଇଲେ କି ତାହା ଧାରଇ ନାହିଁ ?

ପତ୍ରପ୍ରେରକଙ୍କ ଲେଖାରୁ ଜଣାଯାଏ ଯେ ସେ କୁସଂସ୍କାରକୁ ଜାଗରୂକ ରଖିବାକୁ ଚାହାନ୍ତି ଏହି ଉଦ୍ଦେଶରେ ତହିଁର କଳ୍ପିତ ଫଳ ଦେଖାଇଅଛନ୍ତି ମାତ୍ର ଫଳଭାଗ ଅତି ସନ୍ଦେହଯୁକ୍ତ ଅନିଷ୍ଟଭାଗ ନିଶ୍ଚୟ । କୁସଂସ୍କାର ନାନାଦି ଭ୍ରମର ମୂଳ ଓ ଉନ୍ନତମାର୍ଗର ପ୍ରଧାନ ପ୍ରତିବନ୍ଧକ । କୁସଂସ୍କାର ହେତୁ ଲୋକେ ଗୁଣି ଓ ଠକ ବାବାଜିଙ୍କର ଅସମ୍ଭବ କଥା ଓ ମନ୍ତ୍ରମାନରେ ବିଶ୍ୱାସ କରି ନାନାଦି ମତେ ପ୍ରବଞ୍ଚିତ ହୁଅନ୍ତି । ଅମ୍ଭମାନଙ୍କ ଦେଖିବାରେ କେତେ ରୋଗୀ ଚିକିତ୍ସା ନ କରି କେବଳ ଦେବୀ ଓ ଗୁରୁମ ଉପରେ ନିର୍ଭର କରି ରୋଗରେ ପଡିଅଛନ୍ତି ବା ଜୀବନ ହରାଇଅଛନ୍ତି । ଅତଏବ ଧନପ୍ରାଣର କ୍ଷତିକାରକ କୁସଂସ୍କାରକୁ ତିରୋହିତ କରିବାର ଉଚିତ ଓ ତାହା ଜାଗରୂକ ରଖିବାର ବିହିତ ନୁହେ । ବାଲେଶ୍ୱରର ଉପର୍ଯ୍ୟୁକ୍ତ ଆଡମ୍ବର କାର୍ଯ୍ୟରେ ଯେ କେବଳ କୁସଂସ୍କାରର ଉତ୍ସାହ ଥିଲା ଏମନ୍ତ ନୁହେ ଯହିଁରେ ଓଲାଉଠା ବୃଦ୍ଧି ହେବାର ସମ୍ଭାବନା ତାହା ଅର୍ଥାତ୍ ଅସମୟେ ଓ ଅପଥ୍ୟ ଭୋଜନ ଓ ରାତ୍ରିଜାଗରଣ ବିଲକ୍ଷଣ ହୋଇଥିଲା । ତହିଁଉତ୍ତାରେ ଓଲାଉଠା ପ୍ରବଳ ଥିବାରୁ ଏ ଅନୁଷ୍ଠାନକୁ ତହିଁର କାରଣ ମଣିଲେ ଦୋଷ ପଡି ନ ପାରେ ।

---

## ନଗର ଟାକ୍ସ ସଂଗ୍ରହର କଷ୍ଟ ।

ଶ୍ରୀଯୁକ୍ତ ହାଣ୍ଟର ସାହେବ ମେଜଷ୍ଟ୍ରେଟ ଓ ମ୍ୟୁନିସିପଲ ସଭାପତିଙ୍କ ପ୍ରାର୍ଥନାନୁସାରେ ଅମ୍ଭେମାନେ ଏ ପ୍ରବନ୍ଧ ଲେଖିବାରେ ପ୍ରବୃତ୍ତ ହୋଇଅଛୁଁ । ସାହେବ ପ୍ରଶଂସିତ ଲେଖନ୍ତି ଏ ନଗରରେ ଧାର୍ଯ୍ୟ ହୋଇଥିବା ଟାକ୍ସର ମୋଟ ବାର୍ଷିକ ଜମା ଟ ୧୬୦୦୦୯ ଙ୍କା ଅଟଇ, ଏହା ସଂଗ୍ରହ କରିବା ନିମନ୍ତେ ଜଣେ ଟାକ୍ସ ଦାରୋଗା, ଦୁଇଜଣ ମୋହରର ଓ ଛଅଜଣ ଚପରାସୀ ନିଯୁକ୍ତ ଅଛନ୍ତି । କିନ୍ତୁ ଟାକ୍ସ ଓସୁଲ ହେବାର ବଡ କଷ୍ଟ ଓ ସର୍ବଦା ଅନେକମାସର ବାକି ପଡିଅଛି । ଅଳ୍ପ ଓସୁଲ ହେତୁ ତହସିଲ ଅମଲାଙ୍କର ବେତନ ଅଟକ ହୋଇଅଛି । ସେମାନେ ଗୁହାରି କରନ୍ତି ଯେ ବିଲ ନେଇ ଗଲେ ଟାକ୍ସଦାୟୀମାନେ ସେମାନଙ୍କୁ ଘଣ୍ଟାଏ ପହରେ ବସାଇ ଟାକ୍ସ ନ ଦେଇ ଫେରାଇ ଦିଅନ୍ତି ଓ ଅନେକସ୍ଥଳେ ଟାକ୍ସ ନିମନ୍ତେ ସେମାନେ ଅନେକଥର ଦଉଡନ୍ତି । ଏଣୁକରି ଅନର୍ଥକ କଷ୍ଟ ଓ ବିଳମ୍ବ ହୁଅଇ । ଏହା ଯେ କେବଳ ଦୁଃଖିଲୋକଙ୍କଠାରେ ଘଟଇ ଏମନ୍ତ ନୁହେ ଭଦ୍ର ଓ ଧନିମାନେ ମଧ୍ୟ ଏହି ପ୍ରକାରରେ ପିଆଦାଙ୍କୁ ଦଉଡାନ୍ତି । ତହସିଲଅମଲା କହନ୍ତି ଦୁଃଖିଙ୍କ ଅପେକ୍ଷା ଭଦ୍ର ଓ ଚଳବାଲାମାନେ ଅଧିକ ବିଳମ୍ବ ଓ ବଡ ବିରକ୍ତ କରନ୍ତି । ସେମାନେ ଯେ ଏ କୋହଳ ଟାକ୍ସ ଦେବାକୁ ଅପାରଗ ଏମନ୍ତ ନୁହେ କେବଳ ଅନିଚ୍ଛା ଓ କୁଣ୍ଠତା ତହିଁର କାରଣ ଅଟେ । ସାହେବ ପ୍ରଶଂସିତ ଭରସା କରନ୍ତି ଯେ ଏଣିକି ଭଦ୍ରଲୋକମାନେ ବିଲ ପ୍ରାପ୍ତ ମାତ୍ରକେ ଦେୟ ଟାକ୍ସ ଦେଇ ତହସିଲ ଅମଲାଙ୍କୁ ଥରକୁ ତିନିଥର ନ ଦଉଡାଇବେ ଓ ସେମାନଙ୍କର ସମୟ ନଷ୍ଟ ନ କରାଇବେ ।

ଅମ୍ଭମାନଙ୍କ ବିବେଚନାରେ ସାହେବଙ୍କ ଲେଖା ଯଥାର୍ଥ ଅଟଇ ଓ ଟାକ୍ସଅମଲାଙ୍କଠାରୁ ମଧ୍ୟ ଅମ୍ଭେମାନେ ଏହି ଗୁହାରି ସର୍ବଦା ଶୁଣୁ । ଟାକ୍ସ ଦେବାକୁ କେହି ସୁଖ ମଣନ୍ତି ନାହିଁ ସତ୍ୟ ତହିଁରେ ପୁଣି ଟାକ୍ସ ଉପରେ ଟାକ୍ସ ଅର୍ଥାତ୍ ଲାଇସେନ୍ସ ଟାକ୍ସ । ସାହେବ ବୋଲନ୍ତି ଜମା କୋହଳ ଅଟେ ମାତ୍ର ସକଳସ୍ଥଳେ କୋହଳ ଥିବାର ଅମ୍ଭେମାନେ କହି ନ ପାରୁଁ କୌସ୍ଥଳେ ଅତି କଡା ହୋଇଅଛି । ସେ ଯାହା ହେଉ ଯେତେବେଳେ ଟାକ୍ସ ଧାର୍ଯ୍ୟ ହୋଇଅଛି ତାହା କୌଣସିରୂପେ ଦେବାକୁ ହେବ ନ ଦେଲେ ଆଇନାନୁସାରେ ସମ୍ପତ୍ତି କ୍ରୋକ ଓ ନିଲାମ ହେବ । ଏ ସ୍ଥଳେ ଏତେ ଟାଳିବାରେ କି ଫଳ । କଉଡି ଘୋଡ ହେଲେ କି ଯମ ଛାଡିବ । ଦୁଃଖିଲୋକଙ୍କ ପ୍ରତି ଆପଣା ପେଟ ପୋଷିବା କଠିନ ଟାକ୍ସ ତାଙ୍କୁ ବଳଇ ଓ ସହଜରେ ସେମାନେ ଦେଇ ନ ପାରନ୍ତି । ସେମାନଙ୍କ ଟାଳଟୁଳ ତାଦୃଶ ଦୂଷଣୀୟ ନୁହଇ । ମାତ୍ର ଭଦ୍ର ଓ ବଡଲୋକମାନେ ଯେ ଟାକ୍ସ ଦେବାରେ ଅଧିକ ବିଳମ୍ବ କରନ୍ତି ଓ ଚପରାସିଙ୍କୁ ଅନେକଥର ଦଉଡାନ୍ତି ଏହା ନିନ୍ଦନୀୟ ଓ ଲଜ୍ଜାର ବିଷୟ । ଦୁଃଖିଲୋକଙ୍କ ଚପରାସିମାନେ ଧମକାଇ ଚମକାଇ କୌଣସିରୂପେ ଟାକ୍ସ ଓସୁଲ କରି ନିଅନ୍ତି ବଡଲୋକଙ୍କଠାରେ ଏହା ଚଳଇ ନାହିଁ ସୁତରାଂ ସେମାନଙ୍କୁ ଅନେକଥର ଦଉଡିବାକୁ ପଡେ । ଏଥିରେ କି ବଡଲୋକଙ୍କର କିଛି ଲାଭ ହୁଏ ? ଲାଭ ନାହିଁ ବରଂ ହାନି । ବିଲରେ ଟଙ୍କା ନ ଦେଲେ ଓାରଣ୍ଟ ଜାରି ହୁଏ ତହିଁର ଖର୍ଚ୍ଚା ଦୁଇଅଣା ପଡେ ଓ କ୍ରୋକ ହେଲେ ଅଧିକ ଖର୍ଚ୍ଚା । କଉଡିର ହାନି ଅତ୍ୟଳ୍ପ ହେଲେହେଁ ତହିଁସଙ୍ଗେ ମହତର ହାନି ଅଛି । ମହତ ଅପେକ୍ଷା କଉଡି ଅଧିକ ନୁହେ । ଟାକ୍ସ ଦାରୋଗାଙ୍କଠାରୁ ଅମ୍ଭେମାନେ ଶୁଣିଅଛୁଁ ଜଣେ ଭଦ୍ର ଧନଲୋକ କୋର୍କି ନିଲାମର ଉଦ୍ୟମ ନ ହେବା ପର୍ଯ୍ୟନ୍ତ ସେ ଥରେ ଟାକ୍ସ ଦେଲେ ନାହିଁ ଏହା କି ଅମହତର କଥା ନୁହେ ?

କେବଳ ଟାକ୍ସ ଦେବାରେ ବିଳମ୍ବ କରିବା ଦୃଷ୍ଟିରେ ଅମ୍ଭେମାନେ ଯେ ସେମାନଙ୍କ ପ୍ରତି ଏରୂପ ବାକ୍ୟ ବ୍ୟବହାର କରିଅଛୁଁ ଏମନ୍ତ ନୁହେ ସକଳପ୍ରକାର ଦେଣ ପରିଶୋଧରେ ସେମାନଙ୍କର ଏହି ରୀତି ଓ ତାହା ଅତି ନିନ୍ଦନୀୟ । ଏ ଦେଶୀୟ ଅଧିକାଂଶ ଲୋକଙ୍କର ଟାଳଟୁଳ କୋଡିଏ କୁଳୀତ ଅଟେ, ଏ ବିଷୟରେ ଅନେକ ବୋଲିବାର ଅଛି । ପ୍ରବନ୍ଧ ଦୀର୍ଘ ହେବା ଦୃଷ୍ଟିରେ ସେ କଥା ବାକ୍ନିରକୁ ରଖିଲୁଁ ।

---

## ପାଟଗୋଳା ମକଦମା ।

ଏ ମକଦମାରେ ଅସାମିମାନେ ଦଣ୍ଡ ପାଇ ଥିବାର ସମ୍ବାଦ ଗତ ସପ୍ତାହରେ ଦେଇଥିଲୁଁ ବର୍ତ୍ତମାନ ତହିଁର ବିଶେଷ ବୃତ୍ତାନ୍ତ ଓ କଏଣ୍ଟ ମେଜଷ୍ଟ୍ରେଟ ଶ୍ରୀଯୁକ୍ତ ହାଣ୍ଟଲି ସାହେବଙ୍କର ଦଣ୍ଡର ପାଠକମାନଙ୍କୁ ଜଣାଉଅଛୁଁ । ଅସାମିଙ୍କ ଉପ-

ରେ କେବଳ ୫ ୮୦ ଙ୍କା ଅର୍ଥଦଣ୍ଡ ହୋଇଥିବାର ଲେଖିଥିଲୁଁ ପଶ୍ଚାତ୍ ବୁଝିଲୁଁ ଯେ ଛମାସ ସକାଶେ ଶାନ୍ତିରକ୍ଷା କାରଣ ଜଣକେ ୫ ୨୫ ଟଙ୍କାର ମୁଚଲିକା ଦେବାର ମଧ୍ୟ ଆଜ୍ଞା ହୋଇ ଅଛି । ଜ ୯ଣ ଆସାମିଙ୍କ ମଧ୍ୟରୁ ଦୁଇଜଣ ଅର୍ଥାତ୍ ଶଦେଇଦାସ ଓ ମଧୁଦାସ ଇଜାରଦାର ଓ କାଳୀ ଚକ୍ରବର୍ତ୍ତୀ ଜଣେ ଜମିଦାର ଓ ଅବଶେଷ ଶଦେଇଦାସ ଓ ଉଇଣ୍ଟରଷ୍ଟେଲ ସାହେବ ଇଜାରଦାରମାନଙ୍କର ଭୃତ୍ୟ ବା ଅନୁଗତ ବ୍ୟକ୍ତି ଅଟନ୍ତି । ଜଏଣ୍ଟମେଜିଷ୍ଟ୍ରେଟସାହେବ ଆପଣା ବିଚାରରେ ମକଦ୍ଦମାର ସବିଶେଷ ବୃତ୍ତାନ୍ତ ଲେଖି ଥିବାରୁ ଆମ୍ଭେମାନେ ଅତିରିକ୍ତ ବର୍ଣ୍ଣନ ନ କରି ତହିଁର ସାରାଂଶ ନିମ୍ନେ ଦେଉଅଛୁଁ ଯଥା; ।—

କେତେକବର୍ଷ ହେଲା ଏଠାରେ ବାଣିଜ୍ୟର ଉନ୍ନତି ହେବାରୁ ମହାନଦୀ କୂଳରେ ବାଣିଜ୍ୟ ବ୍ୟବସାୟ ବିଶେଷରୂପେ ଚଳୁଅଛି ଓ ତହିଁ ସଙ୍ଗେ ନଦୀକୂଳ ସତ୍ୱାସତ୍ୱ ଘେନି କଳହ ଆରମ୍ଭ ହୋଇ ଅଛି । ୧୮୬୧ ସାଲରୁ ୧୮୬୯ ସାଲ ପର୍ଯ୍ୟନ୍ତ ଜମିଦାରମାନେ ଗୋଲାବାଲାମାନଙ୍କଠାରୁ ଖଜଣା ପାଇବା କାରଣ କେତେଗୁଡିଏ ଦଶଆଇନ ମକଦ୍ଦମା କରିଥିଲେ ମାତ୍ର ସେ ସବୁ ନିଷ୍ଫଳ ହେଲା । ଜମିଦାରମାନେ କୌଣସିରୂପେ ଆପେ ଖଜଣା ନେଇ ନ ପାରି ଉଇଣ୍ଟରଷ୍ଟେଲ ସାହେବ, ଶଦେଇ ଦାସ ଓ ମଧୁଦାସଙ୍କୁ ନଦୀକୂଳର ଇଜାରା ଦେଲେ । ପାଞ୍ଚ ଛମାସ ପୂର୍ବେ ଶଦେଇଦାସ ନଦୀକୂଳରେ ବାଉଁଶ ବାଡ଼ିଦେଇ ତୋଲା ନ ଦେଲେ କାରବାର ଅଟକ ରହିବା ପକ୍ଷରେ କଲେକ୍ଟରସାହେବ ଆଜ୍ଞା ଦେଇ ଥିବାର ମୁନାଦି ଦେଲା । ତହୁଁ କାର୍ଯ୍ୟବିଧି ଆଇନର ଧା ୫୨୧ ଅନୁସାରେ ଆମୃଠାରେ ଫାଟ୍କୋଟି ମକଦ୍ଦମା ଉପସ୍ଥିତ ହେବାରେ ବାଡ ଭଙ୍ଗାଗଲା ଓ ବଳପୂର୍ବକ ତୋଲା ନ ନେବା ପକ୍ଷରେ ଶଦେଇଦାସଙ୍କୁ ସାବଧାନ କରି ଦେଲୁଁ । ତଦନନ୍ତର ଇଜାରଦାରମାନେ ଷ୍ଟେଟ ଅଦାଲତକୁ ଯାଇ ଗତ ଜୁଲାଇମାସ ତା ୩୦ ରିଖରେ ଗୋଟିଏ ଡିକ୍ରୀ ପାଇଲେ ମାତ୍ର କି ବାବତର ଡିକ୍ରୀ ପାଇଲେ ଅର୍ଥାତ୍ ଗୋଲା ପ୍ରସ୍ତୁତ କରିବା କିମ୍ବା କାଠ ରଖିବା ସକାଶୁ ଏହା ସେ ସବିଶେଷ ବିଚାରରୁ ପ୍ରକାଶ ପାଉ ନାହିଁ । ଅଗଷ୍ଟ ମାସ ତା ୪ ରିଖରେ ଆସାମିମାନେ ଘଟିବାଡ ଘେନି ମସ୍ତାନଘାଟକୁ ଯାଇ ବାଦିଠାରୁ ତୋଲା ମାଗିଲେ ଓ ସେ ନ ଦେବାରୁ ତାହାର କାଠସବୁ ଗାଡରୁ ଫୋପାଡ଼ି ଦେଲେ ଓ ନୌକାକୁ କୂଳରୁ ପେଲି ଦେଲେ । ଏ ବିଷୟ ସାକ୍ଷିମାନଙ୍କ ସାକ୍ଷରୁ ଉତ୍ତମରୂପେ ପ୍ରମାଣ ହୋଇଅଛି ଅନ୍ୟ ଜଣେ ଗୋଲାବାଲାଠାରୁ ମୁଦାଲାମାନେ ବଳପୂର୍ବକ ୫ ୩୮ ଙ୍କା ତୋଲା ନେଇଥିଲେ ସେ ଅନିଚ୍ଛାପୂର୍ବକ ବାଦିର କଥାର ପୋଷକତା କରିଅଛି ଓ ପୁଲିସ ମକଦ୍ଦମା ଦାଖଲ ସକାଶେ ଘାଟକୁ ଗଲା ବେଳେ ବାଦିର କାଠକୁ ପ୍ରତିବାଦିଙ୍କ ମନୁଷ୍ୟ ଜଗିଥିବାର ଦେଖିଥିଲେ । ଏଣୁକରି ଆସାମିମାନେ ଭୟ ଦେଖାଇଥିବା ଓ ବଳ ପ୍ରକାଶ କରିଥିବା ଓ ତୋଲା ତଲବ କରିଥିବାର ସ୍ପଷ୍ଟ ପ୍ରକାଶ ହେଉଅଛି । ନଦୀ ଘାଟରେ ପ୍ରତିବାଦିମାନଙ୍କର ସତ୍ୱାଧିକାର ଅଛି କି ନା ଏହା ଦେଓ୍ୱାନିଅଦାଲତର ବିଷୟ ଅଟେ । ସେମାନେ ଯେ ଗୋଷ୍ଠ ଗୋଷ୍ଠ ଦଲିଲ ଦାଖଲ କରିଅଛନ୍ତି ସେ ସବୁ ଅସଙ୍ଗତ ଅଟଇ । ବାଦି ଓ ଅନ୍ୟ ଶତାଧିକ ଲୋକ ମସ୍ତାନଘାଟରେ ଗତାୟାତ ଓ ବାଣିଜ୍ୟ ବ୍ୟବସାୟ ବହୁକାଳରୁ କରୁଥିବାର ଦାବି କରି ତହିଁ ପୋଷକତାରେ ନଥିମାନ ଓ ଗବର୍ଣ୍ଣମେଣ୍ଟଙ୍କର ଦୃଢ଼ ନିର୍ଦ୍ଧାରଣପତ୍ର ଅଗତ କରିଅଛନ୍ତି । ଏଥି ବିରୁଦ୍ଧରେ ମୁଦାଲାମାନେ କେବଳ ଷ୍ଟେଟଅଦାଲତର ଡିକ୍ରୀଟିଏ ଦାଖଲ କରନ୍ତି ମାତ୍ର ଉପର୍ଯ୍ୟୁକ୍ତ ନିଦର୍ଶନ ପତ୍ରମାନ ଓ ସଚରାଚର ପ୍ରଚଳିତ ରୀତି ଦୃଷ୍ଟିରେ ଆସାମିଙ୍କର ସତ୍ୱାଧିକାର ସନ୍ଦେହଯୁକ୍ତ ହେଉଅଛି । ପ୍ରତିବାଦିମାନଙ୍କର ଉତ୍ତର ଏହି ଯେ ବିବାଦୀୟ ଭୂମି ସେମାନଙ୍କର ସମ୍ପତ୍ତି ଅଟେ ଓ ବଳ ପ୍ରକାଶ ହୋଇ ନାହିଁ । ଏ ଆପତ୍ତି ସେମାନଙ୍କ ବିରୁଦ୍ଧେ ନିଷ୍ପତ୍ତି ହୋଇଅଛି । ପଶ୍ଚାତ୍ କେତେକ ମୁଦାଲା ଅନୁପସ୍ଥିତ ଥିବାର ଉତ୍ତର ଦେଇ ତହିଁ ପୋଷକତାରେ ଯେ ପ୍ରମାଣ ଦେଲେ ତାହା ବିଶ୍ୱାସଯୋଗ୍ୟ ନୁହେ । ଉଇଣ୍ଟରଷ୍ଟେଲ ସାହେବ ସଫାଇର ଶାକ୍ଷୀ ସ୍ୱରୂପେ କହିଲେ ସେ ଛଅଜଣ ମନୁଷ୍ୟ କେବଳ ଏହି ଉଦ୍ଦେଶ୍ୟରେ ଘାଟରେ ଜଗାଇଥିଲେ ଯେ ସେମାନେ ଉପର ଦିଗରୁ ଆସୁଥିବା ନୌକାର ମାଝିମାନଙ୍କ ନାମ ଧାମ ବୁଝି ଆସିଲେ ସେମାନଙ୍କ ନାମରେ ଷ୍ଟେଟଅଦାଲତରେ ନାଲିଶ କରନ୍ତା । ଏ କଥା ଠିକ ନୁହେ କାରଣ ଏହା ଅନେକ ବିଳମ୍ବରେ ବାହାରିଲା ଓ କାଠ ସବୁ ମାଝିଙ୍କର ନୁହେ ବ୍ୟାପାରିଙ୍କର ଅଟଇ ଓ ସେମାନଙ୍କ ନାମ ଧାମ ଇଜାରଦାରମାନଙ୍କୁ ଜଣା ଅଛି ଅତଏବ ଆମ୍ଭ ବିବେଚନାରେ ପ୍ରତିବାଦିଙ୍କ ପ୍ରତି ଦଣ୍ଡବିଧିର ଧା ୧୪୩ ଅନୁସାରେ ଆଇନ ବିରୁଦ୍ଧଜନତାର ଅପରାଧ ଉତ୍ତମରୂପେ ପ୍ରମାଣ ହୋଇଅଛି ।

ଆମ୍ଭମାନଙ୍କ ବିବେଚନାରେ ଉପର୍ଯ୍ୟୁକ୍ତ ବିଚାର ଅତି ଯୁକ୍ତିଯୁକ୍ତ ଓ ପୂର୍ଣ୍ଣ ଅଟଇ । ମକଦ୍ଦମା ଚଳିବା କାରଣ ଉଇଣ୍ଟରଷ୍ଟେଲ ସାହେବ ପ୍ରାୟ ପ୍ରତିଦିନ ଉପସ୍ଥିତ ହେଉଥିଲେ ଓ ଜଣେ ପ୍ରଧାନ ଓକିଲ ଓ ମୁକ୍ତିଆର ନିଯୁକ୍ତ କରିଥିଲେ ମାତ୍ର ଅଯଥାର୍ଥ ମାର୍ଗରେ ଯାଇଥିବାରୁ ହାରିଗଲେ । ଜଏଣ୍ଟମେଜିଷ୍ଟ୍ରେଟ ଷ୍ଟେଟଅଦାଲତଙ୍କର ଡିକ୍ରୀକୁ ଘେନା ନ କରି ସତ୍ୱାସତ୍ୱ କଥା ଦେଓ୍ୱାନି ଅଦାଲତର ବିଷୟ ଥିବାର ଯେ କହିଅଛନ୍ତି ଏହା ଅତି ଯଥାର୍ଥ ଅଟଇ । ଆମ୍ଭମାନଙ୍କ ପୂର୍ବପ୍ରକାଶିତ ମତ ସଙ୍ଗେ ସମ୍ପୂର୍ଣ୍ଣ ଐକ୍ୟ ହୋଇଅଛି ଏପରି ସତ୍ୱାସତ୍ୱର ବିଚାର ଷ୍ଟେଟ ଅଦାଲତରେ ଆଦୌ ହେବାର ନ ଥିଲା ମାତ୍ର ଷ୍ଟେଟଅଦାଲତ ଯେ ସର୍ବୋଚ୍ଚ ଅଦାଲତ ହୋଇ ଗବର୍ଣ୍ଣମେଣ୍ଟଙ୍କର ନିୟମକୁ ଯୁବା କାଟି ଦେଇ ଏପରି ଗୁରୁତର ବିଷୟର ସବିଶେଷ ବିଚାର କରିଅଛନ୍ତି ଏହା ଅତି ଅନ୍ୟାୟ ଓ ଅନୁଚିତ ହୋଇଅଛି । ଯାହା ହେଉ ଜଏଣ୍ଟ ମେଜିଷ୍ଟ୍ରେଟ ସାହେବଙ୍କର ବିଚାର ଓ ଆଜ୍ଞା ଯଥାର୍ଥ ହୋଇଅଛି ଓ ଆମ୍ଭେମାନେ ସେଥିରେ ସନ୍ତୁଷ୍ଟ ହୋଇ ତାଙ୍କର ପ୍ରଶଂସା କରୁଅଛୁଁ । ଭରସା କରୁଁ ଇଜାରଦାରମାନେ ଏଥିରୁ ଉତ୍ତମ ଶିକ୍ଷା ପାଇ ଅନର୍ଥକ କଳିରୁ କ୍ଷାନ୍ତ ହେବେ । ସେମାନଙ୍କ ନାମରେ ଆଉର ଏହିପ୍ରକାର ଦୁଇ ଗୋଟି ମକଦ୍ଦମା ଫଉଜଦାରୀରେ ହୋଇଥିଲା ଏକ ମକଦ୍ଦମାରେ ୫ ୨୦୮ ଙ୍କା ଅର୍ଥଦଣ୍ଡ ଦେଲେ ଓ ଅନ୍ୟ ମକଦ୍ଦମାକୁ ମୁଦେଇ ଉଠାଇ ନେଲା ।

—*—

# ସାପ୍ତାହିକସଂବାଦ ।

ଏଠା ଜଏଣ୍ଟମେଜିଷ୍ଟ୍ରେଟ ଶ୍ରୀଯୁକ୍ତ ହାଣ୍ଡଲି ସାହେବ ଇଞ୍ଚାର୍ଜସ୍ୱରୂପେ କଲେକ୍ଟରଙ୍କର କର୍ମ କରୁଥିଲେ । ସେ ତିନ ମାସ ସକାଶେ ଏଠାର ଏକ୍ଟିଂ କଲେକ୍ଟର ଓ ମେଜିଷ୍ଟ୍ରେଟ ହେବାର ଆଜ୍ଞା ଗତ ସୋମବାର ପ୍ରବେଶ ହେଲା ।

ମହାଙ୍ଗାରେ ଓଲାଉଠା ଲାଗିଅଛି ସେଠାର କାଳଣୀ ମଧ୍ୟ ଏ ରୋଗରୁ ରକ୍ଷା ହେଲା ନାହିଁ । କାଳଶୀତ ଯୋଗିଣୀମାନଙ୍କୁ ଘୋଡ଼ାଇ ପରସରୁ ଓ ଗ୍ରାମରୁ ତଡ଼ି ଦେବାର ଚେଷ୍ଟା କରେ ମାତ୍ର ଆପଣା ଦେହରୁ ଯୋଗିଣୀ ଛଡ଼ାଇ ପାରିଲା ନାହିଁ ସେ କର୍ପୂରର ଅରକର ସହାୟତା ଲୋଡିଲା । ତାହା ସହିତ ସେ ଗ୍ରାମରେ ସାତଜଣ ଓଲାଉଠା ରୋଗୀ ସେହି ଔଷଧରେ ଆରୋଗ୍ୟ ଲଭିଲେ । ଅଠ ଜଣଙ୍କର କାଳ ହେଲା ସେମାନେ

Split by PDF Splitter

Digitized by srujanika@gmail.com

Split by PDF Splitter



ଏ ଔଷଧ ସେବନ କର ନ ଥିଲେ ଓ ରୋଗ ମଧ୍ୟ ଅତି କଠିନ ପ୍ରକାର ଥିଲା ।

ମୟୂରଭଞ୍ଜ ପାଠଶାଳା ସମୂହର ପ୍ରାଇମରୀ ପରୀକ୍ଷା ହୋଇଅଛି । ସେଠାରେ ସର୍ବସୁଦ୍ଧା ଗୋ ୩୬ ଟି ବିଦ୍ୟାଳୟ ମହାରାଜାଙ୍କଦ୍ୱାରା ସ୍ଥାପିତ ହୋଇଅଛି । ତହିଁ ମଧ୍ୟରୁ ଗୋଟିଏ ମଧ୍ୟମ ଶ୍ରେଣୀ ଇଂରେଜୀ ଉତ୍କଳ ଓ ଗୋଟିଏ ସଂସ୍କୃତ ଓ ଅବଶିଷ୍ଟ ଗୁଡ଼ିକ ନିମ୍ନ ଶ୍ରେଣୀୟ ବିଦ୍ୟାଳୟ ଅଟଇ । ଇଂରେଜୀ ବିଦ୍ୟାଳୟଟି ରାଜଧାନୀ ବାରିପଦାରେ ସ୍ଥାପିତ, ଏ ସବୁ ଉତ୍ତମରୂପେ ଚଳୁଥିଲେ ପ୍ରଶଂସାର ବିଷୟ । ଏହା ଲେଖିବା ଭଲରେ ଅବଗତ ହେଲୁଁ ଯେ ଜ ୩୧ ଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଜ ୧୬ ଣ ଉତ୍ତୀର୍ଣ୍ଣ ହୋଇ ଜ ୯ ଣ ମାସିକ ଦୁଇଟଙ୍କା ଲେଖାଏଁ ତିନି ବର୍ଷ ସକାଶେ ବୃତ୍ତି ପାଇଅଛନ୍ତି । ଏ ଫଳ ମନ୍ଦ ନୁହେ କିନ୍ତୁ ଉତ୍ତୀର୍ଣ୍ଣ ହେବା ଛାତ୍ରଙ୍କ ମଧ୍ୟରୁ ଜଣେ ସୁଦ୍ଧା ସେଠାର ଆଦିମ ନିବାସୀ ନୁହନ୍ତି । ସେମାନଙ୍କ ଉତ୍ସାହ ନିମନ୍ତେ ମହାରାଜା ତିନିଗୋଟି ବୃତ୍ତି ରଖିଅଛନ୍ତି ଉପଯୁକ୍ତ ବାଳକ ଦେଖି ଦେବେ । ସର୍ବସୁଦ୍ଧା ଗୋ ୧୨ ଟି ବୃତ୍ତିପାଇଁ ମହାରାଜା ଟ ୮୭୪୯ଙ୍କା ମଞ୍ଜୁର କରିଅଛନ୍ତି । ବାଳକମାନଙ୍କ ଉତ୍ସାହ ନିମନ୍ତେ ମହାରାଜା ସଭା କରିଥିଲେ । ସଭାରେ ସମସ୍ତ ଛାତ୍ର ଶିକ୍ଷକ ଓ ଭଦ୍ର ଲୋକମାନେ ଉପସ୍ଥିତ ହୋଇଥିଲେ । ପରୀକ୍ଷାରେ ପ୍ରଥମ ସ୍ଥାନ ପ୍ରାପ୍ତ ଛାତ୍ରକୁ ମହାରାଜା ଟ ୫୧ ଙ୍କା ପୁରସ୍କାର ଦେଲେ । ଏ ସବୁ ମହାରାଜାଙ୍କ ପକ୍ଷରେ ପ୍ରଶଂସାର ବିଷୟ ।

ମୟୂରଭଞ୍ଜ ମହାରାଜାଙ୍କର ଜଣେ ଅମଲା ଲାଞ୍ଚ ନେବାର ପ୍ରମାଣ ହେବାରୁ ମହାରାଜା ତାକୁ କର୍ମଚ୍ୟୁତ କରି ପୁଣି ସଶ୍ରମ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ଦେଇଅଛନ୍ତି । ଏଥିରୁ ମୟୂରଭଞ୍ଜ ପଦ୍ଧତି ବୋଲନ୍ତି ପ୍ରଜାମାନେ ଜାଣନ୍ତୁ ପାଟଲାସ୍ୱାମୀମାନଙ୍କୁ ଲାଞ୍ଚ ଦେବାକୁ ପଡ଼ିବ ନାହିଁ, "ଏଣିକି ସତ୍ତଜାତ ବୋଲି ଭୟ ନାହିଁ, ଏବେ ରାମ ରାଜତ୍ୱ"। ମହାରାଜା ଉତ୍ତମରୂପେ ଶାସନ କରିବାର ଶୁଣା ଯାଏ ଏହା ସୁଖ ଓ ପ୍ରଶଂସାର ବିଷୟ । ଅନ୍ୟ ରାଜାମାନେ ସୁଶାସନରେ ଏହିପରି ମନୋଯୋଗୀ ହେଉନ୍ତୁ ।

ଝାଲଗିରିରାଜା ଓ ମଙ୍ଗଳପୁରର ରାଣୀଙ୍କ ସହିତ ଦୋରମାନ ଯେନ ଗୁରେଇ ଦିନରୁ ଯେଉଁ ମାଇ ମୋକଦ୍ଦମା ହୋଇ ଆସୁଅଛି ତାହା ପାଠକେ ଅବଗତ ଅଛନ୍ତି । ସମ୍ପ୍ରତି ସେହି ଦୋରମାନ ଯେଣି ଗୋଟିଏ ସର୍ଜନ ମାରପିଟ ଓ ଲୁଟପାଟର ମକଦ୍ଦମା ହୋଇ ଥିବାରୁ ମଙ୍ଗଳପୁରର ରାଣୀ ଟ ୫୦୦୦ଙ୍କାର ହାଜର ଜାମିନରେ ଅଛନ୍ତି । ମକଦ୍ଦମା ମୌଲବୀ ଅବଦୁଲହାଇଙ୍କ ନିକଟରେ ଦାଏର ଅଛି ।

ପୁରୀର ଡିଷ୍ଟ୍ରିକ୍ଟ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଜ୍ୱରର ରୋଗାକ୍ରାନ୍ତ ହୋଇ ଥିବାରୁ ସେଠାର ଡାକ୍ତର ତାଙ୍କୁ କ୍ଳୋରାଲ ପ୍ରୟୋଗ କରିଥିଲେ; ବାନ୍ତି ସମୟରେ ସାହେବ ମଲମୂତ୍ରଙ୍କ ପେଟରୁ ୧୬ ଫୁଟ ଲମ୍ବ ଗୋଟିଏ ଜିଅ ବାହାରି ଅଛି । ଡାକ୍ତର ଉକ୍ତ ଜିଅଟିକୁ ବୋତଲ ମଧ୍ୟରେ ରଖି ଅଛନ୍ତି । ଉତ୍କଳଦର୍ପଣ ।

ବେଲପଦିଅରେ ଜଣେ ଜମିଦାରଙ୍କର ବ ୧୮ ବର୍ଷ ବୟସ୍କ ପୁତ୍ର ଗୋଟିଏ ପିତ୍ତଳ ବାକ୍ସରେ ବାରୁଦ ରଖିଥିଲେ । ବାକ୍ସ ଅସଜ ହୋଇ ନ ଫିଟିବାରୁ ସେ ତାହା ଭାଙ୍ଗି ଫିଟାଇବା କାରଣ କଟୂରିରେ ତିନି ଚାରି ଚୋଟ ମାରନ୍ତେ ବାରୁଦ ଜଳି ଉଠି ବାକ୍ସ ଫଟାଇ ଦେଲା ଓ ତାଙ୍କ ଦେହସାକ ପୋଡ଼ି ଗଲା । କିଛିକ୍ଷଣ ଉତ୍ତାରେ ପୋଡ଼ା ବେଦନା ଅତି ଅସହ୍ୟ ହେବାରୁ ଜଣେ ବୁଢ଼ୀ କହିଲା କି ସେ ମନ୍ତ୍ର ବଳରେ ତତ୍କ୍ଷଣାତ ଆରୋଗ୍ୟ କରି ଦେବ ଏଥିରେ ସମସ୍ତଙ୍କର ବିଶ୍ୱାସ ଓ ସମ୍ମତ ହେବାରୁ ସେ ପାଣି ମନ୍ତ୍ରୀ ତାହାଙ୍କ ଦେହରେ ଢାଳନ୍ତେ ପୋଡ଼ା ସ୍ଥାନଯାକ ଫୋଟକାମୟ ହୋଇଗଲା ବେଦନା ଅତିଶୟ ବୃଦ୍ଧି ହେଲା ଓ ସେ ଅଚେତନ ହେଲେ । ତହୁଁ ଡାକ୍ତରଙ୍କୁ ଡାକରା ପଡ଼ିଲା ସେ ଦେଖି କହିଲେ ଏପରି ଅବସ୍ଥାରେ ଆରୋଗ୍ୟ ହେବାର ସନ୍ଦେହ । କୁସଂସ୍କାର କେତେ ଅନିଷ୍ଟକର ବାଲେଶ୍ୱରର ଶ୍ରୀ——ଏ କଥାକୁ ବୁଝନ୍ତୁ । ତାଙ୍କ ଆଜ୍ଞା ବେଲପଦି ତୁଲ୍ୟ ମନ୍ତ୍ର ପାଣି କାହିଁ କି କାର୍ଯ୍ୟକର ନ ହେଲା ? ବେଲପତ୍ରି ଦଳା ମଧ୍ୟ ତାଙ୍କ ରୋଗୀ ଭଲ ହୋଇଥାନ୍ତା ।

କଲିକତାରେ ବଦସରେ ନକ୍ଷତ୍ର ଦୃଶ୍ୟ ହେବାରୁ ଏଠା ପରି ସେଠା ସାଧାରଣ ଲୋକେ ନାନାଦି ଅନିଷ୍ଟର ଆଶଙ୍କା କଲେ । ତହୁଁ ଜଣେ ଫକୀର ଦ୍ୱାରେ ଦ୍ୱାରେ ବୁଲି କହିଲା କି ଅମୁକ ପୀରଙ୍କୁ ଶିରଣି ଦେଲେ କିଛି ଅନିଷ୍ଟ ଘଟିବ ନାହିଁ । ଏହି ଛଳନାରେ ସେ କିଛି ଶିରଣି ଗୋଟାଇ ନେଲା । ବାଲେଶ୍ୱରର ଶ୍ରୀ—, ଏ ଫକୀରର ପୋଷକତା କରି ପାରନ୍ତି କାରଣ ସେ ଭୟ ନାଶର ଉପାୟ ଉଦ୍ଭାବନ କଲା ।

ଶ୍ରୀରାମପୁରର ପୁଲିସ ଅଟିଷ୍ଟାଣ୍ଟ ବାବୁ ଗଦାଧର ଖାଁ ନିକଟରେ ମାନବଲୀଳା ସମ୍ବରଣ କରିଗଲେ । ତାଙ୍କର ମୃତ୍ୟୁ ଘଟନାଟି ଅତି ଆଶ୍ଚର୍ଯ୍ୟ ପ୍ରକାର । ମରିବାର କେତେକ ଦିନ ପୂର୍ବରୁ ପରିବାର ଓ ଆତ୍ମୀୟ ବନ୍ଧୁବର୍ଗଙ୍କୁ ମୃତ୍ୟୁର କଥା କହୁଥିଲେ ଓ ସେମାନେ ତାଙ୍କ କଥାକୁ ହସିରେ ଉଡ଼ାଇ ଦେଉଥିଲେ । ମୃତ୍ୟୁର ପୂର୍ବଦିନ ରାତ୍ରରେ ଆହାରର ଉତ୍ତାରେ ସ୍ୱପତ୍ନୀ ସହିତ ନାନାଦି ଗଳ୍ପ କରି ଓ ଟଙ୍କା କଉଡ଼ିର ହିସାବ ଦେଇ କହିଲେ କାଲି ଦିବା ଅଠଘଟିକା ସମୟରେ ଆମ୍ଭର ମୃତ୍ୟୁ ହେବ । ପ୍ରଭାତରେ ଉଠି ଛାତିରେ ବେଦନା ହେବାର କହି ଡାକ୍ତରଙ୍କୁ ଡାକ ପଠାଇଲେ ଓ କଥା କହୁଁ ୨ ବିବଶ ହୋଇ ପଡ଼ିଲେ । ଡାକ୍ତର ଆସି ଦେଖିଲେ ଯେ ନାଡ଼ି ନାହିଁ । ତହୁଁ ଗଦାଧର ବାବୁ ପରମେଶ୍ୱରଙ୍କୁ ଡାକି ୨ ପ୍ରାଣ ତ୍ୟାଗ କଲେ । ଏହି ପରି ମୃତ୍ୟୁ ବାଞ୍ଛନୀୟ ଓ ପ୍ରଶଂସନୀୟ । ସେ ବଡ଼ ପରୋପକାରୀ ଥିଲେ ।

ଉପରଦେଶରେ ମଧ୍ୟ ଘୋର ବନ୍ୟା ହୋଇଅଛି । ସେହିସବୁ ଖଣ୍ଡ ଜଳମଗ୍ନ ହୋଇ ଥିଲା । କୁଶୀ ଓ ରାମଗଙ୍ଗା ଏ ଦୁଇ ନଦୀ ବୃଦ୍ଧି ହୋଇ ମିଶି ଯିବାରୁ ସମ୍ଭଲ ଓ ମୋରଦାବାଦ ମଧ୍ୟସ୍ଥିତ ପ୍ରଦେଶ ଜଳମୟ ହୋଇ ଥିଲା ।

ଗତମାସ ତା ୨ ରିଖରେ ଅମିର ଇୟାକୁବ ଖାଁ ଇଂରେଜଙ୍କର ଦୂତଙ୍କୁ ଘୋଡ଼ା, ଓ କାବୁଲର ବହୁ ଇତ୍ୟାଦି ସାମଗ୍ରୀ ସବୁ ଉପଢୌକନ ଦେଇ ଅଛନ୍ତି । ଦୂତ ସମଭିବ୍ୟାହାରୀ ଦେଶୀୟ କର୍ମଚାରୀମାନେ ଗୋଟିଏ ଲେଖାଏଁ କାବୁଲି ଘୋଡ଼ା ପାଇଅଛନ୍ତି ଓ ସଙ୍ଗିଲୋକ କେହି ଖାଲି ହୋଇ ନାହାନ୍ତି ।

ନୱାବ ସର ଗୋଲାମ ହୁସେନ ଖାଁ କେ, ସି, ଏସ, ଆଇ ରାଜଦୂତ କେଭାଗନରି ସାହେବଙ୍କ ସାହାଯ୍ୟ ନିମିତ୍ତ ବହୁଦିନ ସକାଶେ କାବୁଲକୁ ଯିବେ ।

ବମ୍ବେର କାଇସମତ ଜଜ ଜେଏ ସି ଏସ୍, ଆଇ ଅହେମଦାବାଦରେ ଧଳକ୍ଷା ଶିକ୍ଷାଳୟ ସ୍ଥାପନ ନିମିତ୍ତ ଟ ୨୦୦୦୦ଙ୍କା ଦାନ କରିଗଲେ । ତାହା ତାଙ୍କ ନାମରେ ପରିଚିତ ହେବ । ପୂର୍ବରେ ଏହି ପ୍ରକାର କୀର୍ତ୍ତି ସ୍ଥାପନ ନିମିତ୍ତ ସେହି ମହାତ୍ମା ପୁନଶ୍ଚ ହଜାର ଟଙ୍କା ଦାନ କରିଥିଲେ । ଏହି ପରି ଦାନରେ ନାମ ଚିରସ୍ଥାୟୀ ଓ ଦେଶର ବିଶେଷ ଉପକାର ହୁଏ ।

ଦାକ୍ଷିଣାତ୍ୟରେ ମୂଷା ମାରିବା ପାଇଁ ପୁରସ୍କାର ଦେବାର ଘୋଷଣା ହେବାରୁ ଗ୍ରାମବଳ ମଧ୍ୟରେ କୋଟିଏ ହଜାର ମୂଷା ମରି ପଡ଼ିଅଛନ୍ତି ।

ଆଗାମୀ ସେପ୍ଟେମ୍ବର ମାସ ତା ୧୨ ରିଖଠାରୁ କଲିକତା ହାଇକୋର୍ଟ ଦୁର୍ଗାପୂଜା ସକାଶେ ବନ୍ଦ ହେବ । ଜଷ୍ଟିସ ଉଇଲସନ ସାହେବ ଛୁଟି ସମୟରେ ଜଜ ହୋଇ କାର୍ଯ୍ୟ କରିବେ

ମୁଙ୍ଗେରରେ ଗୋଟିଏ ଛଅ ବର୍ଷ ବୟସ୍କ ପିଲାକୁ ଓଲଉଠା ହେଲା ଓ ସେହିଦିନ ରାତିରୁ ତାହାର କାଳ ହେବାର ସମସ୍ତେ ଜ୍ଞାନ କଲେ ମାତ୍ର ରାତ୍ରରେ ଶବ ନେବାକୁ ତାହାର ଜ୍ଞାତିମାନେ ଭୟଭୀତ ହେବାରୁ ଶବ ଅଗଣାରେ ପଡ଼ି ରହିଲା ତହୁଁ ଅରୁଣ ପ୍ରକାଶରେ ଶବ ଉଠାଇ ନେବା ବେଳକୁ ସେ ବାଳକ ପାଣି ମାଗିଲା । ତେବେ ସେ ୨୪ ଘଣ୍ଟା ଶବ ରଖିବାର ଇଂରେଜଙ୍କର ନିୟମଟି ଭଲ ଅଟଇ ।

ରୁଷିୟମାନେ ମଧ୍ୟ ଉଷିଆରେ ଘୋର ଯୁଦ୍ଧର ଆୟୋଜନ କରୁଅଛନ୍ତି । ଅବଦୁଲ ରହେମାନ ଖାଁ କାବୁଲ ଅଧିକାର କରିବ ନିମନ୍ତେ ସତ୍ୱର ଅଗ୍ରସର ହେବେ । ରୁଷମାନଙ୍କର ଚଳଦଳ ସୈନ୍ୟ ଭୁଖାରା ଆଡ଼କୁ ଯାଉଅଛନ୍ତି । ଶୁଣା ଯାଏ ଅବଦୁଲ ରହେମାନ ଖାଁ ୨୦ ହଜାର ସୈନ୍ୟ ସଂଗ୍ରହ କରି ବଲଖ ଅଭିମୁଖରେ ଯାତ୍ରା କରୁଅଛନ୍ତି ବୋଲି ସିମଲ ମିଲେଟରି ଗେଜେଟ ତାରସମ୍ବାଦ ପାଇଅଛି ।

୧ । ଏଡ଼ୁକେଶନ ଗେଜେଟରୁ ଅବଗତ ହେଲୁଁ ଜଳପାଇଗୁଡ଼ିର ସମ୍ବାଦଦାତା କହନ୍ତି ଜଣେ ମନୁଷ୍ୟ ଜଣେ କାବୁଲି ମହାଜନ ନିକଟରୁ କେତେଗୁଡ଼ିଏ ଟଙ୍କା କର୍ଯ୍ୟକରି ପ୍ରତିରୂପ କିଛି ଦେଇ ନ ପାରି ନିଜସ୍ତ୍ରୀକୁ ଗଚ୍ଛିତ ରଖିଲା । ସ୍ତ୍ରୀଟି ସେଠାକୁ ଯାଇଁ ସେହି କଥା ଶୁଣିବାମାତ୍ର ଅସ୍ୱୀକୃତା ହେଲା । ସ୍ୱାମୀ ତହିଁରେ କର୍ଣ୍ଣପାତ ନ କରି ଚାଲିଆସିଲା । ଅବଳା ସରଳା ସ୍ୱାମୀର ଅନୁଗାମୀ ହେବାର ଦେଖି କାବୁଲି ବାବୁ ବଳପୂର୍ବକ ତାହାକୁ ପରିତ୍ୟାଗରୁ ଦେଇଁ ଗଲା ଏବଂ ନିଜ କୁପ୍ରବୃତ୍ତି ଚରିତାର୍ଥ କରିବାକୁ ସଂକଳ୍ପ କଲା ସେ ସ୍ତ୍ରୀ ସତୀତ୍ୱ ରତ୍ନ ରକ୍ଷା ନିମନ୍ତେ ଅନେକ ଚେଷ୍ଟା କରିଥିଲା କିନ୍ତୁ ପରାସ୍ତ ହୋଇ ଗତ୍ୟନ୍ତର ନିଧି ହସ୍ତ ରହି । ଶେଷରେ ବିଚାରାଳୟର ଆଶ୍ରୟ ଗ୍ରହଣ କରି ସେହି ସବୁକଥା ପ୍ରକାଶକଲା । ଇଷ୍ଟାର୍ଣ୍ଣ ଡେପୁଟୀ କମିଶନର ସ୍ମାର୍କ ସାହେବ ଦଣ୍ଡବିଧି ଆଇନର ୩୬୬ ଓ ୩୧୧ ଧାରାରେ ଗ୍ରହଣ କରିଅଛନ୍ତି । ସେ ପୁରୁଷ ଏତେ ନିର୍ଲଜ୍ଜ !

୨ । ବଙ୍ଗଳା ମୟନାଗୁଡ଼ି ଥାନାର ଅଧୀନ ସାପଟି ବାଡ଼ି ଗ୍ରାମରେ ତିନିଜଣ ଲୋକ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରିବା ଅପରାଧରେ ଧୃତ ହୋଇଅଛନ୍ତି । ମୁଦ୍ରା ଗୁଡ଼ିକ ଅବିକଳ ପ୍ରଚଳିତ ଟଙ୍କାର ତୁଲ୍ୟ , କଂସାଦ୍ୱାରା ପ୍ରସ୍ତୁତ, କିନ୍ତୁ ଓଜନରେ ଟ ୧/ ଘଣା ଏହି ଅପରାଧରେ ପୂର୍ବ ବର୍ଷରେ ମଧ୍ୟ ଅନେକ ଲୋକ ଧରାପଡ଼ି ଜେଲ ଯାଇଅଛନ୍ତି ।

ସମୁଦ୍ରର ତଳବାଟେ ଖବରର ତାର ବସାଇବାପାଇଁ ଯେଉଁ ଟେଲିଗ୍ରାଫ କମିଶନ ନିଯୁକ୍ତ ହୋଇଥିଲେ ସେମାନେ କାର୍ଯ୍ୟ ସମାପନ କରିଅଛନ୍ତି ଇଂରେଜଙ୍କର କିଛି ଅସାଧ୍ୟ ନାହିଁ ।

ରୁଷିଆରେ ବିଦ୍ରୋହାନଳ ଦିନକୁଦିନ ବଢ଼ୁଅଛନ୍ତି ଗବର୍ଣ୍ଣମେଣ୍ଟଙ୍କ ହୁକୁମରେ ପ୍ରାୟ ଶତଶତ ଲୋକଙ୍କୁ ଏକାବେଳେକେ ଚିରଜୀବନ ନିମନ୍ତେ ନିର୍ବାସିତ କରାଯାଇଅଛି । ରାଜ୍ୟରେ ଅତିଶୟ ବିଶୃଙ୍ଖଳା ଓ ଅତ୍ୟାଚାର ନ ହେଲେ ଏପରି ଘଟନା ହେବାର ସମ୍ଭବ ନୁହଇ ।

### ଗବର୍ଣ୍ଣମେଣ୍ଟ ସିନ୍‌କୋନା କୁଇନ୍

କୁଇନାଇନ ପରିବର୍ତ୍ତରେ ଏହା ଫଳକାରୀକର ଅଟଇ । କଲିକତାର ପ୍ରଧାନ ୨ ଦେଶୀୟ ଓ ବିଲାତି ଔଷଧବିକ୍ରେତାମାନଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅଉନ୍ସର ଟ ୭ ୧୨ଙ୍କା ୮ ଅଣା କୁ ଟ ୧୧ ( ୧୬ ଅଃ କୁ ଟ ୨୦୩ ପରିମାଣ ଏକେ ୨ କରିବ ମୂଲ୍ୟ ପଠାଇବାକୁ ହେବ ।

☞ ଏହି ଉତ୍କଳଦୀପିକା ସହର କଟକ ଦରସାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ଶ
ସଂ ୩୬ ସଂଖ୍ୟା

ତା ୭ ରିଖ ମାହେ ସେପ୍ଟେମ୍ବର ସନ ୧୮୭୯ ମସିହା । ମୁ । ଭାଦ୍ରବ ଦି ୨୩ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
ମଫସଲପାଇଁ ଡାକମାସୁଲ ଟ୧୫୯/

ଗତସପ୍ତାହରେ ଗ୍ରେଣ୍ଡସେସ୍‌କମିଟିଙ୍କ ଅଧିବେଶନ ହୋଇଥିଲା । ସେଥିରେ ଆଗାମୀ ବର୍ଷ ସକାଶେ ପଥକରର ଦର ପ୍ରତିଟଙ୍କାରେ ଦୁଇପଇସା ଲେଖାଏଁ ଧାର୍ଯ୍ୟ ହେଲା । ପଥକର ଓ ପ୍ରଦେଶୀୟକର ମୋଟରେ ଟଙ୍କାରେ ଏକଅଣା ଲେଖାଏଁ ପୂର୍ବବତ୍ ରହିଲା । ଆମ୍ଭେମାନେ ପୂର୍ବରୁ କହୁଅଛୁଁ ଯେ ସର୍ବୋଚ୍ଚ ଦର ଧାର୍ଯ୍ୟ କରାଇବା ଉଦ୍ଦେଶରେ ଗବର୍ଣ୍ଣମେଣ୍ଟ ସେହି ଦରରେ ଆଗେ ଇଷ୍ଟିମିଟ କରିବାର ବିଧି କରିଅଛନ୍ତି; ପୂର୍ଣ୍ଣଦରରେ ଇଷ୍ଟିମିଟ କମିଶ୍ନର ସାହେବଙ୍କର ମନୋନୀତ ହେଲାରୁ ତାହା ପରିବର୍ତ୍ତନ କରିବାକୁ କେହି ଚାହିଁବେ ନାହିଁ । ବାସ୍ତବରେ ତାହାହିଁ ହୋଇଅଛି । କମିଟିରେ ଦର ପ୍ରସଙ୍ଗ ପଡ଼ିବାରୁ ଜଣେ ସଭ୍ୟ କହିଲେ ସର୍ବୋଚ୍ଚ ଦରରେ ଇଷ୍ଟିମିଟ ମନୋନୀତ ହୋଇଅଛି ଆଉ ଦର ବିଷୟରେ କଥା କଣ ? ସେହି ଦର ଧାର୍ଯ୍ୟ ହେଉ । ତହିଁ ସମସ୍ତେ ମୁଣ୍ଡ ଟୁଙ୍କାରିଲେ ଓ ସେହି ଦର ଧାର୍ଯ୍ୟ ହେଲା । ଆମ୍ଭେମାନେ ପ୍ରକାଶ କରୁଅଛୁଁ ଯେ ଏବର୍ଷ ଶେଷରେ କୋଡିଏ ହଜାର ଟଙ୍କା ବଳିବାର ଇଷ୍ଟିମିଟ ହୋଇଥିବାରୁ ପୂର୍ଣ୍ଣ ଦର ଧାର୍ଯ୍ୟ କରିବାର ଅନୁଚିତ ହୋଇଅଛି । ଆଗାମୀ ବର୍ଷ ଟଙ୍କାରେ ଗୁରପାହୁଲା ଦରରେ ପଥକର ନେଲେ କାର୍ଯ୍ୟ ଚଳିବାର ହିସାବ ଓ ଯୁକ୍ତି ଏଥିପୂର୍ବେ ଦେଖାଇଅଛୁଁ । ମେମ୍ବରମାନେ ତହିଁ ପ୍ରତି ଦୃକ୍‌ପାତ କରିଥିଲେ ସର୍ବୋଚ୍ଚ ଦର ଧାର୍ଯ୍ୟ କରି ନ ଥାନ୍ତେ । କିନ୍ତୁ କର୍ତ୍ତାଇଚ୍ଛା କର୍ମ !

—*—

ଦେଶୀୟ ଲୋକ ଚିହ୍ନିତ ଉଚ୍ଚ କର୍ମରେ ନିଯୁକ୍ତ ହେବାର ନିୟମାବଳୀ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କ ଗତ ମାସ ତା ୨୨ ରିଖ ବିଜ୍ଞାପନଦ୍ୱାରା ପ୍ରକାଶ ହୋଇଅଛି । ଯଥା;—

୧ । ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଆପଣା ଅଧୀନସ୍ଥ ପ୍ରଦେଶରେ ଚିହ୍ନିତ କର୍ମରେ ନିଯୁକ୍ତ କରିବା କାରଣ ଦେଶୀୟ ଲୋକଙ୍କୁ ପ୍ରତିବର୍ଷ ଅକ୍ଟୋବର ମାସ ତା ୧ ରିଖ ପୂର୍ବେ ମନୋନୀତ କରି ପାରିବେ ମାତ୍ର ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ମନୋନୀତ ହୋଇ ନ ପାରିବେ କିନ୍ତୁ ଯେଉଁ ବ୍ୟକ୍ତିମାନେ ସରକାରୀ କର୍ମରେ ନିଯୁକ୍ତ ଥାଇ ବିଶେଷ ଗୁଣ ଓ ପାରଗତାର ପରିଚୟ ଦେଇ ଥିବେ ସେମାନଙ୍କ ପ୍ରତି ଉକ୍ତ ବୟସ ନିୟମ ଖାଟିବ ନାହିଁ ।

୨ । ଯେଉଁ ବର୍ଷ ଯେତେ ଇଂରେଜ ଚିହ୍ନିତ କର୍ମରେ ନିଯୁକ୍ତ ହୋଇ ବିଲାତରୁ ଆସିବେ ତହିଁର ପଞ୍ଚମାଂଶରୁ ଦେଶୀୟ ଲୋକଙ୍କ ସଂଖ୍ୟା ସେ ବର୍ଷ ଅଧିକ ହେବ ନାହିଁ । ମାତ୍ର ସନ ୧୮୭୯, ୮୦ ଓ ୮୧ ସାଲରେ ନିଯୁକ୍ତ ହେବା ଦେଶୀୟ ଲୋକଙ୍କ ମୋଟ ସଂଖ୍ୟା ଉକ୍ତ ଦରରେ ଯେତେ ହୁଅନ୍ତା ତହିଁ ପ୍ରତି ଦୁଇଜଣ ଅଧିକ ନିଯୁକ୍ତ ହୋଇ ପାରିବେ । ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ମନୋନୀତ ବ୍ୟକ୍ତିମାନେ ମହାମାନ୍ୟ ଲାଟ ସାହେବଙ୍କର ମନୋନୀତ ହେଲେ ପରୀକ୍ଷାଧୀନ ନିଯୁକ୍ତ ହେବେ ଓ ଦୁଇ ବର୍ଷ ଉତ୍ତାରେ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ସେମାନେ ସନ୍ତୋଷଜନକ ମତେ କର୍ମ ଚଳାଇବା ଓ ଯେଉଁ ପରୀକ୍ଷା ଆବଶ୍ୟକ ତାହା ଦେଇ ଥିବାର ରିପୋର୍ଟ କଲେ ସେମାନେ କର୍ମରେ ବାହାଲ ହେବେ । ୨୫ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କ ବ୍ୟକ୍ତିମାନେ ନିଯୁକ୍ତ ହେଲେ ସେମାନେ ପରୀକ୍ଷାଧୀନ ନ ରହି ଏକାବେଳକେ କର୍ମରେ ବାହାଲ ହେବେ ।

୩ । ଏ ନିୟମାବଳୀ ଅନୁସାରେ ନିଯୁକ୍ତ ହେବା ବ୍ୟକ୍ତିମାନେ ପ୍ରଥମେ ଯେଉଁ ପ୍ରଦେଶ ସକାଶେ ମନୋନୀତ ହୋଇ ଥିବେ ସେହି ପ୍ରଦେଶରେ କର୍ମ କରିବେ । ସେମାନେ ବାହାଲ ହେଲା ଉତ୍ତାରେ ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ସେମାନଙ୍କୁ ଏକପ୍ରଦେଶରୁ ଅନ୍ୟ ପ୍ରଦେଶକୁ ବଦଳି କରି ପାରିବେ ।

୪ । ସ୍ଥାନୀୟ ଗବର୍ଣ୍ଣମେଣ୍ଟ ଗବର୍ଣ୍ଣର ଜେନରଲ ସାହେବଙ୍କର ଅନୁମତି ନେଇ ଏ ନିୟମାନୁସାରେ ନିଯୁକ୍ତ ହୋଇଥିବା କୌଣସି ବ୍ୟକ୍ତି କର୍ମରେ ଆଉ ରହିବାକୁ ଅନୁପଯୁକ୍ତ ଥିବାର ପ୍ରକାଶ କରି ପାରିବେ ।

ଏ ନିୟମାବଳୀରୁ ପ୍ରକାଶ ଯେ ଇଂରେଜଙ୍କର ପଞ୍ଚମାଂଶ ଦେଶୀୟ ଲୋକ ହୋଇ ପାରିବେ । ତେବେ ପ୍ରେସ କମିଶନର ଉପରୁ ସପ୍ତମାଂଶର ସମ୍ବାଦ ଦେଲେ ଆଶ୍ଚର୍ଯ୍ୟର ବିଷୟ । ପଞ୍ଚମାଂଶର କଥା ଅବଗତ ହୋଇ ଆମ୍ଭେମାନେ ଅତିଶୟ ଆନନ୍ଦିତ ହୋଇଅଛୁଁ । ବେତନ, ବିଦାୟ ଓ ପେନ୍‌ସନ କଥା ନିୟମରେ କିଛି ଉଲ୍ଲେଖ ନାହିଁ । ଚିହ୍ନିତ କର୍ମଚାରୀଙ୍କ ପକ୍ଷରେ ଏ ସମ୍ବନ୍ଧରେ ଯେପରି ନିୟମ ଅଛି ତାହାହିଁ ଏ ନିୟମାନୁସାରେ ନିଯୁକ୍ତ ହେବା ବ୍ୟକ୍ତିଙ୍କ ପ୍ରତି ଖଟିବ କି ? ଏହା ହେଲେ ଅତିଶୟ ସୁଖର ବିଷୟ କାରଣ ଦେଶୀୟ ଲୋକ ଇଂରେଜର ଦୁଇ ତୃତୀୟାଂଶ ବେତନ ପାଇବାର ପ୍ରେସ କମିଶ୍ନର ଯେ ସମ୍ବାଦ ଦେଇଅଛନ୍ତି ତାହା ହେବ ନାହିଁ । ଦେଶୀୟ ଲୋକେ ପୂର୍ଣ୍ଣ ବେତନ ପାଇବେ । ସତେ କି ପ୍ରେସ କମିଶନଙ୍କର ସଂଖ୍ୟାସମ୍ବାଦ ପରି ବେତନ କଥା ମଧ୍ୟ ମିଥ୍ୟା ହେବ !

———

Digitized by srujanika@gmail.com

## ଭୂମିର ଉତ୍କର୍ଷସାଧନ ଆଇନ ।

ଏହା ସନ ୧୮୭୧ ସାଲର ୨୬ ଆଇନ ଅଟେ ଓ ସେ ସମୟରୁ ଏହା ପ୍ରଚଳ ହୋଇଥିଲେହେଁ ତଦନୁସାରେ ଏଠାରେ ଏପର୍ଯ୍ୟନ୍ତ କିଛିହେଁ କାର୍ଯ୍ୟ ହୋଇ ନାହିଁ । ଏଥିରୁ ବୋଧ ହୁଏ ଯେ ଏଠାଲୋକେ ଏ ଆଇନ ବିଷୟରୁ ଅବଗତ ନାହାନ୍ତି, ଏସକାଶେ ଅମ୍ଭେମାନେ ତହିଁର ମର୍ମ ସର୍ବସାଧାରଣଙ୍କୁ ଜଣାଉଅଛୁଁ । ତାହା ଏହି— ଯେଉଁ ୨ କାର୍ଯ୍ୟରେ ଭୂମିର ଉନ୍ନତି ଓ ଉତ୍ପନ୍ନ ଅଧିକ ହେବ ସେପରି କାର୍ଯ୍ୟ ଯଥା କୃଷି ସକାଶେ ଜଳ ସଞ୍ଚୟ କରିବା କାରଣ ପୁଷ୍କରିଣୀ ବା କୂପ ଖନନ, ଜଳ ନେବା ସକାଶେ ନାହାର ଇତ୍ୟାଦି କରିବା, ନଦୀଗ୍ରାସ ଓ ବନ୍ୟାରୁ ଜମି ଓ ଫସଲ ରକ୍ଷା କରାଇବା, କୃଷି ନିମନ୍ତେ ଭୂମି ପରିଷ୍କାର ବା ଅବାଦ କରିବା ଇତ୍ୟାଦି କର୍ମ ସକାଶେ ସରକାର ଅଗ୍ରିମ ଟଙ୍କା (ଦାଦନ) ଦେବେ । ଯେଉଁ ଜମିର ଉନ୍ନତି ପାଇଁ ଅଗ୍ରିମ ଟଙ୍କା ଆବଶ୍ୟକ ସେଥିର ଜମିଦାର ବା ପ୍ରଜା ପ୍ରାର୍ଥନା କଲେ କଲେକ୍ଟର ସାହେବ ତଦନ୍ତ କରିବେ ଓ ଦାଦନ ଦେବାର ଆବଶ୍ୟକ ଜାଣିଲେ ଦେବାର ଆଜ୍ଞା ଦେବେ । ମାତ୍ର ଏଥିପାଇଁ ଜାମିନ ଦେବାକୁ ହେବ । ଯଦ୍ୟପି ପ୍ରାର୍ଥନାକାରି ଜମିଦାର ଥାଏ ଓ ଯେଉଁ ଜମି ସକାଶେ ଯେତେ ଦାଦନ ଚାହେ ସେ ଜମିର ମୂଲ୍ୟ ଦାଦନ ଅପେକ୍ଷା ଅଧିକ ଥିଲେ ସେ ବିନା ଜାମିନରେ ଦାଦନ ପାଇପାରିବ ମାତ୍ର ପ୍ରଜା ଦାଦନ ଚାହିଲେ ତାକୁ ଜାମିନ ଦେବାକୁ ପଡିବ । ବଙ୍ଗଲା ଗବର୍ଣ୍ଣମେଣ୍ଟ ଦଶହଜାର ଟଙ୍କା ପର୍ଯ୍ୟନ୍ତ ଦାଦନ ଦେଇପାରିବେ ଓ ତାହା ପରିଶୋଧର ମିଆଦ ୨୦ ବର୍ଷ ପର୍ଯ୍ୟନ୍ତ ହୋଇପାରିବ ଓ କିସ୍ତିବନ୍ଦୀ ମଧ୍ୟ ହେବ । ସରକାର ଏଥିର ସୁଧ ପ୍ରତିଟଙ୍କାରେ ମାସିକ ଏକପାହୁଲା ଲେଖାଏ ନେବେ । ମହାଜନଙ୍କର ମିଠେଇକିଆ ଓ ଉଚ୍ଚସୁଧ ସଙ୍ଗେ ତୁଳନାରେ ଏ ଦାଦନକୁ ବିନାସୁଧର ଜ୍ଞାନ କଲେ କରାଯାଇପାରେ ।

ସରକାର ଯେପରି ସାହାଯ୍ୟ କରିବାର ବିଧେୟ ତହିଁର ବିଧାନ ଏ ଆଇନରେ ହୋଇଅଛି କିନ୍ତୁ ତହିଁର ଫଳଭୋଗୀ କେହି ହେଉ ନାହାନ୍ତି । ଏଠାରେ ସେ[illegible]ର ଆବଶ୍ୟକ ନାହିଁ ଏହା ବୋଲିଯାଇ ନ ପାରେ କାରଣ ଅମ୍ଭେମାନେ ଦେଖୁଁ ଯେ ସମୟ ୨ରେ ଜମିଦାର ଓ ପ୍ରଜାମାନେ ବନ୍ଧ, ପୁଲ, ଗର୍ଞ୍ଜ, ଇତ୍ୟାଦି ପ୍ରସ୍ତୁତ ଓ ଜଲନିର୍ଗତ ହେବା ସକାଶେ ନାଲ ଖନନ ପ୍ରାର୍ଥନାରେ କଲେକ୍ଟରିରେ ଦରଖାସ୍ତ ଦିଅନ୍ତି । କଲେକ୍ଟର ସାହେବ ସେ ଦରଖାସ୍ତମାନ ବାରକମାଷ୍ଟର ସାହେବଙ୍କ ନିକଟକୁ ପଠାଇଦିଅନ୍ତି । ବାରକମାଷ୍ଟର ଖର୍ଚ୍ଚା ଉପାକଟ କରିବା କାରଣ ଚାହାନ୍ତି ମାତ୍ର ଦରଖାସ୍ତକାରି ଉପାକଟ କରି ନ ପାରିଲେ ସେ କର୍ମ ଆଉ ହୁଅଇ ନାହିଁ । ଦରଖାସ୍ତକାରିମାନେ ଏ ଆଇନ ଅନୁସାରେ ସାହାଯ୍ୟ ଚାହୁଁଥିଲେ କୃତକାର୍ଯ୍ୟ ହେଉଥାନ୍ତେ ଓ ଦାଦନ ଆଦାୟର ଦୀର୍ଘମିଆଦ ଥିବାରୁ ତାହା ଆଦାୟ କରିବାରେ ମଧ୍ୟ ବାଧିବ ନାହିଁ । ଅମ୍ଭେମାନେ ଆଇନର ସ୍ଥୂଲ ମର୍ମ ଉପରେ ଲେଖିଲୁଁ ସବିଶେଷ ବିଧି ଆଇନ ଓ ତତ୍ସଂକ୍ରାନ୍ତ ନିୟମାବଲୀରୁ ଜଣାଯିବ । ଭୂମ୍ୟାଧିକାରିମାନେ ଏଥି ପ୍ରତି ମନୋଯୋଗୀ ହେଉନ୍ତୁ ।

## ଜଲକର ଅତ୍ୟାଚାର ନିବାରଣ ।

ଅମ୍ଭେମାନେ ଏଥିପୂର୍ବେ ଶ୍ରୀଯୁତ ନୋଲନ ସାହେବଙ୍କ ଯୋଗେ ଜଲକର ଅତ୍ୟାଚାର କିୟତପରିମାଣରେ ନିବାରଣ ହୋଇଥିବାର ଉଲ୍ଲେଖ କରିଥିଲୁଁ ବର୍ତ୍ତମାନ ତହିଁର ପ୍ରସଙ୍ଗ ପାଠକମାନଙ୍କୁ ଜଣାଉଅଛୁଁ । ନାଲକର୍ମଚାରୀ କର୍କ୍ଉଡ ସାହେବଙ୍କ ସମୟରେ ଜଲକରର ଯେପରି ଅତ୍ୟାଚାର ଓ ଗଣ୍ଡଗୋଲ ଥିଲା ବର୍ତ୍ତମାନ ସେପରି ନାହିଁ । ଓ୍ୟାଲି ସାହେବ ଜଣେ କାର୍ଯ୍ୟକ୍ଷମ ଓ ସଦ୍‌ବିବେଚକ କର୍ମଚାରୀ, ସେ ନିଜେ ସବୁବିଷୟ ଉତ୍ତମରୂପେ ବୁଝନ୍ତି ଓ ପ୍ରଜାମାନଙ୍କ ସଙ୍ଗେ ମିଶନ୍ତି ତାଙ୍କୁ ଓଡ଼ିଆ ସାହେବ କହିଲେ ହୁଏ । ଏସବୁ ଉତ୍ତମ ଓ ପ୍ରଶଂସନୀୟ । କେବଳ ଗୋଟିଏ କଥାରେ ତାଙ୍କର ଅରୁଚି କିମ୍ବା ଜଲକରରୁ ଅଧିକ ଉତ୍ପନ୍ନ କରିବାର ଇଚ୍ଛା ପ୍ରବଳ ଥିବାରୁ ଜଲକର ଅତ୍ୟାଚାର କେତେକ ପରିମାଣରେ ଚଳ ଆସୁଅଛି । ତାହା ଏହି--ଯେଉଁ ପ୍ରଜାମାନେ ନାଲଜଲ ସକାଶେ କବୁଲୟତ କରି ନାହାନ୍ତି କିମ୍ବା ସେମାନଙ୍କର ଜଲ ଆବଶ୍ୟକ ନାହିଁ ସେମାନଙ୍କ ବିଲକୁ ନାଲଜଲ କୌଣସିରୂପେ ବୋହି ଗଲେ ଓ୍ୟାଲି ସାହେବ ସେମାନଙ୍କ ଉପରେ କବୁଲୟତୀ ଦରରେ ଅର୍ଥାତ୍ ପ୍ରତିମାଣ ଟ ୧ ୲ ଲେଖାଏ କର ବସାଇ ନୋଟିସ ଜାରି କରନ୍ତି । ଅଧଃସ୍ଥ କର୍ମଚାରିଙ୍କ ହସ୍ତରେ ଏ ନୋଟିସ ପଡ଼ିଲାରୁ ସେମାନେ ପ୍ରଜାମାନଙ୍କୁ ଧମକାନ୍ତି ଏ ଦରରେ କର ନ ଦେଲେ ଡବଲ ଦର ଅର୍ଥାତ୍ ପ୍ରତିମାଣରେ ଟ ୩ ଙ୍କା ଲେଖାଏ ଦେବାକୁ ପଡିବ ତହୁଁ କେତେକ ପ୍ରଜା ଭୟରେ ନୋଟିସ ପ୍ରତିପାଳନ କରନ୍ତି ଓ ଯେଉଁମାନେ ତାହା ଅମାନ୍ୟ କରନ୍ତି ସେମାନଙ୍କ ଉପରେ ଦୋହରି କର ବସଇ । ପୂର୍ବେ କେତେ ୨ ପ୍ରଜା ଏବିଷୟର ଗୁହାରି କରିଥିଲେ ମାତ୍ର କୌଣସି ହାକିମ ଶୁଣିଲେ ନାହିଁ । ନିକଟରେ ନୋଲନ ସାହେବ କଲେକ୍ଟରଙ୍କଠାରେ ଏବିଷୟର ଗୋଟିଏ ଅପୀଲ ହେବାରୁ ସେ ପ୍ରଜାଙ୍କ ପ୍ରତି ସୁବିଚାର ଓ ଯଥାର୍ଥ ମୀମାଂସା କରିଅଛନ୍ତି ।

ସେ ମୋକଦ୍ଦମାର ବୃତ୍ତାନ୍ତ ଏହି ଯେ କେତେକ ପ୍ରଜା ପାଞ୍ଚସାଲ କବୁଲୟତ କରିବା ସକାଶେ କହିଥିଲେ କିନ୍ତୁ ପଶ୍ଚାତ୍ ସେମାନେ ଅସମ୍ମତ ହୋଇ କବୁଲୟତ ନ କଲେ । ସେମାନଙ୍କ ମୌଖିକ ପ୍ରାର୍ଥନାମତେ ନାଲକର୍ମଚାରୀ ସେମାନଙ୍କ ବିଲକୁ ପାଣି ଛାଡ଼ିଦେଇ ସେମାନଙ୍କ ଉପରେ ସନ ୧୮୭୬ ସାଲର ୩ ଆଇନର ଧାରାନୁସାରେ କବୁଲୟତୀ ଦରରେ କର ବସାଇଲେ । ସେମାନେ ଏଥିରେ ଅସମ୍ମତ ହୋଇ ଅପୀଲ କରିବାରୁ ନୋଲନସାହେବ ବିଚାର କଲେ ଯେ ଉକ୍ତ ଧାରା ଅଦୌ ଖଟି ନ ପାରେ କାରଣ ସେ ଧାରାରେ ବିଧାନ ଏହି ଯେ କ୍ଷେତ୍ରରୁ ଜଲ ନେବାସକାଶେ ନାଲ ବା ଶାଖାନାଲରୁ ଯେଉଁ ନାହାରମାନ ପ୍ରଜାମାନେ ପ୍ରସ୍ତୁତ କରିଥାନ୍ତି ସେ ନାହାରରୁ ବେକବୁଲୟତୀ ବିଲକୁ ଜଲ ଗଲେ ଯାହା ଦୋଷରେ ଯାଇଥିବ ତାହା ଉପରେ କିମ୍ବା ସେ ବ୍ୟକ୍ତିର ଠିକଣା ନ ମିଳିଲେ ଯାହାର ବିଲରେ ପାଣି ମାଡ଼ି କିଛି ଉପକାର କରିଥିବ ତାହା ଉପରେ ଡବଲକର ବସିବ । ଏଥିଲୁ ଏ ବିଧି ନାହାର ସମ୍ପର୍କରେ ଅଟଇ ଓ ତାହା ନାଲ ବା ଶାଖାନାଲ ପକ୍ଷରେ ନ ଥିବାରୁ ଏ ମକଦ୍ଦମାରେ ଖଟି ନ ପାରେ ପୁଣି ଯେଉଁ ବ୍ୟକ୍ତି ଦୋଷରେ ପାଣି ଯିବ ତାହାର ଠିକଣା ନ ମିଳିବାର କଥା ଅଛି ଏ ମକଦ୍ଦମାରେ ସ୍ୱୟଂ ନାଲକର୍ମଚାରୀମାନଙ୍କ ଦୋଷ ବା ସ୍ତ୍ରୁଟିରେ ପାଣି ବୋହିଯାଇ ମାଡ଼ିଅଛି । ଉକ୍ତ ଆଇନର ୭୩ଧାରାର ବିଧାନ ଏହି ଯେ କୌଣସିବ୍ୟକ୍ତି ଜଲ ଚାହିଲେ ସେ ନାଲକର୍ମଚାରୀଙ୍କଠାରେ ଦରଖାସ୍ତ ଲେଖି ଦାଖଲ କରିବ ଓ ଏପରି ଲେଖା ଦରଖାସ୍ତ ଭିନ୍ନ ଅନ୍ୟ କୌଣସିମତେ ଜଲ କାହାରିକୁ ଦିଆ ନ ଯିବ ଓ କାହାରିକୁ ବିନାଦରଖାସ୍ତରେ ଜଲ ଦିଆଗଲେ ସେ ଜଲକରର ଦାୟୀ ହୋଇ ନ ପାରିବ । ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ମୌଖିକ ପ୍ରାର୍ଥନାରେ ଜଲ ଦିଆଯାଇ ନ ପାରେ ଓ ଦିଆଗଲେ

Split by PDF Splitter



ଜଳକର ନିଆଯାଇ ନ ପାରେ । ଏ ମକଦ୍ଦମାରେ ସମ୍ପୂର୍ଣ୍ଣରୂପେ ଆଇନବିରୁଦ୍ଧ କାର୍ଯ୍ୟ ହୋଇଅଛି ଅତଏବ ଧାର୍ଯ୍ୟ ହୋଇଥିବା ଜମା ରହିତ କରାଗଲା ଓ ଟଙ୍କା ଓସୁଲ ହୋଇଥିଲେ ଅପୀଲାଣ୍ଟଙ୍କୁ ଫେରି ଦିଆଯିବ ।

ଆମ୍ଭେମାନେ ଶୁଣିଲୁଁ ଓ୍ୱାଲସାହେବ ଏ ମୀମାଂସାର ପ୍ରତିବାଦ କରିବାରୁ ଏ ବିଷୟ କମିଶନର ସାହେବଙ୍କ ବିଚାରାର୍ଥେ ଅର୍ପିତ ହେଲା କମିଶନର ସାହେବ କଲେକ୍ଟରସାହେବଙ୍କ ସହିତ ଐକ୍ୟ ହେଲେ ମାତ୍ର ଓ୍ୱାଲସାହେବଙ୍କର ମନ ମାନିଲା ନାହିଁ ସେ ଗବର୍ଣ୍ଣମେଣ୍ଟଙ୍କ ନିକଟରେ ଲେଖିବାରୁ ବର୍ତ୍ତମାନ ଏ ବିଷୟ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନ ଅଛି ଓ ବୃତ୍ତାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ ପ୍ରଜାଙ୍କଠାରୁ ସେପରି ଜଳକର ନେବାର ସ୍ଥଗିତ ହୋଇଅଛି । ଓ୍ୱାଲସାହେବଙ୍କର ନିଜ ମୀମାଂସା ବା ନିୟମ ଏହି ଯେ ନାଲ ବା ଶାଖାନାଲ ଯେ କୌଣସିଠାରୁ ଜଳ ଯାଉ ତାହା ସରକାରି ଜଳ ଥିବା ଓ ତହିଁରେ କ୍ଷେତର ଉପକାର ହେବାର ପ୍ରକାଶ ହେଲେ କ୍ଷେତସ୍ୱାମୀ ଅବଶ୍ୟ ଜଳକରର ଦାୟୀ ହେବ ଏହି ସୂତ୍ରେ ସେ ଗତ ବର୍ଷ ମା ୧୦୬୦୦ ଣ ଉପରେ ଟ ୨୨୦୦୦୲ ଙ୍କା ଓ ତହିଁ ପୂର୍ବ ବର୍ଷ ମା ୧୧୦୦୦ ଣ ଉପରେ ଟ ୧୭୦୦୦୲ ଙ୍କା କର ବସାଇ ଥିଲେ । ଅମ୍ଭମାନଙ୍କ ବିବେଚନାରେ ଓ୍ୱାଲ୍ ସାହେବଙ୍କର ନିୟମ ଅନ୍ୟାୟ ଅଟଇ । ପ୍ରଥମତଃ ଯେ ଉପକାର ନ ଚାହେ ବଳେ ବଳେ ତାହାର ଉପକାର କରି ତାହା ଉପରେ କର ଲଦିବା ନ୍ୟାୟ ସଙ୍ଗତ ନୁହେ ଦ୍ୱିତୀୟତଃ ଉକ୍ତ ନିୟମରୁ ଅନେକ ଅନିଷ୍ଟ ଓ ଅତ୍ୟାଚାର ଘଟୁଅଛି । ନାଲର ଅଧଃସ୍ଥ କର୍ମଚାରୀମାନେ ଜଳକର ବୃଦ୍ଧି ଓ ଆପଣାର କିଛି ଲାଭ ଆଶାରେ ସ୍ୱେଚ୍ଛାପୂର୍ବକ ନାଲରୁ ବହୁତର ପରିମାଣରେ ଜଳ ଛାଡି ଦିଅନ୍ତି ସୁତରାଂ ବେବରୁଲସୃଷ୍ଟ ବିଲରେ ପାଣି ମାଡିଯାଏ ଓ କେତେକ ସ୍ଥଳେ ଫସଲ ସଡ଼ାଇ ଦିଏ । ତହୁଁ ସେମାନେ ସେ ଜମି ସବୁ ଜରିବ କରିବାକୁ ଯାନ୍ତି, ଯେଉଁ ପ୍ରଜାଙ୍କଠାରୁ କିଛି କିଛି ପାଆନ୍ତି ସେମାନଙ୍କୁ ଛାଡି ଦିଅନ୍ତି ବାକି ବ୍ୟକ୍ତିଙ୍କ ଉପରେ ନୋଟିସଜାରି କରନ୍ତି । ଓ୍ୱାଲ୍ସାହେବ ନିଜେ ଯାଇ ଦେଖନ୍ତି ବିଲରେ ପାଣି ମାଡିଅଛି ସେ ଆଉ କାହିଁକି ପ୍ରଜାଙ୍କ ଓଜର ଶୁଣିବେ । ଆମ୍ଭେମାନେ ଅନେକ ଲୋକଠାରୁ ଶୁଣିଅଛୁଁ ଯେଉଁ ପ୍ରଜାଙ୍କ ବିଲକୁ ଆଦୌ ପାଣି ଯାଇ ନ ଥାଏ ସେମାନଙ୍କୁ ଅଧଃସ୍ଥ କର୍ମଚାରୀମାନେ ଧମକାଇ କିଛି୨ ଉପାୟ କରି ନିଅନ୍ତି ଓ ଯେଉଁମାନେ କିଛି ନ ଦିଅନ୍ତି ସେମାନଙ୍କ ବିଲକୁ ପାଣି ଯାଇଥିବାର ଜରିବ କରି ଦିଅନ୍ତି । ନୋଟିସଜାରି ହେଲା ଉତ୍ତାରେ ସେମାନେ ଜାଣି ପାରନ୍ତି କିନ୍ତୁ ସେତେବେଳକୁ ବିଲ ଶୁଷ୍କ ଓ ଧାନକଟା ସରି ଥିବାରୁ ତଦନ୍ତର ମଧ୍ୟ ଉପାୟ ନ ଥାଏ ସୁତରାଂ ସେମାନେ ଡଣ୍ଡରେ ପଡ଼ନ୍ତି । ଏହା ସିନା ଉପର୍ଯ୍ୟୁକ୍ତ ନିୟମ ହେତୁ ଘଟୁଅଛି ଅତଏବ ଆମ୍ଭେମାନେ ଭରସା କରୁଁ ଓ୍ୱାଲ୍ ସାହେବ ଏ ବିଷୟ ପ୍ରତି ଦୃଷ୍ଟି କଲେ ଆପଣାର ଭ୍ରମ ବୁଝି ପାରିବେ ଓ ଅନିଷ୍ଟକର ନିୟମକୁ ପରିତ୍ୟାଗ କରିବେ । ଏଥିରେ ସରକାରଙ୍କର କିଛି କ୍ଷତି ହେବ ସତ୍ୟ, ମାତ୍ର ସରକାର ଅନ୍ୟାୟ ମତେ ଲାଭ କରିବାକୁ ଚାହାନ୍ତି ନାହିଁ ଏହା ଓ୍ୱାଲ୍ ସାହେବ ଉତ୍ତମରୂପେ ଜାଣନ୍ତି ।

---

## ସାପ୍ତାହିକସଂବାଦ ।

ଗତ ସୋମବାର ଛାପାଖାନାରେ ଉତ୍କଳ ସଭାର ବାର୍ଷିକ ଅଧିବେଶନ ହୋଇ ଥିଲା ସ୍ଥାନାଭାବ ହେତୁ ତହିଁର ବିବରଣ ଏ ସପ୍ତାହରେ ଲେଖି ନ ପାରିଲୁଁ ।

ଏଠା ମେଜଷ୍ଟ୍ରେଟରେ ଜଣେ ଚଉକିଆ ଦରଖାସ୍ତ ଦେଇ ଅଛନ୍ତି ବାବୁ ପକ୍ଷିତଦାସ ଜମିଦାର ତାଙ୍କ ଗୋରୁ ରକ୍ଷକକୁ କିଛି ଦୋଷ ହେତୁ ଅନେକ ମାଡ ମାରିବାରୁ ସେ ମାଡ ପୀଡାରେ ମରିଗଲା କିନ୍ତୁ ପୁଲିସ ସେ ମକଦ୍ଦମାକୁ ସର୍ପଦଂଶନ ଅପମୃତ୍ୟୁ ବୋଲି ଉଡାଇ ଦେଲେ । ଏଥିର ତଦନ୍ତ ନିମନ୍ତେ ଆଜ୍ଞା ହୋଇଅଛି ।

ବନ୍ୟା ଉତ୍ତାରୁ ଫସଲ ପକ୍ଷରେ ବହୁ ଉତ୍ତମ ହୋଇଅଛି । ମାତ୍ର ମୋଫସଲର କେତେକ ସ୍ଥାନରେ ଏକପ୍ରକାର ପୋକ ଫସଲ ନଷ୍ଟ କରୁଅଛନ୍ତି ଏ ପୋକରନାମ କଳାମୁଣ୍ଡିଆ ହୋଇ ଅଛି ତାହା ଲେମବର୍ଗିନ ସାମ୍ପାତ୍ରୁଥ ପର ବର୍ଣ୍ଣନା କଲା । ପୁଲିସ କେତେଗୁଡିଏ ପୋକ ଧରି ଚାଲାଣ କରିଥିଲେ । ମେଜଷ୍ଟ୍ରେଟ ସାହେବ ପୋକର ଉତ୍ପତ୍ତି ବୁଝିବା କାରଣ ଡାକ୍ତର ସାହେବଙ୍କଠାକୁ ପଠାଇଅଛନ୍ତି ।

ମହାଙ୍ଗାର କାଳଣୀ ଓଲାଉଠାରୁ ରକ୍ଷା ପାଇଲା ମାତ୍ର ତାହା ସଙ୍ଗୁ ତିନିଜଣ ଉକ୍ତ ରୋଗରେ ମରିଗଲେ । ସେ କାଳଣୀ ସ୍ୱାମୀପୁରୁଷ ଓ ତାହାର ମାତା ମଧ୍ୟ କାଳଣୀ । ଏକଘରେ ତିନି କାଳଣୀ ଥିବା ପ୍ରତ୍ୟକ୍ଷେ ବୁଢି ଯୋଗଣୀକୁ ଆପଣା ଘରୁ ଭାତ ନ ପାଇଲେ ପରଘରୁ ତଡିବାର କପଟ ଚେଷ୍ଟା କରନ୍ତି । ଏଥିରୁ କାଳଣୀମାନଙ୍କର ଠକପଣ ପାଠକେ ବୁଝନ୍ତୁ ।

ଲକ୍ଷ୍ନୌ ନିକଟରେ ସେରସ ନାମକ ସ୍ଥାନରେ ଜଣେ ସ୍ତ୍ରୀ ଦୁଇଟି ପୁତ୍ର ଓ ଦୁଇଟି କନ୍ୟା ଏପରି ଚାରୋଟି ଏକାବେଳକେ ପ୍ରସବ କରିଅଛି । ଏମାନେ ଏପର୍ଯ୍ୟନ୍ତ କପରି ଅବସ୍ଥାରେ ଅଛନ୍ତି ଜଣା ନାହିଁ । ଯାହାହେଉ ଏସ୍ତ୍ରୀ ଜଗତ୍‌ସିଂହପୁରର ଗଉଡଣୀକୁ ଜିଣିଗଲା । ଲୋହିଲେକ ପଷ୍ଟିମାଣୀ !

ଅମ୍ଭମାନଙ୍କ ଯାଜପୁର ସମ୍ବାଦଦାତା ଲେଖିଅଛନ୍ତି ଯେ ବନ୍ୟା ଯୋଗେ ସେ ଅଞ୍ଚଳରେ ବିଶେଷ କ୍ଷତି ହୋଇ ନାହିଁ । ବନ୍ଦ ଓ ସଡକମାନ ଭାଙ୍ଗି ଯାଇ ଥିବାରୁ ଗତାୟାତର ବଡ ଅସୁବିଧା ହୋଇଅଛି । ସେଠାର ନୂତନ ଅସିଷ୍ଟାଣ୍ଟ କଲେକ୍ଟର ବାବୁ ସାହେବଙ୍କ କାର୍ଯ୍ୟରେ ଲୋକେ ସନ୍ତୁଷ୍ଟ ଅଛନ୍ତି । ସେ ନିକଟରେ ମୋଫସଲ ଗସ୍ତକୁ ଯିବେ ।

ଉକ୍ତ ସମ୍ବାଦଦାତା ଲେଖନ୍ତି । ପ୍ର । ତସାଣିଆଁ । ମୌ । ଅନନ୍ତପୁରରେ କୃତ୍ତିବାସ ସାଉତଙ୍କର ଭାର୍ଯ୍ୟା ତିନୋଟି ସନ୍ତାନ ଏକକାଳୀନ୍ ପ୍ରସବ କରି ଥିଲା ମାତ୍ର ସେମାନେ ତିନି ଦିନେ ମରି ଗଲେ । ଲକ୍ଷ୍ନୌର ପଷ୍ଟିମାଣୀ ଆଗରେ କେହି ନୁହେ ।

ବାଲେଶ୍ୱରର ଉତ୍ତରାଞ୍ଚଳରେ ବୃଷ୍ଟି ନ ହେବାରୁ ଫସଲ ଅତି ମନ୍ଦଅବସ୍ଥାରେ ଅଛି କେତେକ ଶୁଷ୍କ ହୋଇ ଗଲାଣି ଓ ସ୍ଥାନେ୨ ବିଲଫାଟିଲାଣି । ସେଠା ଲୋକେ ଶଙ୍କିତ ଅଛନ୍ତି । ମେଘର ଏପରି ଗତି କାହିଁକି ? କେଉଁଠାରେ ଭସାଇ ଦେଉଅଛି କେଉଁଠାରେ ଶୁଖାଇ ଦେଉଅଛି ! ନ ଜାଣି କହନ୍ତି କଣାମେଘ ।

ବାରିପଦାରେ ଜଣେ ବ୍ୟକ୍ତି ଆପଣା ଦ୍ୱାରଆଗରେ ଗଞ୍ଜା ଖଣ୍ଡିଏ ପ୍ରସ୍ତୁତ କରୁଥିଲା । ମୟୂରଭଞ୍ଜ ମହାରାଜାଙ୍କର ଜଣେ ପ୍ରଧାନ କର୍ମଚାରୀ ଅଟକିନ୍‌ସନ ସାହେବ ସେ ଗଞ୍ଜାଭଙ୍ଗାଇ ଦେଇ ତାହାର ହତିଆର ଆଦି ସାମଗ୍ରୀ ନେଇ କଲେକ୍ଟର ନାଜରଜିମା ଦେଲେ । ସେ ମେଜଷ୍ଟ୍ରେଟରେ ନାଲିଶ କରିବାରୁ ସାହେବଙ୍କ ଉପରେ ଟ ୧୦୦ ଙ୍କା ଓ ସଙ୍ଗୀ ଅପରାଧୀ ଉପରେ ଟ୧୫ଙ୍କା ଓ ନାଜର ଉପରେ ଟ ୧୦୲ ଙ୍କା ଅର୍ଥଦଣ୍ଡ ହେଲା ।

ରଙ୍ଗାର ମନସୁବଦାର ଓ ଜ୬୦ଣ ବିଦ୍ରୋହୀ ଧରାପଡ ଅଛନ୍ତି ଓ ଚାରି ପାଞ୍ଚଶତ ବିଦ୍ରୋହୀ ଯୁଦ୍ଧରେ ପରାସ୍ତ ହୋଇ ପଳାଇ ଅଛନ୍ତି ।

ପୁନାରେ "ସେଖ ସକ୍ତନ ଉଲଦ ସେଖ ଖୋଦା ବକ୍ସ" ନାମକ ଜଣେ ବ୍ୟକ୍ତି ସାମାନ୍ୟ ଚୋରିକରି ଦୁଇମାସ ବନ୍ଦୀ ହୋଇଅଛି । ନାମ ଏତେବଡ କାର୍ଯ୍ୟ ଏତେଛୋଟ !

ଘଙ୍ଗାନଦୀର ବିଶେଷ ବୃଦ୍ଧିଯୋଗେ କାନପୁର ଓ ଖାନାଜପୁରରେ ବନ୍ୟା ହୋଇଅଛି । ଭାଗଲପୁରର ଅବସ୍ଥା ଏହିପ୍ରକାର । ବଙ୍ଗଳରେ ମଧ୍ୟ ବିଶେଷ ବର୍ଷା ଓ ବନ୍ୟାହୋଇଗଲା । ଏବର୍ଷ ବଡି ବର୍ଷା ଅନେକ ଦେଶରେ ।

ବ୍ରହ୍ମଦେଶ ରାଜଧାନୀ ମାଣ୍ଡେରେ ଥିବା ଇଂରେଜ ରେସିଡଣ୍ଡ ପତାକା କାଟିପକାଇ ନଗରତ୍ୟାଗ କରିଗଛନ୍ତି । ବ୍ରହ୍ମରାଜାଙ୍କସଙ୍ଗେ ଯୁଦ୍ଧ ହେବକି ? ତାଙ୍କର ଯେପରି ବୁଦ୍ଧି ଓ ଦୁଷ୍ଟଚରିତ୍ର ତାଙ୍କୁ ଥରେ ଶିକ୍ଷାଦେବାର ଉଚିତ୍ ।

ହାବଡାରେ ଜଣେ ବିଲକ୍ଷଣ ହିନ୍ଦୁସ୍ଥାନୀ ସ୍ତ୍ରୀଲୋକ ଅସି ମଲ୍ଲ ଯୋଦ୍ଧାବର୍ଗଙ୍କୁ ଏହିରୂପେ ଆହ୍ୱାନ କରୁଅଛି ଯେ ମଲ୍ଲଯୁଦ୍ଧରେ ତାହାକୁ କେହି ଜିଣିଲେ ସେ ତାହାର ସହଧର୍ମିଣୀ ହେବ ଓ ଏକସହସ୍ର ଟଙ୍କା ପାରିତୋଷିକ ଦେବ । ସ୍ତ୍ରୀଲୋକଟିର ସାହସ ମନ୍ଦ ନୁହେ । ଦର୍ପଣ ।

ହୋଲକାର ମହାରାଜା ଗତବର୍ଷ ଶସ୍ୟନଷ୍ଟ ଦୃଷ୍ଟିରେ ଘୋଷଣା ପ୍ରଚାର କରି ଅଛନ୍ତି ତାଙ୍କ ଦରବାର କର୍ମଚାରୀମାନେ ଓ ସାଉକାରମାନେ ଏ ବର୍ଷ ପ୍ରଜାମାନଙ୍କୁ ବହନ ଯୋଗାଇବାର ସୁଧ ବା ସୋଇ ନେଇ ପାରିବେ ନାହିଁ ।

ହାଇକୋର୍ଟର ଉପରସିମାନଙ୍କୁ ସରକାରୀ ବ୍ୟୟରେ କେତେକ ଘୋଡା ଛତା ଦିଆ ଯାଇଥିଲା । ସେଥିର ଖର୍ଚ୍ଚା ବିଷୟରେ ଏକାଉଣ୍ଟାଣ୍ଟ ଓ ହାଇକୋର୍ଟଙ୍କ ମଧ୍ୟରେ ଦସ୍ତା ଦସ୍ତା କାଗଜର ଚିଠିପତ୍ର ଲେଖାଲେଖି ହେଲାଣି । ଏ ଅଳ୍ପ କଥାରେ ଏତେ ଧୂମଧାମ ବୃଥା ଲାଗ୍‌୨ ଖର୍ଚ୍ଚ ବିଷୟରେ ଏପରି ତଦନ୍ତ ବା ଅଟକ ହେଲେ କିଛି ଲାଭ ହୁଅନ୍ତା ।

ରୁଷ ଯେତେ ଯୁଦ୍ଧ ଗତ ଜାନୁଆରିମାସ ପର୍ଯ୍ୟନ୍ତ କରି ଅଛନ୍ତି ତହିଁର ବ୍ୟୟ ତେତିଶ କୋଟି ଟଙ୍କା ଘଟିଲି ଓ ତାଙ୍କ ସୈନ୍ୟ ମଧ୍ୟରୁ ଦୁଇ ଲକ୍ଷ ଲୋକ ନାଶ ହୋଇଅଛନ୍ତି । ଅଧିକାଂଶ ରୋଗରେ ମରି ଯାଇଛନ୍ତି ।

Digitized by srujanika@gmail.com

ଆସାମ ପ୍ରଦେଶସ୍ଥ ଡଟକ ସ୍ଥାନରେ ଝୁଲଣ ଯାତ୍ରାରେ ସଙ୍ଗମେଳା ହୁଅଇ ଓ ଅନେକ ବନେ୍ତା ଓ କ୍ରେତା ସମାଗତ ହୁଅନ୍ତି । ଏବର୍ଷ ଅନ୍ନକଷ୍ଟ ଓ ଦୁର୍ମୂଲ୍ୟ ହେତୁ ସେଠାରେ ମେଳା ପୂର୍ବବତ୍ ହୋଇ ନାହିଁ ।

ଏକପ୍ରକାର କାଚର ପ୍ରଦୀପ ( ଲଣ୍ଠ ) ବାହାରି ଅଛି ଯେ ତାହା ଜଳିଲାବେଳେ ତହିଁରୁ ସମସ୍ତ ଜଣାଯାଏ । ତହିଁରେ ଗୋଟିଏ କାଚନଳ ଅଛି ତହିଁରେ ତେଲ ଭରତି ହୁଏ ଓ ତହିଁରେ ସମସ୍ତର ଚକ୍ର ସବୁ ଅଛି । ଦୀପ ଜଳିଲାରୁ ତେଲ କ୍ରମେ ଉଷ୍ଣ ହୁଅଇ ଓ ତଦ୍ଭସହିତ ତେଲର ଚୌରସ ଯୋଗେ ସମସ୍ତ ପ୍ରକାଶ ପାଏ । ନୂଆ୨ ସାମଗ୍ରୀ ଏବେକେତେ ବାହାରୁ ଅଛି ।

ଅସ୍ମମାନଙ୍କ ପୂର୍ବ ଗବର୍ଣ୍ଣରଜେନରଲ ଲର୍ଡ ନର୍ଥବ୍ରୁକ୍ସାହେବଙ୍କର ପ୍ରତିମୂର୍ତ୍ତି କଲିକତାରେ ପହୁଞ୍ଚି ଅଛି । ହାଇକୋର୍ଟଙ୍କ ସମ୍ମୁଖରେ ସ୍ଥାପନ ହେବ । ପ୍ରତିମୂର୍ତ୍ତି ପ୍ରକାଶ କରିବାର ନିମନ୍ତେ ଲେଫଟେନେଣ୍ଟଗବର୍ଣ୍ଣର ଇଡେନ୍ସାହେବ କରିବେ ।

କାବୁଲରେ ଓଲାଉଠାରୋଗ ପ୍ରବଳ ହୋଇଅଛି ଓ ଅନେକ ଲୋକ ମରିପଡ଼ୁଅଛନ୍ତି ।

ନାଗପୁରରେ ଜଣେ ତମ୍ବାରୁଣୀ କଲରେ କାମକରୁଥିଲା ଜଣେ ସାହେବ ତାକୁଦେଖି ତାହା ରୂପ ଲାବଣ୍ୟରେ ମୋହିତ ହୋଇ ତାକୁ ଧରାଧରି କରିବାରୁ ତାହାର ଜ୍ଞାତି ଓ ପଞ୍ଚତତ ବ୍ୟକ୍ତିମାନେ ସାହେବଙ୍କୁ ଯଥୋଚିତ ପ୍ରହାର କଲେ । ଉତ୍ତମ ହୋଇଅଛି ।

୧ । ଏଡୁକେସନ ଗେଜେଟରୁ ଅବଗତ ହେଲୁଁ ଗତ ଶ୍ରାବଣ ମାସ ତା ୧୮ ରଖ ଶନିବାରଠାରୁ ଢାକା ଜଲରେ ଦଶ୍ୟାର ଶ୍ରୀଯୁତ ବାବୁ ଶ୍ରୀନାଥ ଚଉଧୁରୀ ଓ ଶ୍ରୀଯୁକ୍ତ ବାବୁ ରଜନୀକାନ୍ତ ଚଉଧୁରୀ ଓ ଶ୍ରୀ ଯୁକ୍ତ ବାବୁ ଜଗବନ୍ଧୁ ଚଉଧୁରୀ ମହୋଦୟଗଣ ଦୁର୍ଭିକ୍ଷ ପୀଡ଼ିତ ଲୋକଙ୍କ ସାହାଯ୍ୟାର୍ଥେ ନାମୁଦପୁର ଗ୍ରାମରେ ଗୋଟିଏ ଅନ୍ନଛତ୍ର ବସାଇଅଛନ୍ତି । ସେହି ଅନ୍ନଛତ୍ରରେ ପ୍ରତିଦିନ ଅନ୍ୟୁନ ଅଢ଼ାଇଶ କି ତିନିଶ ଲୋକ ଆହାର ପାନ୍ତି । ଏହି ମହତ୍କାର୍ଯ୍ୟପାଇଁ ଆମ୍ଭେମାନେ ବାବୁ ମହାଶୟଗଣଙ୍କୁ ଧନ୍ୟବାଦ ଦେଉ ଅଛୁଁ ।

୨ । କଲିକତା ଚଳଥରିବର୍ବନ ଲେନରେ ଶ୍ରୀମତୀ ଦାସୀ ନାମ୍ନୀ ଗୋଟିଏ ଅଷ୍ଟାଦଶବର୍ଷ ଦେଶୀୟାସୁବତୀ ଉଦ୍ବନ୍ଧନରେ ପ୍ରାଣ ତ୍ୟାଗ କରିଅଛି । ତାହାର ଆତ୍ମହତ୍ୟାର କାରଣ ଏହି ପରି ବ୍ୟକ୍ତ ହୋଇଅଛି ଯେ ତାହାର ସ୍ୱାମୀର ଏକବର୍ଷ ହେଲା କୌଣସି କାର୍ଯ୍ୟ କର୍ମ ନ ଥିଲା । କେବଳ ମଦ ଖାଇ ବୁଲେ ସ୍ତ୍ରୀ ଲୋକଟି ତାହାକୁ ପୁନଃପୁନ ନିଷେଧ କଲେ ଓ ବୁଝାଇଲେ ମଧ୍ୟ ସେ ସତ୍ପଥରୁ ଆସିଲା ନାହିଁ । ଶେଷରେ ନିତାନ୍ତ ବିରକ୍ତ ହୋଇ ଆତ୍ମହତ୍ୟା କଲା ।

୩ । ଜଳପାଇଗୁଡ଼ିରେ ସମାରୋହର ସହିତ ବ୍ରାହ୍ମମତରେ ସବର୍ଣ୍ଣରେ ଗୋଟିଏ ବିଧବା ବିବାହ ହୋଇଗଲା । ପାତ୍ରର ନାମ ହରିଦାସ ବନ୍ଦ୍ୟୋପାଧ୍ୟାୟ ବୟସ ଅନୁମାନ ୨୩ ବର୍ଷ ନିବାସ ଶାନ୍ତିପୁର ବର୍ତ୍ତମାନ ସବ୍ରେଜିଷ୍ଟରୀ ଅଫିସରେ ଟ ୨୫ ଙ୍କା ବେତନରେ କାର୍ଯ୍ୟ କରୁଅଛନ୍ତି । ପାତ୍ରୀର ନାମ ମୁକ୍ତକେଶୀ ଦେବୀ ବୟସ ଅନୁମାନ ୨୩ ବର୍ଷ ବିବାହ ସ୍ଥଳରେ ପ୍ରାୟ ୨ । ୨୪ ଶ ଲୋକ ଉପସ୍ଥିତ ଥିଲେ । ମୁକ୍ତକେଶୀ ୧୩ ବର୍ଷ ବୟସରେ ବିଧବା ହୋଇଥିଲା । ହରିଦାସଙ୍କର ଏହି ପ୍ରଥମ ବିବାହ । ବିବାହର ଅନୁଷ୍ଠାନରେ ଓ କାର୍ଯ୍ୟକଳାପରେ ସମସ୍ତେ ସନ୍ତୁଷ୍ଟ ହୋଇଅଛନ୍ତି ।

୧ । ସୁଲଭ ସମାଚାରରୁ ଅବଗତ ହେଲୁଁ ବମବାଜାରର ଦତ୍ତ ପରିବାରସ୍ଥ ବାବୁ ଉପେନ୍ଦ୍ର କୃଷ୍ଣଦତ୍ତ ଯେକ ଗିଲକ୍ରାଇଷ୍ଟ ସ୍କଲର୍ସିପ ପାଇ ବିଲାତକୁ ଯାଇ ଅଛନ୍ତି ସେ ସମ୍ପ୍ରତି ଲଣ୍ଡନର ପରୀକ୍ଷା ଦେଇଅଛନ୍ତି । ପରୀକ୍ଷାରେ ସେ ୨୭ଶଙ୍କ ଉଚ୍ଚେ ହୋଇଅଛନ୍ତି ।

୨ । ଆମ୍ଭେମାନେ ଶୁଣି ସନ୍ତୁଷ୍ଟ ହେଲୁଁ ଯେ କଲିକତା ହାଇକୋର୍ଟରେ ବଙ୍ଗାଳିଜଜଙ୍କ ସଙ୍ଖ୍ୟା ବଢ଼ିବାର ପ୍ରସ୍ତାବ ହେଉଅଛି ସହରର ମାଜିଷ୍ଟ୍ରେଟ ଘମିର ଅଲିଙ୍କର ସେହି ପଦ ପାଇବାର ସମ୍ଭାବନା । ବାସ୍ତବିକ ଘମିର ଅଲି ଯେତେ ଉପଯୁକ୍ତ ଲୋକ ସେ ଯେରୂପ ଦକ୍ଷତା ଓ ପ୍ରଶଂସାର ସହିତ କାର୍ଯ୍ୟ କରୁଅଛନ୍ତି ତହିଁରେ ତାଙ୍କର ଏରୂପ ଉନ୍ନତିର ଆଶା କରାଯାଏ ।

୩ । ପୋଲଣ୍ଡରେ ନୂତନ ଧର୍ମର ପ୍ରବର୍ତ୍ତକ ଜେନବା ଇଗ୍ନାଜନାରୁସ୍କୀ ନାମକ ଜଣେ ସ୍ତ୍ରୀଲୋକ । ତାହାର ବୟସ ୨୫ବର୍ଷ, ଦେଖିବାକୁ ବଡ଼ ସୁନ୍ଦରୀ ଓ ସ୍ୱର ସୁମିଷ୍ଟ । ସେ ବାରଜଣ ଶିଷ୍ୟ ସଂଗ୍ରହ କରି ତାଙ୍କର ଚାରି ମହଲର ବକ୍ଷରେ ଉତ୍ସାହର ସହିତ ଏହା ପ୍ରଚାର କରୁଅଛନ୍ତି । ତାଙ୍କ ମତରେ ମତ୍ସ୍ୟ ମାଂସ ଓ ବିବାହ ଏ ତିନୋଟି ଭୟାନକ ପାପ । ସେ ଶିଷ୍ୟମାନଙ୍କୁ ମଦ ପରିବର୍ତ୍ତରେ ଗୁ ଖାଇବାକୁ କହି ଦେଇ ଅଛନ୍ତି । ମାଂସ ପରିବର୍ତ୍ତରେ ଅଣ୍ଡା ଓ ଦୁଧ ଖାଇଲେ ଚଳେ । ବିବାହବେଳକୁ କଣ କରିବେ ? ଚିରଦିନ ଭଲ ରକ୍ଷି ବିବାହ ପରିବର୍ତ୍ତରେ କଛ ବିଧାନ ନ ଦେଲେ ଲୋକେ କପରି ରହିବେ ?

୪ । ଜର୍ମନ ଦେଶରେ ଏକପ୍ରକାର ଯୋତା ବାହାରି ଅଛି ତାହା କଦାପି ଛିଣ୍ଡି ଯାଏ ନାହିଁ । ପାହାଡ଼ର ପଦ୍ଦାର ବାଲି ଓ ରବର ତୁଲ୍ୟ ଏକ ପ୍ରକାର ଅଠାସଙ୍ଗରେ ମିଶାଇ ଅତି ପାତଳ ଚମଡ଼ା ଦେଇ ସାଜ ତିଆରି କରାଯାଏ ତାହା ଏତେ ଶକ୍ତ ହୁଏ ଯେ କଦାପି କ୍ଷୟ ହୁଏ ନାହିଁ ଛିଣ୍ଡେ ନାହିଁ ଅବା ଫାଟେ ନାହିଁ । ଯୋଡ଼ାଏ ଯୋତାରେ ଯେବେ ଜନ୍ମସାରା ଷ କଟିଗଲା । ତେବେ ମନ୍ଦ କଣ ହେଲା ?

୫ । ସମ୍ପ୍ରତି ମାଞ୍ଚେଷ୍ଟରରେ ଏମନ୍ତ ଏକ ପ୍ରକାଣ୍ଡ ହୁରବ ଷଣ ଯନ୍ତ୍ର ନିର୍ମିତ ହୋଇଅଛି ଯେ ପୃଥିବୀରେ ଏପରି ଆଉ କଦାପି ହୋଇନାହିଁ । ଜ୍ୟୋତିର୍ବେତ୍ତା ଉକ୍ତ ପଣ୍ଡିତ ସର ହେନରି ବେସେମାର ସାହେବଙ୍କ ବ୍ୟବହାର ପାଇଁ ହୋଇଅଛି ଏଥିରେ ୪ଲକ୍ଷ ଟଙ୍କା ଖର୍ଚ୍ଚ ପଡ଼ିଅଛି ।

୬। ଦରଭଙ୍ଗାର ମହାରାଜା ଆଗାମି ତା୨୫ରିଖ ସେପ୍ଟମ୍ବରରେ ଗଦୀପାଇବେ । ସେହିଉପଲକ୍ଷରେ ଭାରି ଦରବାର ହେବ । ବେହାରର କମିଶନର ପ୍ରଭୃତି ବଡ଼୨ ସାହେବମାନେ ଉପସ୍ଥିତଥିବେ । ବେହାର ପ୍ରଦେଶୀୟ ସମସ୍ତ ରଜା ଜମିଦାର ବଡ଼ଲୋକ ଏଥିପାଇଁ ନିମନ୍ତ୍ରିତ ହୋଇଅଛନ୍ତି । ରଜା ଯେତେଦିନ ନାବାଳଗ ଥିଲେ ତେତେଦିନ ଗବର୍ଣ୍ଣମେଣ୍ଟ ବିଶେଷ ଯତ୍ନର ସହିତ ଉଲ୍ଲୁପେ ରାଜକାର୍ଯ୍ୟଚଳାଇ ଦେୟ ପରିଶୋଧ କରି ୩୮ଲକ୍ଷ ଟଙ୍କା ସଂସ୍ଥିତି କରିଦେଇଅଛନ୍ତି । ବସ୍ତୁତଃ ନାବାଳଗର ବିଷୟ ଗବର୍ଣ୍ଣମେଣ୍ଟଙ୍କ ହାତକୁ ଗଲେ ଅନେକଉପକାର ।

୭ । ଲକ୍ଷ୍ନୌ କୋଟଫିସ ଜାଲର ମକଦମା ଏତେଦିନେ ଶେଷ ହୋଇଅଛି । ଆମ୍ଭେମାନେ ପୂର୍ବେ ଏଥିର କେତେକ ବିବରଣ ପ୍ରକାଶ କରିଥିଲୁଁ ସମ୍ପ୍ରତି ଶେଷ ନିଷ୍ପତ୍ତି ହୋଇ ୯ଜଣ ଲୋକ ଶାସ୍ତିପାଇଅଛନ୍ତି ହୋସେନ ବକସ୍ ଜାଲକାରୀଙ୍କର ସର୍ଦାର, ତାଙ୍କୁ ୧୬ ବର୍ଷ ଦ୍ୱୀପାନ୍ତର ଓ ୫୦୦ ଟଙ୍କା ଜରିମାନା, ଜଣେ ୧୬ ବର୍ଷ, ଜଣେ ୧୩ ବର୍ଷ, ଜଣେ ୧୦ ବର୍ଷ ୩ଜଣ ୬ବର୍ଷ ଜଣେ ୫ବର୍ଷ କାରାବାସ ଓ ଦ୍ୱୀପାନ୍ତରର ଦଣ୍ଡ ପାଇଅଛନ୍ତି ।

୮ । ବ୍ରହ୍ମଦେଶର ଶିକ୍ଷାବିଭାଗର କାର୍ଯ୍ୟର ବିବରଣ ପାଠ କଲେ ଜଣା ଯାଏ ସମୁଦାୟ ପ୍ରଦେଶମଧ୍ୟରେ ଗୋଟିଏ ମାତ୍ର ଉଚ୍ଚଶ୍ରେଣୀସ୍ଥ ସ୍କୁଲ ସେଥିରେ ପୁଣି ଜଣେଶହ ତହି ମଧ୍ୟରୁ ଗତବର୍ଷ ଜଣେ ଏଣ୍ଟ୍ରେନସ୍ ପରୀକ୍ଷା ଦେବାକୁ ଯାଇ ଜଣେ ସୁଦ୍ଧା ଉତ୍ତୀର୍ଣ୍ଣ ହୋଇନାହିଁ । ଅଥଚ ଶିକ୍ଷାପାଇଁ ବର୍ଷକୁ ୨ । ୩ ଲକ୍ଷଟଙ୍କା ଖର୍ଚ୍ଚହୁଏ ।

## ବିଜ୍ଞାପନ ।

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟରେ ନିମ୍ନ ଲିଖିତ ତୈଳମାନଙ୍କର ( ରୋଗାନୁସାରୀ ) ବାଣ୍ଟଅଣୀ ଦସ୍ତି ଦିବାର ସମସ୍ତ ଉପସ୍ଥିତ ହୋଇଅଛି ଯେଉଁମାନଙ୍କର ଯେଉଁ ତୈଳର ବାଣ୍ଟଅଣୀ ନେବାର ପ୍ରୟୋଜନ ଥାଏ ସେମାନେ ତା ୧୫ ରିଖ ମଧ୍ୟରେ ଉକ୍ତ ଔଷଧାଳୟରେ ଉପସ୍ଥିତ ହୋଇ ଅସ୍ମ ସଙ୍ଗେ ପରାମର୍ଶ କଲେ ଅମ୍ଭେ ତହିଁର ସୁବ୍ୟବସ୍ଥା କରିଦେବୁଁ ।

| ଯେଉଁ ରୋଗ ନିମନ୍ତେ | ଯେଉଁ ତୈଳର ବାଣ୍ଟଅଣୀ ଦିଆଯିବ |
|---|---|
| ସମସ୍ତ ଜ୍ୱର ରୋଗ | କଲ୍ୟାଣ ତୈଳ |
| ସମସ୍ତ ବାତ, ଅପସ୍ମାର ଓ ଉନ୍ମାଦ ରୋଗ | ମହାନାରାୟଣ ଓ ବିଷ୍ଣୁ ତୈଳ |
| ବାତରକ୍ତ ରୋଗ | ମଧ୍ୟଗୁଡ଼ୁଚ୍ୟାଦି ତୈଳ |
| ଆମବାତ ରୋଗ | କୁବ୍ଜପ୍ରସାରଣୀ ତୈଳ |
| କୁଷ୍ଠ ରୋଗ | ବିଷମରିଚ୍ୟାଦି ତୈଳ |

ଉତ୍କଳ ଆୟୁର୍ବେଦୀୟ ଔଷଧାଳୟ ଦରଘାବଜାର କଟକ ୫ । ୯ । ୭୯ } ଶ୍ରୀ ଫକୀର ତ୍ରିପାଠୀ କବିରାଜ ମେନେଜର

## ଓଡ଼ିଶାର ଇତିହାସ ।

—X—

ଶ୍ରୀ ଘାସମୋହନ ଅଗ୍ରୁଯ୍ୟ ପ୍ରଣୀତ ।

ମୂଲ୍ୟ ଏକଟଙ୍କା ମାତ୍ର

ବିକ୍ରୟାର୍ଥ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

## ଗବର୍ଣ୍ଣମେଣ୍ଟ ସିନ୍କୋନା କୁଇନ୍

କୁଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ। କଲିକତାର ପ୍ରଧାନ୨ ଦେଶୀୟ ଓ ବିଲାତି ଔଷଧବିକ୍ରେତାଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅଉନସକୁ ଟ ୭ ୧ ଙ୍କା ୮ ଅଃ କୁ ଟ ୧୧ ୧ ୧୬ ଅଃ କୁ ଟ ୨୦ ୩ ଫରମାସ ସଙ୍ଗେ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗୌରାଙ୍ଗ ପଟ୍ଟନାୟକ ପିପିଲି | ଅଗ୍ରିମ | | ଟ ୩୧ |
| „ ରଜକିଶୋର ଘୋଷ କଟକ | ବାକୀ | | ଟ ୩୧ |
| „ ଲକ୍ଷ୍ମୀଧର ସତପଥୀ | „ | „ | ଟ ୧୧ |
| „ ବାସୁଦେବ ଚୌଧୁରୀ | „ | „ | ଟ ୧୧ |
| „ ସୁଧ ସଇ | „ | „ | ଟ ୨୧ |
| ମୁନ୍ସି ସେଖ କାଦର | „ | „ | ଟ ୨୧ |
| ବାବୁ ପିଟର ମାନୁଏଲ ଯାଜପୁର | „ | | ଟ ୨ ୩୮ |
| ମହାରଜା କଷ୍ଣେ କେଉଁଝର | „ | | ଟ ୨ ୩୮ |
| ବାବୁ ରାମମୋହନ ଜଗଦେବ କେନ୍ଦ୍ରାପଡ଼ା | „ | | ଟ ୨ ୩୮ |
| ଶ୍ରୀ କଲେକ୍ଟର ସାହେବ କଟକ ଅଗ୍ରିମ | | | ଟ ୪୧ |
| ବାବୁ ଯଦୁନାଥ ସରକାର „ | ବାକୀ | | ଟ ୫୧ |
| ବାବୁ ଜଗବନ୍ଧୁ ମହାପାତ୍ର ଖୋର୍ଦ୍ଧା ଅଗ୍ରିମ | | | ଟ ୭ ୪ |

☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Split by PDF Splitter

Digitized by srujanika@gmail.com

Split by PDF Splitter



SUPPLEMENT TO THE UTKAL DIPICA 6th. September 1879.

## CORRESPONDENCE.

To the Editor of the Utkal Dipica.

Sir,

In these days of financial difficulties when the sword of Damocles is hanging up on end, threatening every department of Government service with fears of heavy retrenchments, and when, above all, the observance of rigid economy has been considered as the *only* means by which the Government can extricate itself from the burden which has pressed so heavily upon it, it would not be out of place to offer here a few remarks suggestive of the means by which the end can be arrived at.

The maxim that, many a mickle makes a muckle, is a well-tried one as being the result of vast human experience. If we look into the biographical accounts of those who from their opulent circumstances were reduced to bankruptcy, we will at once find that the non-observance of this noble maxim, which however humble at first sight may seem to be, was, ten to one, the root of all this evil. No man in fact can rise into opulence without having a strict regard to frugality. "Parsimony and not industry," says Dr. Adam Smith, "is the immediate cause of the increase of capital. Industry indeed provides the subject which parsimony accumulates; but whatever industry might acquire, if parsimony did not save or store up, the capital would never be the greater."

The rule which applies to individuals with regard to their improvement, can as well be applied to a nation composed of such individuals. The Government of a country should therefore always have a constant effort to promote the opulence of the people whom they are called upon to govern by inculcating the principles of economy, and not to impoverish them by a constant drain upon their purse in the shape of taxations, on account of its own folly and extravagance. No nation however flourishing and opulent, can be impoverished so much by *private* as by *public* prodigality and misconduct. For by the former a single individual may be ruined, whereas by the latter the whole nation may be affected. How a nation can be ruined by the extravagance of Government has very accurately been explained by Dr. Smith. "The whole, or almost the whole public revenue," the learned Doctor observes, "is in most countries employed in maintaining unproductive hands such are the people who compose a numerous and splendid court, a great ecclesiastical establishment, great fleet and armies, who in time of peace produce nothing, and in time of war acquire nothing which can compensate the expense of maintaining them even while the war lasts." If we are to judge by the principles laid down in the above extracts of the condition of this country, we may at once be led to believe that in fiscal matters its affairs have lately been much embarrassed, and that reforms in the way of economy are urgently needed to restore them to a state of solvency. It has all the while, I should think, been an attempt of our Government for many years back to do something in this direction. But unfortunately the late Behar and the Deccan famines and the Affghan war had hitherto completely baffled its energies to cope with this difficulty. But as under the divine dispensation of the Providence the famines are over and the Affghan war is at an end, it is hoped that our Government will now direct its thought to the restoration of that equalization so necessary for its interior economy and for the neglect of which the balance of fiscal administration has been disturbed, and against which cry has latterly been raised both at home and abroad.

It is however a matter of satisfaction to observe that orders have been issued to effect retrenchments in the Public works, and to minimize, to the lowest possible extent, the expenditure of the Military Department. The head of the other Departments also have been instructed to cut down all such items of expenditure as can in their opinion be easily done away with without detriment to the interests of the state.

As the pruning hands of Government have already been set at work, the long wished for financial reforms are to be made at no distant date. But one thing here is to be remarked. The savings that may be accrued by cutting down Duftries or other menial servants will not I think serve the purpose so well. For the state will not certainly profit by it so much as it is expected to do by larger savings from the "higher" and "upper" establishments. Why not therefore abolish the District and Assistant Superintendentships of Police whose business can as well be managed by Deputy Magistrates of the 5th. or 6th. grade? Why not reduce the salaries of the highly paid covenanted Civil Servants when such can be deemed feasible, in as much as educated men well qualified to hold such posts can now be found out from among the natives who will be glad to serve on smaller remunerations—and inasmuch also as Englishmen at home would be willing now a days to come out to India at even reduced salaries, the distance between these two countries being much lessened by the opening of steam communication? Why not put a stop to the expenditure incurred every year on account of the exodus of the Governor General and Suite to Simla which for aught we know adds little to the benefit of the state? For the spiritual welfare of a few thousands of European Christians thinly scattered over India, a very large ecclesiastical establishment has been maintained at an enormous cost to Government. Is it not fair and desirable that an act should at once be passed for the disestablishment of the Indian Church and that the Christians should as well pay from their own private purse for their spiritual elevation as the Hindoos, the Mahomedans, the Brahmos the Buddhists &c. are doing now? These and many more are the items of state expenditure from which reductions to a very large amount can be made. It remains now to be seen from which side the wind will blow.

Yours Sincerly.

23–8–79. Quidnunc.

☞ ପ୍ରଷ୍ଠା ଦେଖ ।

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

REGISTERED NO. 1

171

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଗ
ତା ୧୩ ରିଖ ମାହେ ସିପ୍ଟମ୍ବର ସନ ୧୮୭୯ ମସିହା । ମୁ । ଭାଦ୍ରବ ଦ ୨୩ ନ ସନ ୧୨୮୭ ସାଲ ଶନିବାର
ସଂ ୩୭ ଖ୍ୟା

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଇଁ ଡାକମାସୁଲ ଟ୧୲୵

ଯେଉଁ ଫସଲ ବନ୍ୟାରୁ ବଞ୍ଚିଗଲା ଓ ଯେଉଁଠାରେ ପୁନର୍ବାର ରୁଆ ହୋଇ ଏକପ୍ରକାର ଫସଲର ଆଶା ହୋଇଥିଲା ସେ ଫସଲମାନ ପୋକଙ୍କ ମୁଖରୁ ରକ୍ଷା ପାଇବାର କିଛି ଉପାୟ ଦିଶୁ ନାହିଁ । ଅମ୍ଭେମାନେ ଗତ ସପ୍ତାହରେ କେତେକ ସ୍ଥାନରେ ପୋକ ଫସଲ ନଷ୍ଟ କରୁଥିବାର ସମ୍ବାଦ ପାଇ ପାଠକମାନଙ୍କୁ ଜଣାଇଥିଲୁଁ କିନ୍ତୁ ଏ ସପ୍ତାହରେ ଚତୁର୍ଦ୍ଦିଗରୁ ତଦ୍ରୂପ ସମ୍ବାଦ ପାଇ ଦୁଃଖିତ ହୋଇଅଛୁଁ । ଭିନ୍ନ ଭିନ୍ନ ସ୍ଥାନରେ ଏ ପୋକର ଭିନ୍ନ ଭିନ୍ନ ନାମ ହୋଇଅଛି ଯଥା,—କାଳମୁଖୀ, କଳାମୁଣ୍ଡିଆ, ଘୋଡ଼ାମୁହାଁ । ସୁଲଗ୍ନ ଆଷ୍ଟର ଗୁଡିଏ ପୋକ ଚାଲଣି କରିଥିଲେ ତହିଁ ମଧ୍ୟରେ ଗୋଟିଏ ସମୁଦ୍ରିଆଠୁଁ ଅନେକ ବଡ ଥିଲେ । ବନ୍ୟା ଜଳରୁ ଏମାନଙ୍କର ଉତ୍ପତ୍ତି ହୋଇ ଥିବାର ଅନୁମାନ ହୋଇ ଅଛି । ପୂର୍ବେ ଥରେ ବନ୍ୟା ଉତ୍ତାରେ ଏପ୍ରକାର ପୋକ ହୋଇ ଥିଲେ । ଏ ବର୍ଷ ଯେତେ ସ୍ଥାନକୁ ବନ୍ୟାଜଳ ଯାଇଅଛି ସେ ସବୁ ସ୍ଥାନରେ ଏ ପୋକ ଜନ୍ମି ଅଛନ୍ତି ଓ ସେମାନଙ୍କର ବଂଶ ଅତି ସତ୍ୱର ବୃଦ୍ଧି ହେଉଅଛି ।

ଏ ଜିଲାର ଫସଲ ଅବସ୍ଥା ଏହି ପ୍ରକାର ପୁରୀ ଜିଲାର ଫସଲ ଅବସ୍ଥା ମଧ୍ୟ ମନ୍ଦ ଅଟଇ । ଆମ୍ଭମାନଙ୍କର ଜଣେ ବନ୍ଧୁ ଲେଖି ଅଛନ୍ତି କୋଠଦେଶ, ଲୁହାଙ୍ଗ, ନେମ୍ପାଇ, ଦଣ୍ଡଇ ଇତ୍ୟାଦି ପ୍ରଗନାରେ ଫସଲ ହାନ୍ଦାରରେ ବାରପଣ ନଷ୍ଟ ହୋଇଅଛି । କିଅଳ ଓ ଶାରଧ ଜମିରେ ବାଲି ଚଢି ଯାଇଅଛି ସେ ସ୍ଥାନମାନରେ ଏ ବର୍ଷ ଆଉ ଫସଲ ହୋଇ ନ ପାରିବ ଶୀଘ୍ରକୁ କଲଟରସାହେବ ମୋଫସଲ ଭ୍ରମଣ କରି ଦେଶର ଅବସ୍ଥା ଦେଖି ଏ ମାସ ତା ୧ ରଖରେ ଫେରି ଆସିଅଛନ୍ତି ଓ ତା ୪ ରଖରେ ଖୋରଧା ଇଲାକା ବନ୍ଦ ଇତ୍ୟାଦି ଦେଖିବାକୁ ଯାଇଥିବେ । ମାତ୍ର ଖୋରଧାରେ ଧୋଇ ହୋଇ ନାହିଁ । କେବଳ ବଲଭଦ୍ରପୁର ଅଞ୍ଚଳରେ କିଛି ଧୋଇ ହୋଇଅଛି ସେଠାରେ ପୁନର୍ବାର ଫସଲ ହୋଇ ପାରିବ । ବାଲେଶ୍ୱର ଜିଲାରେ ଗତ ସପ୍ତାହରେ ଲଗାଣବୃଷ୍ଟି ହୋଇ ଥିବାରୁ ଫସଲର ଅବସ୍ଥା କିଛି ସୁସ୍ଥିର ଅଛି । ସେ ଜିଲାର ଉତ୍ତରାଞ୍ଚଳରେ ଆହୁରି ବୃଷ୍ଟି ଆବଶ୍ୟକ ।

---

## କଲିକତାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ କେନାଲ ।

ବଙ୍ଗଳା ଗବର୍ଣ୍ଣମେଣ୍ଟ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି କି କଲିକତାରୁ ଓଡିଶାକୁ ସମୁଦ୍ର କୂଳେ କୂଳେ କେନାଲ ହେବାର ପ୍ରସ୍ତାବ ମହାମାନ୍ୟ ଲାଟ ସାହେବଙ୍କ ମଞ୍ଜୁର ନିମନ୍ତେ ଅର୍ପିତ ହୋଇଅଛି ଓ ମହାନଦୀରୁ ଯେଉଁ କ୍ଷୁଦ୍ରନଦୀ ବା କେନାଲସବୁ ବାହାରିଅଛି ଓ ଯହିଁରେ ଜୁଆର ଆସଇ ସେସବୁକୁ ଅଧିକ ଗଭୀର କରି ଯୋଡିବାର ଉଦ୍ଯୋଗ ହେଉଅଛି । ଏଣୁକରି ଦୁଇ ତିନି ବର୍ଷ ମଧ୍ୟରେ କଲିକତାରୁ ପୁରୀଜିଲା ଚିଲ୍କାହ୍ରଦପର୍ଯ୍ୟନ୍ତ କେନାଲ ଫିଟିବ ଚିଲ୍କାହ୍ରଦ ଗଞ୍ଜାମକୁ ଲାଗିଅଛି ଓ ମାନ୍ଦ୍ରାଜରୁ କୋକୋନଦା ପର୍ଯ୍ୟନ୍ତ କେନାଲ ହେଉଅଛି ଶେଷୋକ୍ତ ସ୍ଥାନରୁ ଗଞ୍ଜାମ ପର୍ଯ୍ୟନ୍ତ କେନାଲ କରି ଦେଲେ କଲିକତାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ କେନାଲ ବାଟ ଫିଟିବ । ଲେଫ୍‌ଟନେଣ୍ଟ ଗବର୍ଣ୍ଣର ସାହେବ କହନ୍ତି ଏଥିରେ ଜାହାଜ ଓ ନୌକା ଗତାଗତର ସୁବିଧା ହେବ, ସୁତରାଂ ଦେଶର ବିଶେଷ ଲାଭ ଓ ଦୁର୍ଭିକ୍ଷ ସମୟରେ ଶସ୍ୟ ଯୋଗାଇବା ପକ୍ଷରେ ବଡ ସୁବିଧା ହେବ । ମାତ୍ର ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏଥିର ପ୍ରତ୍ୟୁତ୍ତରରେ ଲେଖିଅଛନ୍ତି ଯେ ମାନ୍ଦ୍ରାଜରୁ କୋକୋନଦା ପର୍ଯ୍ୟନ୍ତ କେନାଲ କର୍ମକୁ ସମାପ୍ତ କରିବା କାରଣ ଆହୁରି ଅନେକ ଟଙ୍କା ଲାଗିବ ଓ ଏ ବହୁବ୍ୟୟ ଦୃଷ୍ଟିରେ ବର୍ତ୍ତମାନ ଉକ୍ତ କେନାଲକୁ ଗଞ୍ଜାମ ପର୍ଯ୍ୟନ୍ତ ବଢାଇବାର ସମ୍ଭାବନା ନାହିଁ ଓ କେତେକ ବର୍ଷ ପର୍ଯ୍ୟନ୍ତ ଏଥିର ବିଚାର ହୋଇ ନ ପାରେ ।

ଆମ୍ଭମାନଙ୍କ ବିବେଚନାରେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟ ଏପରି ଗୁରୁତର ବିଷୟକୁ ଏପରି ସତ୍ୱରରେ ନାସ୍ତି କରିଦେବାର ଉଚିତ ହୋଇ ନାହିଁ । ଏଥିରେ ଅନେକ ବ୍ୟୟ ହେବ ସତ୍ୟ କିନ୍ତୁ ସେହିପରି ଲାଭ ହେବାର ସମ୍ଭାବନା କଲିକତାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ କେନାଲ ହେଲେ ସେଥିରେ ବାଣିଜ୍ୟ ସାମଗ୍ରୀ ବହୁଳ ପରିମାଣରେ ଗତାୟାତ ହେବ ଓ ପୁରୀଜିଲା ସଙ୍ଗେ କେନାଲର ଯୋଗ ଥିବାରୁ ଯାତ୍ରିମାନଙ୍କର ଯିବା ଆସିବା ହେବ କେବଳ ଯାତ୍ରିଙ୍କ ଗତାୟାତରେ

Split by PDF Splitter

Digitized by srujanika@gmail.com

Split by PDF Splitter



ଅନେକ ଲାଭ ହୋଇ ପାରେ । ଚିଲକାର ଉତ୍ପନ୍ନ ମଧ୍ୟ ଊଣା ହେବ ନାହିଁ । କର୍ଣ୍ଣେଲ ମୂଲିନ ସାହେବ ଏ ନାଲ ବିଷୟରେ ପ୍ରସ୍ତାବଟିଏ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଅର୍ପିତ କରିଅଛନ୍ତି । ସେ ବୋଲନ୍ତି ଯେ କୋଣ୍ଡୋଳଦାରୁ ଗଞ୍ଜାମ ଜିଲ୍ଲା ଚିଲ୍କା ପର୍ଯ୍ୟନ୍ତ ୨୭ଶ ମାଇଲ ମଧ୍ୟରେ ବିଜାଗାପଟ୍ଟାମ ଅଞ୍ଚଳରେ ୨୬ ମାଇଲ ଉଚ୍ଚ ଭୂମି ଓ ପର୍ବତ ପଡ଼ିବ । ଏତିକି ଖୋଳିବାର କଠିନ କଷ୍ଟ ହେବ ନଚେତ୍ ଅନ୍ୟ ସକଳସ୍ଥାନରେ କିଛି କଷ୍ଟ ନାହିଁ ବରଂ ସୁବିଧା ଅଛି । ଉକ୍ତ ୨୬ ମାଇଲ ଖୋଳିବା ଇଂରେଜଙ୍କର ସାଧ୍ୟାତୀତ ନୁହେ କେବଳ ବିଶେଷ ବ୍ୟୟ ଓ ପରିଶ୍ରମ ହେବ ହେଲେ ଯେଉଁ କର୍ମରେ ଅର୍ଥ ଉତ୍ପନ୍ନ ଓ ଦେଶର ଉପକାରର ସମ୍ଭାବନା ସେ କର୍ମ କରିବା ପକ୍ଷରେ କୁଣ୍ଠିତ ହେବାର ବିଧେୟ ନୁହେ ଅତଏବ ଆମ୍ଭେମାନେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରୁଅଛୁଁ ଯେ ସେ ଏ ବିଷୟରେ ପୁନର୍ବିଚାର କରନ୍ତୁ ।

---

## ଉତ୍କଳସଭା ।

ଏ ସଭାର ବାର୍ଷିକ ଅଧିବେଶନ ହୋଇଥିବାର ସମ୍ବାଦ ଦେଇଥିଲୁଁ ବର୍ତ୍ତମାନ ତହିଁର ସଂକ୍ଷେପ ବିବରଣ ଲେଖୁଅଛୁଁ । ପ୍ରଥମେ ସଭାର ବାର୍ଷିକ ବିଜ୍ଞାପନୀ ପାଠ ହେଲା, ତହିଁରୁ ଜଣାଗଲା ଯେ ଉତ୍କଳରଚନା ପାଠ ଓ ପ୍ରାଚୀନ ଉତ୍କଳକାବ୍ୟମାନଙ୍କର ସମାଲୋଚନା କରିବା ଏ ସଭାର ଉଦ୍ଦେଶ୍ୟ । ବର୍ଷ ମଧ୍ୟରେ ୧୯ ଥର ଅଧିବେଶନ ହୋଇଥିଲା । ଏଥିରେ ରଚନାପାଠ ଏବଂ ଲାବଣ୍ୟବତୀ ଓ କୋଟିବ୍ରହ୍ମାଣ୍ଡସୁନ୍ଦରୀର ସମାଲୋଚନା ହୋଇଥିଲା । ପ୍ରଥମୋକ୍ତ ପୁସ୍ତକରେ ବିଶେଷ ଅଶ୍ଳୀଳତାର ପରିଚୟ ମିଳିବାରୁ ସଭା ତାକୁ ତ୍ୟାଗ କରି ବର୍ତ୍ତମାନ ଶେଷୋକ୍ତ ଗ୍ରନ୍ଥକୁ ଗ୍ରହଣ କରିଅଛନ୍ତି । ସଭା ଆପଣା ଉଦ୍ଦେଶ୍ୟ ଉପଲକ୍ଷରେ ଉତ୍କଳମଧୁପ ନାମକ ମାସିକପତ୍ରିକାଟିଏ ପ୍ରକାଶ କରୁଅଛନ୍ତି ତହିଁର ସଂଖ୍ୟା ପୂର୍ବଗତ ଖଣ୍ଡ ଅଟଇ ଓ ଅବସ୍ଥା ପାଠକଙ୍କୁ ଜଣା ଅଛି । ଗୋଟିଏ ଉତ୍କଳପୁସ୍ତକାଳୟ ସ୍ଥାପନ କରିବାର କଳ୍ପନାରେ ସଭା ସର୍ବସାଧାରଣଙ୍କର ସାହାଯ୍ୟ ନେଉଅଛନ୍ତି ।

ବିଜ୍ଞାପନୀ ପାଠ ହେଲା ଉତ୍ତାରେ ବାବୁ ଯଦୁମଣି ଘୋଷ ସୁଶିକ୍ଷା ବିଷୟରେ ବକ୍ତୃତା କଲେ । ପୂର୍ବେ ଚଟିଶାଳିମାନଙ୍କରେ ଯେଉଁ ରୀତିରେ ସଂସ୍କୃତର ଶିକ୍ଷା ଦିଆ ଯାଉଥିଲା ଓ ତହିଁର ଯେପରି ଫଳ ହେଉଥିଲା ତଦ୍ବିଷୟରେ କେତେକ କଥା କହି ପଣ୍ଡିତମାନଙ୍କର କଥା ସଙ୍ଗେ ଗୋଟିଏ କଥା ତୁଳନା ଦେଇ ବର୍ତ୍ତମାନ ଗବର୍ଣ୍ଣମେଣ୍ଟ ଯେଉଁ ରୀତିରେ ଶିକ୍ଷା ପ୍ରଦାନ କରୁଅଛନ୍ତି ତତ୍ସଂକ୍ରାନ୍ତରେ କହିଲେ; ପ୍ରକାଶତଃ ଛାତ୍ରମାନେ ଉପାଧି ପାଇବା ଆଶାରେ କୌଣସି ପ୍ରକାରରେ ପଢ଼ି ପରୀକ୍ଷୋତ୍ତୀର୍ଣ୍ଣ ହେଲେ କୃତାର୍ଥ ହେଉଅଛନ୍ତି, ପ୍ରକୃତ ଜ୍ଞାନ ଲାଭ କରି ପାରୁ ନାହାନ୍ତି । ପରୀକ୍ଷୋତ୍ତୀର୍ଣ୍ଣ ହେଲାରୁ ଚାକିରି ନେଉନ୍ତି ଓ ଚାକିରି ପାଇଲେ ଆଉ ପୁସ୍ତକକୁ ଦେଖନ୍ତି ନାହିଁ । ସୁଶିକ୍ଷା ଆତ୍ମନିର୍ଭରଦ୍ୱାରା ହୁଅଇ ଓ ଆତ୍ମନିର୍ଭର କରି ଶିକ୍ଷା କରିବା ବ୍ୟକ୍ତି ବର୍ତ୍ତମାନ ଅତି ବିରଳ । କାବ୍ୟ ବିଷୟରେ ବକ୍ତା କହିଲେ ଯେ କାବ୍ୟପାଠରେ କିଛି ଉପକାର ନାହିଁ ଓ ତହିଁରୁ କିଛି ନୂତନ କଥା ଜଣା ନ ଯାଏ । ଉତ୍କଳସଭା ସଂକ୍ରାନ୍ତରେ ସେ କହିଲେ ସଭା ଯେପରି ଚଳୁଅଛି ତହିଁରେ କିଛି ଉପକାର ହେଉ ନାହିଁ କିମ୍ବା ହେବାର ଆଶା ନାହିଁ । ସଭାରୁ ଯେଉଁ ମଧୁପ ବାହାରୁଅଛି ତହିଁରେ ମଧ୍ୟ କିଛି ଉଦ୍ଦେଶ୍ୟ ବା ସାରକଥା ନାହିଁ । ଯେଉଁଥିରେ ଈଶ୍ବରଙ୍କର ନାମ ନାହିଁ ତାହା ଅସାର । ବକ୍ତା ଏହିପରି କେତେକ କଥା କହି ବକ୍ତୃତା ଶେଷ କଲେ ।

ବକ୍ତୃତାରେ କେହି୨ ଶ୍ରୋତା ଏପରି ବିରକ୍ତ ହୋଇଥିଲେ ଯେ ଜଣେ କଣ୍ଠସ୍ବରରେ ତହିଁର ପ୍ରତିବାଦ କଲେ । ଅନ୍ୟ ଦୁଇଜଣ ସଭ୍ୟ କିଛି୨ କହିଲେ । ତଦନନ୍ତର ସଭାପତି ଏହି ମୀମାଂସା କଲେ ଯେ ଯହିଁରେ ପୂର୍ବରୁ ଲୋକଙ୍କର ଅନୁରାଗ ଥାଏ ତହିଁରେ ସହଜରେ ବିରାଗ ଜନ୍ମେ ନାହିଁ । ଉତ୍କଳସଭାରେ ଯେ ପ୍ରାଚୀନ କାବ୍ୟମାନଙ୍କର ଚର୍ଚ୍ଚା ହେଉଅଛି ତହିଁର ଫଳ ଅବଶ୍ୟ ଭଲ ହେବ । ମଧୁପର ଉଦ୍ଦେଶ୍ୟ ଅଛି ଓ ତଦ୍ଦ୍ବାରା ଦେଶର ବିଶେଷ ଉପକାର ହେବାର ସମ୍ଭାବନା ।

ଆମ୍ଭମାନଙ୍କ ବିବେଚନାରେ ଅଧୁନିକ ଶିକ୍ଷା ସଂକ୍ରାନ୍ତରେ ବକ୍ତାଙ୍କର କଥା ଅଯଥାର୍ଥ ନୁହେ ମାତ୍ର କାବ୍ୟ, ଉତ୍କଳସଭା ଓ ମଧୁପ ସଂକ୍ରାନ୍ତରେ ଯାହା କହିଲେ ତାହା ଅଯଥାର୍ଥ ଓ ଅସଙ୍ଗତ ଅଟଇ । କାବ୍ୟପାଠ ଯୋଗେ ହୃଦୟ କୋମଳ ସରଳ ଓ ସ୍ନେହରେ ପୂର୍ଣ୍ଣ ହୁଏ ଏହା କିଏ ସ୍ବୀକାର ନ କରିବ ? ଈଶ୍ବରୋପାସନାରେ ମଧ୍ୟ କାବ୍ୟ ପ୍ରୟୋଗ ହୋଇଅଛି ଓ ଭଜନ ଗାୟନରେ ଯେପରି ଆନନ୍ଦ ଓ ପ୍ରେମ ଉପୁଜେ ସେପରି ସ୍ତୋତ୍ରପାଠରେ ହୁଏ ନାହିଁ ତେବେ କାବ୍ୟ ପାଠରେ ଉପକାର ନାହିଁ କିପରି ? ଆମ୍ଭେମାନେ ଥରେ ଏହି ବକ୍ତାଙ୍କୁ ମୃଦଙ୍ଗ ବଜାଇ ଗାୟନ କରି ପ୍ରେମରେ ଗଦ୍‌ଗଦ ହେବାର ଦେଖିଥିଲୁଁ ଏଥର ତାଙ୍କୁ କାବ୍ୟର ଏପରି ବିରୋଧୀ ଦେଖି ଆଶ୍ଚର୍ଯ୍ୟାନ୍ବିତ ହୋଇଅଛୁଁ । ଦେଶ କାଳ ପାତ୍ର ଦୃଷ୍ଟିରେ ସଭା ସାଧ୍ୟାନୁସାରେ ଆପଣା ଉଦ୍ଦେଶ୍ୟ ସାଧନ କରୁଥିବାର ବୋଲି ଯାଇ ପାରେ । ମଧୁପରେ ଈଶ୍ବରଙ୍କର ନାମ ନାହିଁ ସତ୍ୟ ମାତ୍ର ତଦ୍ଦ୍ବାରା ଉପକାରର ଆଶା ଥିବାରୁ ତାଙ୍କ (ଈଶ୍ବରଙ୍କ) ର ପ୍ରିୟକାର୍ଯ୍ୟ ସାଧନ ହେବାର ମଣିବାକୁ ହେବ ଓ ବ୍ରାହ୍ମଧର୍ମ ମତେ ଈଶ୍ବରଙ୍କର ପ୍ରିୟକାର୍ଯ୍ୟ ସାଧନ ଉପାସନାର ଏକ ଅଙ୍ଗ ଅତଏବ ଈଶ୍ବରଙ୍କର ନାମ ଅଭାବେ ମଧୁପ ଅସାର ହୋଇ ନ ପାରେ । ବୋଧ ହୁଏ ବକ୍ତା ନାମାବଳୀ ଭିନ୍ନ ଅନ୍ୟ ବସ୍ତ୍ର ଦେହରେ ଧାରଣ କରିବେ ନାହିଁ ପରା !

---

## ଉତ୍କଳମଧୁପ ଓ ପ୍ରକୃତ କାବ୍ୟ ।

ଚଳିତ ବର୍ଷର ଉତ୍କଳମଧୁପର ପ୍ରଥମ ଓ ଦ୍ବିତୀୟ ସଂଖ୍ୟାରେ କୋଟିବ୍ରହ୍ମାଣ୍ଡସୁନ୍ଦରୀର ସମାଲୋଚନା ପ୍ରସଙ୍ଗରେ ଲାବଣ୍ୟବତୀ ପ୍ରକୃତ କାବ୍ୟ ନୁହଇ ବୋଲି ଲେଖା ଥିବାରୁ ଆମ୍ଭେମାନେ ମଧୁପର ରୁଚି ପରିବର୍ତ୍ତନ ଏବଂ କାବ୍ୟଘଟିତ ଅଶ୍ଳୀଳତାର ସୀମା ବିଷୟରେ ଯାହା ଲେଖିଥିଲୁଁ ତହିଁର ଉତ୍ତର ଉକ୍ତ ପତ୍ରିକାର ୩ୟ ଓ ୪ର୍ଥରେ ପାଇଅଛୁଁ ।

ରୁଚି ପରିବର୍ତ୍ତନ ବିଷୟରେ ସମ୍ପାଦକ ସଂକ୍ଷେପରେ ଏହି କଥା କହିଅଛନ୍ତି କି ସେ ନ୍ୟାୟ୍ୟ ପଥର ଆଶ୍ରୟ ନେଇ ସାହିତ୍ୟ ବିଷୟିଣୀ ମାସିକ ପତ୍ରିକା ବାହାର କରିଥିଲେ । ସ୍ବଭାବତଃ ଲାବଣ୍ୟବତୀର ଉତ୍କୃଷ୍ଟତା ଦେଖାଇବାକୁ ଯାଇଥିଲେହେଁ ତାହାର ନିକୃଷ୍ଟତା ନ ଦେଖାଇ ଗୁପ୍ତ ରଖିବାର ଇଚ୍ଛା ନ ଥିଲା ମାତ୍ର ସମାଲୋଚନା କରୁ କରୁ ତାହା ପ୍ରକୃତ କାବ୍ୟ ନ ଥିବାର ଜଣା ପଡ଼ିବାରୁ ତହିଁରୁ ମନ ଉଠିଗଲା ସୁତରାଂ ତାହାକୁ ପରିତ୍ୟାଗ କଲେ । ଏଥିରୁ ବୋଧ ହୁଅଇ ଯେ ମଧୁପର ରୁଚିର ପରିବର୍ତ୍ତନ ହୋଇ ନାହିଁ । ଲାବଣ୍ୟବତୀ ଖଣ୍ଡିଏ ଭଲ କାବ୍ୟ ବୋଲି ଲୋକମୁଖରେ ଶୁଣି ସ୍ବଭାବତଃ ତହିଁର ଉତ୍କୃଷ୍ଟତା ଦେଖାଇବାକୁ ଯାଇଥିଲେ ଶେଷରେ ମନୋମତ ନ ହେବାରୁ ତଦା କରି କ୍ଷାନ୍ତ ରହିଲେ ! ଯେବେ ପୂର୍ବରୁ ପଢ଼ି ଥାନ୍ତେ ତେବେ ଅନୁମାନ ହୁଅଇ

Digitized by srujanika@gmail.com

ତହିଁର ସମାଲୋଚନାରେ ମନ ବଳାଇ ନ ଥାନ୍ତେ । କାରଣ ନ୍ୟାୟଖଡ୍ଗ ଧାରଣ କରି ଅଯୋଗ୍ୟ ଓ ହୀନଙ୍କବଙ୍କୁ ଛେଦନ କରିବା ଯେ ଶୂରର କାର୍ଯ୍ୟ ନୁହେ ଏହା ମଧୂପ ପରି ନ୍ୟାୟବାନ୍ ବ୍ୟକ୍ତି ପକ୍ଷରେ ନ ଜାଣିବା ଅତ୍ୟନ୍ତ ଅସମ୍ଭବ ଅଟଇ । ଅମ୍ଭେମାନେ ଏତକ ଆଶା କରୁଁ କି ଯେମନ୍ତ କୋଟିବ୍ରହ୍ମାଣ୍ଡସୁନ୍ଦରୀ ପ୍ରତି ସେପରି ବ୍ୟବହାର ହେବ ନାହିଁ ।

ଅଶ୍ଳୀଳତା ସମ୍ବନ୍ଧରେ ଅମ୍ଭେ ଯାହା ଲେଖିଥିଲୁଁ ତହିଁକି ମଧୂପ ପ୍ରଥମେ ଅମ୍ଭମାନଙ୍କର ସନ୍ଦେହ କରିବାର ଆଧାର ନାହିଁ ବୋଲି ଲେଖି ତହିଁ ଉତ୍ତାରୁ ଆପେ ଲେଖିଅଛନ୍ତି କି "ଏତେବେଳେ ସନ୍ଦେହପ୍ରଦେଶବାସିନୀ ଆପତ୍ତି ଅସି ଏହିକଥା କହିଲା ଯେ ଆଦିରସର ଅର୍ଥ ଶୃଙ୍ଗାର, ଯେଉଁ କାବ୍ୟରେ ଶୃଙ୍ଗାରର ଜାଜ୍ଜ୍ୱଲ୍ୟମୂର୍ତ୍ତିମାନ ଅଛି, ତାଙ୍କୁ ଅବଶ୍ୟ ଉତ୍କୃଷ୍ଟତର ଆଦିରସାତ୍ମକ କାବ୍ୟ ବୋଲିପିବ ଅଶ୍ଳୀଳତାର ମୂର୍ତ୍ତି ବୋଲି ତାହାର ନାମାନ୍ତର ଘଟାଇବା ଏକପ୍ରକାର ହଂସାଭିବ ମାତ୍ର । ଏହିକଥାର ଅନନୁମୋଦନରେ ଅମ୍ଭେମାନେ କହୁଅଛୁଁ ଯେଉଁ ଆଦିରସ ବୋଧକ ଭାବ ନିର୍ମଳ, ସୁନ୍ଦର ଓ ହୃଦୟପ୍ରଫୁଲ୍ଲକରରୂପେ କାବ୍ୟର ଅନ୍ତର୍ଗତ ହୋଇ ଅଭିନୟ ଭଙ୍ଗୀଦ୍ୱାରା ପରିଣତ ଫଳ ଶୃଙ୍ଗାରର ପରିଚାୟକ ହୋଇଥାଏ ଓ ମନକୁ ବିକୃତଭାବରେ ପରିବର୍ତ୍ତିତ କରଇ ନାହିଁ ସେହି କେବଳ କାବ୍ୟୋଚିତ ଆଦିରସ" । ଏଥିର ଉଦାହରଣ ସ୍ୱରୂପ ଲେଖିଅଛନ୍ତି କି ଯେମନ୍ତ ବ୍ୟଞ୍ଜନରେ ଲବଣ ଅଧିକ ହେଲେ ସ୍ୱାଦ୍ ନଷ୍ଟ ହୁଅଇ ସେହିପରି ଆଦିରସର ଆଧିକ୍ୟ ଅଶ୍ଳୀଳତାରେ ପରିଣତ ହୋଇ କାବ୍ୟର ଅନୁପଯୁକ୍ତ ହୁଅଇ । ମଧୂପଙ୍କର ଏହି ନିୟମ ଓ ଉଦାହରଣ ଏକତ୍ରରେ ବିଶ୍ୱର କରି ଅମ୍ଭେମାନେ ଏତକି ଉପଲବ୍ଧି କରୁଅଛୁଁ ଯେ ଅଶ୍ଳୀଳତା ହେତୁରୁ କାବ୍ୟ ଅପ୍ରକୃତ ହୁଅଇ ନାହିଁ ମାତ୍ର ତହିଁର ସ୍ୱାଦୁର ତାରତମ୍ୟ ଘଟଇ ଯେମନ୍ତ କି ରୁଚି ଅନୁସାରେ କାହାକୁ ଅଳ୍ପ ଲବଣ ଓ କାହାକୁ ଅଧିକ ଲବଣ ସୁଖକର ଲଗଇ । ପୁଣି ବିଶେଷ ବିଶେଷ ହେତୁରୁ ସ୍ୱାଦ୍ ବିକୃତାବସ୍ଥାକୁ ଲଭିଥିଲେ ସମୁଚିତ ଲବଣଯୁକ୍ତ ବ୍ୟଞ୍ଜନ ଅଲଣା ବା ଲୁଣିଆ ବୋଧହୁଅଇ । ଫଳତଃ ଅମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଲବଣ୍ୟବତୀରେ ତାହା ରଚନାକାଳର ରୁଚି ଅନୁସାରେ ଅନେକ ସ୍ଥାନରେ ଆଦିରସ ଅତି ପ୍ରକଟଭାବରେ ବର୍ଣ୍ଣିତ ହୋଇଥିଲେହେଁ ଓ ତାହା "ନହି କର୍ମାଣି ଗୋପୟେତ୍" ଶ୍ଳୋକର ଏବଂ ବର୍ତ୍ତମାନ ରୁଚିର ଅନୁମୋଦିତ ସୀମାକୁ ଅତିକ୍ରମ କରିଥିଲେହେଁ ଉକ୍ତ ଗ୍ରନ୍ଥ ଯେ ପ୍ରକୃତ କାବ୍ୟ ନୁହଇ ଏପରି ଅମ୍ଭେମାନେ ସ୍ୱୀକାର କରି ନ ପାରୁଁ । ତାହା ହେଲେ ଭୁବନେଶ୍ୱର ଓ ପୁରୀର ମନ୍ଦିରମାନଙ୍କୁ ଯାହା ଉତ୍କୃଷ୍ଟ ଶିଳ୍ପକାର୍ଯ୍ୟ ବୋଲି ଦେଶୀୟ ବିଦେଶୀୟ ସମସ୍ତେ ପ୍ରଶଂସା କରୁଅଛନ୍ତି ତହିଁରେ ଗୋଟାକେତେ ଅଶ୍ଳୀଳ ଛବି ଅଛି ବୋଲି ସେ ସମସ୍ତକୁ ପ୍ରକୃତ ଶିଳ୍ପକାର୍ଯ୍ୟ ବୋଲା ଯାଇ ନ ପାରେ ଓ ଏହି ନ୍ୟାୟରେ ଭଗବଦ୍ଗୀତା ଗ୍ରନ୍ଥକୁ ପ୍ରକୃତ ଧର୍ମଗ୍ରନ୍ଥ ତମ୍ଭା ଜଣେ କୌପୀନଧାରୀ ପ୍ରାୟ ଉଲଙ୍ଗ ବୈରାଗୀ ଯେତେ ଧାର୍ମିକ ହୋଇଥିଲେହେଁ ତାହାକୁ ପ୍ରକୃତ ଧାର୍ମିକ ବୋଲାଯାଇ ନ ପାରେ । ଏପ୍ରକାର ସ୍ଥଳମାନଙ୍କରେ ସମାଲୋଚକର କାର୍ଯ୍ୟ ବଡ କଠିନ ଅଟଇ ସମସ୍ତଦିଗ ବିବେଚନା ନ କରି ଏକାବେଳକେ ଅପ୍ରକୃତ ବୋଲି ପରିତ୍ୟାଗ କରିବା ଉଚିତ ନୁହଇ ।

ପରିଶେଷରେ ବକ୍ତବ୍ୟ ଏହି ଯେ ଲବଣ୍ୟବତୀରେ ଦାକ୍ଷିଣ୍ୟ ପ୍ରଣୟର କୌଣସି ବ୍ୟତିକ୍ରମ ନାହିଁ ଏବଂ ଆଦିରସଘଟିତ କାବ୍ୟରୁ ଆଉ ଯାହା ଆଶା କରିଯାଇ ପାରେ ତାହା ଯେ ଏଥିରୁ ଲାଭ କରିବା ଅସମ୍ଭବ ଏପରି ଅମ୍ଭେମାନେ କହି ନ ପାରୁଁ । ତେବେ ପଢ଼ାଶୁଣା ଲୋକେ ଯେବେ ଯେଉଁ ଭବସମୁଦ୍ରରୁ ଅମୃତ ଜାତ ହୋଇପାରେ ତହିଁରୁ ବିଷ ବାହାର କରି ତଦ୍ୱାରା ଅପଣା ଚରିତ୍ରକୁ ନଷ୍ଟ କରିବେ ତାହା ନିବାରଣ କରିବାକୁ ଅଧିକାର କାହାର ?

—*—

## କାବୁଲ ବିଦ୍ରୋହ ।

କାବୁଲର ଅମିରଙ୍କ ସଙ୍ଗେ ସନ୍ଧି ହୋଇ ଯୁଦ୍ଧ ଶେଷ ହେବାରୁ ଧନକ୍ଷୟ ପ୍ରାଣପୀଡା ନିବାରଣ ହେବାର ମନେ କରି ସମସ୍ତେ ଆନନ୍ଦିତ ହୋଇଥିଲେ, ଯୋଦ୍ଧାମାନେ ପଦ ଓ ପୁରସ୍କାର ପାଇଲେ ସୈନ୍ୟ ଓ ଲାଟସାହେବଙ୍କୁ ଧନ୍ୟବାଦ ଦେବାକାରଣ ପାର୍ଲିମେଣ୍ଟରେ ପ୍ରସ୍ତାବ ହେଲା, ଅମିର ଇଂରେଜ ରାଜଦୂତଙ୍କୁ ଅତି ସମାରୋହ ଓ ସମାଦର ପୂର୍ବକ ଗ୍ରହଣ କରି ଆପଣା ରାଜଧାନୀରେ ମର୍ଯ୍ୟାଦାପୂର୍ବକ ରଖାଇଲେ, ଅନେକ ଉପଢୌକନ ଦେଲେ ଓ ଗବର୍ଣ୍ଣମେଣ୍ଟ ପ୍ରତି ବନ୍ଧୁଭାବ ବହୁମୂର୍ତ୍ତିରୂପେ ପ୍ରଦର୍ଶାଇଲେ, ଲାଟ ସାହେବଙ୍କ ସାକ୍ଷାତ୍ ନିମନ୍ତେ ଅମିର ଆଗାମୀ ଡିସେମ୍ବର ମାସରେ କଲିକତାକୁ ଆସିବାର କଥା ହେଲା କିନ୍ତୁ କାଳର କି ମହିମା ଏ ସୁଖ କିଛି ରହିଲା ନାହିଁ ଅଳ୍ପଦିନ ମଧ୍ୟରେ ପୁଣି ସେହି ଧନକ୍ଷୟ ପ୍ରାଣପୀଡାର କାଣ୍ଡ ଉପସ୍ଥିତ ହେଲା । ସନ୍ଧି ନିୟମ ଦୃଷ୍ଟିରେ ଗବର୍ଣ୍ଣମେଣ୍ଟ କୌଣସିକାଳେ ହରବରରେ ପଡ଼ିବାର ଅମ୍ଭେମାନେ ଯେ ଆଶଙ୍କା ପ୍ରକାଶ କରିଥିଲୁଁ ତାହାହିଁ ଅତିସତ୍ୱର ଘଟିଲା । ଅମ୍ଭମାନଙ୍କ ଆଶଙ୍କାର କାରଣ ଭିନ୍ନ ଥିଲେହେଁ ଫଳ ଏକ, ଏଥିର ବୃତ୍ତାନ୍ତ ନିମ୍ନେ ଲେଖୁଅଛୁଁ ।

ଚଳିତମାସ ତା ୪ ରିଖରେ ଜଣେ ବାର୍ତ୍ତାବାହକ କାବୁଲରୁ ଅତି ଦ୍ରୁତଗତିରେ ଅସି ଅଲିଖେଲରେ ଥିବା ଇଂରେଜ କର୍ମଚାରୀଙ୍କୁ ଜଣାଇଲା ଯେ ଅମିରଙ୍କର ସୈନ୍ୟମାନେ ବେତନ ପାଇ ନ ଥିବାରୁ ବିଦ୍ରୋହ ଲଗାଇ କାବୁଲରେ ଥିବା ଇଂରେଜ ରାଜଦୂତଙ୍କୁ ଆକ୍ରମଣ କରିଅଛନ୍ତି ରାଜଦୂତ ଓ ତାଙ୍କ ସଙ୍ଗୀମାନେ ଆତ୍ମରକ୍ଷାର ଚେଷ୍ଟାରେ ଅଛନ୍ତି । ଲାଟ ସାହେବ ଏ ସମ୍ବାଦ ସିମଲାଠାରେ ତା ୫ ରିଖରେ ପାଇ ଅଲିଖେଲରେ ଥିବା ସେନାପତି ମାସି ସାହେବଙ୍କ ଠାକୁ ଶତ୍ରୁଦମନ ପର୍ଯ୍ୟନ୍ତ ଅଗ୍ରସର ହେବା କାରଣ ଆଜ୍ଞା ପଠାଇଲେ । କାନ୍ଦାହାର ଅଞ୍ଚଳରେ ଥିବା ଇଂରେଜଙ୍କ ସୈନ୍ୟମାନେ ଭାରତବର୍ଷକୁ ଫେରି ଅସିବାର ଆଜ୍ଞା ହୋଇଥିଲା ସେମାନେ ପୁନର୍ବାର କାନ୍ଦାହାରଠାରେ ଠୁଳ ହେବାର ଆଜ୍ଞା ପଠାଗଲା । ଖାଇବରସ୍ଥ ସୈନ୍ୟମାନଙ୍କର ଦଳ ବୃଦ୍ଧି ହେଲେ ଜେଲଲାବାଦକୁ ଯିବାର ଆଦେଶ ହେଲା । ତା ୫ ରିଖରେ ଅମିରଙ୍କର ପତ୍ରମାନ ଅଲିଖେଲରେ ପ୍ରବେଶ ହେଲା ସେଥିର ମର୍ମ ଏହି ଯେ କେତେକ କାବୁଲୀ ସୈନ୍ୟ ବକାୟା ବେତନ ପାଇବା ସକାଶେ ବାଲାହିସାରରେ ସମବେତ ହୋଇଥିଲେ ହଠାତ୍ ବିଦ୍ରୋହାଚରଣ କରି ସେମାନଙ୍କର ଅଧ୍ୟକ୍ଷମାନଙ୍କୁ ମାରିପିଟ କରି ଇଂରେଜ ରାଜଦୂତଙ୍କୁ ଆକ୍ରମଣ କଲେ ମାତ୍ର ରାଜଦୂତଙ୍କ ସୈନ୍ୟ ବନ୍ଧୁକ ମାରି ସେମାନଙ୍କୁ ହଟାଇଲେ । ତହୁଁ ବଜାରମାନେ ବାଲାହିସାରରେ ଅକାତ ହୋଇ ପଡ଼ି ଅମିରଙ୍କର ଭଣ୍ଡାର ଅସ୍ତ୍ରାଗାର ଇତ୍ୟାଦି ଲୁଟିଲେ ଓ ବିଦ୍ରୋହୀଙ୍କ ସଙ୍ଗେ ମିଶି ରାଜଦୂତଙ୍କୁ ଆକ୍ରମଣ କଲେ । ତାଙ୍କ ସାହାଯ୍ୟ ନିମନ୍ତେ ଅମିର ଜେନରଲ ଦାଉଦଶାହାଙ୍କୁ ପଠାଇଲେ ମାତ୍ର ବିଦ୍ରୋହୀମାନେ ତାଙ୍କୁ ମାରିପକାଇଲେ । ତହୁଁ ଅମିର ଆପଣା ପୁତ୍ର, କାବୁଲର ଗବର୍ଣ୍ଣର ଓ ଅନ୍ୟ

Split by PDF Splitter



ଜେନେରେଲ କ୍ଷମତାପନ୍ନ ଲୋକ ବିଦ୍ରୋହୀମାନଙ୍କୁ ଶାନ୍ତ କରାଇବା ନିମନ୍ତେ ପଠାଇଲେ ମାତ୍ର ସେମାନେ କୃତକାର୍ଯ୍ୟ ହୋଇ ନ ପାରିଲେ । ବିଦ୍ରୋହୀମାନେ ତା ୩ ରିଖ ସନ୍ଧ୍ୟା ପର୍ଯ୍ୟନ୍ତ ରାଜଦୂତଙ୍କୁ ଆକ୍ରମଣ କରି ତାଙ୍କ ବାସସ୍ଥାନରେ ଅଗ୍ନି ଲଗାଇ ଦେଲେ । ଆମିର ତାଂ ହସ୍ତରେ ଅତି ଦୁଃଖିତ ଓ ଲଜ୍ଜିତ ହୋଇ ଲୋକ୍ମ ପଠାଇଲେ କି ସେ ନିଜେ ବିଦ୍ରୋହୀଙ୍କ ଘେରରେ ପଡ଼ିଅଛନ୍ତି ରାଜଦୂତଙ୍କ ଅବସ୍ଥା ତାଙ୍କୁ ଆଉ ଜଣା ନାହିଁ । ତା ୮ ରିଖରେ ସିମଲାରେ ସମ୍ବାଦ ପ୍ରବେଶ ହେଲା ଯେ ରାଜଦୂତ ଓ ତାଙ୍କ ସଙ୍ଗୀମାନେ ନଷ୍ଟ ପଡ଼ିଅଛନ୍ତି କେବଳ ନଅଜଣ ସୱାର ସାହସ କରି ବାହାରକୁ ଆସିଥିବାରୁ ପଳାଇ ଆସି ଅଛନ୍ତି । ରାଜଦୂତଙ୍କ ସୈନ୍ୟ ଉତ୍ତମରୂପେ ଆତ୍ମରକ୍ଷା କରିଥିଲେ ମାତ୍ର ବିଦ୍ରୋହୀମାନେ ଦାଣ୍ଡଦ୍ୱାରରେ ନିଆଁ ଲଗାଇ ଭିତରକୁ ପଶିବାରୁ ସେମାନେ ଅକଳରେ ପଡ଼ିଗଲେ ।

ଲାର୍ଡସାହେବ ଏ ସମ୍ବାଦ ପାଇ ଜେନେରଲ ରବର୍ଟ ସାହେବଙ୍କୁ ସୈନ୍ୟ ସହିତ କାବୁଲକୁ ପଠାଇ ଅଛନ୍ତି ଓ ତାଙ୍କ ପଛେ ୨ ଆହୁରି ସୈନ୍ୟ ଯିବେ । ଆମିର ମଧ୍ୟ ଗବର୍ଣ୍ଣମେଣ୍ଟଙ୍କର ସାହାଯ୍ୟ ପ୍ରାର୍ଥନା କରି ଅଛନ୍ତି । ରବର୍ଟସାହେବଙ୍କ ସଙ୍ଗେ ଯୋଗ ଦେବା କାରଣ ଆଉ ଦୁଇଜଣ କର୍ଣ୍ଣେଲ ସୈନ୍ୟସହିତ ପ୍ରସ୍ଥାନ କରି ଅଛନ୍ତି । ଜେନେରଲଷ୍ଟୁଆର୍ଟସାହେବ କାନ୍ଦାହାରକୁ ଆପଣା ଅଧିକାରରେ ଆଣି ଅଛନ୍ତି । ଏଥିଉତ୍ତାରେ ସମ୍ବାଦ ଆସିଅଛି ଯେ ବିଦ୍ରୋହୀମାନେ ଆମିରଙ୍କର କୁମାରଙ୍କୁ ମାରି ପକାଇ ଅଛନ୍ତି ଓ କାନ୍ଦାହାରର ଲୋକଙ୍କୁ ବିଦ୍ରୋହ କରିବା କାରଣ ମଜାଉ ଅଛନ୍ତି । ରାଜଦୂତଙ୍କର ଶବ ମିଳିଅଛି ।

—

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଆନନ୍ଦପୂର୍ବକ ଅବଗତ ହେଲୁଁ ଯେ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିରର ଭାର ରାଣୀଙ୍କ ହସ୍ତେ ରହିବାର ସ୍ଥିର ହେବାରୁ କମିଶନରଙ୍କ ସିରସ୍ତାଦାର ବାବୁ ରାମପ୍ରସାଦସିଂହଙ୍କୁ ମେନେଜରଙ୍କ କର୍ମରେ ନିଯୁକ୍ତ କରିବାର ଗବର୍ଣ୍ଣମେଣ୍ଟ ମଞ୍ଜୁର କରି ବାବୁଙ୍କୁ ଛଅମାସର ଛୁଟି ଦେଇ ଅଛନ୍ତି । ଏ କର୍ମରେ ସେ ମାସିକ ତିନିଶତ ଟଙ୍କା ବେତନ ପାଇବେ ।

ଆମ୍ଭେମାନେ ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲୁଁ ଯେ କମିଶନରଙ୍କ ସିରସ୍ତାଦାର କର୍ମରେ ପୁରୀ କଲେକ୍ଟରଙ୍କ ସିରସ୍ତାଦାର ବାବୁ ବଳରାମ ଘୋଷ ଏକଟିଙ୍ଗ ନିଯୁକ୍ତ ହେବାର ପ୍ରସ୍ତାବ ହୋଇ ଅଛି । ଏ ବନ୍ଦୋବସ୍ତ ଅତ୍ୟୁତ୍ତମ ହୋଇ ଅଛି ।

ଫସଲ ନଷ୍ଟ ହୋଇ ଥିବାରୁ ଏକ ଏକ ସ୍ଥାନର ପ୍ରଜାମାନେ ଛାଡ଼ ପାଇବା ପ୍ରାର୍ଥନାରେ କଲେକ୍ଟର ସାହେବଙ୍କଠାରେ ଦରଖାସ୍ତ ଦେଉ ଅଛନ୍ତି । ଏପରି ଦରଖାସ୍ତ ଅନେକ ଗୁଡ଼ାଏ ପଡ଼ି ଅଛି । କଲେକ୍ଟର ସାହେବ ସେ ଦରଖାସ୍ତମାନର ନକଲ ପ୍ରଜାଙ୍କପ୍ରତି ଦୟା ପ୍ରକାଶ କରିବା ଉପଦେଶରେ ଜମିଦାରଙ୍କଠାରୁ ପଠାଇ ଅଛନ୍ତି । ଜମିଦାରମାନେ ସରକାରରୁ ଛାଡ଼ ନ ପାଇଲେ ପ୍ରଜାଙ୍କ ପ୍ରତି କେତେ ଦୟା ପ୍ରକାଶ କରିବେ । ଛାଡ଼ ଦେବାର ଆବଶ୍ୟକ କି ନା ଏ ପକ୍ଷରେ ତଦନ୍ତ ହେବାର ଆବଶ୍ୟକ । ଜମିଦାରମାନେ ସରକାରରୁ ଛାଡ଼ ନ ପାଇଲେ ମଧ୍ୟ ସାଧ୍ୟାନୁସାରେ ପ୍ରଜାଙ୍କ ପ୍ରତି ଦୟା କରିବାର ଉଚିତ ।

ଖୋର୍ଦ୍ଧାର ଖସମେନେଜରର ଫିଲପ ସାହେବ ବଦଳ ସକାଶେ ପୁରୀକୁ ଓ ପୁରୀର ଡେପୁଟୀ କଲେକ୍ଟର ବାବୁ ସୀତାକାନ୍ତ ମୁଖୁର୍ଯ୍ୟା ଖୋର୍ଦ୍ଧାକୁ ବଦଳି ହୋଇଅଛନ୍ତି ।

ଜଣେ ଲେଖି ଅଛନ୍ତି ଖୋର୍ଦ୍ଧାର ବନ୍ଦୋବସ୍ତ ଉତ୍ତମ ରୂପେ ହେଉ ନାହିଁ । ହାକିମମାନେ ପ୍ରଜାଙ୍କ ଇଚ୍ଛାଶାହ ଓ ଅସମ୍ମତରେ କର ଧାର୍ଯ୍ୟ କରୁ ଅଛନ୍ତି । ଏହା ସତ୍ୟ ଥିଲେ ଅନୁଚିତ ଅଟଇ । ଗତ ମେ ମାସରେ ଜ ୬୦ ଣ ଟେନମେନ୍ ବରଖାସ୍ତ ହୋଇ ଥିଲେ ଓ ଗତ ଅଗଷ୍ଟମାସରେ ଜ ୮୦ ଣ ଅମିନ ବରଖାସ୍ତ ହୋଇ ଅଛନ୍ତି । ସେମାନେ ଯିବାରୁ ମୁହରିମାନେ ଦୁଃଖିତ ଅଛନ୍ତି ।

କଲିକତା ଭାରତବର୍ଷୀୟ ସଭା ଦୁର୍ଗାପୂଜା କଚେରି ବନ୍ଦ ସମୟ କର୍ତ୍ତନ ନ କରିବା ପ୍ରାର୍ଥନାରେ ଗବର୍ଣ୍ଣମେଣ୍ଟରେ ଆବେଦନ କରିବାର ପ୍ରସ୍ତାବ କରି ଅଛନ୍ତି । ତାଙ୍କ ଆବେଦନ ସଫଳ ହେଉ ।

ବାଲେଶ୍ୱରର ଡେପୁଟୀ କଲେକ୍ଟର ମୌଲବି ଅବଦୁଲ ବାକୁଉଲ୍ଲା ବଦଳି ହୋଇଅଛନ୍ତି ଓ ତାଙ୍କ କର୍ମରେ ବାବୁ ତାରଣୀପ୍ରସାଦ ରାୟ ମହେଶରେଖା ସବଡିଭିଜନରୁ ଆସିଅଛନ୍ତି ।

ଆମ୍ଭେମାନେ ଆନନ୍ଦ ପୂର୍ବକ ମୟୂରଭଞ୍ଜ ପତ୍ରିକାରୁ ଅବଗତ ହେଲୁଁ ଯେ ମୟୂରଭଞ୍ଜର ମହାରାଜା ଆପଣା ରାଜ୍ୟରେ ସଂସ୍କୃତ ଶିକ୍ଷାର ଉନ୍ନତି ପକ୍ଷରେ ଯତ୍ନବାନ୍ ହୋଇଅଛନ୍ତି । ସେ ପ୍ରଥମେ ରାଜ୍ୟର ଶାସନମାନଙ୍କ ବ୍ରାହ୍ମଣପିଲାମାନଙ୍କୁ ସଂସ୍କୃତ ଶିକ୍ଷା ଦେବା ନିମିତ୍ତ ବ୍ରାହ୍ମଣମାନଙ୍କର କର ପ୍ରତିମାଣରେ ୫୦/୭ ଛାଡ଼ ଦେଇଥିଲେ କିନ୍ତୁ ବ୍ରାହ୍ମଣମାନେ ସ୍ୱଭାବତଃ ଲୋଭୀ ସେମାନେ ଉକ୍ତ ଛାଡ଼କୁ ଅଙ୍ଗୀକାର କରି ସନ୍ତାନମାନଙ୍କୁ ଶିକ୍ଷା ନ ଦେଲେ । ତହୁଁ ମହାରାଜା ଛାଡ଼ କରକୁ ଅସୁଲ କରି ସେହି ଟଙ୍କାରେ ପାଞ୍ଚୋଟି ନିମ୍ନଶ୍ରେଣୀୟ ସଂସ୍କୃତ ବିଦ୍ୟାଳୟ ଉକ୍ତ ଶାସନରେ ସ୍ଥାପିତ କରି ଅଛନ୍ତି ଓ ପ୍ରତି ବିଦ୍ୟାଳୟରେ ମାସିକ ଦଶଟଙ୍କା ବେତନରେ ପଣ୍ଡିତ ନିଯୁକ୍ତ କରି ଅଛନ୍ତି । ଏ ବିଦ୍ୟାଳୟ ମାନଙ୍କରେ ଲଘୁ ସଂସ୍କୃତ, ଅଙ୍କ ଓ ଭୂଗୋଳର ଶିକ୍ଷା ଦିଆଯାଏ । ବାରିପଦାରେ ଗୋଟିଏ ଉତ୍କୃଷ୍ଟ ସଂସ୍କୃତ ଟୋଲ ସ୍ଥାପନ ହେବ ଉପର୍ଯ୍ୟୁକ୍ତ ବିଦ୍ୟାଳୟମାନଙ୍କରୁ ଉତ୍ତୀର୍ଣ୍ଣ ହେବା ଛାତ୍ରମାନେ ବୃତ୍ତି ପାଇଁ ଟୋଲରେ ସଂସ୍କୃତର ଉଚ୍ଚଶିକ୍ଷା ପାଇବେ । ସଂସ୍କୃତ ଶିକ୍ଷାର ଉନ୍ନତି ପକ୍ଷରେ ମହାରାଜାଙ୍କର ଏପରି ମନୋଯୋଗ ଓ ଉଦ୍‌ଯୋଗ ଦେଖି ଆମ୍ଭେମାନେ ସନ୍ତୁଷ୍ଟ ହୋଇଅଛୁଁ ଓ ତାଙ୍କର ପ୍ରଶଂସା କରୁଅଛୁଁ । ଅନ୍ୟ ରାଜା ଓ ଧନୀମାନେ ଆପଣା ସାଧ୍ୟାନୁସାରେ ଏପରିରେ ଯତ୍ନ କଲେ ପୂର୍ବବତ୍ ସଂସ୍କୃତ ଶିକ୍ଷାର ବିସ୍ତାର ହେବ ।

ରୁଷ ଦେଶରେ ଖ୍ରୀଷ୍ଟିୟାନ ଧର୍ମର ଗୋଟିଏ ମଠ ମହନ୍ତର ବ୍ୟବହାର ଓ ଅତ୍ୟାଚାର ବୃତ୍ତାନ୍ତ ଅବଗତ ହୋଇ ଅବାକ୍ ହେଲୁଁ । ମଠବାସୀ ବୈରାଗିମାନେ ମଠର ଗୀର୍ଜାକୁ ଉପାସନା ନିମିତ୍ତ ଆସୁଥିବା ସ୍ତ୍ରୀମାନଙ୍କୁ ପଛାଇ ମହନ୍ତଙ୍କଠାରେ ପ୍ରବେଶ ନ କରାଇବା ଓ କୁଟୁଣୀପଣ କରିବାକୁ ଅନଚ୍ଛୁକ ହେବାରୁ ମହନ୍ତ ରାଗାନ୍ଧ ହୋଇ ସେମାନଙ୍କୁ ମାଡ଼ ମାରିଲେ ନାନାବିଧ ପ୍ରକାର ପୀଡ଼ା ଓ ହାତକଡ଼ି ଦେଲେ ଓ ଉପାହାରରେ ରଖିଲେ । ଶଣ୍ଡିମଦ୍ୟ ଠେଙ୍ଗାରେ ସେମାନଙ୍କୁ ଏପରି ବାଡ଼େଇଲେ ଯେ ସେମାନଙ୍କ ଦେହ ଫାଟିଗଲା ଓ ସେମାନେ ଅଚେତନ ହେଲେ । ତହୁଁ ଗୋଟିଏ ଅନ୍ଧାରୁଆ କୋଠରିରେ ସେମାନଙ୍କୁ ବନ୍ଦ କରି ତିନିଦିନ ପର୍ଯ୍ୟନ୍ତ ଭାତ ବା ଜଳ କିଛି ନ ଦେଲେ । ଜଣେ ମାଡ଼ପୀଡ଼ାରେ ମରିଗଲା ଓ ଦୁଇଜଣ ଅନାହାରରେ ମଲେ । ଏ ଯନ୍ତ୍ରଣାରୁ ରକ୍ଷା ପାଇବା କାରଣ ଦୁଇଜଣ ଫାଶୀ ଦେଇ ଦୁଇଜଣ ଜଳମଗ୍ନ ହୋଇ ଓ ଜଣେ ସ୍ୱହସ୍ତରେ ଗଳା କାଟି ପ୍ରାଣ ହରାଇଲେ । ଏ ଲୋମହର୍ଷଣ ବ୍ୟାପାର ରୁଷ ସମ୍ରାଟଙ୍କ କର୍ଣ୍ଣଗୋଚରରେ ପଡ଼ିବାରୁ ସେ ତଦନ୍ତ କରିବାର ଆଜ୍ଞା ଦେଇ ଅଛନ୍ତି । ସେ ମହନ୍ତର ସମୁଚିତ ଶାସ୍ତି ହେବାର ଉଚିତ । ଆମ୍ଭେମାନେ ଏ ଦେଶୀୟ ମହନ୍ତ ଓ ମଠଧାରୀମାନଙ୍କର ଦୁଷ୍ଟଚରିତ୍ରରେ ବିରକ୍ତ ହେଉଥିଲୁଁ କିନ୍ତୁ ରୁଷର ମହନ୍ତ ସମସ୍ତଙ୍କୁ ଜିଣି ଅଛି । ସକଳ ଦେଶର ମହନ୍ତମାନଙ୍କର ଏପରି ମନଗତି କାହିଁକି ? ତ୍ୟାଗୀ ଧର୍ମ କି ହୃଦୟକୁ କଠିଣ କରାଏ ଓ ବ୍ୟଭିଚାରରେ ପ୍ରବର୍ତ୍ତାଏ ? ପୂର୍ବେ ବଙ୍ଗଳାରେ ଅନେକ ମଠ ଥିଲା । ମଠଧାରୀଙ୍କର ଏପରି ମନ୍ଦ ଚରିତ୍ର ଓ ଅପବ୍ୟୟ ହେତୁ ରାଜା ଅକ୍ଷମ ହୋଇ ସେସବୁ ଉଠାଇ ଦେଲେ । ଉତ୍ତମ କରି ଅଛନ୍ତି ।

† ରମାବାଈଙ୍କ ତୁଲ୍ୟ ବମ୍ବେରେ ଆଉ ଜଣେ ସ୍ତ୍ରୀ ପଣ୍ଡିତା ହୋଇ ଅଛନ୍ତି । ତାଙ୍କର ନାମ ଅନ୍ନପୂର୍ଣ୍ଣା ବାଈ ଜାତିରେ ବ୍ରାହ୍ମଣୀ । ସଂସ୍କୃତରେ ତାଙ୍କର ଚମତ୍କାର ବ୍ୟୁତ୍ପତ୍ତି ହୋଇ ଅଛି ।

ମଦତ ଛାଡ଼ିବାର ନିମ୍ନଲିଖିତ ଉପାୟ ଜଣେ ଡାକ୍ତର ଲେଖିଅଛନ୍ତି ଯଥା— ୧ ମଦତ ବା ଅଫିମ ବନ୍ଦ କରିଦେଇ ଅତୀବ ବ୍ୟବହାର କରିବାକୁ ହେବ ନାହିଁ । ୨ ମଦତ ଛାଡ଼ିବା ବ୍ୟକ୍ତି ନିକଟରେ ଜଣେ ବିଶ୍ୱାସୀ ଲୋକ ସଦାସର୍ବଦା ଉପସ୍ଥିତ ଥିବ ଯେ ସେ ତାକୁ ମଦତ ବା ଅଫିମ ଖୁଆଇ ଦେବ ନାହିଁ । ୩ ଆବଶ୍ୟକ ହେଲେ କ୍ଲୋରେହାଇଡ୍ରେଟ ନାମକ ଔଷଧ ତିନି ଦିନ ଖାଇବାକୁ ହେବ । ୪ ଉତ୍ତମ ଆହାର, ଦୁଧ, କଞ୍ଚାଅଣ୍ଡା କେହିଁ ୨ ସ୍ଥଳେ ଅତି ଅଳ୍ପ ପରିମାଣରେ ବ୍ରାଣ୍ଡି ଓ ସୁରୁଆ କିଛିଦିନ ସର୍ବଦା ଖାଇବାକୁ ହେବ । ଝାଡ଼ା ହେଲେ ଅଫିମର ଓ ସୁଣ୍ଠିର ଅରକ ( ଇଂରେଜୀ ଔଷଧ ) ସମାନ ଭାଗରେ ସେବନ କରିବାକୁ ହେବ । ଯେଉଁ ମଦତମାନେ ମଦତର ମନ୍ଦଫଳ ଓ କଷ୍ଟ ଭୋଗ କରି ମଦତ ଛାଡ଼ିବାକୁ ଇଚ୍ଛା କରନ୍ତି ଅଥଚ କଷ୍ଟ ପୀଡ଼ାର ଆଶଙ୍କାରେ ଛାଡ଼ନ୍ତି ନାହିଁ ସେମାନେ ଏ ଉପାୟ ଅବଲମ୍ବନ କରି ଦେଖନ୍ତୁ ।

## ଗବର୍ଣ୍ଣମେଣ୍ଟ ସିନ୍‌କୋନା କୁଇନ

କୁଇନାଇନ ପରିବର୍ତ୍ତରେ ଏହା ଅତ୍ୟୁତ୍କୃଷ୍ଟ ଅଟଇ । କଲିକତାର ପ୍ରଧାନ ୨ ଦେଶୀୟ ଓ ବିଲାତି ଔଷଧବିକ୍ରେତାମାନଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅଉନ୍ସର ଟ ୭ ୧ଙ୍କା ୮ ଅଃ ବୁ ଟ ୧୧ ୧ ୧୬ ଅଃ ବୁ ଟ ୨୦ ୩ ପରିମାଣ ସଙ୍ଗେ ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ପଣ୍ଡସାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ ।

Digitized by srujanika@gmail.com

## CORRESPONDENCE.

To the Editor of the Utkal Dipica.

Sir,

The Native Civil Service scheme has at last after a long incubation been ushered into the world, and the people of India have thus had an opportunity offerred them to think how far it would tend to raise their political status.

It has been ruled that "each local Government may nominate persons who are natives of India for employment in Her Majesty's Covenanted Civil Service in India within the territories subordinate to such Government," and that 2-5ths of the appointments on reduced salaries will be exclusively reserved for the natives in future. It is not clear from the rules whether the natives will hereafter be allowed to compete with their English brethern in the open field in the same manner as they were doing before, or whether this privilege has been entirely taken away from them. The result that may ensue from the adoption of such a system, I mean, the nomination system, judging from our past experience of cases in which it was so applied will, it is supposed, be far from being very cheering, inasmuch as it may likely lead to favoritism to the disregard of the claims of the really well-educated and deserving subjects of Her Imperial Majesty in India. It is said that the scheme has been the fruit of a couple of years' deep thinking and comtemplation. But what strikes us most is to find it not at all well spoken of even by many of those for whose benefit it has been devised. For the Native Press with one voice have condemned it.

English education has produced a mighty revolution in native intellect and thought, and has awakened in the minds of the people a true sense of justice and wrong. The Indians of the present day are not the same as they were 50 years back; for socially and intellectually they have gone many a step in advance. They have well understood the exact interpretation of "First deserve and then desire" and it is in consequence of this they do no longer now worry their rulers with representations of their ideal wrongs or hanker after favors which constitutionally they cannot claim as a matter of right.

The highest offices of trust and responsibility were formerly monopolized by the Europeans passing the covenanted Civil Service Examination in England. We had no cause to grudge against this. For the natives did not then possess that tact and ability so indispensably required for the performance of such an onerous duty, neither had they means or courage enough to stay in England for 2 or 3 years for the purpose of competition at the said examination. But those obstacles being now removed I do not see any reason why facilities should not now be given them to compete with their English brethern at home. It is not desirable to create an invidious distinction between the natives and the Englishman by creating the Subordinate Civil Service scheme. Throw open indiscriminately the Covenanted Civil Service Examination to both the natives and the Europeans and if the former be not found coming up to the mark, they do not deserve any favour from the hands of our Government. The Indians in fact never prayed that any undignified concessions should be made in their favor in this respect, what they wanted is that they should be treated on equal terms with their European brethern, and be allowed a certain share, if not the greatest, in the administration of their own country. They never asked for any exemptions from the test to which others are subjected; but their prayer has only been to keep in tact the former limit of age at which they were admitted to the covenanted Civil Service Examination. For it is well known that the reducing recently of the maximum limit of age to 19 years has almost been considered tantamount to closing the doors of the said service against the natives of India. The new scheme, simple as it is both in its form and scope, has I regret to observe, been deemed in many native circles, a retrograde measure ill calculated to produce the desired effect.

Yours Sincerly.
10-9-79. Quidnunc.

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ଥାନା ସାଲେପୁର ଅନ୍ତର୍ଗତ ପ୍ରଗନେ କୁଶମଣ୍ଡଳ । ମୌ । ସରବରପୁର ନିବାସୀ ଦୀନବନ୍ଧୁ ମହାନ୍ତି କହନ୍ତି ଯେ, ତାଙ୍କ ନିଜ ଗୃହରେ ମାଂଘ ତା ୧୪ ନଡ଼ ଗୋଟିଏ ଶିଶୁଦୁହିତା ଥିଲା ତା ୨୧ ନ ହେବ ରାତ୍ରି ଘ ୧୨ ଟା ସମୟରେ ମାତୃକୋଡ଼ରୁ ଅକସ୍ମାତ୍ ୭ ଦୂଆ କାନ୍ଥ ତେଇଁ ଅପର ପାର୍ଶ୍ୱରେ ଉପସ୍ଥିତ ହେଲା ଏହାର ଏକଦଣ୍ଡ ଉତ୍ତାରେ ତାହାର ମାତାକୁ ଆଉ ଜଣେ ସଧବା ସ୍ତ୍ରୀ ସ୍ୱପ୍ନରେ କହିଲେ ଯେ ତୋ ଝିଅକୁ ନିଏ କେଇ ଯାଉଅଛି ତୁ ଶୋଇଅଛୁ । ତଦ୍ବାଦ ସେ ସ୍ତ୍ରୀ କବାଟ ଫିଟାଇ ଦେଖିଲା ଯେ ତାହା ବାସ୍ତବିକ ଏବ ସେ ଦ୍ୱାରଦେଶରେ କମ୍ପିତ ହୋଇ ପଡ଼ିଲା । ତାହାର ବଡ଼ପା ଓ ବୋହୂ ଦଅସିଲେଉ କୂଳ ଦେଖିଲେ ଯେ ଏହା ସତ୍ୟ ଏମନ୍ତ ସମୟରେ ସେ ଝିଅ ବାଉ ପଚ୍ଛଆଡ଼େ କାନ୍ଦ ଉଠିଲା । ତଦ୍ବାଦ ସେମାନେ ତାକୁ ଦାଣ୍ଡ କବାଟ ଫିଟାଇ ଘେନି ଆସିଲେ । ସେ ବାଳକା ଏପର୍ଯ୍ୟନ୍ତ ଜୀବତା ଓ ସୁସ୍ଥ ଅଛି ।

କେନ୍ଦ୍ରାପଡ଼ା } ବଶମ୍ବଦ
୨୮।୮।୭୯ } ଶ୍ରୀ ଭକ୍ତବତ୍ସଚରଣ ଦାସ ।

ନିଦ୍ରାଭ୍ରମ ବା ନିଦବାଉଳା ରୋଗ ଅଛି ତହିଁର ନାମ ଇଂରେଜୀରେ (Somnambulism) ଏରୋଗ ନିଦ୍ରିତ ଅବସ୍ଥାରେ ଘଟଇ ଓ ତହିଁର ଲକ୍ଷଣ ଏହି ଯେ କେହି କେହି ଉଠି ଅଚେତନ ଅବସ୍ଥାରେ ଅନେକ ଦୂର ଚାଲିଯାନ୍ତି, କେହି ଗଛରେ ଚଢ଼ନ୍ତି ବା ପାଣି ବୁହାନ୍ତି ବା ଅନ୍ୟ କାର୍ଯ୍ୟ କରନ୍ତି । ରୋଗ ଛାଡ଼ ଗଲେ ଚେତନା ହୁଏ ମାତ୍ର ଏ ସବୁ ଜାଣି ପାରନ୍ତି ନାହିଁ ସୁତରାଂ ଭୂତ ମୁଣ୍ଡରେ ଦୋଷ ଦଆଯାଏ । ସେ ସ୍ତ୍ରୀ ଏହି ରୋଗବଶରେ କୋଡ଼ରେ ଥିବା ପିଲାକୁ ନେଇ ଉଠି ଘର ପଛଆଡ଼କୁ ଯାଇଅଛି ଓ ସେଠାରେ ପିଲାକୁ ଶୁଆଇ ଦେଇ ଘର ମଧ୍ୟକୁ ଅସି ଅପେ ଶୋଇଅଛି ରୋଗ ଛାଡ଼ିବା ସମୟେ ଅଳ୍ପ ଚେତନାରେ ତାହାକୁ ସ୍ୱପ୍ନବତ୍ ଜଣା ପଡ଼ଅଛି କିମ୍ବା ପୁନର୍ବାର ନିଦ୍ରା ହେବାରୁ ସ୍ମରଣଶକ୍ତି ଯୋଗେ ସେହି କଥାର ସ୍ୱପ୍ନ ଦେଖିଅଛି । ସମ୍ପାଦକ

---

ବିଜ୍ଞାପନ ।

**FOR SALE.**

PURE CASTOR OIL

At the Cuttack Lunatic Asylum

For medicine—Annas 7. per bottle.

s. ch.

For lamp—1–12 per rupee.

*Apply to*

Sheikh Immamuddeen

*Dorogah.*

କଟକ ପାଗଲଖାନାରେ ଉତ୍ତମ ରେଢ଼ିର ତେଲ ଅର୍ଥାତ୍ କଷ୍ଟର ଅଏଲ ପ୍ରସ୍ତୁତ ହୋଇ ତଳଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା;—

ଔଷଧି ଯୋଗ୍ୟ ସକାଶେ ବୋ ୧ ତେଲକୁ ଟଂ।୷

ଦୀପ ଓ ଲେମ୍ପରେ ଜାଳିବା ନିମିତ୍ତ ସେ ୧୪ କୁ ଟ୧୧

ତା ୧୨ ଋଖ ସେପ୍ଟେମ୍ବର } ସେଖ ଏମାମଉଦ୍ଦୀନ ମହମ୍ମଦ
ସନ ୧୮୭୯ ମସିହା । } ଦାରୋଗା

---

ଓଡ଼ିଶାର ଇତିହାସ ।

—×—

ଶ୍ରୀ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଣୀତ ।

ମୂଲ୍ୟ ଏକଟଙ୍କା ମାତ୍ର

ବିକ୍ରୟାର୍ଥ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

---

☞ ମୂଲପତ୍ର ଦେଖ ।

Split by PDF Splitter
Digitized by srujanika@gmail.com

Split by PDF Splitter


Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ ଶ
ସଂ ୩୮ ସଂଖ୍ୟା

ତା ୨୦ ରଖ ମାହେ ସିପ୍ଟମ୍ବର ସନ ୧୮୭୯ ମସିହା । ମୂ । ଆଶ୍ବିନ ବ ୭ ନ ସନ ୧୨୮୭ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୧
ମଫସଲପାଇଁ ଡାକମାସୁଲ ଟ୧।୦

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ସେକ୍ରେଟରୀ ଗବର୍ଣ୍ଣମେଣ୍ଟ ଇଣ୍ଡିଆଙ୍କର ଚଳିତ ମାସ ତା ୧୬ ରଖ ଲେଖିତ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କ ନାମର ଏକ ପତ୍ରରେ ପାଠ କଲୁଁ ଯେ ବାର୍ଷିକ ଟ ୨୫୦୦ ଙ୍କାରୁ ଊଣା ଆୟ କରୁଥିବା ବ୍ୟକ୍ତିଙ୍କୁ ବଙ୍ଗଳାର କଲେକ୍ଟର ସାହେବମାନେ ଲାଇସେନ୍ସ ଟାକ୍ସରୁ ମୁକ୍ତ ଦେବେ । ଏ ଆଜ୍ଞା ଶୀଘ୍ର ପ୍ରଚରିତ ହେଲେ ବର୍ତ୍ତମାନ୍ ଦାରୁଣକଷ୍ଟ ସମୟରେ ଯେ ଅନେକ ଦୁଃଖିଙ୍କର ଭାରି ଉପକାର ହେବ ଏଥିରେ କିଛିମାତ୍ର ସନ୍ଦେହ ନାହିଁ । ଅସ୍ମମାନଙ୍କ ଏଣ୍ଟିଂ ଲେଫ୍ଟନାଣ୍ଟ ଗବର୍ଣ୍ଣର ସର ଷ୍ଟିଆର୍ଟ ବେଲିଙ୍କ ଅନୁରୋଧରେ ଏ ଶୁଭ ଘଟନା ଘଟିଥିବାରୁ ତାହାଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଉଅଛୁଁ ।

---

ଦର୍ପଣରେ ପ୍ରକାଶିତ ପ୍ରେରିତପତ୍ରର ପ୍ରତ୍ୟୁତ୍ତରରେ ଆମ୍ଭେମାନେ କୁସଂସ୍କାର ଶିରୋନାମାରେ ଗୋଟିଏ ପ୍ରସ୍ତାବ ଏଥିପୂର୍ବେ ପ୍ରକାଶ କରିଥିଲୁଁ ପାଠକମାନେ ତାହାଁରୁ ଅବଗତ ଅଛନ୍ତି । ବର୍ତ୍ତମାନ ସେ ପ୍ରସ୍ତାବର ପ୍ରତିବାଦରେ ଗୋଟିଏ ସୁଦୀର୍ଘ ପତ୍ର ସେହି ପତ୍ରପ୍ରେରକଙ୍କଦ୍ୱାରା ଉକ୍ତ ପତ୍ରିକାରେ ପ୍ରକାଶିତ ହୋଇଅଛି ପତ୍ରପ୍ରେରକ ପ୍ରଥମେ ଲେଖିଅଛନ୍ତି "କେହି ଆପଣାର ଟେକ ଛାଡ଼ନ୍ତି ନାହିଁ ସକଳ ଶ୍ରେଣୀର ଲୋକ ସକଳପ୍ରକାରର ଧର୍ମାବଲମ୍ବିମାନେ ଆପଣା୨ ଟେକ ରଖିବାକୁ ଯଥାସାଧ୍ୟ ଚେଷ୍ଟା କରନ୍ତି । ପ୍ରୟୋଜନ ହେଲେ କଟୂକ୍ତିଦ୍ୱାରା ହେଉ ବା ଅନ୍ୟ କୌଣସି ଉପାୟଦ୍ୱାରା ହେଉ ଆପଣା ମତ ବଳବତ୍ ରଖିବାକୁ ଚେଷ୍ଟା ପ୍ରାୟ ଅଧିକାଂଶ ଲୋକଙ୍କର ଅଛି ଅଥଚ ଏହା ସ୍ୱାଭାବିକ" । ଆମ୍ଭେମାନେ ବୋଧ କରୁଁ ଏହି ସ୍ୱଭାବବଶରୁ ପତ୍ରପ୍ରେରକ ଏଣୁତେଣୁ ଅନେକ କଥା କହି ଅତିରିକ୍ତ ପତ୍ରିକାର ଦୁଇପୃଷ୍ଠା ପୂର୍ଣ୍ଣ କରିଅଛନ୍ତି । ଆଉ ତାଙ୍କୁ ସହସ୍ର ବୁଝାଇଲେ ସେ ବୁଝିବେ ନାହିଁ କେବଳ ଆମ୍ଭେମାନେ ଆପଣା ମତର ଟେକ ରଖିବାର ଜ୍ଞାନ କରିବେ । ଅତଏବ ତାଙ୍କ ପତ୍ରର ପ୍ରତିବାଦ କରିବାର ଅନାବଶ୍ୟକ । ଆମ୍ଭେମାନେ ଧର୍ମବିରୁଦ୍ଧରେ କିଛି କହି ନାହୁଁ ଅଳୀକ କୁସଂସ୍କାରର ଅନୁପକାରିତା ଓ ଅନିଷ୍ଟତା ଦେଖାଇଥିଲୁଁ ।

---

ଗତସପ୍ତାହ ଅପେକ୍ଷା ଫସଲର ଅବସ୍ଥା ଅଧିକ ସ୍ଥିର ନାହିଁ । ଋତୁ ସପକ୍ଷ ହେଲେ ପୋକେ ବିପକ୍ଷ ହୋଇଅଛନ୍ତି, ଘାସ ସୁଦ୍ଧା ରଖି ଦେଉ ନାହାନ୍ତି ସୁତରାଂ ଗୋରୁଙ୍କର କଷ୍ଟ ହୋଇଅଛି କେତେକ ସ୍ଥାନରେ ଲୋକ ଗୃହରୁ କିଛି୨ ଛଣ ବାହାର କରି ଗୋରୁଙ୍କୁ ଖୁଆଉ ଅଛନ୍ତି । କଖାରୁ ପୋଇ ଇତ୍ୟାଦି ସୁଦ୍ଧା ପୋକଙ୍କ ମୁଖରୁ ରକ୍ଷା ପାଉ ନାହିଁ । କାଉ ଓ ଅନ୍ୟ ପକ୍ଷିମାନଙ୍କର ବଡ଼ ମହୋତ୍ସବ ଲାଗିଅଛି । ବିଲରେ ସେମାନଙ୍କର ମେଳା ହୋଇଅଛି ଓ ପୋକ ଖାଇବାରେ ସେମାନେ ରତ ହୋଇଅଛନ୍ତି ଏଣୁକରି ପୋକଙ୍କ ସଂଖ୍ୟା କିଛି ଊଣା ପଡୁଅଛି ସୁଖର ବିଷୟ । ଓ୍ୟାଲି ସାହେବ ବୋଲନ୍ତି ନାଲଜଳ ବିଶେଷ ପରିମାଣରେ ବିଲରେ ମଡାଇଲେ ପୋକ ଛାଡ଼ି ଯିବେ । ଏ ଉପାୟ କଡବାର ଆବଶ୍ୟକ ଅତଏବ ପ୍ରଜାମାନେ ବିଲରେ ଥରେ ନାଲଜଳ ମଡାଇ ବୁଝନ୍ତୁ ।

ଏହା ଲେଖିବା ଉତ୍ତାରେ ଆମ୍ଭେମାନେ ଅବଗତ ହେଲୁଁ ଯେ ଗତ ମଙ୍ଗଳବାର ବିଶେଷ ବର୍ଷା ହେବାରୁ ଅନେକ ସ୍ଥାନରେ କାଳୀମୁଖ ପୋକ ନଷ୍ଟ ହୋଇଅଛନ୍ତି । ତେବେ ନାଲଜଳରେ ପୋକ ନଷ୍ଟ ହେବାର ସମ୍ଭବ ।

ମୁରଶିଦାବାଦଜିଲ୍ଲା ଅନ୍ତର୍ଗତ ଇସଲାମପୁରରେ ବନ୍ୟାଯୋଗେ ଭାରି କ୍ଷତି ହୋଇଅଛି । କୋଡିଏକୋଶ ଲମ୍ବ ଓ ଦୁଇକୋଶ ଓସାରରେ ବିଲ ପାଣିରେ ବୁଡିଅଛି ଓ କେଉଁଠାରେ ସାତହାତ ପାଣି ଠିଆ ହୋଇଅଛି । ଫସଲ ସମ୍ପୂର୍ଣ୍ଣରୂପେ ନଷ୍ଟ ହୋଇଅଛି ଓ ଦୁଇଶତ ଗ୍ରାମର ଲୋକେ ବଡ଼ କଷ୍ଟରେ ଅଛନ୍ତି । ମୋଟ ଚାଉଳର ଭାଉ ଟଙ୍କାରେ ବାଲେଶ୍ୱରୀ ସାତ ଆଠସେର । ଓଡ଼ଦାର ଓ ଅନ୍ୟ କେତେକ ସ୍ଥାନରେ ବନ୍ୟାଯୋଗେ ବିଶେଷ କ୍ଷତି ହୋଇଅଛି ,ଆଉ କେତେକ ଜିଲାରେ ପ୍ରଚୁର ବର୍ଷା ଅଭାବେ ଫସଲର ଅବସ୍ଥା ମନ୍ଦ ହୋଇଅଛି । ଏତଭିନ୍ନ ଅନ୍ୟାନ୍ୟ ଜିଲ୍ଲାମାନଙ୍କରେ ଫସଲର ଅବସ୍ଥା ଏକପ୍ରକାର ଭଲ ଅଛି ।

---

Digitized by srujanika@gmail.com

ଉତ୍କଳଭାଷାରେ ଖଣ୍ଡିଏ ସାହିତ୍ୟ ଓ ଖଣ୍ଡିଏ କୃଷିବିଜ୍ଞାନ ରଚନା କରିଦେବା ସକାଶେ ଆମ୍ଭମାନଙ୍କର ଶ୍ରୀଯୁକ୍ତ କମିଶ୍ନର ସାହେବ ଯେଉଁ ବିଜ୍ଞାପନ ଦେଇଅଛନ୍ତି ତହିଁ ସମ୍ପର୍କରେ ଅନେକ ଲୋକ ଆମ୍ଭମାନଙ୍କୁ ପତ୍ରଦ୍ୱାରା ଏବଂ ମୌଖିକ ପଚାରିଅଛନ୍ତି କି ଉକ୍ତ ପୁସ୍ତକମାନ କିପରି ହେବ । ବିଜ୍ଞାପନରେ ଯାହା ଅଛି ତହିଁର ଅତିରିକ୍ତ ଆମ୍ଭେମାନେ କିଛି କହି ନ ପାରୁଁ । ବାସ୍ତବରେ ସାହିତ୍ୟ ବିଷୟର ପୁସ୍ତକ କିପରି ହେଲେ ପୁରସ୍କାରର ଯୋଗ୍ୟ ହେବ ତହିଁର ବିସ୍ତାରିତ ବିବରଣ ଲେଖିବାର ଉଚିତ ଥିଲା ଓ ମଧ୍ୟ ତହିଁ ସକାଶେ ଦୀର୍ଘ ସମୟ ଦେବାର ଆବଶ୍ୟକ । ସାହିତ୍ୟ ପୁସ୍ତକ ଓଡିଶାରେ ଯେପରି ହୋଇପାରେ ତାହା ହୋଇଅଛି ଏବଂ କ୍ରମଶଃ ଭଲ ୨ ପୁସ୍ତକ ମଧ୍ୟ ବାହାରିବାର ସମ୍ଭାବନା ଏପରିସ୍ଥଳେ ଯେବେ ଗବର୍ଣ୍ଣମେଣ୍ଟ ଟ ୫୦୦ଙ୍କା ପୁରସ୍କାର ଦେବାକୁ ସଙ୍କଳ୍ପ କରିଅଛନ୍ତି ତେବେ ତାହା ଚଳିତ ସାହିତ୍ୟରୁ କେତେ ଉତ୍କୃଷ୍ଟ ହେଲେ ତଦ୍‌ଯୋଗ୍ୟ ହେବ ତାହା କହିଦେବାର ଉଚିତ । ଅତ୍ର ଆମ୍ଭେମାନେ ବିବେଚନା କରୁଁ ଯେ ଓଡିଶାର ସାହିତ୍ୟର ବର୍ତ୍ତମାନ ଅବସ୍ଥା ଦୃଷ୍ଟିରେ ଅଧିକ ଟଙ୍କା ପୁରସ୍କାର ଦେଲେ ଯେ ଏକାବେଳକେ ଭଲ ଉତ୍କୃଷ୍ଟ ପୁସ୍ତକ ବାହାରିବ ଏମନ୍ତ ସମ୍ଭବ ନୁହଇ ମାତ୍ର କୃଷିବିଜ୍ଞାନ ବିଷୟରେ ଇଂରାଜୀ ଭାଷାରେ ଉତ୍କୃଷ୍ଟ ଗ୍ରନ୍ଥମାନ ଅଛି ସେ ସମସ୍ତଙ୍କୁ ଭଲ କରି ପାଠ କରି ତହିଁର ସାର ଓ କାର୍ଯ୍ୟକର ବିଷୟମାନ ଏପ୍ରଦେଶର ବର୍ତ୍ତମାନ କୃଷିର ଅବସ୍ଥା ସଙ୍ଗେ ତୁଳନା କରି ତହିଁର ଉତ୍କର୍ଷ ସାଧନ ଉଦ୍ଦେଶରେ ଯାହା ୨ କର୍ତ୍ତବ୍ୟ ସେବିଷୟରେ ଖଣ୍ଡିଏ ଉତ୍କୃଷ୍ଟ ଗ୍ରନ୍ଥ ଲେଖିବା ଯୋଗ୍ୟ ସୁଶିକ୍ଷିତ ଉତ୍କଳୀୟ ବା ବଙ୍ଗୀୟ ଲୋକ ଏଠାରେ ଅଛନ୍ତି ଓ [illegible] ଅଧିକ ପୁରସ୍କାର ଦିଆ ଯାଇଥିଲେ ଅତ୍ୟୁତ୍ତମ ଗ୍ରନ୍ଥ ବାହାରିବାର ସମ୍ଭାବନା ଥିଲା ମାତ୍ର କମିଶ୍ନର ସାହେବ ସାହିତ୍ୟ ସକାଶେ ଅଧିକ ଏବଂ କୃଷିବିଜ୍ଞାନ ସକାଶେ ଊଣା ପୁରସ୍କାର ସ୍ଥିର କରି ଗବର୍ଣ୍ଣମେଣ୍ଟପ୍ରଦତ୍ତ ଟଙ୍କାର ସମୁଚିତ ଫଳରୁ ଓଡିଶାକୁ ବଞ୍ଚିତ କରିବାର ଉପାୟ କରିଅଛନ୍ତି । ଆମ୍ଭମାନଙ୍କ ସୁଯୋଗ୍ୟ ଜଏଣ୍ଟ ଇନସ୍ପେକ୍ଟର ଏ ବିଷୟରେ ସତ୍ପରାମର୍ଶ ନ ଦେଲେ କାହିଁକି ?

---

## ଓକିଲ ମୋକ୍ତିଆର ଆଇନ ।

ଓକିଲ ମୁକ୍ତିଆରଙ୍କ ବିଷୟରେ ଯେ ନୂତନ ଆଇନ ହେଉଅଛି ତହିଁର ନୂତନ ବିଧି ମଧ୍ୟରେ କେତୋଟି ପ୍ରଧାନ ଅଟଇ । ଗୋଟିଏ ଏହି ଯେ ଓକିଲ ଫିସ୍ ବା ପୁରସ୍କାର ବିଷୟରେ ମୋକ୍ତଲ ଓକିଲ ମଧ୍ୟରେ ଲେଖିତ ଚୁକ୍ତି ହେବ ଓ ସେ ଚୁକ୍ତିପତ୍ର ମକଦ୍ଦମାରେ ଦାଖଲ ହେବ ଓ ଏପରି ଚୁକ୍ତି ଯେଉଁ ମକଦ୍ଦମା ହେଲେ ଅଦାଲତ ଚୁକ୍ତି ଅନୁସାରେ ଡିକ୍ରୀ ଦେବେ କିମ୍ବା ତାହା ଅନ୍ୟାୟ ଜଣାଗଲେ ଚୁକ୍ତି ରଦ କରିବେ କିମ୍ବା ଚୁକ୍ତି ଟଙ୍କାରୁ କିଛି କାଟି ଦେଇ ପାରିବେ । ଅନ୍ୟ ବିଧିଟିରେ ଓକିଲ ଫିସ୍ ବା ପୁରସ୍କାର ସଂକ୍ରାନ୍ତରେ ଦସ୍ତୁରି ଦେବା ନେବା ଦଣ୍ଡନୀୟ ହୋଇଅଛି ଅର୍ଥାତ୍ ଯେ କେହି ଓକିଲ ବା ମୁକ୍ତିଆରଙ୍କୁ ନିଯୁକ୍ତ କରାଇବା ହେତୁ ଚୁକ୍ତି ଟଙ୍କାରୁ କିଛି ଦସ୍ତୁରି ନେବ ବା ମାଗିବ ବା ଆପଣା ଦସ୍ତୁରି ନିମନ୍ତେ ଚୁକ୍ତି ଟଙ୍କାରୁ କିଛି କାଟି ରଖିବ କିମ୍ବା ଯଦ୍ୟପି ଓକିଲ ମୁକ୍ତିଆର ସେ ମଧ୍ୟସ୍ଥ ବ୍ୟକ୍ତିକୁ ଦସ୍ତୁରି ଦେବ ବା ଯାଚିବ ବା ସେ ଦସ୍ତୁରି କାଟି ରଖିଥିଲେ ତହିଁରେ ସମ୍ମତ ହେବ ତେବେ ତାହାର ବିନା ପରଗନରେ ଛଅମାସ କାରାବାସ ବା ଟ ୫୦୦ଙ୍କା ପର୍ଯ୍ୟନ୍ତ ଅର୍ଥଦଣ୍ଡ ବା ଉଭୟ ଦଣ୍ଡ ହୋଇ ପାରିବ ।

ପ୍ରଥମ ବିଧି ପୋଷକଭାବରେ ଷ୍ଟୋକସାହେବ ବ୍ୟବସ୍ଥାପକ ସଭାରେ ଏହି ଦୃଷ୍ଟାନ୍ତ ଦେଲେ ଯେ ବଡମୋକ୍ତଲର କଲିକତାରେ କିଛି ମକଦ୍ଦମା ହେଲେ ସେ ବାରିଷ୍ଟର ବା ଭଲ ଓକିଲ ନିଯୁକ୍ତ କରିବା କାରଣ ଆପଣା ମୁକ୍ତିଆରଠାରୁ ଅନେକ ଟଙ୍କା ପଠାଏ କିନ୍ତୁ ମୁକ୍ତିଆର ଆଗେ ଆପଣାର ଲାଭ କଥା ବୁଝେ । ସେ ପ୍ରଥମେ ଉତ୍ତମ ଓକିଲ ବା ବାରିଷ୍ଟର ଠାକୁ ଯାଏ ସତ୍ୟ, ମାତ୍ର ତାଙ୍କଠାରୁ ଶତକଡା ଟ ୨୫ଙ୍କା ଦସ୍ତୁରି ମାଗିଲେ ସେ ଏହା ଘୃଣାପୂର୍ବକ ଅଗ୍ରାହ୍ୟ କରନ୍ତି ତହୁଁ ମୁକ୍ତିଆର ତାଙ୍କୁ ଛାଡିଯାଏ ଓ ଯେଉଁ ବ୍ୟକ୍ତି ଓକାଲତୀବିଦ୍ୟା ଓ ନୀତି ଜ୍ଞାନରେ ଊଣା ତାହାରଠାକୁ ଯାଏ । ସେ ଓକିଲ ଆଗ୍ରହପୂର୍ବକ ଏ ଅନହିତ କାର୍ଯ୍ୟରେ ସଂସର୍ଗୀ ହୋଇ ଅଧିକ ଦସ୍ତୁରି ଦେବାକୁ ଚାହେ ଓ ମୁକ୍ତିଆର ସନ୍ତୁଷ୍ଟ ହୋଇ ତାଙ୍କୁହିଁ ନିଯୁକ୍ତ କରେ । ମୋକ୍ତଲ ଏହି ପ୍ରକାରରେ ପ୍ରବଞ୍ଚିତ ଓ ତାହାର ଟଙ୍କା ଅମ୍ଭସାତ୍ ହୁଏ ଓ ମକଦ୍ଦମା ମଧ୍ୟ ଉତ୍ତମରୂପେ ଚଳେ ନାହିଁ ଏବଂ ଉପଯୁକ୍ତ ଓ ମହତ୍ ଓକିଲମାନେ ପଛକୁ ପଡନ୍ତି ଅନୁପଯୁକ୍ତ ଓ ଅନହିତ ଓକିଲମାନେ ଆଗକୁ ହୁଅନ୍ତି । ଦ୍ୱିତୀୟ ବିଧି ପକ୍ଷରେ ସାହେବ ପ୍ରଶଂସିତ କହିଲେ ସେ ବିଶ୍ୱସ୍ତସୂତ୍ରେ ଅବଗତ ହୋଇ ଅଛନ୍ତି ଯେ ଜଣେ ଧନୀ ମୋକ୍ତଲର ସର୍ବଦା ମକଦ୍ଦମା ହେଉ ଥିବାରୁ ତାହାର ଓକିଲ ସଙ୍ଗେ ଏହି ନିୟମରେ ଚୁକ୍ତି ହୋଇଥାଏ ଯେ ସେ ମୁକ୍ତିଆରର ଦସ୍ତୁରି ଭିନ୍ନ ମୋକ୍ତଲକୁ ମଧ୍ୟ ଚୁକ୍ତି ଟଙ୍କାରୁ କିଛି ଦସ୍ତୁରି ବା ଛାଡ଼ ଦେବ ମାତ୍ର ପୂର୍ଣ୍ଣ ଚୁକ୍ତି ଟଙ୍କାର ରସିଦ ହେବ; ଏ ନିୟମରେ ମକଦ୍ଦମା ଡିକ୍ରୀ ହେଲେ ପୁରଫିସ ବିପକ୍ଷ ଉପରେ ଡିକ୍ରୀ ହୁଏ ସୁତରାଂ ତାକୁ ଅକାରଣ ଅଧିକ ଦେବାକୁ ପଡେ ଓ ଅନ୍ୟପକ୍ଷ ଅନ୍ୟାୟମତେ ଲାଭକରେ

ଷ୍ଟୋକ ସାହେବ ଯେ ଦୃଷ୍ଟାନ୍ତମାନ ଦେଇଅଛନ୍ତି ସେପରି ଦୃଷ୍ଟାନ୍ତ ଆମ୍ଭେମାନେ ମଧ୍ୟ ଜାଣୁ । ଓକିଲ ସଙ୍ଗେ ଅଧିକ ଟଙ୍କାର ଚୁକ୍ତି ହେଲେ ଅଧିକ ଦସ୍ତୁରି ମିଳିବ ଏହି ଲୋଭରେ ମୁକ୍ତିଆର ବା କାରପରଦାଜ ଚୁକ୍ତି ଟଙ୍କାକୁ ବଢ଼ାଇବାର ମଧ୍ୟ ଦୃଷ୍ଟାନ୍ତ ଜଣା ଅଛି । ଏହି ପ୍ରକାରରେ ଦସ୍ତୁରି ପ୍ରଥାରୁ ଅନେକ ଅନିଷ୍ଟ ଘଟଇ ଓ ଏ କୁପ୍ରଥାକୁ ଉଠାଇବାର ଅତି ଆବଶ୍ୟକ । ପ୍ରସ୍ତାବିତ ବିଧିମାନ ଏ ପକ୍ଷରେ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକର ନ ହେଲେ ମଧ୍ୟ କିୟତ୍ପରିମାଣରେ ଏ କୁପ୍ରଥା ନିବାରଣ କରି ପାରିବାର ସମ୍ଭାବନା ଅତଏବ ଆମ୍ଭମାନଙ୍କ ବିବେଚନାରେ ଏ ବିଧିମାନ ଉତ୍ତମ ଓ ଆବଶ୍ୟକ ଅଟଇ ।

---

## କାବୁଲ ବିଦ୍ରୋହ ।

ଏ ଆପଦର ସବିଶେଷ ବିବରଣ ଗତ ସପ୍ତାହରେ ପାଠକମାନଙ୍କୁ ଜଣାଇଅଛୁଁ । ଏ ସପ୍ତାହରେ ଏ ସଙ୍କ୍ରାନ୍ତରେ ଯେ ସବୁ ବିଦ୍ୟୁତବାର୍ତ୍ତା ପ୍ରକାଶ ହୋଇଅଛି ତହିଁର ମର୍ମ ଲେଖୁଅଛୁଁ । ଜଣେ କାବୁଲୀ ତା ୯ ରିଖରେ ଆଲିଖେଲରେ ପହଞ୍ଚି ପୂର୍ବ ବୃତ୍ତାନ୍ତ ସପ୍ରମାଣ ଓ ଗାଇଡଙ୍କ ସେନାମାନଙ୍କର ପ୍ରଶଂସା କରି କହିଲା ଯେ ସେମାନେ ଉତ୍ତମରୂପେ ଆତ୍ମରକ୍ଷା କରିଥିଲେ ଓ ବିଦ୍ରୋହୀମାନେ କୋଠିର ଦାଣ୍ଡଦ୍ୱାର ଫିଟାଇବା ବେଳେ "ସେମାନେ ବନ୍ଧୁକ ଖଡ୍‌ଗ ଓ ସଙ୍ଗୀନ ସହିତ ଏପରି ପ୍ରତିରୋଧ କଲେ ଯେ ବିଦ୍ରୋହୀମାନେ ଭିତରେ ପଶି ପାରିଲେ ନାହିଁ । ମାତ୍ର ସେମାନେ କୋଠିରେ ଅଗ୍ନି ଲଗାଇ ଦେବାରୁ ସବୁ ନଷ୍ଟ ହେଲା ଓ ଇଂରେଜ ସୈନ୍ୟ ମରି

Split by PDF Splitter

Digitized by srujanika@gmail.com

Split by PDF Splitter



ପଡ଼ିଲେ । କେତେକ ବନ୍ଦୀ ହୋଇ ଜୀବିତ ଅବସ୍ଥାରେ ଥିବାର ଜନରବ ଶୁଣାଯାଏ । କାବୁଲୀଙ୍କ ମଧ୍ୟରୁ ନ ୨୧୦ ଣ ହତ ହୋଇଅଛନ୍ତି । ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ଏ ବିପଦର ସମ୍ବାଦ ପାଇ ଦୁଃଖ ପୂର୍ବକ ରାଜଦୂତ ଓ ସୈନ୍ୟମାନଙ୍କ ପରିବାର ପ୍ରତି ସହାନୁଭୂତି ପ୍ରକାଶ କରିଅଛନ୍ତି । କାନ୍ଦାହାରର ଗବର୍ଣ୍ଣର ସରଦାର ଶେରଅଲୀ ଖାଁ ଏ ସମ୍ବାଦ ପାଇ ଗବର୍ଣ୍ଣମେଣ୍ଟଙ୍କ ସପକ୍ଷ ହୋଇଅଛନ୍ତି ଓ ଦୁରାନଜାତୀୟ ସୈନ୍ୟ ସଂଗ୍ରହ କରି ଇଂରେଜ ସୈନ୍ୟ ସହିତ କାବୁଲକୁ ପଠାଇବାର ମନସ୍ଥ କରିଅଛନ୍ତି ।

ବମ୍ବେ ଗେଜେଟରେ ଏହି ଜନରବମାନ ପ୍ରକାଶିତ ହୋଇଅଛି ଯେ ବିଦ୍ରୋହୀମାନେ ଅମିରଙ୍କୁ ବଧ କରି କାବୁଲ ନଗର ଅବଲୁଣ୍ଠନ କରିଅଛନ୍ତି । ଆଉ ଏକ ସମ୍ବାଦ ଏହି ଯେ ଅମିର ଆତ୍ମହତ୍ୟା କରିଅଛନ୍ତି ଓ ମହମ୍ମଦ ସରଫ ଖାଁଙ୍କ ପୁତ୍ର କାବୁଲ ସିଂହାସନରେ ଅଧିଷ୍ଠିତ ହୋଇଅଛନ୍ତି । କେହି୨ କହନ୍ତି ଅମିରଙ୍କ ମନ୍ତ୍ରଣାରେ କାବୁଲମାନେ ଏରୂପ କାର୍ଯ୍ୟ କରିଅଛନ୍ତି । କିନ୍ତୁ ଏ ସବୁର ନିଶ୍ଚିତ ବୃତ୍ତାନ୍ତ ଜଣାଯାଇ ନାହିଁ । ଇଂରେଜଙ୍କ ସୈନ୍ୟ କାବୁଲକୁ ଅଗ୍ରସର ହେଉଅଛନ୍ତି । ବିଦ୍ରୋହୀମାନେ ମଧ୍ୟ ଯୁଦ୍ଧ ନିମନ୍ତେ କାବୁଲରୁ ବାହାରି ଅଛନ୍ତି ।

ଅମିର ଆପଣାର ଜଣେ ବିଶ୍ୱାସୀ ଭୃତ୍ୟ ଅଲ୍ଲେଖେଲରେ ଥିବା କପ୍ତାନ କୋନଲି ସାହେବଙ୍କ ନିକଟକୁ ସୁପରାମର୍ଶ ନିମନ୍ତେ ପଠାଇଅଛନ୍ତି । ରାଜଦୂତଙ୍କ ସଙ୍ଗରେ ଥିବା ଏମାମ ବକ୍ସ ନାମକ ଜଣେ କର୍ମଚାରୀ ବିଦ୍ରୋହୀମାନେ କୋଠି ଆକ୍ରମଣ କରିବାବେଳେ ଗୋଟିଏ ନାଳ ମଧ୍ୟରେ ଲୁଚି ରାତିରେ ପଳାଇ ଆସିଲେ । ଜଣେ ଆକ୍ରମଣ ପୂର୍ବରୁ ବାହାରକୁ ଆସି ଥିଲା ସେ ମଧ୍ୟ ପଳାଇ ଆସିଲା । ଯେଉଁ ସଓ୍ୱାରମାନେ ପଳାଇ ଆସିବାର ଶୁଣା ଯାଇ ଥିଲା ସେମାନଙ୍କର ଆଉ କିଛି ସମ୍ବାଦ ମିଳି ନାହିଁ । ବିଦ୍ରୋହୀମାନେ ଲୋକମାନଙ୍କୁ ମତାଉ ଅଛନ୍ତି ଓ ଇଂରେଜଙ୍କ ସଙ୍ଗେ ଯୁଦ୍ଧ କରିବାର ଘୋଷଣା ଦେଇଅଛନ୍ତି । ଅମିରଙ୍କର କି ଇଚ୍ଛା ସ୍ପଷ୍ଟରୂପେ ଜଣା ଯାଇ ନାହିଁ ମାତ୍ର ସେ ଏ ଦୁର୍ଘଟଣା ଉତ୍ତରେ ତା ୪ ରିଖରେ ପତ୍ର ଲେଖିଅଛନ୍ତି ଯେ ଗବର୍ଣ୍ଣମେଣ୍ଟଙ୍କ ସହିତ ସେ ବନ୍ଧୁଭାବ ରକ୍ଷା କରିବେ । ନବାବ ସର ଗୋଲାମ ହୁସେନ ଖାଁ କାବୁଲକୁ ଯାଇଥିଲେ ସେ ବଧ ହେବାର ଜନରବ ଉଠି ଥିଲା ମାତ୍ର ନିଶ୍ଚିତ ସମ୍ବାଦ ଏହି ଯେ ସେ ନିରାପଦରେ ଫେରି ଆସି ଅଛନ୍ତି । ସେ କାବୁଲରେ ପହୁଞ୍ଚି ଥିଲେ କି ନା ଜଣା ଯାଇ ନାହିଁ । କାନ୍ଦାହାର ଅଞ୍ଚଳରେ ଲୋକେ ଗବର୍ଣ୍ଣମେଣ୍ଟଙ୍କ ସପକ୍ଷ ଅଛନ୍ତି ଓ ଏ କାର୍ଯ୍ୟରେ ସାହାଯ୍ୟ କରିବାର ଇଚ୍ଛା ପ୍ରକାଶ କରିଅଛନ୍ତି । ଖିଲାତର ଖାଁ ମଧ୍ୟ ସହାୟ୍ୟ କରିବାର ବାର୍ତ୍ତା ପଠାଇ ଅଛନ୍ତି । ବିଦ୍ରୋହୀମାନେ ସତରଗର୍ଦ୍ଦନକୁ ଆସିବାର ଜନରବ ଉଠିବାରୁ ସେ ସ୍ଥାନରେ ଇଂରାଜଙ୍କ ସୈନ୍ୟ ପ୍ରସ୍ତୁତ ଅଛନ୍ତି । ସେନାମାନେ କାବୁଲରେ ଶୀଘ୍ର ପ୍ରବେଶ ହେବାର ବିଶେଷ ଚେଷ୍ଟା ହେଉଅଛି ।

---

## ଓଡ଼ିଶାର ଇତିହାସ ।

ଏହି ପୁସ୍ତକ ଅତି ଅଳ୍ପଦିନ ହେଲା କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରୁ ବାହାରି ଅଛି ଏବଂ ଆମ୍ଭେମାନେ ଏଥିରୁ ଏକଖଣ୍ଡ ଗ୍ରନ୍ଥକର୍ତ୍ତାଙ୍କଠାରୁ ଉପହାର ପ୍ରାପ୍ତ ହୋଇ ଅତ୍ୟନ୍ତ ଆଦର ପୂର୍ବକ ଗ୍ରହଣ କରି ତହିଁପାଇଁ କୃତଜ୍ଞତା ସ୍ୱୀକାର କରୁଅଛୁଁ । ଗ୍ରନ୍ଥକର୍ତ୍ତା ବାବୁ ପ୍ୟାରୀମୋହନ ଆଚାର୍ଯ୍ୟ । ଦୀପିକାପାଠକଙ୍କଠାରେ ଏ ଓଡ଼ିଶାବାସୀ କୃତବିଦ୍ୟ ଯୁବା ଅପରିଚିତ ନାହାନ୍ତି କାରଣ ଅନେକ ସଭା ଓ ବକ୍ତୃତା ପ୍ରସଙ୍ଗରେ ଏହାଙ୍କର ଯେ ଉଲ୍ଲେଖ ଆମ୍ଭେମାନେ କରିଅଛୁଁ ଏବଂ ଏଥି ପୂର୍ବେ ଉତ୍କଳପୁତ୍ରନାମରେ ଯେଉଁ ସମ୍ବାଦପତ୍ର ଏଠାରେ ପ୍ରଚରିତ ହେଉ ଥିଲା ତଦ୍ୱାରା ମଧ୍ୟ ସର୍ବସାଧାରଣ ଏହାଙ୍କର ଯଥେଷ୍ଟ ପରିଚୟ ପାଇଅଛନ୍ତି ।

ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଆଦୌ ନ ଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ କାରଣ ଷ୍ଟର୍ଲିନ ସାହେବଙ୍କ ସଂକଳିତ ପୁସ୍ତକ କେବଳ ନାମ ମାତ୍ର ଇତିହାସ ଅଟଇ । ଓଡ଼ିଶା ଶିକ୍ଷା ବିଭାଗର କର୍ମଚାରୀମାନେ ଏ ଗୁରୁତର ଅଭାବ ମୋଚନ କରିବା ଉଦ୍ଦେଶରେ ସନ ୧୮୬୫ ସାଲରେ ଖଣ୍ଡିଏ ଉତ୍ତମ ଓଡ଼ିଶାର ଇତିହାସ ସକାଶେ ଟ ୩୦୦୲ ଙ୍କା ପାରିତୋଷିକ ଦେବା ବିଷୟରେ ବିଜ୍ଞାପନ ଦେବାରୁ ତହିଁର ଫଳସ୍ୱରୂପ ଏ ପୁସ୍ତକ ଖଣ୍ଡି ବାହାରିଅଛି । ଆମ୍ଭେମାନେ ଏହାର ଅନେକାଂଶ ପାଠ କରି ଅତ୍ୟନ୍ତ ଆନନ୍ଦଲାଭ କରିଅଛୁଁ ଏବଂ ବିବେଚନା କରୁଁ ଯେ ଗବର୍ଣ୍ଣମେଣ୍ଟଙ୍କର ପ୍ରଦତ୍ତ ଟଙ୍କା ସଦ୍ବ୍ୟୟରେ ପତିତ ହୋଇ ସୁନ୍ଦରଫଳ ଲାଭ କରିଅଛି । ଓଡ଼ିଶାର ଇତିହାସ ଓ ପ୍ରାଚୀନ ଗୌରବ ଏବଂ ଆଧୁନିକ ଅବସ୍ଥା ସମ୍ବନ୍ଧରେ ଷ୍ଟର୍ଲିଂ ହଣ୍ଟର ଟଏଲର ସାହେବମାନେ ଏବଂ ବାବୁ ରାଜେନ୍ଦ୍ରଲାଲ ମିତ୍ର ଯେ ସମସ୍ତ ଗ୍ରନ୍ଥମାନ ଲେଖିଅଛନ୍ତି ଏବଂ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କ ପରିଶ୍ରମରେ ତାମ୍ରପଟା ସନନ୍ଦ ଏବଂ ଅନ୍ୟାନ୍ୟ ସୂତ୍ରରୁ ଯେ ସମସ୍ତ ଐତିହାସିକ ଓ ଅନ୍ୟ ବିବରଣମାନ ଜଣା ଯାଇଅଛି ଗ୍ରନ୍ଥକାର ସେ ସମସ୍ତର ସାର ମର୍ମ ସଂକଳନ କରିବାରେ ଯଥାସାଧ୍ୟ ଅଧ୍ୟବସାୟ ଦେଖାଇ ଅଛନ୍ତି ଏବଂ ଅନ୍ୟାନ୍ୟ ସୂତ୍ରରୁ ମଧ୍ୟ ଉପକରଣ ସଂଗ୍ରହ କରିବାରେ ତ୍ରୁଟି କରି ନାହାନ୍ତି । ଆମ୍ଭେମାନେ ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଉ ଅଛୁଁ । ଏ ପୁସ୍ତକ ରଚନା ପ୍ରଣାଳୀ ସୁନ୍ଦର ଏବଂ ଏହା ସର୍ବାଂଶରେ ସୁପାଠ୍ୟ ଅଟଇ । ତନ୍ମଧ୍ୟ ସାଧୁଭାଷା ସଙ୍ଗେ୨ ଗୋଟିଏ ଅତି ଗ୍ରାମ୍ୟଭାଷା ଏବଂ ଦୁଇ ଏକସ୍ଥଳରେ ଅସଙ୍ଗତ ଭାବ ଇତ୍ୟାଦି ଦୋଷ ଆମ୍ଭମାନଙ୍କ ଦୃଷ୍ଟି ପଥରେ ଆସିଥିଲେହେଁ ତହିଁର ଉଲ୍ଲେଖ ଆବଶ୍ୟକ ନ ରଖେ ବିଶେଷତଃ ଭୂମିକାରେ ଗ୍ରନ୍ଥକାର ସ୍ୱୟଂ ସ୍ୱୀକାର କରିଅଛନ୍ତି ଯେ ତାହାଙ୍କର ପୀଡ଼ା ଏବଂ ଅନ୍ୟାନ୍ୟ କାରଣରୁ ଭ୍ରମ ସଂଶୋଧନ ପକ୍ଷରେ ସମୁଚିତ ପ୍ରତିବିଧାନ କରି ପାରି ନାହାନ୍ତି । ସୁତରାଂ ଆମ୍ଭେମାନେ ଆଶା କରୁଁ ଯେ ଦ୍ୱିତୀୟ ସଂସ୍କରଣରେ ସେସବୁ ଅନ୍ତର୍ହିତ ହେବ ।

ପରିଶେଷରେ ଆମ୍ଭେମାନେ ଓଡ଼ିଶାବାସୀ ସର୍ବସାଧାରଣଙ୍କୁ ବିଶେଷରେ ରାଜା ଜମିଦାର ପ୍ରଭୃତିଙ୍କୁ ଏ ଗ୍ରନ୍ଥ ପାଠକରି ଏଥି ଲିଖିତ ବିଷୟମାନ ଆଲୋଚନା କରିବାକୁ ପ୍ରାର୍ଥନା କରୁଁ । ତାହା ହେଲେ ସେମାନେ ସ୍ୱଦେଶର ପୂର୍ବକାଳର ଗୌରବକୁ ସ୍ମରଣ ରଖି ପୁନର୍ବାର ତାହା ପ୍ରତ୍ୟକ୍ଷ କରିବାକୁ ବ୍ୟଗ୍ର ହେବେ ଏବଂ ଉତ୍ସାହ ପୂର୍ବକ ଉନ୍ନତିର ଚେଷ୍ଟା କରନ୍ତେ । ଆଉ ବିଦ୍ୟାଳୟ ସକାଶେ ଯେ ସ୍ଥଳେ ପୁସ୍ତକ ମନୋନୀତ ହୋଇଅଛି ସେ ସ୍ଥଳେ ବିଦ୍ୟାଳୟର ପାଠ୍ୟ ପୁସ୍ତକ କରିବାକୁ ଶିକ୍ଷା କର୍ମଚାରୀଙ୍କଠାରେ ଅନୁରୋଧ କରିବା ବାହୁଲ୍ୟ ମାତ୍ର ।

---

## ସାପ୍ତାହିକସଂବାଦ ।

ଓଡ଼ିଶା ଦାଖଲଖାରଜ କର୍ମ ସକାଶେ ଶ୍ରୀଯୁକ୍ତ କମିଶନର ସାହେବ କଟକରେ ବାବୁ ନିମାଇଚରଣ ନିୟୋଗି ଓ ବାବୁ ଜଗନ୍ମୋହନ ଲାଲ, ବାଲେଶ୍ୱରରେ ବାବୁ ହରେକୃଷ୍ଣ ଦାସ ଓ ପୁରୀରେ ବାବୁ ବଳରାମ ବୋଷଙ୍କୁ ସବ୍‌ଡେପୋଟି ସ୍ୱରୂପ ନିଯୁକ୍ତ କରିବାକାରଣ ପ୍ରସ୍ତାବ କରିଥିବାର ଏଥି ପୂର୍ବେ

Digitized by srujanika@gmail.com

ଅମ୍ଭେମାନେ ଲେଖିଥିଲୁଁ । ବର୍ତ୍ତମାନ ଆନନ୍ଦ ପୂର୍ବକ ଅବଗତ ହେଲୁଁ ଯେ ଗବର୍ଣ୍ଣମେଣ୍ଟ ତାହା ମଞ୍ଜୁର କରି ଦେଇଛନ୍ତି । ଜମାଇ ବାବୁ ବର୍ତ୍ତମାନ ଅଧିକ ବେତନ ପାଉ ଥିବାରୁ ସେ ପ୍ରଥମ ଶ୍ରେଣୀରେ ଓ ଆଉ ସମସ୍ତେ ଦ୍ଵିତୀୟ ଶ୍ରେଣୀରେ ନିଯୁକ୍ତ ହୋଇଅଛନ୍ତି । ଏ ଅଞ୍ଚଳ ପ୍ରବେଶ ପୂର୍ବେ ବଳରାମ ବାବୁ କମିଶନର ସିରସ୍ତାଦାରରେ ନିଯୁକ୍ତ ହେବାର ପ୍ରସ୍ତାବ ହୋଇଥିଲା ଉହିଁର ବେତନ ଅଧିକ ଥିବାରୁ ସେହି କର୍ମ ଗ୍ରହଣ କରିବାର ତାଙ୍କର ଇଚ୍ଛା । ଏହା ହେଲେ ପୁରୀରେ ଆଉ କେହି ସବ୍‌ଡେପୋଟି କର୍ମରେ ନିଯୁକ୍ତ ହେବେ ।

ବାଲେଶ୍ୱରରେ ପଣ୍ଡିତ ଶ୍ରୀ ମାର୍କଣ୍ଡେୟ ମହାପାତ୍ର ହିନ୍ଦୁଧର୍ମ ମତ ବିଷୟରେ ବିଶୁଦ୍ଧ ସଂସ୍କୃତ ଭାଷାରେ ଗୋଟିଏ ସୁଦୀର୍ଘ ବକ୍ତୃତା ଦେଇଥିଲେ, ଚାର୍ବାକ ପ୍ରଭୃତି ନାସ୍ତିକମାନଙ୍କ ମତ ଖଣ୍ଡନ କରି ଈଶ୍ୱରଙ୍କର ଅସ୍ତିତ୍ୱ ସପ୍ରମାଣ କରିବା ଓ ଅନ୍ତର ଉପାସନା ଅନ୍ୟ ସର୍ବ ପ୍ରକାର ଉପାସନାଠାରୁ ଉତ୍କୃଷ୍ଟ ବୋଲି ପ୍ରକାଶ କରିବା ଏହି ବକ୍ତୃତାର ଉଦ୍ଦେଶ୍ୟ । ଶ୍ରୋତା ବର୍ଗଙ୍କ ମଧ୍ୟରୁ ଅଧିକାଂଶ ସଂସ୍କୃତାନଭିଜ୍ଞ ଥିବାରୁ ପଣ୍ଡିତ ମହୋଦୟ ଉକ୍ତ ବକ୍ତୃତାକୁ ଓଡ଼ିଆରେ ମଧ୍ୟ ଅନୁବାଦ କରି କହିଲେ, ବକ୍ତୃତା ଶୁଣି ସମସ୍ତେ ଅତ୍ୟନ୍ତ ଆନନ୍ଦିତ ହୋଇ ଅଛନ୍ତି । ବକ୍ତୃତା ସ୍ଥଳରେ ପ୍ରାୟ ୨୦୦ ଶତ ଶ୍ରୋତା ଉପସ୍ଥିତ ଥିଲେ । ଦର୍ପଣ

ବାଲେଶ୍ୱରରେ ବ୍ରହ୍ମସମାଜମନ୍ଦିର ସକାଶେ ଟ ୫୦୦ ଙ୍କା ପର୍ଯ୍ୟନ୍ତ ଚାନ୍ଦା ସ୍ୱାକ୍ଷରିତ ଓ କିଛି ସଂଗୃହୀତ ହୋଇଅଛି । ଏଥିମଧ୍ୟରେ କୁମାର ବୈକୁଣ୍ଠନାଥ ଦେଙ୍କ ଚାନ୍ଦା ସର୍ବାଧିକ ଅର୍ଥାତ୍ ଟ ୨୨୫ ଙ୍କା ଅଟଇ ।

ଡେପୋଟି ଇନ୍‌ସପେକ୍ଟର ବାବୁ ଚତୁର୍ଭୁଜ ପଟ୍ଟନାୟକ ବାଲେଶ୍ୱରରେ ଆଦର୍ଶାଧ୍ୟାୟୀ ବିଷୟରେ ଓଡ଼ିଆଭାଷାରେ ବକ୍ତୃତା କରିଥିଲେ । ବକ୍ତା ଛାତ୍ରମାନଙ୍କୁ ଅନ୍ୟାନ୍ୟ ଉପଦେଶ ସହିତ ଧର୍ମଶିକ୍ଷା ଓ ଈଶ୍ୱରୋପାସନାର ମଧ୍ୟ ଉପଦେଶ ଦେଇଥିଲେ । ବାଲ୍ୟାବସ୍ଥାରେ ଧର୍ମପ୍ରବୃତ୍ତି କଦାପି ଲବ୍ଧ ନ ହେଲେ ପଛକୁ ପ୍ରାପ୍ତ ହୁଅଇ ନାହିଁ । ବୋଧହୁଏ ଏହିହେତୁ ଅନେକ ଶିକ୍ଷିତ ବ୍ୟକ୍ତିଙ୍କୁ କୌଣସି ଧର୍ମର ଅନୁଗାମୀ ଦେଖା ନ ଯାଏ । ଅତଏବ ଛାତ୍ରମାନଙ୍କର ବିଦ୍ୟାଭ୍ୟାସ ସଙ୍ଗେ ଧର୍ମ ଶିକ୍ଷା ଦେବାର ନିତାନ୍ତ ଆବଶ୍ୟକ ଓ ଉଚିତ ।

ମୟୂରଭଞ୍ଜର ମହାରାଜା ବାରିପଦାଠାରେ ଗୋଟିଏ ଲାଇବ୍ରେରି ସ୍ଥାପନ କରିବା କାରଣ ତିନି ହଜାର ଟଙ୍କା ଦାନ କରି ଅଛନ୍ତି । ଏହି ଲାଇବ୍ରେରିରେ ନାନା ପ୍ରକାର ଉତ୍ତମ ଆବଶ୍ୟକୀୟ ପୁସ୍ତକ ଓ ବୈଜ୍ଞାନିକ ଯନ୍ତ୍ରାଦି ରହିବ । ମହାରାଜାଙ୍କର ଏକାର୍ଯ୍ୟ ପ୍ରଶଂସନୀୟ ଅଟଇ ।

ଫରକାବାଦର ଅନ୍ଧ ପଣ୍ଡିତ ହରସହାୟ ସେଠାର ଜଜସାହେବଙ୍କୁ ମାଡ଼ପିଟ କରିବାରୁ କମିଶନ ଦ୍ୱାରା ଏହାର ତ[illegible] ଓ ବିଚାର ହେଉ ଥିବାର ପୂର୍ବେ ଲେଖିଥିଲୁଁ । ଜଜ୍ ସାହେବ ମାଡ଼ପିଟ ହୋଇ ଥିବାର କମିଶନ ନିଷ୍ପତ୍ତି କଲେ ଓ ଏଥିରେ ଗବର୍ଣ୍ଣର ଜେନେରାଲସାହେବ ଐକ୍ୟ ହେଲେ ମାତ୍ର ପଣ୍ଡିତ ଅନ୍ୟ ପ୍ରକାରରେ ଉପକୃତ ଓ ଅବହୃତରୂପେ ବ୍ୟବହାର କରିଥିବାରୁ ତାଙ୍କୁ ଆଉ କର୍ମରେ ନ ରଖି ପେନସେନରେ ବିଦାୟ ଦେଲେ ।

ଲାହୋରରେ ଗତମାସ ତା ୫ ରିଖରେ ଗୋଟିଏ ଭୟାନକ ଧ୍ୱନି ସହିତ ଭୂମିକମ୍ପ ହୋଇଥିଲା ।

ମାନ୍ଦ୍ରାଜର ଶ୍ରୀଯୁତ ମହାମାନ୍ୟ ଗଭର୍ଣ୍ଣର ସେଠାରେ ଦୁର୍ଭିକ୍ଷର ଶେଷ ହେବା ନିମନ୍ତେ ଅନ୍ୟୂନ ୧୨୦୪ ଜଣଙ୍କୁ (ଯେଉଁମାନେ କି ଖାଦ୍ୟାଭାବରେ ନାନା ଦୁଷ୍କର୍ମରେ ପ୍ରବୃତ୍ତ ହୋଇଥିଲେ) ସେମାନଙ୍କୁ ମୋଚନ କରିଦେଲେ । କାହିଁକି

ବମ୍ବେବାଙ୍କର ଜଣେ ପ୍ରଧାନ କର୍ମଚାରୀ ଲକ୍ଷ ସହସ୍ର ଟଙ୍କା ଆତ୍ମସାତ୍ କରିଥିବାରୁ ତାଙ୍କ ନାମରେ ଫଉଜଦାରୀରେ ନାଲିଶ ହୋଇଥିବାରୁ ତାଙ୍କୁ ଦଶଲକ୍ଷ ଏକୋଇଶସହସ୍ର ଟଙ୍କାର ଜାମିନ ତଲବ ହୋଇଅଛି ।

ବିଲାତରେ ଭାରତବର୍ଷ ବିଷୟରେ ବିଶେଷରୂପେ କହିବା କାରଣ ଲାଲମୋହନ ବାବୁଙ୍କୁ ସୁଯୋଗ ଦେବାର ପ୍ରସ୍ତାବ ହୋଇଅଛି ।

ବିଲାତର ସମ୍ବାଦ ପତ୍ରମାନେ ଏକମତ ହୋଇ କହନ୍ତି ଯେ କାବୁଲମାନଙ୍କ ଏପରି ଅନ୍ୟାୟାଚରଣ ହେତୁ ସେମାନଙ୍କୁ ସମ୍ପୂର୍ଣ୍ଣରୂପେ ବଶୀଭୂତ କରି କାବୁଲକୁ ଇଂରେଜ ଶାସନରେ ଆଣିବା ଉଚିତ । ଇଉରୋପର ଅନ୍ୟାନ୍ୟ ସମ୍ବାଦପତ୍ରମାନଙ୍କ ମତ ଏହି ଯେ କାବୁଲର ଏପରି ଘଟନାରେ ରୁଷମାନଙ୍କ ମନ୍ତ୍ରଣା ଥାଇ ପାରେ ।

କାବୁଲର ଅମିର ଓ ଗବର୍ଣ୍ଣମେଣ୍ଟଙ୍କ ମଧ୍ୟରେ ହୋଇଥିବା ସନ୍ଧି ସମ୍ବନ୍ଧୀୟ କାଗଜ ଭୂରବର ସୁଲତାନ (ପାଦଶାହା) ଚାହିଁବାରୁ ତହିଁର ନକଲ ତାଙ୍କୁ ଦିଆ ହୋଇଅଛି । ସୁଲତାନଙ୍କର ଅଭିପ୍ରାୟ ଏହି ଯେ ଇଂରେଜମାନେ ପଠାଣଙ୍କ ପ୍ରତି କେମନ୍ତ ନ୍ୟାୟ ଓ ଦୟା ପ୍ରକାଶ କରି ଅଛନ୍ତି ଏହା ପ୍ରଚାର କରିବା କାରଣ ସେ ସନ୍ଧିପତ୍ର ତୁର୍କିସମ୍ବାଦପତ୍ରମାନଙ୍କରେ ପ୍ରକାଶ କରାଇବେ । ଏ ସମ୍ବନ୍ଧରେ ଇଂରେଜଙ୍କ ଶତ୍ରୁ ଯୋଗେ ତୁର୍କିରେ ଯେ ମିଥ୍ୟା ଓ ପ୍ରପଞ୍ଚକଥା ଉଠିଅଛି ତାହା ମଧ୍ୟ ନିବାରଣ ହେବ । ଉତ୍ତମ ।

ଚୀନଦେଶୀୟମାନେ ରୁଷଙ୍କର ଆକ୍ରମଣ ଆଶଙ୍କାରେ ସେ ଦେଶର କେତେକ ବାଟ ବନ୍ଦ କରି ଦେଇ ଅଛନ୍ତି । ସୀମାନ୍ତରେ ଅନେକ ସୈନ୍ୟ ସମବେତ ହୋଇଅଛନ୍ତି ଓ ଯୁଦ୍ଧ ଆରମ୍ଭ ହୋଇଥିବାର ଜନରବ ମଧ୍ୟ ଶୁଣାଯାଏ ।

ବିଲାତରେ ୨୫୦ ଣ ବାଳିକା ଲଣ୍ଡନ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଓଡ଼ିଶାରେ କୌଣସି ବର୍ଷ ଏତେ ବାଳକମାନେ ମଧ୍ୟା ଉତ୍ତୀର୍ଣ୍ଣ ହୋଇ ନାହାନ୍ତି ।

ବିଖ୍ୟାତ ରମାବାଈ ଶିଲଙ୍ଗକୁ ଯାଇ ଥିବାରୁ ସେଠାରେ ତାଙ୍କ ସମ୍ମାନାର୍ଥ ସଭା ହୋଇଥିଲା । ଏ ସଭାରେ ପ୍ରାୟ ପାଞ୍ଚଶତଜଣ ଦେଶୀୟ ଭଦ୍ରବ୍ୟକ୍ତି ଓ କେତେକ ଇଂରେଜ ଉପସ୍ଥିତ ହୋଇଥିଲେ । ରମାବାଈ ସ୍ତ୍ରୀମାନଙ୍କ ଶିକ୍ଷା ଓ ପତିତାରୁ ପଦାକୁ ବାହାରିବା ବିଷୟରେ ପ୍ରଥମେ ସଂସ୍କୃତରେ ବକ୍ତୃତା କଲେ କିନ୍ତୁ ତାହା ସମସ୍ତେ ବୁଝି ନ ପାରିବାରୁ ହିନ୍ଦିରେ କହିଲେ ତତ୍ପରେ ତାଙ୍କ ସଙ୍ଗରେ ଥିବା ତାଙ୍କର ଭାଇ ଶିକ୍ଷା ଓ ଶିକ୍ଷିତ ବ୍ୟକ୍ତିମାନଙ୍କ ଆଚରଣ ଓ ଅବସ୍ଥା ବିଷୟରେ ବକ୍ତୃତା କଲେ । ଇଂରେଜୀ ଶିକ୍ଷାର ଆବଶ୍ୟକତା ଦେଖାଇ ଗ୍ରହଣ ସକାଶେ ଘଟାଇବାକୁ ନିନ୍ଦା କଲେ । ସଭାପତି ଏପରି ପଣ୍ଡିତା ରମଣୀଙ୍କ ଦର୍ଶନରେ ଅତି ସନ୍ତୋଷ ପ୍ରକାଶ କରି ସଭାଭଙ୍ଗ କଲେ । ତାଙ୍କୁ ଯଥୋଚିତ ବିଦାୟ ଦେବାର ପ୍ରସ୍ତାବ ହୋଇଅଛି ।

ଏଡ଼ୁକେଶନ ଗେଜେଟରୁ ଅବଗତ ହେଲୁଁ ଇଣ୍ଡିୟନ ହେରଲଡ୍ ପତ୍ର ପାଠରୁ ଏହି ସମ୍ବାଦ ପାଇଁ ଅଛନ୍ତି ଯେ ରେଲଓଏ ଅଫିସର ଜଣେ ପଙ୍ଖାବାଲା ପଙ୍ଖା ଟାଣୁ ଟାଣୁ ଶୋଇ ପଡ଼ିଲା ଉକ୍ତ ଅଫିସର ଜଣେ କର୍ମଚାରୀ ତାହାର ଏହି କାର୍ଯ୍ୟ ଶୈଥିଲ୍ୟରେ କୁପିତ ହୋଇ ତାହା ପଞ୍ଜରାକୁ ବେଗରେ ୨ ଗୋଇଠା ମାରିଲା । ସେହି ବ୍ୟକ୍ତିର ତତ୍କ୍ଷଣାତ୍ ଜଣା ହେଲା ନାହିଁ; କିଛିକ୍ଷଣ ଉତ୍ତାରେ ଉଠି ଏକାବେଳକେ ଅଚୈତନ୍ୟ ହୋଇ ପଡ଼ିଲା । କର୍ମଚାରୀମାନେ ତାହାକୁ ସିଦ୍ଧ କରି ରଖିବା ପାଇଁ ଅନେକ ଚେଷ୍ଟା କଲେ, କିନ୍ତୁ କୃତକାର୍ଯ୍ୟ ହୋଇ ନ ପାରିଲେ ଶେଷରେ ତାହାକୁ ରେଲଓଏର ହାସପାତାଲକୁ ପଠାଇବାରେ ସେଠାରେ ତାହାର ମୃତ୍ୟୁ ହେଲା । ଅପରାଧୀ ବ୍ୟକ୍ତିର ବିଚାର ହେଉଅଛି । ସେ

ବର୍ତ୍ତମାନ ହଜାରେ ଟଙ୍କାର ଜାମିନ ଦେଇ ଖଲାସ ପାଇଅଛି । ଅପରାଧୀ ଇଉରୋପୀୟ କି ଦେଶୀୟ ?

ଯେଉଁ ଲେସେପ୍ସ ସାହେବ ସୁଏଜ ଖାଲ କରିଅଛନ୍ତି ସେ ପାନାମା ଅନ୍ତରୀପରେ ବୃହତ୍ ଖାଲ ଫିଟାଇବାର ପ୍ରସ୍ତାବ କରିଅଛନ୍ତି ଏଥିରେ ବଡ଼ ୨ ଜାହାଜ ଚଳାଚଳର ସୁବିଧା ହେବ । ଏଥିରୁ କପ୍ତାନ ଏଡସ ସାହେବ କହନ୍ତି ଯେ ସେ ଏମନ୍ତ କଳର ରେଲବାଟ କରିବେ ଯେ ବୋଝାଇ ଜାହାଜମାନ ବୋଝ ଓ ପଥିକସହିତ ସମୁଦ୍ରରୁ ଉଠି ସେହି ରେଲ ବାଟେ ଅନ୍ତରୀପ ପାରହୋଇ ଅନ୍ୟପାର୍ଶ୍ୱରେ ସମୁଦ୍ରରେ ନିର୍ବିଘ୍ନରେ ପଡ଼ିବ ଓ ଜାହାଜରେ ଥିବା ଲୋକ ଓ ବୋଝ ପକ୍ଷରେ କିଛି ବାଧାତ ନ ଘଟିବ । ଖାଲ ଅପେକ୍ଷା ଅଳ୍ପବ୍ୟୟ ଓ ସମୟରେ ଏ ରେଲ ପ୍ରସ୍ତୁତ ହୋଇପାରିବ । ଧନ୍ୟ ତାଙ୍କ ବୁଦ୍ଧି ଓ କଳ୍ପନା !

କଲିକତାରେ ବହୁଳୀ ଅମ୍ବରର କର୍ଷାଣ ହୋଇଥିବାର ଲେଖିଥିଲୁଁ ବର୍ତ୍ତମାନ ଶୁଣି ଅବଗତ ହେଲୁଁ ସେ କ୍ଷଣିକ ପୋଲ ସେହି ଆପେକରେ ଅବସେବିତ ହୋଇଅଛି । ଏ ଅପେକ ଅତ ଚେତସ୍କର ।

## ବିଜ୍ଞାପନ ।

ଏହାଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରୁଅଛୁଁ ଯେ ଅମ୍ଭେ ଉତ୍କଳଭାଷାରେ "ବ୍ୟବହାରିକ ଜ୍ୟାମିତି" ଅନୁବାଦ କରି ମୁଦ୍ରାଙ୍କିତ କରିବା ନିମନ୍ତେ ପ୍ରସ୍ତୁତ ଅଛୁଁ । ଅତଏବ ପ୍ରାର୍ଥନା ଯେ ଉକ୍ତ ପୁସ୍ତକାନୁବାଦରେ କେହି ହସ୍ତକ୍ଷେପ ନ କରିବେ । ଇତି ।

କେନ୍ଦ୍ରାପଡ଼ା }
୧୦-୯-୭୯ } ଶ୍ରୀ ଦୀନବନ୍ଧୁନାଥ ବସୁ

ବାଲେଶ୍ୱର ନଗରବାସିଙ୍କ ଯତ୍ନରେ ବାଲେଶ୍ୱର ନଗରରେ ଗୋଟିଏ ଦେଶୀୟ ଚିକିତ୍ସାଳୟ ସ୍ଥାପିତ ହେବ । ସେଥି ନିମନ୍ତେ ଜଣେ ସୁବୈଦ୍ୟ ପ୍ରୟୋଜନ । ବେତନ ମାସକୁ ଟ ୩୦ ୯ ବୈଦ୍ୟଙ୍କର କାର୍ଯ୍ୟଦକ୍ଷତାର ପରିଚୟ ପାଇଲେ ମାସିକ ବେତନ ଟ ୪୦ ୯ ହେବାର ସମ୍ଭାବନା; ବୈଦ୍ୟଙ୍କ ରହିବା ନିମନ୍ତେ ଚିକିତ୍ସାଳୟରେ ବସାଘର ଦିଆଯିବ । ଏହା ଛଡ଼ା ଉପରି ଆୟର ସୁବିଧା ଅଛି । ଯେଉଁମାନେ ଧାତୁଘଟିତ ପାକେୟ ଔଷଧ ପ୍ରସ୍ତୁତ କରିପାରନ୍ତି, ତୈଳ ଏବଂ ଘୃତ ସିଦ୍ଧ କରିପାରନ୍ତି ଓ ହସ୍ତରଗରୀ ବୁଝନ୍ତି, ଏମନ୍ତ ଲୋକର ପ୍ରୟୋଜନ । ଯେଉଁମାନେ ସେହି ପଦପାଇବାକୁ ଇଚ୍ଛାକରନ୍ତି, ସେମାନେ ଏହି ସେପ୍ଟେମ୍ବର ମାସ ମଧ୍ୟରେ ଦୁଇଏକ ଜଣ ପ୍ରଧାନ ଲୋକଙ୍କ ପ୍ରଶଂସାପତ୍ର ସହିତ ଆପଣା୨ ପ୍ରାର୍ଥନାପତ୍ର ନିମ୍ନଲିଖିତ ସ୍ୱାକ୍ଷରକାରୀଠାରୁ ପ୍ରେରଣ କରିବେ ।

ବାଲେଶ୍ୱର } ଶ୍ରୀ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ
} ଦେଶୀୟ ଚିକିତ୍ସାଳୟର କାର୍ଯ୍ୟନିର୍ବାହକ
୨୦ । ୯ । ୭୯ } କମେଟୀର ସମ୍ପାଦକ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା କୁଇନ୍

କୁଇନାଇନ ପରିବର୍ତ୍ତରେ ଏହା ଅତି କାର୍ଯ୍ୟକର ଅଟଇ । କଲିକତାର ପ୍ରଧାନ୨ ଦେଶୀୟ ଓ ବିଲାତି ଔଷଧବିକ୍ରେତାଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକେଲ ଗାର୍ଡେନର ସୁପରିଣ୍ଟେଣ୍ଡେଣ୍ଟଠାରେ ଭାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଆଉନ୍ସକୁ ଟ ୭ ୯ ଙ୍କା ୮ ଅଃ ରୁ ଟ ୧୧ ୯ ୧୬ ଅଃ ରୁ ଟ ୨୦-୩ ପରିମାଣ ସଙ୍ଗେ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ଶ } ସଂ ୩୯ ସଂଖ୍ୟା

ତା ୨୭ ରଖ ମାହେ ସେପ୍ଟମ୍ବର ସନ ୧୮୭୯ ମସିହା । ମୂ । ଆଶ୍ୱିନ ଦ ୧୩ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୬୯
ମଫସଲପାଁଇ ଡାକମାସୁଲ ଟ୧୫୬

ଅମ୍ଭେମାନେ ଅତ୍ୟନ୍ତ କୃତଜ୍ଞତାସହିତ ସ୍ୱୀକାର କରୁ ଅଛୁଁ ଯେ ନିମ୍ନଲିଖିତ ରଜାମାନେ ଆପଣା୨ ନାମ ପାର୍ଶ୍ୱରେ ଲେଖାଥିବା ଟଙ୍କା ଏ ନଗରର ପ୍ରସ୍ତାବିତ ଏମ୍‌ପ୍ରେସ ହଲ ନାମକ ଅଟ୍ଟାଳିକା ସକାଶେ ଦାନକରି ଅଛନ୍ତି ଯଥା ।

ଶ୍ରୀ ରଜା କଲ୍ଲେ ଆଠଗଡ଼ଙ୍କ ଟ ୧୦୦୦ ୯

ଶ୍ରୀ ରଜା କଲ୍ଲେ ବଡମ୍ବା ଟ ୫୦୦ ୯

ଏ ରଜାମାନଙ୍କର ଅଦ୍ୟଦୃଷ୍ଟିରେ ଉପରଲିଖିତ ଦାନ ଅତି ସନ୍ତୋଷ ଜନକ ଅଟଇ ।

---

କାବୁଲବିଦ୍ରୋହ ଦମନ କରିବା ସକାଶେ ଜମ୍ଭିତ ପଠାଯାଉ ଥିବା ସୈନ୍ୟଙ୍କ କାର୍ଯ୍ୟରେ ନିଯୁକ୍ତ ହେବା କାରଣ ମୟୂରଭଞ୍ଜ ମହାରଜା ଶ ୨୦ ଉଟାଶ୍ରୀ ସାହାଯ୍ୟ ଦେବାକୁ ଗବର୍ଣ୍ଣମେଣ୍ଟରେ ଆବେଦନ କରି ଅଛନ୍ତି ଏବଂ ସ୍ୱୟଂ କୌଣସି କାର୍ଯ୍ୟ କରିବାକୁ ମଧ୍ୟ ପ୍ରସ୍ତୁତ ହୋଇ ଅଛନ୍ତି । ଅମ୍ଭେମାନେ ଆଶାକରୁଁ ଯେ ଗବର୍ଣ୍ଣମେଣ୍ଟ ମହାରଜାଙ୍କର ଯତ୍କିଞ୍ଚିତ୍ ସାମାନ୍ୟ ସାହାଯ୍ୟ ଆନନ୍ଦପୂର୍ବକ ଗ୍ରହଣ କରି ତାହାଙ୍କର ରାଜଭକ୍ତିକୁ ଉତ୍ସାହିତ କରିବେ । ଯାହା ହେଉ ଏ ପ୍ରସ୍ତାବଦ୍ୱାରା ମୟୂରଭଞ୍ଜର ମହାରଜା ଆପଣାର ଏବଂ ଓଡ଼ିଶାର ଟେକ ରଖି ଅଛନ୍ତି ବଡ ସୁଖର ବିଷୟ ଅଟଇ ।

---

ବର୍ମ୍ମା ବିଦ୍ରୋହ ଏପର୍ଯ୍ୟନ୍ତ ନିବାରଣ ହୋଇ ନାହିଁ ମାତ୍ର ବର୍ତ୍ତମାନ ବିଦ୍ରୋହିମାନେ ଯୁଦ୍ଧରେ ପରାଭୂତ ଓ ବନ୍ଦୀକୃତ ହୋଉଅଛନ୍ତି ସୁଖର ବିଷୟ । ଦଲପତି ଚନ୍ଦ୍ରସ୍ୱା କଜୟୁଗାପଟାମ ପର୍ବତରୁ ଉଠାପିଲକୁ ପଳାଇଅଛି । କାମନ୍ଦ୍ରସ୍ୱା ଦଲର କେତେକ ଲୋକ ଧରା ଦେଇଅଛନ୍ତି ଗଞ୍ଜାମର ପୁଲିସ ଜମ୍ମାପଣ୍ଡିସ୍ୱା ବିଦ୍ରୋହୀ ଦଲକୁ ଆକ୍ରମଣ କରି ଦୁଇ ଜଣଙ୍କୁ ହତ ଓ କେତେ ଜଣଙ୍କୁ ଆହତ କରିଅଛନ୍ତି । ଚନ୍ଦ୍ରିସ୍ୱାର ଲୋକେ ଉକାପଲ ଜଲ୍ଲାରେ ଗୋଟିଏ ଗ୍ରାମ ପୋଡ଼ି ଦେଇଅଛନ୍ତି । ବିଦ୍ରୋହ ସ୍ଥାନମାନଙ୍କରେ ପଲଟନ ରହିବାର ନୂତନ ବନ୍ଦୋବସ୍ତ ହୋଇଅଛି । ଶ୍ରୀର ବଣୁଆମାନେ ଗୃହ ଛମାସ ହେଲା ଉତ୍ପାତ ଲଗାଇଅଛନ୍ତି ଓ ଗବର୍ଣ୍ଣମେଣ୍ଟ ସେମାନଙ୍କୁ ଆୟତ୍ତ କରି ପାରୁ ନାହାନ୍ତି ବଡ ଆଶ୍ଚର୍ଯ୍ୟ । ସେମାନଙ୍କୁ ଧରିବା କାରଣ ଅନ୍ୟ ବଣୁଆଁମାନଙ୍କୁ ନିଯୁକ୍ତ କରିବାର ଯେ ଡେଲିଜୁସ ପୂର୍ବେ ପ୍ରସ୍ତାବ କରିଥିଲେ ଗବର୍ଣ୍ଣମେଣ୍ଟ ତାହା ଧରେ କରି ନ ନାହାନ୍ତି ।

---

ଏତେଦିନେ ଜୁଲୁ ରଜା ଧରା ପଡିଲେ ଓ ଜୁଲୁ ଯୁଦ୍ଧ ଶେଷ ହେଲା । ରଜା ଏଣେ ତେଣେ ପଳାଇ ବୁଲୁ ଥିଲେ ଓ ଇଂରେଜଙ୍କ ସୈନ୍ୟ ତାଙ୍କୁ ଗୋଡାଇବାରେ ତ୍ରୁଟି କରୁ ନ ଥିଲେ । ଏହି ପ୍ରକାରେ ଇଂରେଜଙ୍କ ସୈନ୍ୟ ତାଙ୍କୁ ଚାରିଆଡୁ ଘେରି ଦେବାରୁ ସେ ଆଉ ପଳାଇବାର ବାଟ ନ ପାଇ ଧରା ଦେଲେ । ଉଲେସଲି ସାହେବଙ୍କ ଯୁଦ୍ଧ କୌଶଳରେ ଜୁଲୁମାନେ ପରାସ୍ତ ଓ ରଜା ବନ୍ଦୀକୃତ ହୋଇଅଛନ୍ତି ଏଣୁ କରି ତାଙ୍କର କପାଳ ଫିଟିଲା । ରଜା କେତେକ ଅନୁଚର ସହିତ ଧରା ହୋଇ ଉଲଣ୍ଡିକୁ ଆଣାଇ ହୋଇଅଛନ୍ତି । ସେମାନଙ୍କର କି ଦଶା ହେବ ଜଣା ଯାଇ ନାହିଁ । ବୋଧ ହୁଏ ରଜା ଦେଶାନ୍ତରିତ ହେବେ । କାରଣ ତାଙ୍କୁ ସ୍ୱଦେଶରେ କୌଣସି ପ୍ରକାରରେ ରଖିଲେ ଜୁଲୁମାନେ ତାଙ୍କୁ ମୁକୁଲାଇ ନେବା ଚେଷ୍ଟାରେ ବିଦ୍ରୋହ ଓ ଯୁଦ୍ଧ କରି ପାରନ୍ତି । ଉଲେସଲି ସାହେବ ଜୁଲୁମାନଙ୍କର ପ୍ରଧାନ ବ୍ୟକ୍ତିମାନଙ୍କୁ ସମବେତ କରି ଜଣାଇଅଛନ୍ତି ଯେ ଜୁଲୁ ରାଜ୍ୟ ବିଭାଗ ହେବ ଓ ପ୍ରତ୍ୟେକ ଭାଗରେ ଜଣେ ଇଂରେଜ ରେସିଡେଣ୍ଟ ରହି ରକ୍ଷଣାବେକ୍ଷଣ କରିବେ । ଏହା ହେଲେ ଜୁଲୁ ରାଜ୍ୟରେ ଇଂରେଜଙ୍କର ଆଧିପତ୍ୟ ସମ୍ପୂର୍ଣ୍ଣରୂପେ ସ୍ଥାପିତ ହେବ । ଜୁଲୁ ରଜା ସନ୍ଧି ନ କରି ବଡ ବୁଦ୍ଧି ହୁଡିଲେ ।

---

କେନ୍ଦ୍ରାପଡାର ଡେପୁଟିମେଜିଷ୍ଟ୍ରେଟ ଶ୍ରୀଯୁକ୍ତ କୃଷ୍ଣଗୋବିନ୍ଦଗୁପ୍ତ ସାହେବ ଆପଣା ଏଲାକାରେ ପ୍ରାୟ ମାସେକାଲ ଭ୍ରମଣ କରି ବନ୍ୟାପୀଡିତ ଲୋକମାନଙ୍କର ଅବସ୍ଥା ଦେଖି ଉପରସ୍ଥ ହାକିମମାନଙ୍କୁ ଜଣାଇଅଛନ୍ତି । ସେ ଏବିଷୟରେ ବିଶେଷ ପରିଶ୍ରମ ଓ କଷ୍ଟ ସ୍ୱୀକାର କରିଅଛନ୍ତି ଏଥିରୁ ଲୋକମାନଙ୍କ ପ୍ରତି ତାଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଜଣାଯାଏ । ଏଥିପାଁଇ ଅମ୍ଭେମାନେ ତାଙ୍କୁ ଧନ୍ୟବାଦ ଦେଉଅଛୁଁ ଓ ପ୍ରଶଂସା କରୁଁ

Digitized by srujanika@gmail.com

ଅଛୁଁ । ଉକ୍ତ ସବ୍‌ଡିବିଜନ ଏଲାକାରେ ୨୦୮୭ ଗୋଟି ଘର ସମ୍ପୂର୍ଣ୍ଣରୂପେ ଓ ୧୨୪୨ ଗୋଟିଘର ଆଂଶିକ ଭଗିଯାଇଅଛି । ଯେଉଁମାନେ ଦୁଃଖୀ ଓ ନିଜାସାହାଯ୍ୟରେ ଘର ପ୍ରସ୍ତୁତ କରି ନ ପାରିବେ ସେମାନଙ୍କର ତାଲିକା ହୋଇଅଛି ମାତ୍ର ସେମାନଙ୍କ ସଂଖ୍ୟା ଅଧିକ ନୁହେ । କଲେକ୍ଟର ନୋଲନ ସାହେବଙ୍କର ପ୍ରସ୍ତାବମତେ ମାଦ୍ରାଜ ଦୁର୍ଭିକ୍ଷ ଚେନ୍ଦାରୁ ସେମାନଙ୍କୁ ସାହାଯ୍ୟ ଦିଆଯିବ । କେନ୍ଦ୍ରାପଡାରେ ଚେନ୍ଦା ଦେବା ବ୍ୟକ୍ତିଙ୍କର ସଭା ହୋଇଥିଲା, ଉପସ୍ଥିତ ବ୍ୟକ୍ତିମାନେ ଉକ୍ତ ପ୍ରସ୍ତାବକୁ ମନୋନୀତ କଲେ । ପ୍ରତିଜଣକୁ ପାଞ୍ଚଟଙ୍କା ଦେବାର ସ୍ଥିର ହୋଇଅଛି । ଅମ୍ଭମାନଙ୍କ ବିବେଚନାରେ ସ୍ଥଳ ବିଶେଷରେ ଆଉ କିଛି ଅଧିକ ଦେଲେ ଉତ୍ତମ ହେବ ।

ଯାଜପୁର ଅସିଷ୍ଟାଣ୍ଟ କଲେକ୍ଟର ଆପଣା ଏଲାକା ଫସଲର ଅବସ୍ଥା ତଦନ୍ତ ନିମିତ୍ତ ମୋଫସଲକୁ ଆସିଅଛନ୍ତି । ଉତ୍ତରଅଞ୍ଚଳରେ କିଛି କ୍ଷତି ହୋଇ ନାହିଁ ଉତ୍ତମ ଫସଲ ହେବ ଅନ୍ୟ ସ୍ଥାନମାନଙ୍କରେ ମୋଟରେ ଆଠଅଣ ଫସଲ ହୋଇପାରେ । ଅଲଟି ପ୍ରଗନ୍ନାରେ ଗୋ ୭୪୩୨ । ଘର ଭଙ୍ଗି ଯାଇଥିବାର ପୁଲିସ ରିପୋର୍ଟ କରିଅଛନ୍ତି ଏହା କିଛି ବାହୁଲ୍ୟ ବୋଧହେଉଅଛି ସେ ସବଡିଭିଜନର ଅନ୍ୟ ସ୍ଥାନ ଓ ସଦର ସବ୍‌ଡିଭିଜନ ଏଲାକାରେ କେତେ ଘର ଭଙ୍ଗି ଅଛି ତହିଁର ସଂଖ୍ୟା ଏପର୍ଯ୍ୟନ୍ତ ଜଣା ଯାଇ ନାହିଁ ।

---

ଟାଲଟୁଲ ।

ଅମ୍ଭେମାନେ ନଗରଟାକ୍ସ ସଂଗ୍ରହର କଷ୍ଟ ପ୍ରସ୍ତାବରେ ଲୋକଙ୍କ ଟାଲଟୁଲ ସ୍ୱଭାବ ବିଷୟରେ କିଛି ବୋଲିବାର ପ୍ରତିଜ୍ଞା କରିଥିଲୁଁ ଅଦ୍ୟ ତାହା ପ୍ରତିପାଳନ କରୁଅଛୁଁ । ଟାଲଟୁଲ ଗୋଟିଏ କୁତ୍ସିତ ଓ ଅତି ଅନିଷ୍ଟକର କିନ୍ତୁ ଅଧିକାଂଶ ଲୋକ ଏ ଦୋଷର ବଶୀଭୂତ, ଇତର ଲୋକଙ୍କ କଥା ଛାଡିଦିଅ, କେତେକ ଧନୀ, ଭଦ୍ର ଓ ସଭ୍ୟଲୋକେ ସୁଦ୍ଧା ଏଥିରୁ ଛଡ଼ା ନୁହନ୍ତି ଏହା ଅତି ଆକ୍ଷେପର ବିଷୟ । କାହାରି୨ଠାରେ ଏ କୁସ୍ୱଭାବ ଏତେ ବଳବତ୍ତର ଯେ ସେମାନଙ୍କ ହସ୍ତରେ ଯଥେଷ୍ଟ ଅର୍ଥ ଥିଲେହେଁ ଅଭ୍ୟାସ ଦେଣ ସୁଦ୍ଧା ଏକାଥରକେ ପରିଶୋଧ କରନ୍ତି ନାହିଁ, ପାଉଣାବାଲ ଥରକୁ ଛଅଥର ନ ଦଉଡଲେ ସେମାନଙ୍କର ମନ ବୋଧ ହୁଏ ନାହିଁ ।

ପାଉଣାବାଲ ଅନେକଥର ଦଉଡଲେ ସେମାନଙ୍କର ଯେ କେତେକଷ୍ଟ ସମୟନଷ୍ଟ ଓ ଉପାୟରେ କ୍ଷତି ଏହା କି ଟାଲଟୁଲବାଲମାନେ ବୁଝନ୍ତି ନାହିଁ ? ଦୁଃଖୀ ଦୋକାନୀଠାରୁ କାଳ ସଉଦା ଆଣିବେ ବା ଦୁଃଖୀ ମୂଲିଆକୁ ମୂଲ ଲଗାଇବେ କିନ୍ତୁ ମୂଲ୍ୟ ବା ମୂଲ ଦେବାପାଇଁ ତାକୁ ବହୁଥର ଦଉଡାଇବେ, ଏଥିରେ ତାହାର କେତେ କଷ୍ଟ ଓ କେତେ ହାନି ଏହା କି ଏ ସ୍ୱୀକାର ନ କରିବ ? ଟାଲଟୁଲରେ ଦେଣ ଉଡ଼ାଇବାର ଯେଉଁମାନଙ୍କର ଇଚ୍ଛା ଥାଏ ସେମାନଙ୍କର କଥା ପୃଥକ୍ ବିଚାର କରିବା, ଯେଉଁମାନଙ୍କର ଏପରି ପାପଇଚ୍ଛା ନ ଥାଏ ସେମାନଙ୍କର ଏଥିରେ କି ଲାଭ ? ଲାଭ ମଧ୍ୟରେ ନିନ୍ଦା ଓ ଗାଳି । ଦେଣାଦାର ଓ ପାଉଣାବାଲ ଉଭୟ ସମାନ ଅବସ୍ଥାର ଲୋକ ଥିଲେ ସାକ୍ଷାତରେ ଗାଳି ଓ କଳହ ହୁଏ, ପ୍ରଥମୋକ୍ତ ବ୍ୟକ୍ତି ଉଚ୍ଚତର ଅବସ୍ଥାର ଥିଲେ ନିନ୍ଦା ବା ଗାଳି ପଛରେ ହୁଏ । ଏହା ଆମ୍ଭମାନଙ୍କ ମନୋକଳ୍ପିତ କଥା ନୁହେ ପ୍ରାୟ ପ୍ରତ୍ୟହ ଦେଖିବା ଶୁଣିବା କଥା । ଅମୁକ ବାବୁଠାରୁ ଅମୁକ ପାଉଣା ସକାଶେ ଦଉଡି୨ ଥକିଲିଣି ତଥାପି ସେ ଦେବାକୁ ନାହିଁ ଏହିପ୍ରକାର ନିନ୍ଦା ଅନେକ ପାଉଣାବାଲା କହି ବୁଲନ୍ତି ଓ ତହିଁ ସଙ୍ଗେ୨ ଦୁଇ ଏକପଦ ଗାଳି ମଧ୍ୟ ଦିଅନ୍ତି । ବାସ୍ତବରେ ଏହା କି ନିନ୍ଦନୀୟ ନୁହେ ? ଟଙ୍କାକୁ ଟାଳି ଗାଳି ଖାଇବାର କି ବାବୁପଣ ? ଏହା କି ଭଦ୍ରତା ? ।

କେହି୨ କହି ପାରନ୍ତି ଲୋକଙ୍କର ଅନେକ ପ୍ରକାର ବ୍ୟୟ, ସକଳ ଦେୟ ଏକାବେଳକେ ପରିଶୋଧ କରିବା କଷ୍ଟ । ସତ୍ୟ, ଏହା ଅମ୍ଭେମାନେ ସ୍ୱୀକାର କରୁଁ ଓ କେହି ଅଦୌ ଧାର ଗ୍ରସ୍ତ ନ ହେବାର ଆଶା କରାଯାଇ ନ ପାରେ କିନ୍ତୁ ଏତେ ଟାଳିବାର କି ଆବଶ୍ୟକ ? ଆପଣା ଆୟ ଓ ଉପାୟକୁ ବୁଝି ଦେଣା ପରିଶୋଧର କଟକଣା କଲେତ ନଟପିବ । ଯେ ଯେଉଁ ସମୟରେ ଯେଉଁ ପାଉଣା ବାଲାକୁ ଯେତେ ଦେଇ ପାରିବ ତହିଁ ଦୃଷ୍ଟିରେ ଅଙ୍ଗୀକାର ନ କରି କେବଳ କହିଦିଅନ୍ତି ଆଠଦିନେ ଦିଆଯିବ, ସେ ସେଦିନ ଆସିଲେ ଆଉ ଗୃହରଦିନକୁ ଟାଳିଦିଅନ୍ତି ସେଦିନ ଆସିଲେ କହନ୍ତି ଅଜକୁ କିଛି ଘଟନା ହେଲ ନାହିଁ କାଲ ନିଶ୍ଚୟ ଦିଆଯିବ, ସେ କାଲ ଅସିଲେ ଅଉକିଛି କହନ୍ତି ବା ଘରେ ଲୁଚନ୍ତି ବା ପାଉଣା ବାଲାକୁ ଓଲଟି ଧମକ ଚମକ କରନ୍ତି । ଏହି ଟାଲଟୁଲରୁ ଗୋଟିଏ ଫଉଜଦାରି ମକଦ୍ଦମା ଘଟିରେ ଉଦୟ ହୋଇ ଜଣେ ଭଦ୍ରଲୋକପ୍ରତି ଅର୍ଥଦଣ୍ଡ ବିଧାନ ହୋଇ ଥିଲା । କେବଳ ଟାଲଟୁଲ ହେତୁ ସିନା ତାଙ୍କର ଅର୍ଥ ଓ ମାନ ଉଭୟର ହାନି ହେଲା ଅତଏବ ଟାଲଟୁଲ ଯେତି ନିନ୍ଦନୀୟ ଓ ଅନିଷ୍ଟକର । ଶାସ୍ତ୍ରମାନଙ୍କେ ତାହା ତ୍ୟାଗ କରିବାର ଉଚିତ ନଚେତ୍ ଭଦ୍ରତା ଓ ସଭ୍ୟତା ପୂର୍ଣ୍ଣ ହୋଇ ନ ପାରିବ ।

ଯେଉଁ ସ୍ଥଳେ କେବଳ ଟାଲଟୁଲରେ ଏତେ ଦୋଷ ପଡ଼ୁଅଛି ସେ ସ୍ଥଳେ ଯେଉଁମାନେ ଦେଣ ଉଡାଇବା ମାନସରେ ଟାଲଟୁଲ କରନ୍ତି ସେମାନଙ୍କୁ ଗୁପ୍ତ ଦସ୍ୟୁ ଭିନ୍ନ ଆଉ କଣ କୁହାଯିବ । ପାଉଣାବାଲ ଟାଣ ହେଲେ ଦଉଡ଼ା ଦଉଡ ବା ଧମକ ଚମକ ବା ମକଦ୍ଦମା କରି ପାଉଣା ଆଦାୟ କରିନିଏ ନଚେତ୍ ଅନେକସ୍ଥଳେ ଟାଲଟୁଲରେ ଅନ୍ୟା ଦେଣ ଉଡିଯାଏ । ପାଉଣାବାଲ ଅନେକଥର ଦଉଡି ଓ ଅନେକ କଥା କହି ନ ପାରିଲେ ସେ ନିରୁପାୟ ହୋଇ ରହନ୍ତି, ଅଳ୍ପ ପାଉଣା ସକାଶେ ମକଦ୍ଦମା କର ଖର୍ଚ୍ଚାନ୍ତ ଓ ବଦ ହେବାକୁ ଚାହାନ୍ତି ନାହିଁ । ଏଥିରେ ଦେଣାଦାରମାନେ ଆପଣାର ଲାଭ ମନେକରନ୍ତି କିନ୍ତୁ ବାସ୍ତବରେ ତହିଁରେ ଲାଭ ନାହିଁ, ବରଂ ଅତି ଅଲାଭ । ସେମାନେ ପରର ଧାରୁଆ ହୋଇ ରହନ୍ତି ଇହକାଳରେ ନିନ୍ଦା ଗାଳି ପରକାଳରେ ଯଥୋଚିତ ଦଣ୍ଡ । ଇହକାଳରେ ଦେଣ ଉଡ଼ାଇ ଦିଅନ୍ତି ପରକାଳରେ ଉଡାଇ ପାରିବେ ନାହିଁ ନିଶ୍ଚୟ ଦଣ୍ଡ ଭୋଗିବେ । ଅତଏବ ଟାଲଟୁଲ ଯେତି କୌଣସିମତେ ଭଲ ନୁହଇ ଓ ତାହା ତ୍ୟାଗ କରିବାର ଅତି ଆବଶ୍ୟକ

---

କାବୁଲର ବିଦ୍ରୋହ ।

ନବାବ ସରୁ ଗୋଲାମହସେନ କାବୁଲକୁ ଯାଇ ନାହାନ୍ତି ବିଦ୍ରୋହର ବୃତ୍ତାନ୍ତ ଶୁଣି ଲେଉଟି ଆସି ଚଳିତମାସ ତା ୯ ରିଖରେ ଅଲିଖେଲରେ ପ୍ରବେଶ ହେଲେ । ତା ୧୬ ରିଖରେ ଉକ୍ତ ସ୍ଥାନରେ ଅମିରଙ୍କର ଗୋଟିଏ ପତ୍ର ପ୍ରବେଶ ହେଲା ସେଥିରେ ସେ ଲେଖିଅଛନ୍ତି ଯେ ସେ ଗବର୍ଣ୍ଣମେଣ୍ଟଙ୍କ ସଙ୍ଗେ ବନ୍ଧୁଭାବ ସମ୍ପୂର୍ଣ୍ଣରୂପେ ରକ୍ଷା କରିବେ ଓ ବିଦ୍ରୋହିମାନଙ୍କୁ ଯଥୋଚିତ ଶାସ୍ତି ଦେବେ ତା ୧୮ ରିଖରେ ଆଉ ଏକ ପତ୍ର ଅମିରଙ୍କଠାରୁ ପ୍ରାପ୍ତି ହୋଇ ଅଛି ସେଥିରେ ମଧ୍ୟ ସେ ପୂର୍ବୋକ୍ତ ପ୍ରକାର ଲେଖି ଅଛନ୍ତି । ଅମିରଙ୍କର ଲିଖ

Split by PDF Splitter
Digitized by srujanika@gmail.com

Split by PDF Splitter



ଯାହା ଥାଉ ସେ ଜୀବିତ ଅଛନ୍ତି ଓ ତାଙ୍କ ବଧ ଜନରବ ମିଥ୍ୟା ଅଟଇ ।

ତାଇମୁର ନାମକ ଜଣେ ସଓ୍ୱାର କାବୁଲରୁ ଅସି ଲୁଣ୍ଡି କୋଟାଲରେ ତା ୧୪ ରିଖରେ ପହୁଞ୍ଚିଅଛି ତାହା କହିବାରୁ ଜଣାଯାଏ ଯେ ତା ୩ ରିଖ ପ୍ରଭାତରେ ହିରାତର ଦେଶୀପଲଟନ ବାଲହିସାରରେ ସମବେତ ହୋଇ ଦୁଇମାସର ବେତନ ମାଗିଲେ ଏକମାସର ବେତନ ପାଇବାରୁ ବିଗିଡିଲେ । ଜଣେ ସେନା ପତି ଜର କହିଲା ଚାଲ ଯିବା ରାଜଦୂତ ଓ ଅମିର ଦୁହିଙ୍କୁ ବଧ କରିବା । ତହିଁ ସମସ୍ତେ ମାତି ରାଜଦୂତଙ୍କ କୋଠିଦ୍ୱାରରେ ପଡି କେତେକ ଭୃତ୍ୟଙ୍କୁ ମାରପିଟ କଲେ ଓ କୋଠିଗାର୍ଦ ବନ୍ଧୁକ ମାରିବାରୁ ଫେରିଆସି ଆପଣା ଅସ୍ତ୍ରଶସ୍ତ୍ର ଘେନି ଯାଇ କୋଠି ଆକ୍ରମଣ କଲେ । ଆକ୍ରମଣର ଯେ ବୃତ୍ତାନ୍ତ ପୂର୍ବେ ଲେଖା ହୋଇଅଛି ତାହାହିଁ ସେ କହିଲା ଅଧିକା କଥା ଏହି ଯେ ଦୁଇପ୍ରହର ସମୟରେ ରାଜଦୂତଙ୍କ ସଙ୍ଗୀ କେଲିବିନ ସାହେବ ସାହାଯ୍ୟ ପ୍ରାର୍ଥନାରେ ଅମିରଙ୍କ ଠାରୁ ପତ୍ର ପଠାଇଲେ । ଅମିର ଉତ୍ତର ଦେଲେ ଈଶ୍ୱରଙ୍କ ଇଚ୍ଛା ହେଲେ ଆମ୍ଭେ ଉଦ୍‌ଯୋଗ କରୁଅଛୁଁ । ମାତ୍ର ସେ କିଛି ସାହାଯ୍ୟ ନ କରିବାରୁ କେଲିବିନ ସାହେବ ଆଉ ଏକ ପତ୍ର ପଠାଇଲେ କିନ୍ତୁ ବିଦ୍ରୋହିମାନେ ଏପତ୍ରବାହକକୁ ଖଣ୍ଡ ଖଣ୍ଡ କରି କାଟି ପକାଇଲେ । ତହୁଁ ତାଇମୁର କହେ ପତ୍ର ନେଇ ବାହାରିଲା ମାତ୍ର ବିଦ୍ରୋହିମାନେ ତାକୁ ମାରପିଟ କରି ତାହାର ସର୍ବସ୍ୱ ଛଡାଇ ନେଇ ତାକୁ ଫୋପାଡି ଦେଲେ ଯେ ସେ ଅଚେତନ ହୋଇ ପଡିଲା । ଚେତନା ହେଲାରୁ ତାକୁ ସେମାନେ ଆପଣା ସେନାପତିଠାରୁ ଘେନିଗଲେ ଓ ସେ ତାକୁ ବନ୍ଦ କରିବାର ଆଜ୍ଞା ଦେଲେ । ତହିଁ ଆରଦିନ ଉଷାକାଳରେ ସେ କୌଣସିରୂପେ ବନ୍ଦୀରୁ ମୁକୁଳି ଅସି ଦେଖିଲା ଯେ ରାଜଦୂତଙ୍କ କୋଠି ଭସ୍ମୀଭୂତ ହୋଇଅଛି ଓ ସମସ୍ତେ ମରି ପଡିଅଛନ୍ତି । ସେ କୋଠି ଭିତରକୁ ନ ଯାଇ ପଳାଇ ଆସିଲା । ଯେଉଁ ସଓ୍ୱାରମାନେ ଘାସ ନେବାପାଇଁ ଅସିଥିଲେ ସେମାନେ କାବୁଲରେ ଅଟକ ହୋଇଅଛନ୍ତି । ପଥରେ କୌଣସିଠାରେ ସୈନ୍ୟ ନାହାନ୍ତି ।

ତା ୧୮ ରିଖରେ ସମ୍ବାଦ ଅସିଅଛି ଯେ ମହମ୍ମଦମାନେ ଦଳ ବୃଦ୍ଧି କରି ଦଖାରେ ଅଛନ୍ତି । ଅମିର ସମ୍ବାଦ ଦେବାର ନିଷେଧ କରି ଅଛନ୍ତି । କାବୁଲ ରକ୍ଷଣାର୍ଥେ ଅନେକ ସୈନ୍ୟ ସଂଗୃହୀତ ହୋଇଅଛନ୍ତି । ଅମେରଙ୍କର ମାତା ଅମିରଙ୍କ ସଙ୍ଗେ ବିବାଦ କରି ଛଅ ପଲଟନ ସୈନ୍ୟ ଓ ତୋପ ଘେନି ଦଖାକୁ ଅସିଅଛନ୍ତି । ଆଫଗାନର ସକଳ ଜାତୀୟ ଲୋକଙ୍କୁ ଇଂରେଜଙ୍କ ବିରୁଦ୍ଧରେ ଅଭ୍ୟୁତ୍ଥାନ କରାଇବାର ଚେଷ୍ଟାରେ ଅଛନ୍ତି ।

ତା ୧୯ ରିଖରେ ସମ୍ବାଦ ଅସିଅଛି ଯେ ହିରାତରେ ତା ୫ ରିଖରେ କାବୁଲ ସୈନ୍ୟଗଣ ବିଦ୍ରୋହାଚରଣ ପୂର୍ବକ ସେଠାର ଗବର୍ଣ୍ଣର, ଜେନରଲ ଫକୀର ଅହେମଦ ଖାଁଙ୍କୁ ବଧ କଲେ ଓ ତାଙ୍କ ଘର ଲୁଟି ନେଇ ପୋଡିଦେଲେ । ରାଜଦୂତଙ୍କ ଦଫାଦାର ଦୁଇଜଣ ସଓ୍ୱାର ୨୫ ଣ ଘାସିଆ ଓ ଅଉ କେତେକ ଭୃତ୍ୟ ପଳାଇ ଅସି ଆଲିଖେଲରେ ପ୍ରବେଶ ହୋଇ ଅଛନ୍ତି । ସେମାନେ କହନ୍ତି ହିରାତର ପଲଟନ କାବୁଲରେ ପହୁଞ୍ଚିବା ଦିନୁ ଗଣ୍ଡଗୋଳର ଆଶଙ୍କା ହୋଇଥିଲା ଓ ସେମାନେ ଏହା ରାଜଦୂତଙ୍କୁ ଜଣାଇଥିଲେ । ଅମିରଙ୍କର କୁମନ୍ତ୍ରଣାରେ ବିଦ୍ରୋହ ହୋଇଥିବାର ସେମାନେ ଅନୁମାନ ନ କରନ୍ତି । ତା ୨୦ ରିଖର ସମ୍ବାଦ ଏହି ଯେ ମାଗୁନରେ ଜଣେ ମୁଲ୍ଲା ଯିହାଦ ପ୍ରଚାର ପୂର୍ବକ ଇଂରେଜଙ୍କ ସଙ୍ଗେ ଯୁଝିବା କାରଣ ଲୋକମାନଙ୍କୁ ମତାଉଅଛନ୍ତି । ମୁସଲମାନଙ୍କ ମତରେ କାଫର ଅର୍ଥାତ୍ ଅନ୍ୟଧର୍ମୀଙ୍କୁ ବଧ କରିବାର ବଡ ପୁଣ୍ୟ ଏ ଉଦ୍ଦେଶ୍ୟରେ କାଫରଙ୍କ ସଙ୍ଗେ ଯୁଝିବାର ଉପଦେଶକୁ ଜିହାଦ ବୋଲନ୍ତି ।

ସର ରବର୍ଟ ସାହେବ ସବୁ ବାଧା ଅତିକ୍ରମ କରି କାବୁଲରେ ଶୀଘ୍ର ପ୍ରବେଶ ହେବାର ଚେଷ୍ଟା କରୁ ଅଛନ୍ତି । ତାଙ୍କ ସୈନ୍ୟଦଳ ବୃଦ୍ଧି କମନ୍ତେ ଅଧିକ ସୈନ୍ୟ ପ୍ରେରିତ ହୋଇଅଛନ୍ତି । ଖାଇବର ଘାଟି ଓ ଅନ୍ୟାନ୍ୟ ସ୍ଥାନକୁ ଗବର୍ଣ୍ଣମେଣ୍ଟ ସୈନ୍ୟ ପଠାଉ ଅଛନ୍ତି କାବୁଲିଙ୍କୁ ପ୍ରତିଫଳ ଦେବାର ଉଦ୍‌ଯୋଗରେ କିଛି ତ୍ରୁଟି ନାହିଁ ଓ ଅବିଳମ୍ବେ ସେମାନେ ପ୍ରତିଫଳ ପାଇବେ । ଅମିର ବିଦ୍ରୋହରେ ଲିପ୍ତ ଥିବାର ଅନେକେ ଅନୁମାନ କରନ୍ତି କାରଣ ରାଜଦୂତଙ୍କ କୋଠି ଆକ୍ରମଣ ସମୟରେ ତାଙ୍କର ଆଉ ସୈନ୍ୟ ଥିଲେ ସେମାନଙ୍କଦ୍ୱାରା ବିଦ୍ରୋହିମାନେ ଦମନ ହୋଇ ଥାନ୍ତେ ଓ ରାଜଦୂତଙ୍କୁ ସାହାଯ୍ୟ କରିବା କାରଣ ଜଣେ ମୁଲ୍ଲା ତାଙ୍କୁ ଅନେକ ଅନୁରୋଧ କଲେହେଁ ସେ କିଛି ଯତ୍ନ ନ କଲେ ପୁଣି ସମ୍ବାଦ ଦେବାର ନିଷେଧ କରି ଅଛନ୍ତି ଶେଷୋକ୍ତ କଥା ସତ୍ୟ କି ମିଥ୍ୟା ନିଶ୍ଚୟ ଜଣାଯାଇ ନାହିଁ । ରବର୍ଟସାହେବ କାବୁଲରେ ପହୁଞ୍ଚିଲେ ପ୍ରକୃତ କଥାସବୁ ଜଣା ପଡିବ । ଆମ୍ଭମାନଙ୍କ ବିବେଚନାରେ ଅମିର ବିଦ୍ରୋହରେ ଲିପ୍ତ ଥାଉନ୍ତୁ ନ ଥାଉନ୍ତୁ ବିଦ୍ରୋହ ନିବାରଣରେ ତ୍ରୁଟି କରିବାର ଦୋଷୀ ଅଟନ୍ତି ରାଜଦୂତଙ୍କ ରକ୍ଷା ସନ୍ଧିର ଗୋଟିଏ ନିୟମ ଥିଲା ଏ ନିୟମ ପ୍ରତିପାଳନରେ ସେ ଯଥୋଚିତ ଯତ୍ନ କରି ନାହାନ୍ତି ଅତଏବ ଏହି ଦୋଷରେ ଗବର୍ଣ୍ଣମେଣ୍ଟ ତାଙ୍କୁ ଅନାୟାସେ ଦାୟୀ କରି ପାରନ୍ତି ।

---

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏଠାରେ ପ୍ରଚୁର ଓ ଲଗାଣବୃଷ୍ଟି ହୋଇଅଛି । ଗତ ସପ୍ତାହରେ ନଗର ଅପେକ୍ଷା ମୋଫସଲରେ ଅଧିକ ବୃଷ୍ଟି ହୋଇଥିଲା । କେନ୍ଦ୍ରାପଡ଼ାରେ ସର୍ବାପେକ୍ଷା ଅଧିକ ସେଠାରେ ନ ଇଞ୍ଚ ବର୍ଷା ହୋଇଥିଲା । ଏ ବିଶେଷ ବର୍ଷାଯୋଗେ କାଳମୁଖୀ ପୋକଙ୍କର ବଂଶ ନାଶ ହୋଇଅଛି ଓ ଫସଲର ଅବସ୍ଥା କିଛି ସୁଧୁରିଅଛି । ସୁଖର ବିଷୟ ।

ଆମ୍ଭେମାନେ ଗତସପ୍ତାହରେ ଏକଟଙ୍କା ଓ ଦୁଇଟଙ୍କା ଲାଇସେନ୍‌ସ ଟାକ୍‌ସ ରହିତ ହେବାକାରଣ ଲାଟସାହେବଙ୍କ ଆଜ୍ଞାହୋଇଥିବାର ସମ୍ବାଦ ଜଣାଇ ତାହା ଶୀଘ୍ର ପ୍ରଚାର କରିବାର ପ୍ରସ୍ତାବ କରିଥିଲୁଁ । ବର୍ତ୍ତମାନ ଆନନ୍ଦପୂର୍ବକ ଅବଗତ ହେଲୁଁ ଯେ ସେ ଆଜ୍ଞା ପ୍ରଚାର ହୋଇଅଛି ଅଉ ତଦ୍ରୂପ ଟାକ୍‌ସ ନିଆହେଉ ନାହିଁ ଓ ଯାହା ନିଆହୋଇଅଛି ତାହା ଅନ୍ୟ ଆଜ୍ଞାପର୍ଯ୍ୟନ୍ତ ଫେରି ଦିଆ ନଯିବ । ବୋଧହୁଏ ଏହା ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନରେ ଅଛି ଫେରିଦେବାର ଆଜ୍ଞା ହୋଇପାରେ ।

ଦାଖଲ ଖାରିଜ କର୍ମସକାଶେ କଟକରେ ଜ୨୮ ଣ, ପୁରୀରେ ଜ୨୦ ଣ, ଓ ବାଲେଶ୍ୱରରେ ଜ୨୦ ଣ ଠିକା ମୋହରର ନିଯୁକ୍ତହେବାର ବୋର୍ଡ ମଞ୍ଜୁର କରିଅଛନ୍ତି । ଏଠାରେ ଅଠଜଣ ମୋହରର ପୂର୍ବରୁଥିଲେ ବାକୀ ଜ୨୦ ଣ ସକଶେ ତିନିଶଅରୁ ଅଧିକ ଦରଖାସ୍ତ ପଡିଲା ଓ ଉମେଦୱାରଙ୍କର ବଡ ଜଞ୍ଜାଳ ହୋଇଥିଲା । ଯେପର୍ଯ୍ୟନ୍ତ ଅଧିକାଂଶ ଲୋକେ କେବଳ ଚାକରିପ୍ରିୟ ଥିବେ ସେପର୍ଯ୍ୟନ୍ତ ଏହି ଅବସ୍ଥାହିଁ ଥିବ ।

ଚଉଧୁରୀ ପକ୍ଷିତଦାସଙ୍କ ନରହତ୍ୟା ମକଦ୍ଦମା ନରସିଂହପୁରର ସବ୍‌ଇନସ୍ପେକ୍ଟରଙ୍କ ତଦନ୍ତରେ ପ୍ରମାଣ ନ ହେବାରୁ ବାବୁ ରଘୁନାଥଘୋଷ ଇନ୍‌ସ୍ପେକ୍ଟର ପୁନର୍ବାର ତଦନ୍ତ କରୁଅଛନ୍ତି ।

ଢେଙ୍କାନାଳର ନାବାଳଗ ରାଜା ଗତ ରବିବାର ଏଠାରୁ ଆପଣା ଗଡ଼କୁ ଫେରିଗଲେ । ଆଗାମି ଜାନୁଏରି ମାସ ଠାରୁ ଏ ରାଜା କଟକରେ ରହି କଲେଜରେ ଅଧ୍ୟୟନ କରିବାର ପ୍ରସ୍ତାବ ହୋଇଅଛି ।

ଦଶପଲ୍ଲାର ରାଜା ଗତସପ୍ତାହରୁ ଏ ନଗରକୁ ଅସି ଅଛନ୍ତି । ପ୍ରାୟ ଏହି ସପ୍ତାହରେ ଗଡକୁ ଲେଉଟି ଯିବେ । ଏହାଙ୍କ ଆଗମନର ବିଶେଷ ପ୍ରୟୋଜନ ଜଣା ପଡ ନାହିଁ ।

ଯାଜପୁରରେ ଗତସପ୍ତାହର ବିଶେଷ ବର୍ଷା ସଙ୍ଗେ ୨ ନଦୀ ବଢି ମଧ ହୋଇଥିଲା ପାଣି ଉଛୁଳି ବାହାରିଥିଲା ମାତ୍ର ଶୀଘ୍ର ନଦୀ ଛଡ ଯିବାରୁ କିଛି କ୍ଷତି ହୋଇ ନାହିଁ ।

Digitized by srujanika@gmail.com

Split by PDF Splitter



ବଗସରଠାରେ ତା ।୧୬ ଦିନରୁ ତା ୧୭ ଦିନ ପର୍ଯ୍ୟନ୍ତ ଅନବରତ ଘୋର ବୃଷ୍ଟି ଓ ମଧ୍ୟେ ବଡ ବତାସ ହୋଇଥିଲା ଲୋକମାନଙ୍କ କଷ୍ଟ ଓ ସାମଗ୍ରୀପତ୍ର ଭସିବାରୁ ଅଭ ବହୁ କ୍ଷତି ହୋଇନାହିଁ ।

ପୁରୀ କଲେକ୍ଟରି ସିରସ୍ତାଦାର ବାବୁ ବଳରାମଘୋଷ ସବ୍‌ଡେପୁଟୀ କର୍ମ ଗ୍ରହଣ ନ କରି କମିଶନରି ସିରସ୍ତାଦାରି ଗ୍ରହଣ କଲେ । ସେ ଆଗାମୀ ଅକ୍ଟୋବର ମାସ ତା ୫ ଦିନରେ କମିଶନରିକୁ ଆସିବେ । ତାଙ୍କ ପରିବର୍ତ୍ତେ ସବ୍‌ଡେପୁଟୀ କର୍ମରେ କେହି ମନୋନୀତ ହେବାର ଜଣାପଡ଼ ନାହିଁ ।

ଦୁର୍ଗାପୂଜା ଛୁଟି ବନ୍ଦ କର୍ତ୍ତନ ପ୍ରସ୍ତାବ ପ୍ରତିବାଦରେ କଲିକତା ଭାରତବର୍ଷୀୟ ସଭା ଗବର୍ଣ୍ଣମେଣ୍ଟଙ୍କ ଆବେଦନ ପତ୍ର ପଠାଇ ଅଛନ୍ତି । ଦୁର୍ଗାପୂଜାରୁ ଆଠଦିନ ବନ୍ଦ ନହେଲେ ଲକ୍ଷ୍ମୀପୂଜାରୁ ପୁଣି ଦୁଇ ଏକଦିନ ବନ୍ଦ ହେବ । ବାକି ଦୁଇ ଦିନ ସକାଶେ ଗଣ୍ୟ ଲୋକଙ୍କ ମନରେ ଅସନ୍ତୋଷ ଜନ୍ମାଇବାର ଉଚିତ ନୁହେ ।

ସରକାରି ବ୍ୟୟ ଲାଘବ ଫନ୍ଦିରେ ବମ୍ବେ ହାଇକୋର୍ଟର ପ୍ରଧାନ ଜଜ ଉଏଷ୍ଟରୋପ ସାହେବ ମହତ ଦୃଷ୍ଟାନ୍ତ ଦେଖାଇ ଅଛନ୍ତି । ସେ ଆପଣାର ବେତନ ମାସିକ ଏକହଜାର ଟଙ୍କା କାଟିଦେବାର ପ୍ରସ୍ତାବ କରିଅଛନ୍ତି । ଏ ମହାନ ବ୍ୟକ୍ତି ଗବର୍ଣ୍ଣମେଣ୍ଟଙ୍କର ପ୍ରକୃତ ନିମକହଲାଲ । ଅନ୍ୟ ଉଚ୍ଚବେତନଭୋଗୀ କର୍ମଚାରୀମାନେ ଏପରି ପ୍ରସ୍ତାବ କରିବେକି? ପୂର୍ବ ଗବର୍ଣ୍ଣର ଲାଟ ବେଣ୍ଟିଙ୍କସାହେବ ବ୍ୟୟ କର୍ତ୍ତନ ନିମିତ୍ତ ଆପଣାର ବାର୍ଷିକବେତନ ଅର୍ଦ୍ଧଲକ୍ଷ ଟଙ୍କା କାଟିଦେଇଥିଲେ । ଉଚ୍ଚବେତନମାନ ଉପଯୁକ୍ତମତେ କର୍ତ୍ତନ କରିଦେଲେ ସରକାରଙ୍କର ଅନେକ ଲାଭହେବ, ଆଉ ଟାକ୍ସ ନେବାକୁ ଦରକାର ନାହିଁ ଅନେକ ଲୋକଙ୍କର ଏହିମତ ମାତ୍ର ଗବର୍ଣ୍ଣମେଣ୍ଟ ବୁଝିଲେହୁଏ । ଦପ୍ତରି ଖରଚସି କାଟିଲେ କେତେ ଲାଭହେବ । ଏଠା କଲେକ୍ଟର ନୋଲନସାହେବ କାନୁନଗୋଙ୍କର ବେତନମାନ କାଟିବାର ପ୍ରସ୍ତାବ କରିଥିଲେ ଛୋଟ କମିଶ୍ନର ସାହେବ ସେଥିରେ ଅସମ୍ମତହେଲେ ।

ବାବୁ ଲାଲମୋହନ ଘୋଷ ବିଲାତରେ ଭାରତବର୍ଷ ବିଷୟରେ ଆଉ ଗୋଟିଏ ବକ୍ତୃତା ଗତମାସ ତା ୧ ଦିନରେ ପ୍ରଦାନ କରିଥିଲେ । ଏହା ଶୁଣିବା ପାଇଁ ଅନେକ ସାହେବ ଓ ମେମ ସଭାକୁ ଆସିଥିଲେ ଓ ସମସ୍ତେ ବକ୍ତୃତାରେ ସନ୍ତୁଷ୍ଟ ହେଲେ ଓ କେହି୨ ଇଂରେଜବକ୍ତା ବାବୁଙ୍କ କଥାର ପୋଷକତା କଲେ । ସ୍ଥାନାଭାବ ହେତୁ ସବଶେଷ ଲେଖି ନ ପାରିଲୁ । ଲାଲମୋହନ ବାବୁ ଆପଣା ଉଦ୍ଦେଶ୍ୟ ସାଧନରେ ଅଗ୍ରସର ହେଉ ଅଛନ୍ତି ।

ରଙ୍ଗାଚରଣ ନାମକ ଜଣେ ଅଷ୍ଟାବଧାନୀ ପଣ୍ଡିତ କୋଏମ୍ବତୁରରୁ କଲିକତାକୁ ଆସି ଅଛନ୍ତି ନିକଟରେ ମହାରାଜା ଜ୍ୟୋତୀନ୍ଦ୍ରମୋହନ ଠାକୁରଙ୍କ ଘରଠାରେ ଅନେକ ଲୋକଙ୍କ ସାକ୍ଷାତରେ ସେ ଆପଣା ଚମତ୍କାରଗୁଣର ପରିଚୟ ଦେଇଥିଲେ । ଜଣେ ତାଙ୍କୁ ଶ୍ଳୋକର ଶେଷ-ଚରଣ ଦେଲେ ସେ ତହିଁର ପ୍ରଥମ ତିନିଚରଣ ତତ୍କ୍ଷଣାତ ରଚନା କରି ଦେଲେ । ଆଉ ଜଣେ କେତେକ ଗୋଟି ଅକ୍ଷର କହିଲେ, ସେ ସେହି ଅକ୍ଷରମାନ ଦେଇ ଶୃଙ୍ଗାରର ଶ୍ଳୋକଟିଏ ରଚନା କଲେ । ଆଉ ଜଣେ ଘଡିଘଣ୍ଟା ବଜାଇଲେ ସେ ବାଜିବାର ସଂଖ୍ୟା ଗଣି କହିଦେଲେ । ସେ ଷୋଳକୋଣିଆ ଘରଟିଏ କାଟି ସେଥିରେ ୧୬ ଘର କଲେ ଆଉ ଜଣେ ଗୋଟିଏ ମୋଟ ଅଙ୍କ କହିଲେ । ସେ ୧୬ ଘରରେ ଏପରି ଅଙ୍କମାନ ବସାଇଲେ ଯେ କୌଣସି ଦିଗର ଚାରିଘରର ଅଙ୍କ ସବୁ ମିଶାଇଲେ ମୋଟ ଅଙ୍କ ସଙ୍ଗେ ଠିକ ଆସିଲା । ଆଉ ଜଣେ ତାଙ୍କ ଗୁଣାଣ ଗୋଟିଏ ଦେଲେ ତାହା ସେ ମନେ୨ କରି ଦେଲେ । ଏ ସବୁ ସେ ଏକାବେଳକେ କଲେ । ଧନ୍ୟ ତାଙ୍କ ସ୍ମରଣ ଶକ୍ତି ଓ ଅଭ୍ୟାସ । ପ୍ରାୟ ସମସ୍ତ ପଣ୍ଡିତଙ୍କର ଆଗରେ ଅଶ୍ରଦ୍ଧା ଓ ଉପହାସ । ଏ ପଣ୍ଡିତ ଅଙ୍କବିଦ୍ୟାରୁ ମଧ୍ୟ କିଛି ଅଭ୍ୟାସ କରି ଅଛନ୍ତି ।

ଜେଲ ନାମକ ନଗରରେ ଭୟାନକ ଅଗ୍ନିକାଣ୍ଡ ହୋଇ ଅଛି । ସକଳ ସରକାରିଘର ଓ ନଗରର ତିନିଭାଗ ସମ୍ପୂର୍ଣ୍ଣରୂପେ ପୋଡି ଯାଇଅଛି । ତିନିଦିନ ପର୍ଯ୍ୟନ୍ତ ନିଆଁ ନ ଲିଭିଥିଲା । ଏଥି ମଧ୍ୟରେ ସେଠା ଲୋକେ ନିଆଁ ଲିଭାଇ ପାରିଲେ ନାହିଁ ବଡ ଆଶ୍ଚର୍ଯ୍ୟ ।

ବ୍ରହ୍ମାର ବର୍ତ୍ତମାନର ରାଜା ଥିବାଙ୍କ ପିତାରାଜାଙ୍କର ୫୩ ରାଣୀ ୪୮ ପୁତ୍ର ଓ ୬୨ କନ୍ୟା ଥିଲେ । ରାଜାଙ୍କ ଜୀବଦ୍ଦଶାରେ ରାଣୀଙ୍କ ମଧ୍ୟରୁ ୧୨ ଜଣଙ୍କର କାଳ ହୋଇଥିଲା ୨ଜଣ ବିଟପୀ ହୋଇ ନଗରରୁ ତାଡିତ ଓ ୨ଜଣ ବିଦ୍ରୋହ ଦୋଷରେ ବନ୍ଦୀହୋଇଥିଲେ, ୧୩ଜଣ ରାଜାଙ୍କ ଶରୀର ପୀଡା ବା ମୃତ୍ୟୁସମୟରେ ଛଅରରୁ ପଳାଇଲେ । ବାକି ୨୪ରାଣୀଙ୍କ ମଧ୍ୟରୁ ୧ଜଣଙ୍କୁ ତାହାର ୧୪ଗୋଟି ପିଲାପିଲି ସହିତ ଥିଇବା ବଧକଲେ, ୧୭ଜଣଙ୍କୁ ବନ୍ଦୀକରି କେତେଜଣଙ୍କୁ ଦୋହୋର ବେଡି କଠିନ ପରିଶ୍ରମ ଓ ଅର୍ଦ୍ଧ ଆହାରରେ ରଖି ଅଛନ୍ତି । ବାକି ଜ ୬ ଣ ନଗରରେ ଅଛନ୍ତି ୪୮ ପୁତ୍ରଙ୍କ ମଧ୍ୟରୁ ରାଜାଙ୍କ ଜୀବଦ୍ଦଶାରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିଲା ୧୪ଜଣଙ୍କୁ ଥିଇବା ବଧ କଲେ ୪ଜଣ ପଳାଇ ଆସି ଇଂରେଜଙ୍କ ରାଜ୍ୟରେ ଅଛନ୍ତି । ଜଣେ ପାଗଳ ହୋଇଅଛି ୪ଜଣ ଅତି ପିଲା ଅଛନ୍ତି ବାକିଜଣଙ୍କ ନକେ ଥିଇବା କ୍ରିରାଜ ୬୨ କନ୍ୟାଙ୍କ ମଧ୍ୟରୁ ୨୬ଜଣ ମରିଥିଲେ ବାକି ୩୫ ଜଣଙ୍କ ମଧ୍ୟରୁ ଜ୪ଣଙ୍କୁ ସେମାନଙ୍କର କୁଟୁମ୍ବ ସହିତ ଥିଇବା ବଧ କଲେ, ୨୧ଜଣଙ୍କୁ ନଅରରେ ଓ ୯ଜଣଙ୍କୁ କାରାବାସରେ ବନ୍ଦ କରିଅଛନ୍ତି । ବାକି ଏକ କନ୍ୟା ଓ ତିନିପୁତ୍ରର ଠିକଣା ଜଣା ନାହିଁ ବୋଧହୁଏ ପଳାଇଥିବେ ।

୧ । ସୁଲଭ ସମାଚାର ଲେଖିଅଛନ୍ତି ସେଦିନ ଶିବପୁରରେ ଜଣେ ମୁସଲମାନ ସ୍ତ୍ରୀଲୋକ ରାତ୍ରି ଏଗାରଟାଠାରୁ ଦୁଇଟା ପର୍ଯ୍ୟନ୍ତ ପ୍ରସବଧୂକୁ ମାରି୨ କମ:କସିକୁ ପଠାଇଅଛି ପରନ୍ତୁ ଏପରି ଶୁଣା ଯାଉଅଛି ଯେ ପୁଲିସର କାନକୁ ଏ ଖବର ଆସି ନାହିଁ । ଏହା ସତ୍ୟ କି ମିଥ୍ୟା ତାହା ଆମ୍ଭେମାନେ କହି ନ ପାରୁଁ କିନ୍ତୁ ଗବର୍ଣ୍ଣମେଣ୍ଟଙ୍କର ଥରେ ତଦନ୍ତ କରିବାର ଉଚିତ ।

୨ । କାଶ୍ମୀର ଓ ସିନ୍ଧିଆର ମହାରାଜା କାବୁଲ ଦୁର୍ଘଟନାରେ ଦୁଃଖ ଓ ସହାନୁଭୂତି ପ୍ରକାଶ କରି ଲିଟନ ସାହେବଙ୍କୁ ପତ୍ର ଲେଖିଅଛନ୍ତି

୩ । କୁଚବେହାରର ରାଜପରିବାରସ୍ଥ କୁମାର ଗଜେନ୍ଦ୍ର ନାରାୟଣ ଭୂପ ନୂତନ ପ୍ରଣାଳୀରେ ସିବିଲସର୍ଭାନ ହୋଇଅଛନ୍ତି ବର୍ତ୍ତମାନ ଏ ବିଲାତରେ ଅଛନ୍ତି ଓ ବାରିଷ୍ଟରି ପାଶ କରୁଅଛନ୍ତି ନୂତନ ସିବିଲସର୍ଭାନଙ୍କ ପଦ ଏହିପରି ଶିକ୍ଷିତ ସମ୍ଭ୍ରାନ୍ତ ଲୋକଙ୍କୁ ଦିଆଯିବ ଆଉ ଗୁଣାଗୁଣ ବିଚାର କରି କିଛି କରା ଯିବ ନାହିଁ ।

ମାନ୍ଦ୍ରାଜ ଇଲକା ବଙ୍ଗାଲୋରରେ ଦୁଇଜଣ ଯୁବା ସ୍ତ୍ରୀ ଡାକଘରେ କିରାଣି କର୍ମରେ ପରୀକ୍ଷାଧୀନ ନିଯୁକ୍ତ ହୋଇ ଅଛନ୍ତି । ଏକମାସ ଭିତରେ ସେମାନେ ଉତ୍ତମ ରୂପେ କର୍ମ କରିବାର ଜଣାଗଲେ ବାହାଲ ହେବେ । ଭାରତବର୍ଷରେ ସ୍ତ୍ରୀମାନେ ଏରୂପ କାର୍ଯ୍ୟ କରିବାର ପ୍ରଥମ ଦୃଷ୍ଟାନ୍ତ ଏହି ଅଟେ । ଲଣ୍ଡନରେ ସ୍ତ୍ରୀମାନେ ଜାହାଦ କର୍ମରେ ନିଯୁକ୍ତ ହୋଇ ଅଛନ୍ତି । ଏ ଦେଶୀୟ ସ୍ତ୍ରୀମାନେ ଏହା ଶୁଣି ଚମତ୍କୃତ ହେବେ ।

ଜର୍ମାନଦେଶୀୟ ଏକ ପତ୍ରିକାରେ ପ୍ରକାଶ ଯେ, କାଉଲନ୍ସେରନବାକ୍ ନାମକ ଜଣେ ବ୍ୟକ୍ତି ଶାସ୍ତ୍ରକାର ଅନୁଶୀଳନ କରି ଭଲରୁ ଉଦ୍ଭାବନ କରିଅଛନ୍ତି ଯେ, ଯେଉଁ ଲୋକର ଦର୍ପଣରେ ପ୍ରତିବିମ୍ବ ପଡେ ସେହି ଲୋକ ସ୍ଥାନାନ୍ତରିତ ହେଲେହେଁ ବା ରସାୟନ ସାହାଯ୍ୟରେ ତାହାର ପ୍ରତିବିମ୍ବ ସେହି ଦର୍ପଣରେ ଅନେକଦିନ ପର୍ଯ୍ୟନ୍ତ ରହିପାରିବ । ସେ କହନ୍ତି ଯେ କେତେକ ପ୍ରକାର ଦ୍ରବ୍ୟକୁ ମିଶାଇ ଗୋଟିଏ ଦର୍ପଣ ଉପରେ ବୋଳିବାକୁ ହେବ, ତତ୍ପରେ ତାହାର ପଶ୍ଚାଦ୍‌ଭାଗ ତୈଳାକ୍ତ କରି କୌଣସି ବ୍ୟକ୍ତିର ସମ୍ମୁଖରେ ଧରିଲେ ସେହି ବ୍ୟକ୍ତିର ଚେହେରା ସେଥି ଉପରେ ପଡ଼ି ସ୍ଥାୟୀ ହେବ । ବାହବା ।

ଅନେକ ଡାକ୍ତର ହଲଓ୍ୱେ ସାହେବଙ୍କର ଔଷଧ ବିଷୟ ଜାଣନ୍ତି । ତାଙ୍କର ବଟିକା ଅଧିକାଂଶ କଠିନ ରୋଗର ମହୌଷଧ ଅଟେ, ତାଙ୍କର ଔଷଧ ପୃଥିବୀର ପ୍ରାୟ ସର୍ବାଂଶରେ ଅତ୍ୟନ୍ତ ଆଦୃତ ହୋଇଅଛି । ପାଇଓନିୟର ଲେଖନ୍ତି ଯେ, ଏହି ଔଷଧ ବିକ୍ରୟ କରିବାଦ୍ୱାରା ତାଙ୍କର ବର୍ଷରେ ୧୦୦୦୦୦୦୦ ଏକକୋଟି ଟଙ୍କା ଆୟ ହୁଏ, ତାହାହେଲେ ମାସରେ ତାଙ୍କର ୮୩୩୩୩୩ ଟଙ୍କା ଏବଂ ଦିନରେ ୨୭୭୭୭ ଟଙ୍କା ଓ ଘଣ୍ଟାରେ ୧୧୫୭ ଅବା ପ୍ରତି ମିନଟରେ ୨୦ ଟଙ୍କା ଲେଖାଏଁ ପଡୁଅଛି । ପାଠକ ! ତୁମ୍ଭେ ଆମ୍ଭେ ପାଞ୍ଚମିନିଟ କଥାବାର୍ତ୍ତା କରିବା ବେଳକୁ ହଲଓ୍ୱେ ସାହେବ ଶଏଟଙ୍କା ଉପାର୍ଜନ କଲେଣି । ବାହବା

## ବିଜ୍ଞାପନ ।

ବାଲେଶ୍ୱର ନଗରବାସିଙ୍କ ଯତ୍ନରେ ବାଲେଶ୍ୱରନଗରରେ ଗୋଟିଏ ଦେଶୀୟ ଚିକିତ୍ସାଳୟ ସ୍ଥାପିତ ହେବ । ସେଥି ନିମନ୍ତେ ଜଣେ ସୁବୈଦ୍ୟ ପ୍ରୟୋଜନ । ବେତନ ମାସକୁ ଟ ୩୦ ୲ ବୈଦ୍ୟଙ୍କର କାର୍ଯ୍ୟଦକ୍ଷତାର ପରିଚୟ ପାଇଗଲେ ମାସିକ ବେତନ ଟ ୪୦ ୲ ହେବାର ସମ୍ଭାବନା ; ବୈଦ୍ୟଙ୍କ ରହିବାନିମନ୍ତେ ବିନାଭଡାରେ ବସାଘର ଦିଆଯିବ । ଏହା ଛଡା ଉପରି ଆୟର ସୁବିଧାଅଛି । ଯେଉଁମାନେ ଧାତୁସଂସ୍କୃତ ପାକେୟ ଔଷଧ ପ୍ରସ୍ତୁତ କରିପାରନ୍ତି, ତୈଳ ଏବଂ ଘୃତ ସିଦ୍ଧ କରିପାରନ୍ତି ଓ ହସ୍ତଚାଳାରେ ବ୍ୟୁତ୍ପନ୍ନ, ଏମନ୍ତ ଲୋକର ପ୍ରୟୋଜନ । ଯେଉଁମାନେ ସେହି ପଦପାଇବାକୁ ଇଚ୍ଛାକରନ୍ତି, ସେମାନେ ଏହି ସେପ୍ଟେମ୍ବର ମାସ ମଧ୍ୟରେ ଦୁଇଏକ ଜଣ ପ୍ରଧାନ ଲୋକଙ୍କ ପ୍ରଶଂସାପତ୍ର ସହିତ ଆପଣା୨ ପ୍ରାର୍ଥନାପତ୍ର ନିମ୍ନଲିଖିତ ସ୍ୱାକ୍ଷରକାରୀଠାକୁ ପ୍ରେରଣ କରିବେ ।

ବାଲେଶ୍ୱର ୧୦ ।୯ ।୬୯ — ଶ୍ରୀ ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଦେଶୀୟ ଚିକିତ୍ସାଳୟର କାର୍ଯ୍ୟନିର୍ବାହକ କମେଟୀର ସମ୍ପାଦକ ।

ଗବର୍ଣ୍ଣମେଣ୍ଟ ହିନ୍ଦୁକୋନା ନୁଣ

ବୁଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ କଲିକତାର ପ୍ରଧାନ୨ ଦେଶୀୟ ଓ ବିଲାତି ଔଷଧବିକ୍ରେତାଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକେଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଆଉନ୍ସକୁ ଟ ୭ ୲ ଓ ୮ ଆଉନ୍ସକୁ ଟ ୧୧ ୲ ୧୬ ଆଉନ୍ସକୁ ଟ ୨୦ ୲ ଫରମାସ ସଙ୍ଗେ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

## MINOR SCHOLARSHIP COURSE

### For 1880.

*English.*—Lethbridge's easy Selections, Lennie's Grammar to the end of Syntax and English composition in addition to all the subjects selected for Vernacular Scholarship Course as given below.

*N. B.*—In the lower classes of all Middle English Schools, Hari Prasad's and Udoynath's English Grammar explained in Oriya may be used with advantage. Brajanath's English composition will also be used.

---

### ୧୮୮୦ ସାଲ ନିମନ୍ତେ
### ମଧ୍ୟମଶ୍ରେଣୀ ସ୍କୁଲର ପାଠ୍ୟପୁସ୍ତକ

—※—

#### ସା ହି ତ୍ୟ ।

| | ଗଦ୍ୟ | ପଦ୍ୟ | ବ୍ୟାକରଣ |
|---|---|---|---|
| ୧ମ ଶ୍ରେଣୀ— | ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ଓଡ଼ିଶାର ଇତିହାସ | କବିତାବଳୀ | ନିମାଇଙ୍କ ବ୍ୟାକରଣ ସମୁଦାୟ |
| ୨ୟ ଶ୍ରେଣୀ— | ରାମବିଳାସ | ଏଜନ ଅର୍ଦ୍ଧେକ | ଏଜନ ପ୍ରଥମଭାଗ |
| ୩ୟ ଶ୍ରେଣୀ— | ବସ୍ତୁବିଚାର | କବିତାକଳାପ | ଏଜନ ଏଜନ |
| ୪ର୍ଥ ଶ୍ରେଣୀ— | ଆଖ୍ୟାନମଞ୍ଜରୀ | | ଏଜନ କାରକ ଶେଷ |
| ୫ମ ଶ୍ରେଣୀ— | ବୋଧାଙ୍କୁର | | ବ୍ୟାକରଣ ମୌଳିକ ଶିକ୍ଷା |

୬ଷ୍ଠ ଶ୍ରେଣୀ—ଓଡ଼ିଆ ପ୍ରଥମ ଶିକ୍ଷାର ପୁସ୍ତକ ଯାହାର ଯେ ପୁସ୍ତକ ଇଚ୍ଛାହେବ ପଢ଼ାଇବେ ।

| | ଇତିହାସ | | ଭୂଗୋଳ | |
|---|---|---|---|---|
| ୧ମ ଶ୍ରେଣୀ— | ଶିବନାରାୟଣଙ୍କକୃତ ଭାରତବର୍ଷ ଇତିହାସ (ବଡ଼) ୧ମ ଓ ୨ୟ ଭାଗ । | | ବ୍ୟବହାରିକ ଭୂଗୋଳ, ଗୌରୀଶଙ୍କରଙ୍କ ପ୍ରାକୃତିଭୂଗୋଳ । | |
| ୨ୟ ଶ୍ରେଣୀ— | ଏଜନ | ୧ମ ଭାଗ ଶେଷ | ଏଜନ | ଏଜନ |
| ୩ୟ ଶ୍ରେଣୀ— | ଏଜନ | ୧ମ ଭାଗ ଅର୍ଦ୍ଧେକ | ଭୂଗୋଳ ସାରସଂଗ୍ରହ | |
| ୪ର୍ଥ ଶ୍ରେଣୀ— | | | ହୀରବାବୁଙ୍କ ଓଡ଼ିଶାରଭୂଗୋଳ | |

#### ଗଣିତ ।

ଗତବର୍ଷ ଯେଉଁ ଶ୍ରେଣୀର ଯେରୂପ ଥିଲା ଏବର୍ଷ ମଧ୍ୟ ସେହିରୂପ ରହିଲା ।

#### କ୍ଷେତ୍ରତତ୍ତ୍ୱ ।

| | | | |
|---|---|---|---|
| ୧ମ ଶ୍ରେଣୀ— | ୧ମ ଭାଗ ସରଳ ଅତିରିକ୍ତ ସହିତ—ଶେଷ | | |
| ୨ୟ ଶ୍ରେଣୀ— | ଏଜନ | ୩୦ | ପ୍ରତିଜ୍ଞା |
| ୩ୟ ଶ୍ରେଣୀ— | ଏଜନ | ୪ | ପ୍ରତିଜ୍ଞା |

#### କ୍ଷେତ୍ରପରିମାଣ ।

୧ମ ଶ୍ରେଣୀ—କ୍ଷେତ୍ରଅଙ୍କନଠାରୁ ସ୍କେଲ ପର୍ଯ୍ୟନ୍ତ ଓ ଜମି ଜରିପ ସକାଶେ ସରଳକ୍ଷେତ୍ରମାନଙ୍କର ବର୍ଗଫଳ ନିରୂପଣ ।

#### ବିଜ୍ଞାନ ।

୧ମ ଶ୍ରେଣୀ—ଦ୍ୱାରକାନାଥ ଚକ୍ରବର୍ତ୍ତିଙ୍କ ଜଡ଼ବିଜ୍ଞାନ । ଭୁବନେଶ୍ୱରଦତ୍ତଙ୍କ ସରଳରସାୟନ ।

୨ୟ ଶ୍ରେଣୀ—ଷ୍ଟୁଆର୍ଟ ସାହେବଙ୍କ ଜଡ଼ବିଜ୍ଞାନ ।

ସାହିତ୍ୟ, ଇତିହାସ, ଭୂଗୋଳ, ଗଣିତବିଷୟକ ଆଦର୍ଶ ପ୍ରଶ୍ନାବଳୀ ( ମଡେଲକୋଶ୍ଚେନ୍ସ୍ ) ପ୍ରୟୋଜନ ଅନୁସାରେ ସବୁଶ୍ରେଣୀର ଛାତ୍ରମାନେ ବ୍ୟବହାର କରିବେ ।

ପ୍ରଚଳିତ ନିୟମାନୁସାରେ ଉତ୍କଳ ରଚନାରୁ ଅନୁଶୀଳନ ହେବ ।

Radhanath Rai
*Joint Inspector of Schools*
*Orissa.*



Split by PDF Splitter

Digitized by srujanika@gmail.com

Split by PDF Splitter

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଶ
ସଂ ୪୦ ଖ୍ୟା

ତା ୪ ରିଖ ମାହେ ଅକ୍ଟୁବର ସନ ୧୮୭୯ ମସିହା । ମୁ । ଅଶ୍ୱିନ ତ ୨୦ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲପାଁଇ ଡାକମାସୁଲ ଟ୧୫୯

ଅମ୍ଭେମାନେ ଶୁଣିଲୁଁ ଶ୍ରୀଯୁତ ହାଣ୍ଡଲି ସାହେବ ଏଠା କଲେକ୍ଟରୀ ହେଡକ୍ଲର୍କୀ କର୍ମ ପୁରୀର କଲେକ୍ଟରୀ ହେଡକ୍ଲର୍କ ବାବୁ କ୍ଷେତ୍ରମୋହନ ମୁଖର୍ଯ୍ୟାଙ୍କୁ ଯାଚିବାରୁ ସେ ତାହା ଗ୍ରହଣ କରିଅଛନ୍ତି । ଏହେତୁ ଏଠା ଲୋକେ ବିଶେଷତଃ କିରାଣିମାନେ ଅସନ୍ତୁଷ୍ଟ ଓ ଦୁଃଖିତ ହୋଇଅଛନ୍ତି । ଆମ୍ଭମାନଙ୍କ ବିବେଚନାରେ ଏଠାରେ ଉପଯୁକ୍ତ ଲୋକ ଥିବା ପ୍ରତ୍ୟକ୍ଷେ ପୁରୀରୁ ଲୋକ ଅଣାଇବାର ଆବଶ୍ୟକ ନ ଥିଲା । ହାଣ୍ଡଲି ସାହେବ ପୂର୍ବେ ପୁରୀରେ ଥିବାରୁ କ୍ଷେତ୍ରବାବୁଙ୍କୁ ଜାଣିଥିଲେହେଁ ଏଠା ଉପଯୁକ୍ତ ଲୋକେ ତାଙ୍କଠାରେ ଅପରିଚିତ ନୁହନ୍ତି ବା ନ ଥିବାର ଅନୁମାନ କରାଯାଇ ନ ପାରେ । ଅନ୍ୟଜିଲ୍ଲା ଲୋକ ଅପେକ୍ଷା ସେମାନଙ୍କ ଦାବି ଅଗ୍ରଗଣ୍ୟ ଅତଏବ ସେମାନଙ୍କପ୍ରତି ସୁବିଚାର ହୋଇ ନାହିଁ ଓ ସେମାନଙ୍କର ମନୋବେଦନା ହୋଇପାରେ । ଯାହା ହେଉ ଫଉଜଦାରୀ ହେଡକ୍ଲର୍କୀ କର୍ମ ଯେପରି ଏଠାର କେହି ଉପଯୁକ୍ତ ଲୋକ ପାଆନ୍ତି ।

---

ଏଠାରେ ଭିକ୍ଟୋରେଶ୍ୱରୀ ଅଟ୍ଟାଳିକା ନିର୍ମାଣ ନିମିତ୍ତ ଆଠମଲ୍ଲିକ ଓ ବଡମ୍ବାର ରାଜାମାନେ ଦେଢହଜାର ଟଙ୍କା ଚେଦା ଦେବାର ଗତ ସପ୍ତାହରେ ଲେଖିଥିଲୁଁ ବର୍ତ୍ତମାନ ଶୁଣିଲୁଁ ନରସିଂହପୁରର ରାଜା ଏକଶତ ଟଙ୍କା ଚେଦା ଦେଇଅଛନ୍ତି । ଏହା ତାଙ୍କ ଆୟ ଦୃଷ୍ଟିରେ ସନ୍ତୋଷଜନକ ନ ହେଲେହେଁ ଅମ୍ଭେମାନେ କୃତଜ୍ଞତାପୂର୍ବକ ତାହା ସ୍ୱୀକାର କରୁଅଛୁଁ । ଅମ୍ଭେମାନେ ପୂର୍ବେ ଲେଖିଅଛୁଁ ଯେ ଉକ୍ତ ଅଟ୍ଟାଳିକା ପାଇଁ ପ୍ରାୟ ବିଂଶସହସ୍ର ଟଙ୍କା ଆବଶ୍ୟକ । ଏଥିରୁ ଉପରୋକ୍ତ ଚେଦା ସହିତ ପ୍ରାୟ ଛଅସହସ୍ର ଟଙ୍କା ପ୍ରାପ୍ତି ହେଲା ସଭା ସମୟରେ ଯେଉଁ ଚେଦା ସ୍ୱାକ୍ଷରିତ ହୋଇଥିଲା ତହିଁରୁ ଦଶହଜାର ଟଙ୍କା ସଂଗ୍ରହ ହୋଇପାରେ ବାକି ଆଉ ୧୪ କି ୧୫ ହଜାର ଟଙ୍କା ନ ହେଲେ ଅଟ୍ଟାଳିକା କାର୍ଯ୍ୟ ହୋଇ ନ ପାରେ । ଅତଏବ ଅମ୍ଭେମାନେ ଓଡ଼ିଶାର ଅନ୍ୟ ମହାରାଜା ରାଜା ଓ ଧନୀବ୍ୟକ୍ତିମାନଙ୍କୁ ପୁନଶ୍ଚ ପ୍ରାର୍ଥନା କରୁଅଛୁଁ ଯେ ସେମାନେ ମୁକ୍ତହସ୍ତରେ ଏ ମହତ୍କାର୍ଯ୍ୟ ସକାଶେ ଚେଦା ଦେବାପ୍ରତି ଅନୁଗ୍ରହ ପ୍ରକାଶ କରନ୍ତୁ । ଯେଉଁମାନେ ପୂର୍ବେ ଚେଦା ସ୍ୱାକ୍ଷର କରିଅଛନ୍ତି ସେମାନେ ଶୀଘ୍ର ଟଙ୍କା ପଠାଇ ଦେଉନ୍ତୁ ଏହା ହେଲେ ଅବିଲମ୍ବେ କାର୍ଯ୍ୟ ଆରମ୍ଭ ହେବ । ଯେଉଁ ଧନୀମାନେ ପୂର୍ବେ ଅଳ୍ପ ଚେଦା ସ୍ୱାକ୍ଷର କରିଅଛନ୍ତି ସେମାନେ ମଧ୍ୟ ଆପଣା ମର୍ଯ୍ୟାଦା ଓ ଆୟ ଅନୁସାରେ ଆଉ କିଛି୨ ଚେଦା ଦେଉନ୍ତୁ । ଅଟ୍ଟାଳିକା ବିଷୟର ପ୍ରସ୍ତାବ ଶ୍ରୀମତୀ ମହାରାଣୀ ଭିକ୍ଟୋରେଶ୍ୱରୀଙ୍କ କର୍ଣ୍ଣଗୋଚର ହୋଇଅଛି ତାହା ହୋଇ ନ ପାରିଲେ ବଡ ନିନ୍ଦା ହେବ । ଏଥିରୁ ଓଡ଼ିଶାବାସୀ ଧନୀମାନେ ଦୃଷ୍ଟି କରି ମୁକ୍ତହସ୍ତରେ ଦାନ କରନ୍ତୁ ।

---

ଗତ ମାସ ତା ୨୨ ରିଖ ଅପରାହ୍ନ ସମୟରେ କଲିକତାରେ ଆମ୍ଭମାନଙ୍କ ପୂର୍ବ ଗବର୍ଣ୍ଣର ଜେନରଲ ଲର୍ଡ ନର୍ଥବ୍ରୁକ ସାହେବଙ୍କର ପ୍ରତିମୂର୍ତ୍ତି ପ୍ରକାଶ କରିବାର କ୍ରିୟା ଅତି ସମାରୋହ ସହିତ ସମ୍ପନ୍ନ ହୋଇଅଛି । ପ୍ରତିମୂର୍ତ୍ତିଟି ହାଇକୋର୍ଟ କଚେରୀର ସମ୍ମୁଖରେ ସ୍ଥାପିତ ହୋଇଅଛି । ଏ ମହତ୍ କ୍ରିୟାରେ ଯୋଗ ଦେବା ଓ ଦେଖିବା କାରଣ ଅସଂଖ୍ୟ ଲୋକ ସେ ସ୍ଥାନରେ ସମାଗତ ହୋଇଥିଲେ । ସମ୍ଭ୍ରାନ୍ତ ସାହେବ ମେମ ଓ ଦେଶୀୟ ବ୍ୟକ୍ତିମାନେ ପ୍ରାୟ ସହସ୍ର ଜଣ ସାମିଆନା ତଳେ ଆସୀନ ହୋଇଥିଲେ ଅନ୍ୟ ଲୋକମାନେ ଚଉଆଡ଼େ ଉଭାଭିଡ଼ ହୋଇଥିଲେ । କିନ୍ତୁ କିଛି ଗଣ୍ଡଗୋଳ ଘଟି ନାହିଁ । ଏକ ଗୋରା ପଲଟନ ବାଜା ସହିତ ଉପସ୍ଥିତ ଥିଲେ । ଆମ୍ଭମାନଙ୍କ ଏକଟିଂ ଲେପ୍ଟେନାଣ୍ଟ ଗବର୍ଣ୍ଣର ବେଲି ସାହେବ ପ୍ରବେଶ ହୋଇ ଆସନ ଗ୍ରହଣ କଲାରୁ ସେକ୍ରେଟରୀ ବେଲି ସାହେବ ଗୋଟିଏ ସୁଦୀର୍ଘ ବକ୍ତୃତା କଲେ । ଏଥିରେ ସେ ନର୍ଥବ୍ରୁକ ସାହେବଙ୍କର ଶାସନପ୍ରଣାଳୀ ସମାଲୋଚନା ଓ ତାଙ୍କର ଗୁଣାନୁବାଦ କଲେ । ତହିଁ ଉତ୍ତରରେ ବେଲି ସାହେବ ମଧ୍ୟ ନର୍ଥବ୍ରୁକ ସାହେବଙ୍କର ଅନେକ ପ୍ରଶଂସା କଲେ ଓ ତାଙ୍କର ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ସନ ୧୮୭୪ ସାଲର ବଙ୍ଗବେହାର ଦୁର୍ଭିକ୍ଷ ନିବାରଣର କାର୍ଯ୍ୟଟିକୁ ବିଶେଷରୂପେ ଉଲ୍ଲେଖ କରି କହିଲେ ଯେ ସେ ମୁକ୍ତହସ୍ତ ହେବାରୁ

Digitized by srujanika@gmail.com

Split by PDF Splitter



ମନୁଷ୍ୟ ନାଶ ନ ଘଟିଲା ନଚେତ୍ ଏହି ପୂର୍ବେ ଓଡ଼ିଶାରେ ଓ ପଶ୍ଚାତ୍ ଅର୍ଥାତ୍ ସନ ୧୮୭୭ ଓ ୭୮ ରେ ମାନ୍ଦ୍ରାଜ ବମ୍ବେରେ ଯେପରି ଅସଂଖ୍ୟ ପ୍ରାଣୀ ପ୍ରାଣ ହରାଇଲେ ସେହି ପରି ହୋଇଥାନ୍ତା ସେ ଯାଉଶେଷେ କହିଲେ ଯେ ଏ ପ୍ରତିମୂର୍ତ୍ତି ସ୍ଥାପନର ପ୍ରସ୍ତାବ ପ୍ରଥମେ କଲିକତା ଭାରତବର୍ଷୀୟ ସଭାରୁ ବାହାରିଲା ଓ ପଶ୍ଚାତ୍ ଇଂରେଜ ମାନେ ଏଥିରେ ଯୋଗ ଦେଇଥିଲେହେଁ ଏହା ଦେଶୀୟ ଲୋକଙ୍କର କାର୍ଯ୍ୟ ବୋଲିବାକୁ ହେବ ଓ ଆଜି ଯେତେ ଲୋକ ସମାଗତ ହୋଇଅଛନ୍ତି ତହିଁରୁ ସ୍ପଷ୍ଟ ଜଣାଯାଏ ଯେ ଦେଶୀୟ ଲୋକେ ଲର୍ଡ ନର୍ଥବ୍ରୁକ୍ ସାହେବଙ୍କ ଶାସନରେ ସନ୍ତୁଷ୍ଟ ଥାଇ ତାଙ୍କପ୍ରତି ବହୁତ ସମ୍ମାନ ଓ ଭକ୍ତି ପ୍ରକାଶ କରିଅଛନ୍ତି ଏହେତୁ ବେଲି ସାହେବ ଦେଶୀୟ ଲୋକଙ୍କର ପ୍ରଶଂସା କଲେ । ବକ୍ତୃତା ଶେଷ ହେଲାରୁ ଷ୍ଟୁଆର୍ଟ ସାହେବ ପ୍ରତିମୂର୍ତ୍ତିରୁ ଆଚ୍ଛାଦନ ବାହାର କରି ପ୍ରକାଶ କରାଇଲେ ତହୁଁ ବାଜା ବାଜିଲା ଓ ତୋପଧ୍ୱନି ହେଲା ।

---

### କାବୁଲ ବିଦ୍ରୋହ ।

ଅମିର ଆପଣାର ବିଶ୍ୱାସୀ ମନ୍ତ୍ରୀ ମସ୍ତୁଫି ହବିବୁଲ୍ଲା ଓ ୱଜିର ଶାହା ମହମ୍ମଦଙ୍କୁ ଜନରଲ ରବର୍ଟ୍ସ ସାହେବଙ୍କୁ ଭେଟିବା କାରଣ ପଠାଇ ଥିଲେ । ସେମାନଙ୍କ ଆସିବାର ସମ୍ବାଦ ଶୁତରଗର୍ଦ୍ଦନରେ ପ୍ରବେଶ ହେବାରୁ ଇଂରେଜଙ୍କର ଜଣେ କର୍ମଚାରୀ ସେମାନଙ୍କୁ ଆଣିବା କାରଣ ପ୍ରେରିତ ହେଲେ । ସେମାନେ ଅଲିଖେଲରେ ପ୍ରବେଶ ହୋଇ ଜନରଲ ରବର୍ଟ୍ସ ସାହେବଙ୍କ ସଙ୍ଗେ ସାକ୍ଷାତ୍ କରି ଅମିରଙ୍କର ପତ୍ର ଦେଲେ ଓ କହିଲେ ଅମିରଙ୍କର ବନ୍ଧୁଭାବ ପୂର୍ବବତ୍ ଅଛି ଓ ତାଙ୍କର ଏକାନ୍ତ ଇଚ୍ଛା ଯେ ସେ ଇଂରେଜଙ୍କର ପରାମର୍ଶରେ ହିଁ ଚଳିବେ । ପତ୍ର ପାଠରେ ଅମିରଙ୍କର ଏହିପ୍ରକାର ଭାବ ପ୍ରକାଶ ହେଲା । ଆଉ କାବୁଲକୁ ଚଢ଼ାଉ ନ କରିବାର ସେମାନେ ଇଚ୍ଛା ପ୍ରକାଶ କଲେ ମାତ୍ର ଇତଃପର ଅମିର ଇଂରେଜ ସୈନ୍ୟଙ୍କ ଅଗ୍ରସରଣରେ ବାଧା ନ ଦେବା କାରଣ ସମସ୍ତ କର୍ମଚାରୀଙ୍କଠାରୁ ଆଜ୍ଞା ପଠାଇଲେ । ରବର୍ଟ୍ସ ସାହେବ ତା ୨୭ ରଖରେ ଅମିରଙ୍କଠାରୁ ଉତ୍ତର ପଠାଇ ଥିବେ ।

ତା ୨୩ ରଖର ସମ୍ବାଦରୁ ଜଣା ଯାଏ ଯେ କାବୁଲରେ ୨୫ ସହସ୍ର ସୈନ୍ୟ ସମବେତ ହୋଇ ଅଉ ୧୫ ସହସ୍ର ଗୋଠାଉ ଅଛନ୍ତି । ମୋଟରେ ଶତ୍ରୁଦଳ [illegible] ସହସ୍ର ହେବେ । ବିଦ୍ରୋହିଙ୍କ ପ୍ରାର୍ଥନା ମତେ ସରଦାରମାନେ ସେମାନଙ୍କର ଦଳପତି ହେବାର ସ୍ୱୀକୃତ ହୋଇ ଅଛନ୍ତି ଓ ଅମିର ମଧ୍ୟ ସେମାନଙ୍କ ପକ୍ଷରେ ଅଛନ୍ତି କିନ୍ତୁ ଏ ସମାଚାର ନିଶ୍ଚୟ ନୁହେ । ଶୁତରଗର୍ଦ୍ଦନ ପର୍ଯ୍ୟନ୍ତ ତାରଡାକ ସ୍ଥାପନ ହୋଇ ଅଛି । ଖାଦ୍ୟ ସାମଗ୍ରୀ ଇତ୍ୟାଦି ନେଇ ଯାଉଥିବା ଲୋକ ଓ ଗାର୍ଡଙ୍କୁ କରିଗାଠାରେ ମଙ୍ଗଲ ଜାତୀୟ ଲୋକେ ତା ୨୨ ରଖରେ ଆକ୍ରମଣ କରିଥିଲେ । ସେମାନେ ପ୍ରଥମେ ଭଲଲୋକ ସ୍ୱରୂପ ଆସି ସୈନ୍ୟମାନଙ୍କ ସଙ୍ଗେ କଥୋପକଥନ କରୁଁ କରୁଁ ହଠାତ୍ ଛୁରୀରେ ସେମାନଙ୍କୁ ଆଘାତ କରି ୮ ଜଣ ସେନା ଓ ୧୮ ଜଣ ଖଚରପାଳଙ୍କୁ ମାରିପକାଇ ଖଚର ଓ ସାମଗ୍ରୀମାନ ନେଇ ପଳାଇଲେ । ତା ୨୫ ରଖରେ ସମ୍ବାଦ ଆସିଅଛି ବେକର ସାହେବଙ୍କର ସୈନ୍ୟ କୁଶିଠାରେ ତା ୨୪ ରଖରେ ପ୍ରବେଶ ହୋଇ ଅଛନ୍ତି । ସେଠାଲୋକ ଶାନ୍ତ ଥାଇ ରସଦ ଯୋଗାଉଅଛନ୍ତି । କାନ୍ଦାହାରର ଗବର୍ଣ୍ଣର ସେରଅଲ୍ଲି ଖାଁ ସକଳପ୍ରକାରରେ ଇଂରେଜଙ୍କର ସାହାଯ୍ୟ କରୁଅଛନ୍ତି । ସାମଗ୍ରୀ ପତ୍ର ବୋହି ନେବାରେ ବଡ ଅସୁବିଧା ଥିବାରୁ ସୈନ୍ୟଗଣ ଚଞ୍ଚଳ ଅଗ୍ରସର ହୋଇ ପାରୁ ନାହାନ୍ତି ଏହେତୁ ଅନେକ ଘୋଡ଼ା ଓ ଖଚର କିଣା ହେଉଅଛନ୍ତି । ପାରସ୍ୟଦେଶରୁ ଖଚରମାନ ଆଣିବାର ଚେଷ୍ଟା ହେଉଅଛି । ସୀମାନ୍ତରେ ରେଲବାଟ ପ୍ରସ୍ତୁତ କରିବା କାରଣ ବମ୍ବେରୁ ରେଲସାମଗ୍ରୀ ସବୁ ଯାଉଅଛି । ଜେନରଲ ହ୍ୟୁଜ ସାହେବ ତା ୨୩ ରଖରେ କାନ୍ଦାହାରରୁ ବାହାରି ଖେଲାତଘିଲଜାଇକୁ ଯାଉଅଛନ୍ତି । ସେଠାର ଗବର୍ଣ୍ଣର ଏଥିରେ ସନ୍ତୋଷ ପ୍ରକାଶ କରି ରସଦ ଯୋଗାଇବାର ପତ୍ର ଲେଖିଅଛନ୍ତି । ବେକର ସାହେବ କେତେକ ସୈନ୍ୟ ଜଗ୍ଦଲକୁ ପଠାଇଅଛନ୍ତି ।

ତା ୨୮ ରଖରେ ଅମିରଙ୍କର ଆତ୍ମସମର୍ପଣର ସମ୍ବାଦ ଆସିଅଛି । ଅମିର ଆପଣା ପୁତ୍ର, ସରଦାର ୟାହିୟାଖାଁ ଓ ଜନରଲ ଦାଉଦ ଶାହାଙ୍କୁ ନେଇ କୁଶିଠାରେ ବେକର ସାହେବଙ୍କର ଛାଉଣିରେ ତା ୨୭ ରଖରେ ପ୍ରବେଶ ହୋଇଅଛନ୍ତି ତାଙ୍କ ସଙ୍ଗରେ କେବଳ ଦୁଇଶତ ଲୋକ ଅଛନ୍ତି । ସେ ତାଙ୍କ ଆସିବା ବିଷୟର ପତ୍ର ପୂର୍ବରୁ ବେକର ସାହେବଙ୍କ ନିକଟକୁ ଲେଖିଥିଲେ । ଜନରଲ ରବର୍ଟ୍ସ ସାହେବ କେତେକ ସୈନ୍ୟ ସହିତ ତା ୨୮ ରଖରେ ଶୁତରଗର୍ଦ୍ଦନରୁ କୁଶିକୁ ଯାଇଥିବେ । କାବୁଲରେ ସେହିପରି ଗଣ୍ଡଗୋଳ ଲାଗିଅଛି । ଲୁଗିରେ ସକଳ ସୈନ୍ୟ ସମବେତ ହୋଇ କାବୁଲକୁ ରକ୍ଷା କରିବେ । ଅଦ୍ୟାପି କାବୁଲରେ ସୈନ୍ୟ ପହଞ୍ଚିବାର କଥା ଅଛି । ବିଦ୍ରୋହୀମାନେ ବିଶୃଙ୍ଖଳ ଅବସ୍ଥାରେ ଥିବାରୁ ସେମାନେ ପ୍ରତିରୋଧ କରିବା ସନ୍ଦେହସ୍ଥଳ ଅଟେ । ଜେନରଲ ଗ୍ରାଣ୍ଟଙ୍କ ସୈନ୍ୟଙ୍କୁ ପଥରେ କେହି ବନ୍ଧୁକ ମାରିଥିବାରୁ ସୈନିକ ଡାକ୍ତର ସାହେବ ଆଘାତ ପାଇଅଛନ୍ତି । ଆଉ କିଛି ଦୁର୍ଘଟନା ଘଟି ନାହିଁ ଶିଗନଲମ୍ୟାନ ଶୁତରଗର୍ଦ୍ଦନରୁ ଜନରଲ ଗ୍ରାଣ୍ଟ ସାହେବଙ୍କଠାରୁ ଯାଉଥିଲେ ପଥରେ ଶତ୍ରୁଙ୍କର ଆକ୍ରମଣରେ ପାଞ୍ଚଜଣ ହତ ହେଲେ । ଖେଲତି-ଘିଲଯାଇ ନିକଟରେ କିଛି ଗଣ୍ଡଗୋଳ ନାହିଁ ।

---

### ସରକାରୀ ବ୍ୟୟ ଲାଘବ ।

ଏ ବିଷୟରେ ଅତି କାଳ କଥା ଆନ୍ଦୋଳନ ଲାଗିଅଛି ଓ ଅନେକ ପ୍ରସ୍ତାବ ବାହାରୁଅଛି । ବାରକମାଷ୍ଟରୀ ବ୍ୟୟ ଲାଘବ ବିଷୟ ଆମ୍ଭେମାନେ ଏଥିପୂର୍ବେ ଲେଖିଥିଲୁଁ କିଛିଦିନ ହେଲା ଏ ସମ୍ବନ୍ଧରେ ଲର୍ଡ ସାହେବଙ୍କର ଚୂଡ଼ାନ୍ତ ଆଜ୍ଞା ବାହାରିବାରୁ ବ୍ୟୟ କର୍ତ୍ତନ ଆରମ୍ଭ ହୋଇଅଛି । ପାଞ୍ଚଗୋଟି ଚିଫ୍ ଇଞ୍ଜିନିୟର ପଦ ଉଠି ଯାଇଅଛି ଇଞ୍ଜିନିୟରଙ୍କ ସଂଖ୍ୟା ମଧ୍ୟ ଅନେକ ଊଣା ହୋଇଅଛି । ଏଥିରେ ଅନେକ ଲାଭ ହୋଇପାରେ କିନ୍ତୁ କର୍ତ୍ତନ ହେବା କର୍ମଚାରୀମାନଙ୍କୁ ଯେପରିମାଣରେ ପେନ୍‌ସନ ଦେବାର ନିୟମ ହୋଇଅଛି ତହିଁରେ ଲାଭରୁ କିଛି ବାହାରିଯାଇ ପାରେ । ସୈନିକ ବ୍ୟୟ କର୍ତ୍ତନ ଉଦ୍ଦେଶରେ କମିଶନ ବସି ବସିଅଛି ଏଥିର ବୃତ୍ତାନ୍ତ ଆମ୍ଭେମାନେ ପୂର୍ବେ ଲେଖିଅଛୁଁ । ବର୍ତ୍ତମାନ ଶୁଣାଯାଏ ଶାସନ ବିଭାଗର ଉଚ୍ଚବେତନ ସବୁ ଶତକଡ଼ା ଦଶଟଙ୍କା ଦରରେ କର୍ତ୍ତନ ହେବାର କଥା ଲାଗିଅଛି ଓ ବୋର୍ଡ ଉଠିଯିବାର ପ୍ରସ୍ତାବ ହୋଇଅଛି । ବ୍ୟୟ କର୍ତ୍ତନ ସମ୍ବନ୍ଧରେ ହିନ୍ଦୁପେଟ୍ରିଅଟ ପତ୍ରିକା ଅନେକ ପ୍ରସ୍ତାବ ଲେଖୁଅଛନ୍ତି ସେ ସବୁ ଯୁକ୍ତିଯୁକ୍ତ ଓ ଆମ୍ଭମାନଙ୍କର ମନୋନୀତ ଅଟଇ । କେତେକ ଉଚ୍ଚ ବେତନର ପଦ ଉଠାଇଦେବା ଓ ଉଚ୍ଚ ବେତନ କର୍ତ୍ତନ କରିବାର ଆମ୍ଭେମାନେ ପୂର୍ବେ ଲେଖିଥିଲୁଁ ବର୍ତ୍ତମାନ ଆଉ ଗୋଟିଏ ପ୍ରସ୍ତାବ କରୁଅଛୁଁ । ତାହା ଯେ କେବଳ ବ୍ୟୟ କର୍ତ୍ତନ ଉଦ୍ଦେଶରେ ଏମନ୍ତ

Digitized by srujanika@gmail.com

Split by PDF Splitter



ନୁହେ, ଓଡ଼ିଶାଦେଶର ଉନ୍ନତି ଉଦ୍ଦେଶ୍ୟରେ । ଏହା ଆମ୍ଭମାନଙ୍କର ନୂତନ ପ୍ରସ୍ତାବ ନୁହେ ଏ ବିଷୟରେ ଆମ୍ଭେମାନେ ପୁନଃ୨ ଲେଖିଅଛୁଁ ଓ ଗବର୍ଣ୍ଣମେଣ୍ଟରେ ମଧ୍ୟ ତଦ୍ରୂପ ପ୍ରସ୍ତାବ ହେବାର କେତେକ ଥର ଶୁଣିଅଛୁଁ କିନ୍ତୁ ଏପର୍ଯ୍ୟନ୍ତ କାର୍ଯ୍ୟରେ କିଛି ଦେଖାଗଲା ନାହିଁ । ବର୍ତ୍ତମାନ ଭାଗ୍ୟ ବର୍ତ୍ତନର ପାଳ ପଡ଼ିଥିବାରୁ କାଳେ ତଦ୍‌ବୃତ୍ତିରେ ଆମ୍ଭମାନଙ୍କର ପ୍ରସ୍ତାବ ଯୋଜନା ହେବ ଏହି ବିବେଚନାରେ ପୁନର୍ବାର ସେ ପ୍ରସ୍ତାବ କରୁଅଛୁଁ ।

ସେ ପ୍ରସ୍ତାବଟି ମଧ୍ୟପ୍ରଦେଶର ଚିଫ୍ କମିଶନରୀ ମହକୁମା ଉଠାଇ ଦେବାର ଅଟଇ । ଏହା ହେଲେ ଅନେକ ବ୍ୟୟ ଲାଘବ ହେବ ଓ କାର୍ଯ୍ୟରେ କିଛି ବ୍ୟତିକ୍ରମ ଘଟିବ ନାହିଁ । ସେ ମହକୁମା ଅନ୍ତର୍ଗତ ସମ୍ବଲପୁର ଇତ୍ୟାଦି ଉତ୍କଳଭାଷା ପ୍ରଚଳିତ ପ୍ରଦେଶ ବଙ୍ଗଳା ଗବର୍ଣ୍ଣମେଣ୍ଟ କଟକ କମିଶନରୀ ଅନ୍ତର୍ଭୁକ୍ତ ହେବ ଓ ବାକି ପ୍ରଦେଶମାନ ସୁବିଧାକ୍ରମେ ବମ୍ବେ ଓ ଉତ୍ତର ପଶ୍ଚିମ ଗବର୍ଣ୍ଣରଙ୍କର ଅଧୀନ ହେବ । ଏଥିରେ ଶାସନ କାର୍ଯ୍ୟ ଇତ୍ୟାଦି ସୁନ୍ଦରରୂପେ ଚଳିବ ଓ ବର୍ଷକରେ ପାଞ୍ଚଲକ୍ଷ ଟଙ୍କାରୁ ଅଧିକ ବଞ୍ଚିବ । ସମ୍ବଲପୁର ଓ କଟକ ମଧ୍ୟରେ ବିଶେଷ ସମ୍ବନ୍ଧ । ସେଠା ଏଠା ମଧ୍ୟରେ ବାଣିଜ୍ୟ ବସ୍ତୁର ପରିମାଣରେ ଚଳୁଅଛି ଓ ଏହି ସୂତ୍ରେ ଲୋକମାନଙ୍କର ଗତାୟାତ ଅଛି । ମାମଲା ସଂକ୍ରାନ୍ତରେ ସେଠା ଲୋକଙ୍କୁ ଏଠାକୁ ଆସିବା ପକ୍ଷରେ ଅଧିକ କଷ୍ଟ ହେବ ନାହିଁ । ବାଲେଶ୍ୱରର ଅପୀଲ ଇତ୍ୟାଦି କାର୍ଯ୍ୟ ଯେପରି ଏଠାରେ ଚଳୁଅଛି ସେହିପରି ସମ୍ବଲପୁରର କାର୍ଯ୍ୟ ଚଳିବ କିଛି ଅସୁବିଧା ହେବ ନାହିଁ । ସମ୍ବଲପୁର ମଧ୍ୟ ଏଥି ପୂର୍ବେ କଟକ କମିଶନରଙ୍କର ଅଧୀନରେ କେତେକ ବର୍ଷ ଥିଲା ଓ କର୍ମ ଉତ୍ତମରୂପେ ଚଳୁଥିଲା ।

ସମ୍ବଲପୁର କଟକକମିଶନରଙ୍କ ଅଧୀନ ହେବାରେ କିଛି ଅସୁବିଧା ନଥିବାର ଦେଖାଇଲୁଁ ବର୍ତ୍ତମାନ ତଦ୍ୱାରା ଦେଶ ପକ୍ଷରେ କି ଲାଭ ହେବ ତାହା ଦେଖାଇବାର ଆବଶ୍ୟକ । ପ୍ରଥମତଃ ଭାଷା ଓ ଶିକ୍ଷାର ଉନ୍ନତି । ଉଭୟ ସ୍ଥାନର ଭାଷା ଉତ୍କଳ ଅଟଇ ଓ ସାଧାରଣ ଶିକ୍ଷା ସେହି ଭାଷାରେ ହେଉଅଛି କିନ୍ତୁ ଦୁଇ ସ୍ଥାନର ଶିକ୍ଷାପ୍ରଣାଳୀ ପ୍ରାୟ ପୃଥକ୍ । ଏଠାରେ ଯେ ନୂତନ ଉତ୍କଳପୁସ୍ତକମାନ ବାହାରୁ ଅଛି ସେଠାରେ ଚଳୁ ନାହିଁ ଓ ସେଠାରେ କିଛି ପୁସ୍ତକ ହେଉଥିଲେ ଏଠାରେ ଚଳୁ ନାହିଁ । ଦୁଇ ସ୍ଥାନର ଶିକ୍ଷାପ୍ରଣାଳୀ ଏକ ପ୍ରକାର ଓ ଏକ ତତ୍ତ୍ୱାବଧାରକଙ୍କ ଅଧୀନ ହେଲେ କୌଣସିଠାର ଉତ୍ତମ ପୁସ୍ତକ ସର୍ବସ୍ଥରେ ଚଳିବ ଓ ଅଧିକ ପରିମାଣରେ ବିକ୍ରୟ ହେବ । ଏଥିରେ ଗ୍ରନ୍ଥକର୍ତ୍ତାମାନେ ଉତ୍ସାହିତ ହୋଇ ଉତ୍ତମ୨ ପୁସ୍ତକମାନ ରଚନା କରିବାକୁ ପ୍ରବୃତ୍ତ ହେବେ ଓ ତଦ୍ୱାରା ଭାଷା ଓ ଶିକ୍ଷାର ଉନ୍ନତି ହେବାର ବିଶେଷ ସମ୍ଭାବନା । ଏ ଭିନ୍ନ ସମ୍ବଲପୁରସ୍ଥ ଇଂରେଜୀ ସ୍କୁଲର ଛାତ୍ରମାନେ ଛାତ୍ରବୃତ୍ତି ପାଇ ଏଠା କଲେଜରେ ପଢ଼ି ପାରିବେ । ସମ୍ବଲପୁରର ଛାତ୍ରଙ୍କ ପକ୍ଷରେ ଏଠାରେ ରହି ପଢ଼ିବାର ଯେପରି ସୁବିଧା ହେବ ଅନ୍ୟ ସ୍ଥାନରେ ସେପରି ସୁବିଧା ହେବ ନାହିଁ । ଶିକ୍ଷାର ଉନ୍ନତି ହେଲେ ଯେ ଦେଶର ନାନାବିଧ ପ୍ରକାର ଉନ୍ନତି ହୁଅଇ ଏହା ବୋଲିବା ବାହୁଲ୍ୟ । ସମ୍ବଲପୁର ଓଡ଼ିଶାର ଏକଅଂଶ ଏବଂ କଟକ ଓ ସମ୍ବଲପୁର ମଧ୍ୟରେ ବାଣିଜ୍ୟ ଇତ୍ୟାଦିରେ ବିଶେଷ ସମ୍ପର୍କ ଓ ପରସ୍ପର ଉପକାର । ତେବେ ଶାସନରେ ସମ୍ବଲପୁର କାହିଁକି ଓଡ଼ିଶାର ବିଚ୍ଛିନ୍ନ ରହିବ ? ସମୁଦାୟ ଉତ୍କଳ ଦେଶ ଏକ ଶାସନାଧୀନ ହେବାର ବିଧେୟ ଓ ଆବଶ୍ୟକ । ବ୍ରହ୍ମପୁର ଓ ଗଞ୍ଜାମ ଓଡ଼ିଶାର ଅନ୍ତର୍ଗତ ହେଲେ ଆହୁରି ଲାଭ ହେବାର ସମ୍ଭାବନା । ଲେଫ୍‌ଟନାଣ୍ଟ ଗବର୍ଣ୍ଣର ଟେମ୍ପଲ ସାହେବ ଏଠାରେ ବିଜେ ହୋଇଥିବା ସମୟରେ ବାଲେଶ୍ୱର ଓ କଟକରୁ ଏ ବିଷୟରେ ଦୁଇଖଣ୍ଡ ଆବେଦନପତ୍ର ଦିଆ ହୋଇ ଥିଲା ମାତ୍ର ସେ ସବୁ ନିଷ୍ଫଳ ହେଲା । ବର୍ତ୍ତମାନ ଏହି ସୁଯୋଗରେ ତଦ୍ରୂପ ଆବେଦନ ହେଲେ ସଫଳ ହେବାର ସମ୍ଭାବନା । ଅତଏବ ଓଡ଼ିଶାବାସିମାନେ ଏ ବିଷୟ ବିବେଚନା କରି ଆବେଦନର ଚେଷ୍ଟା କରନ୍ତୁ । ଆମ୍ଭେମାନେ ଭରସା କରୁଁ ଆମ୍ଭମାନଙ୍କର ବାଲେଶ୍ୱରସ୍ଥ ସହଯୋଗିମାନେ ଏ ପ୍ରସ୍ତାବର ପୋଷକତା କରିବେ ।

---

# ସାପ୍ତାହିକସଂବାଦ ।

ଏଠା ଦେୱାନୀଅଦାଲତରେ ମନୁଷ୍ୟଜାଲ ମକଦମାଟିଏ ହୋଇଅଛି ତହିଁର ବୃତ୍ତାନ୍ତ ଏହି ଯେ ଗତ ଅଗଷ୍ଟ ମାସ ତା ୧୭ ରିଖରେ ଜଜ ସାହେବଙ୍କ ଅଦାଲତରେ ଜଣେ ସ୍ତ୍ରୀଲୋକ ଆପଣାକୁ ଶ୍ୟାମଦେଈ ବୋଲି କହି ଆପଣା ପୋଷ୍ୟପୁତ୍ର ଗୋବିନ୍ଦ ନାବାଳଗର ମହାଫିଜ ସାର୍ଟିଫିକେଟର ଦରଖାସ୍ତ ଦେଲା । ସାର୍ଟିଫିକେଟ ଦିଆଯିବା ପୂର୍ବେ ଗତ ସେପ୍ଟମ୍ବର ମାସ ତା ୨୩ ରିଖରେ ପ୍ରକୃତ ଶ୍ୟାମଦେଈ ଆସି ଦରଖାସ୍ତ ଦେଲା ଯେ ସେ ଶ୍ୟାମକୁ ପୋଷ୍ୟପୁତ୍ର କରିଅଛି ଗୋବିନ୍ଦକୁ ପୋଷ୍ୟପୁତ୍ର କରି ନାହିଁ କିମ୍ବା ତାହା ମହାଫିଜୀ ସାର୍ଟିଫିକେଟ ପ୍ରାର୍ଥନାର ଦରଖାସ୍ତ ଦେଇ ନାହିଁ । ଏଥିର ତଦନ୍ତ ହେବାରେ ଜଣାଗଲା ଯେ ଗୋବିନ୍ଦର ପିତା ଶିବ ସାହୁ ଓ ବାଳେ ମୁକ୍ତିଆର ଜଗବନ୍ଧୁ ଦାସ ପତ୍ନୀ ନାମ୍ନୀ ଏଠାରେ ଜଣେ ବାଳେଶ୍ୱରୀକୁ ଶ୍ୟାମଦେଈ କରି ଏରୂପକାଣ୍ଡ କରିଅଛନ୍ତି । ତହୁଁ ଜଜ ସାହେବ ସେ ତିନିଜଣଙ୍କୁ ଫଉଜଦାରୀ ଅଦାଲତକୁ ପଠାଇଲେ ଓ ଦଳିତ ଲେଖିଥିବା ଓକିଲ ଗୋକୁଳମୋହନ ଦେ ଓ ଏ କୃତ୍ରିମକାଣ୍ଡରେ ସାହାଯ୍ୟ କରିଥିବା ଜଣେ ନକଲନବିସ ଗୌରମୋହନ ଘୋଷ ଓ ଜଣେ ପିଆଦା ଏରୂପ ତିନିଜଣଙ୍କୁ ସସ୍ପେଣ୍ଡ କରିଅଛନ୍ତି । ମକଦମା ବାବୁ ଜଗନ୍ମୋହନ ରାୟ ଡେପୁଟୀମେଜିଷ୍ଟ୍ରେଟଙ୍କ ବିଚାରାଧୀନ ଅଛି । ଜଜ ସାହେବଙ୍କ ସିରସ୍ତାଦାରଙ୍କ ସ୍ଥାନୀୟ ତଦନ୍ତରେ ପଦାଧରାପଡ଼ିଲା ।

ଗତ ସପ୍ତାହ ଶେଷରେ ନଦୀମାନ ପୁନର୍ବାର ବଢ଼ି ଥିଲେ ଓ ତହିଁ ପୂର୍ବରୁ ବିଶେଷ ବର୍ଷା ହୋଇଥିଲା । କିନ୍ତୁ ନଦୀ ଶୀଘ୍ର ଘଟି ଯିବାରୁ ତାଦୃଶ କ୍ଷତି ହୋଇ ନାହିଁ, କେବଳ ପାଚିଥିବା ବିଆଳି ଧାନ ନଷ୍ଟ ହୋଇଅଛି । ଶାରଧର ଅବସ୍ଥା ସୁଧୁରିଅଛି ଓ ରବି ବୁଣା ଆରମ୍ଭ ହୋଇଅଛି ।

ଏନଗରରେ ଦୁଇ ଏକ ମାସ ହେଲା ବସନ୍ତରୋଗର ପ୍ରାଦୁର୍ଭାବ ହୋଇଅଛି । କେହି୨ ରୋଗୀ ନାଶ ହେବାର ଶୁଣିଲୁଁ । ବର୍ତ୍ତମାନ କୌଣସି ପ୍ରକାର ଟୀକା ଦେବାର ସମୟ ନୁହେ କିନ୍ତୁ ରୋଗଟି ସଂକ୍ରାମକ ପ୍ରାୟ ହୋଇଅଛି ତାହା ନିବାରଣର କିଛି ପ୍ରତୀକାର ଆବଶ୍ୟକ । ମେଜିଷ୍ଟ୍ରେଟ ସାହେବ ଓ ଡାକ୍ତର ସାହେବ ଏବିଷୟରେ ଯତ୍ନ କରନ୍ତୁ ।

ଆଗାମୀ ଦୁର୍ଗାପୂଜା କଟେଶ୍ୱବନ୍ଦ ସମୟରେ ଏନଗରରେ ଘୋଡ଼ଦଉଡ଼ ଇତ୍ୟାଦି ଆମୋଦ ହେବ । ଏଥିର ଉଦ୍ୟମକାରୀ ଇଂରେଜମାନେ ଅଟନ୍ତି ଓ କେତେକ ଦେଶୀୟ ଭଦ୍ରଲୋକ ମଧ୍ୟ ସାଧ୍ୟାନୁସାରେ ସାହାଯ୍ୟ କରିଅଛନ୍ତି । ଏହି ମାସ ତା ୨୧ ଓ ୨୩ ରିଖ ଦିନ ପ୍ରଭାତରେ ଘୋଡ଼ଦଉଡ଼ ହେବ । ଦଉଡ଼ ସଂଖ୍ୟା ତିନିଥର । ତା୨୪ରିଖ ଅପରାହ୍ନ ୩ ଘଣ୍ଟାସମୟରୁ ପଲଟନ ପରେଡପଡ଼ିଆରେ ମଲ୍ଲଯୁଦ୍ଧ ଅର୍ଥାତ୍ ଇଂରେଜଙ୍କର ଓ ଇଂରେଜ ପିଲାଙ୍କର ଦେଶୀୟ ପିଲାଙ୍କର ଓ ସିପାହିମାନଙ୍କର ମୋଟରେ ଅଠଥର ଦଉଡ଼ ହେବ । ଏବର୍ଷ ସାଧାରଣ ଆମୋଦ ସମୟରେ ସାହେବମାନେ ସୁଦ୍ଧା ଆମୋଦ କରିବେ ସୁଖର ବିଷୟ ।

ଶ୍ରୀଯୁତ କମିଶନର ସାହେବ ଏବର୍ଷ ଶୀତକାଳୀନ ଗସ୍ତରେ ପ୍ରଥମେ ସବ୍‌ଡିବିଜନମାନ ଦେଖି ବାଲେଶ୍ୱର ଯିବେ ସେଠାରୁ ଗଡ଼ଜାତ ଭ୍ରମଣ ଆରମ୍ଭ କରିବେ । ମୋଗଲବନ୍ଦୀ ଗସ୍ତର ପ୍ରସ୍ତାବ ନିମ୍ନଲିଖିତ ପ୍ରକାର ଅଟଇ ।

ନବମ୍ବର ତା ୧୩ ରିଖ କଟକରୁ ବଡ଼ାଘର
ତା ୧୭ ରିଖ ବଡ଼ାଘରଠାରୁ କେନ୍ଦ୍ରାପଡ଼ା
ତା ୧୯ ରିଖ କେନ୍ଦ୍ରାପଡ଼ାରୁ ଜଗତ୍‌ସିଂହପୁର... 

ତା ୧୯ ରିଖ କେନ୍ଦ୍ରାପଡ଼ାରୁ ଗୁନ୍ଦବାଲି
ତା ୨୨ ରିଖ ଗୁନ୍ଦବାଲିଠାରୁ ଯାଜପୁର
ତା ୨୭ ରିଖ ଯାଜପୁରରୁ ଭଦ୍ରକ
ତା ୨୯ ରିଖ ଭଦ୍ରକରୁ ବାଲେଶ୍ୱର

ଆଜିକାଲି ଏନଗରରେ ଅନେକ ଚୋରୀ ଓ କେଉଁ୨ଠାରେ ସିନ୍ଧ ମଧ୍ୟ ହେଉଅଛି । ବର୍ଷାଋତୁହେତୁ ପୁଲିସ ନିଶ୍ଚିନ୍ତହୋଇ ଶୋଇ ରହିଅଛନ୍ତି କି ?

ଇନସ୍ପେକ୍ଟରଙ୍କ ତଦନ୍ତରେ ଚୌଧୁରୀ ପକ୍ଷୀଶିତଦାସଙ୍କ ନାମର କରହତ୍ୟାମକଦମା ମିଥ୍ୟା ଥିବାର ପ୍ରକାଶ ହେଲା କିନ୍ତୁ ଯେଉଁ ଚୌକିଆ ଦରଖାସ୍ତ ଦେଇଥିଲା ତାହା ନାମରେ ମିଥ୍ୟା ସମ୍ବାଦ ଦେବାର ଅଭିଯୋଗ ହୋଇ ନ ପାରିଲା ।

ଏଠାରେ କପ୍ତାନ ବୁଲକ୍ ସାହେବ ଅଳ୍ପଦିନତଳେ ନାଲିଶ କରିଥିଲେ ଯେ ଜଣେ ତେଲିଙ୍ଗାଣୀ ତିନିଟି ଏ ପ୍ରସବକରି

Digitized by srujanika@gmail.com

Split by PDF Splitter



ଅମ୍ଭେ ତାହାର ପିତାଥିବାର କହୁ ଅଛୁ କୋଠିରୁ ବାର ୨ ଅସି ଅମ୍ଭଙ୍କୁ ବିରକ୍ତ କରୁଅଛି ଓ ଗାଳି ଦେଉଅଛି । ଅମ୍ଭେ ସେ ପିଲାର ପିତା ନୁହୁଁ । ତେଲଙ୍ଗାଣୀ ଉତ୍ତରଦେଶ ସାହେବଙ୍କ ଯୋଗେ ପିଲା ହୋଇଥିବାରୁ ସେ ତାଙ୍କୁ ଖୋରାକ ମାଗିଥିଲା ଗାଳି ଦେଇ ନାହିଁ ମାତ୍ର ଗାଳିଦେବାର ପ୍ରମାଣ ହେବାରୁ ମେଜଷ୍ଟରସାହେବ ତେଲଙ୍ଗାଣୀଠାରୁ ଛମାସ ଶାନ୍ତିରକ୍ଷା ନିମିତ୍ତ ଟ ୨୫ ଙ୍କାର ମୁଚ୍ଛଲିକା ନେଲେ, ପିଲାଟିକୁ ଦେଖିଲେ କେହି ଇଂରେଜର ପୁତ୍ରଥିବାର ସ୍ପଷ୍ଟ ଜଣାଯାଏ ।

ଏକଟଙ୍କା ଓ ଦୁଇଟଙ୍କା ଲାଇସେନ୍ସ ଟାକ୍ସ ଉଠିବାର ଆଜ୍ଞା ପଛେ ୨ ଟାକ୍ସ ଅମଲା କର୍ତ୍ତନ କରିବାର ଆଜ୍ଞା ବୋର୍ଡ଼ରୁ ଆସିଅଛି । ଏଜିଲାରେ ଉପର୍ଯ୍ୟୁକ୍ତ ପ୍ରକାର ଟାକ୍ସର ସଂଖ୍ୟା ପ୍ରାୟ ଏଗାରହଜାର, ଶେଷରୁ ରହିତ ହୋଇ ବାକି ପ୍ରାୟ ଦେଢ଼ହଜାର ନମ୍ବର ଟାକ୍ସ ରହିବ । ଏ ସକାଶେ ଅତ୍ ଅସେସର ( ସର୍କଲ ଅଫିସର ) ରହିବେ ନାହିଁ ଜଣେ କିରାଣି ଓ ଜଣେ ମୋହରରଦ୍ୱାରା ଏଜିଲାର କର୍ମ ଚଳିପାରିବ ଏପରି ପ୍ରସ୍ତାବ ହେବାର ଶୁଣୁଅଛୁଁ ।

ପ୍ରତିଜିଲା କଲେକ୍ଟରୀ କଚେରୀରେ ଗୋଟିଏ ଛପାଯନ୍ତ୍ର ରଖିବାର ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ ପ୍ରସ୍ତାବ କରି ଜିଲା କର୍ମଚାରୀମାନଙ୍କଠାରୁ ଅଭିମତ ତଲବ କରିଅଛନ୍ତି । ଯେଉଁ ଚିଠି ଓ ଅନ୍ୟ କାଗଜର ଅନେକ ପରସ୍ତ ନକଲ ହୁଏ ସେସବୁ ଓ ଫାରମମାନ ସେହି ଯନ୍ତ୍ରରେ ଛପା ହେବ ବୋଧହୁଏ କେବଳ ଲାଘବ ଉଦ୍ଦେଶ୍ୟରେ ଗବର୍ଣ୍ଣମେଣ୍ଟ ଏ ପ୍ରସ୍ତାବ କରିଅଛନ୍ତି କିନ୍ତୁ ଲାଭସୂଚକ କିଛି ତ ନ ଥାଏ କାରଣ ଛପାକର୍ମ ଚଳାଇବା ନିମିତ୍ତ କର୍ମଚାରୀ ଓ ଜଣେ ତତ୍ତ୍ୱାବଧାରକ ରହିଲେ ସେମାନଙ୍କ ବେତନରୁ ଲାଭଯାକ ଅନସ୍ତଳ ହୋଇପାରେ ।

ଅମ୍ଭେମାନେ ଶୁଣିଲୁଁ ପୁଲିସ ଦାଖଲ ଶାଉଳ ସବ୍‌ଡେପୁଟୀ କର୍ମରେ ବାବୁ ଦୁର୍ଗାଦାସ ମୁଖୁର୍ଯ୍ୟା ସବଏସିଷ୍ଟରଙ୍କୁ ମନୋନୀତ କରିବା କାରଣ କମିଶନର ସାହେବ ସେଠା କଲେକ୍ଟର ସାହେବଙ୍କଠାରୁ ଚିଠୀ ଲେଖିଥିଲେ । ମାତ୍ର କଲେକ୍ଟର ସାହେବ ସେଡସେସ ହେଡକିରାଣି ବାବୁ ନଦଅଗ୍ରଦତ୍ତଙ୍କୁ ମନୋନୀତ କରି ଅଛନ୍ତି ।

ବାଲେଶ୍ୱର ଜିଲାରେ ସାତଦିନ ଲଗାଣ ବର୍ଷା ହେବାରୁ ଫସଲର ଅବସ୍ଥା ସୁଧୁରିଅଛି । କାରପଣ ଫସଲ ହେବାର ଆଶା ହୋଇଅଛି ।

ଅମ୍ଭେମାନେ ମୟୂରଭଞ୍ଜ ପତ୍ରିକାରୁ ଅବଗତ ହେଲୁଁ ଯେ ମୟୂରଭଞ୍ଜ ମହାରାଜାଙ୍କ ଦରବାରରେ ଯେଉଁମାନେ ମୁକ୍ତାର କରୁଅଛନ୍ତି ସେମାନଙ୍କୁ ଆଇନପରୀକ୍ଷା ଦେବାକୁ ହେବ ଓ ପରୀକ୍ଷୋତ୍ତୀର୍ଣ୍ଣ ମୁକ୍ତିଆର ବିନା କେହି ମୁକ୍ତିଆରୀ କରି ନ ପାରିବେ । ଏଥିରୁ ଉକ୍ତ ପତ୍ରିକା ବୋଲନ୍ତି ଯେଉଁଠାରେ "ଉଣ୍ଡଭୂମିର ଖଜଣା କେତେ, ମାରପିଟ କେବୁ ସେତେ" ଏପରିକଥା ପୂର୍ବେ ଥିଲା ବର୍ତ୍ତମାନ ସେଠାରେ ଆଇନର ଏତେ ଗୌରବ ହେଲା ବଡ ସୁଖର ବିଷୟ କିନ୍ତୁ ଏକା ମୁକ୍ତିଆରଙ୍କ ଯୋଗ୍ୟତାରେ ତାଦୃଶ ଲାଭ ନାହିଁ ଯେଉଁମାନେ ଯୋଗ୍ୟହେଲେ ଶାସନକାର୍ଯ୍ୟ ଉତ୍ତମରୂପେ ଚଳିବ ଓ ରାଜା ପ୍ରଜା ଉଭୟଙ୍କର ମଙ୍ଗଳ ହେବ ପ୍ରଥମେ ସେହିଠାରୁ ଯୋଗ୍ୟାଯୋଗ୍ୟର ବିଚାର ହୋଇ ଆସିଲେ ଅଧିକ ଉତ୍ତମ ହେବ । ଯଥାର୍ଥକଥା ।

କୃଷ୍ଣନଗର ଜିଲାରେ ବନ୍ୟା ହୋଇ ୧୧ ମଉଜାର ବିଶେଷ କ୍ଷତି ହୋଇଅଛି । ବସତରେ ମଧ୍ୟ ଭାରି ବନ୍ୟା ହୋଇ ଅଧିକାଂଶ ଫସଲ ନଷ୍ଟକରି ଅଛି । ଏବର୍ଷ କଣ ବଢ଼ିର ପାଳି ପଡିଅଛି କି ?

ରମ୍ପାବିଦ୍ରୋହ ଏପର୍ଯ୍ୟନ୍ତ ଲାଗିଅଛି । ପୁଲିସ ଓ ସିପାହିମାନେ ଦୁରବେଗରେ କଷ୍ଟଭୋଗ କରୁଅଛନ୍ତି ବିଦ୍ରୋହିମାନଙ୍କୁ ମଧ୍ୟ ଅଳ୍ପକଷ୍ଟ ଦିଆଅଛି । ସରଦାରମାନଙ୍କୁ ଧରିବାର କଷ୍ଟକର ହୋଇଅଛି କାରଣ ସେମାନେ ତାଙ୍କୁ ଗୃହମାଇଲ ଘୋଡାଇଲାବେଳକୁ ସେମାନେ ବଣ ମଧ୍ୟରେ ପଳାଇଲ ପଳାନ୍ତି ।

ଜୁଲୁରାଜା ବନ୍ଦୀରୂପ କେପଟାଉନକୁ ଆଣିତ ହୋଇ ଅଛନ୍ତି । ଜୁଲୁସରଦାରମାନେ ସନ୍ଧିପତ୍ର ସ୍ୱାକ୍ଷର କରିଅଛନ୍ତି । ଜୁଲୁରାଜ୍ୟ ତେରଭାଗ ହୋଇ ତେରଜଣ ଇଂରେଜ ରେସିଡେଣ୍ଟଙ୍କ ଅଧୀନରେ ରହିବ ଓ ଜୁଲୁଦେଶରୁ ଅସ୍ତ୍ରଶସ୍ତ୍ର ଆମଦାନି ହେବ ନାହିଁ ।

ବଙ୍ଗଳାହତାରେ ଗତ ବର୍ଷ ଷ୍ଟାମ୍ପରୁ ନିମ୍ନଲିଖିତ ଆୟ ହୋଇଥିଲା, ଯଥା;

| | | |
|---|---|---|
| ବର୍ଦ୍ଧମାନ ଡିବିଜନ | | ଟ ୪୮୭୩୩ |
| ୨୪ପରଗଣା | " | ଟ ୭୨୧୫୭ |
| ରାଜଶାହି | " | ଟ ୫୧୫୭୪ |
| ଢାକା | " | ଟ ୩୧୭୨୭ |
| ଚଟଗାଁ | " | ଟ ୨୮୯୦୭ |
| ପାଟନା | " | ଟ ୨୫୨୨୪୧ |
| ଭାଗଲପୁର | " | ଟ ୭୩୭୪୪ |
| ଓଡ଼ିଶା | " | ଟ ୨୮୨୩୮ |
| ଛୋଟନାଗପୁର | " | ଟ ୨୦୪୮ |
| | | ଟ୫୮୫୨୪୭ |

ଏଜୁକେଶନ ଗଜେଟ ବୋଲନ୍ତି ଦୁର୍ଗାପୂଜା କଚେରୀ ବନ୍ଦର ସମୟ କର୍ତ୍ତନ କରିବାର ପ୍ରସ୍ତାବ ମହାମାନ୍ୟ ଲାଟସାହେବ ଅଗ୍ରାହ୍ୟ କରିଅଛନ୍ତି । ଏହା ସତ୍ୟହେଲେ ବଡ଼ ଆନନ୍ଦର ବିଷୟ ।

କଲିକତା କଲେକ୍ଟରୀ ଖଜାଞ୍ଚି ବାବୁ ଯଦୁନାଥ ଚଟ୍ଟର୍ଯ୍ୟ କୃତ୍ରିମ ନୋଟ ଫିସ ଧରିବାରୁ ଟ୩୦୦ଙ୍କା ମୂଲ୍ୟର ଗୋଟିଏ ସ୍ୱର୍ଣ୍ଣ ଘଡି ଗବର୍ଣ୍ଣମେଣ୍ଟରୁ ପୁରସ୍କାର ପାଇଅଛନ୍ତି । ଉତ୍ତମ

## ପ୍ରେରିତ ପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଦୀପିକା ସମ୍ପାଦକମହାଶୟ
ସମୀପେଷୁ ।

ମହାଶୟ !

ବାଲ୍ୟକାଳରେ ଗଦ୍ୟ ପାଠ ଅପେକ୍ଷା ପଦ୍ୟ ପାଠରେ ବାଳକମାନଙ୍କର ଅଧିକ ଅନୁରାଗ ଥାଏ ଏମନ୍ତ କି ଅନେକ ବାଳକ ଅତି ଶୈଶବାବସ୍ଥାରୁ ଶ୍ଳୋକ ଓ ଗୀତ କଣ୍ଠସ୍ଥ କରିଅଛନ୍ତି ଏହା ମଧ୍ୟ ସକଳ ଦେଶରେ ଦେଖାଯାଏ, ସୁତରାଂ ଗଦ୍ୟ ପାଠ ସଙ୍ଗେ ୨ ସୁକୁମାରମତି ବାଳକମାନଙ୍କର ପଦ୍ୟପାଠରେ ମନୋବୃତ୍ତିକୁ ସ୍ଫୂର୍ତ୍ତି କରାଇବାର ଅତି ଆବଶ୍ୟକ ।

ଆମ୍ଭମାନଙ୍କର ଛାତ୍ରବୃତ୍ତି ବିଦ୍ୟାଳୟମାନଙ୍କରେ ପାଠ ହେବାର ଯେଉଁ ଏକ ତାଲିକା ବାହାରିଅଛି ତହିଁରେ ୪ର୍ଥ ୫ମ ୬ଷ୍ଠ ଶ୍ରେଣୀମାନଙ୍କରେ ଆଦୌ କୌଣସି ପଦ୍ୟପୁସ୍ତକ ପ୍ରଚଳନ ହୋଇ ନାହିଁ । ଓଡ଼ିଆଭାଷାରେ ଚରୁ ଏକଖଣ୍ଡ ନିମ୍ନଶ୍ରେଣୀର ପାଠୋପଯୋଗୀ ପୁସ୍ତକ ଥାଉଁ ୨ ଭୁଲରୁ କିପାଁଇ ବାଳକମାନେ ବଞ୍ଚିତ ହେଲେ ? ଯେଉଁ ଶ୍ରେଣୀର ବାଳକମାନେ ବ୍ୟାକରଣର କାରକ ପର୍ଯ୍ୟନ୍ତ କଠିନ ବିଷୟମାନ ବୁଝିବାକୁ ସମର୍ଥ ହେବେ ସେମାନଙ୍କ ପକ୍ଷରେ ସରଳପଦ୍ୟର ଭାବ କି ବୋଧଗମ୍ୟ ହେବ ନାହିଁ ? ସମ୍ପାଦକ ମହାଶୟ ଏହା ଆପଣଙ୍କ ମତ ସଙ୍ଗେ ଐକ୍ୟ ହେଲେ ପତ୍ରେ ଅଧେ କହି ବାଧିତ କରିବେ ।

୨୮-୯-୭୯ ଶ୍ରୀ——

## NOTICE.

Tatwa Nirnaya, a little work written in easy Bengali by Dina Nath Bandyopadhyaya, attempting to discard the Athiestic Theories of Compte and other European Philosophers and the Charbac and Adaitabad Theories of our Indian Authors. The Book Can be had from Babu Ram Prasanna Mukherjea Professor of Sanskrit Cuttack College.

2nd. Octbr.
1879. N——

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଅମ୍ଭ ନିକଟରେ ସ୍କୁଲସମୂହର ପାଠ୍ୟପୁସ୍ତକ ଇଂରାଜୀ ଏବଂ ଓଡ଼ିଆ ପୁସ୍ତକମାନ ବିକ୍ରୟାର୍ଥ ପ୍ରସ୍ତୁତ ଅଛି । ଅଉ ଉତ୍କୃଷ୍ଟ ୨ ବଙ୍ଗଳାକାବ୍ୟ ଓ ନାଟକ ଏବଂ ଛାପାତ ପୁସ୍ତକ ମଧ୍ୟ ବିକ୍ରୟାର୍ଥ ଅଛି । ଗ୍ରାହକମାନେ ନିମ୍ନ ସ୍ୱାକ୍ଷରକାରୀଙ୍କଠାରେ ଅନୁସନ୍ଧାନ କଲେ ଉକ୍ତ ପୁସ୍ତକ ସବୁ ପାଇବେ । ଇତି ।

କଟକ ତା ୩୦ ସେପ୍ଟେମ୍ବର ୧୮୭୯ } ଶ୍ରୀ ରାମପ୍ରସନ୍ନ ମୁଖୋପାଧ୍ୟାୟ, ରେଭେନ୍‌ସା କଲେଜ ।

## ଓଡ଼ିଶାର ଇତିହାସ ।

—X—

ଶ୍ରୀ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଣୀତ ।

ମୂଲ୍ୟ ଏକଟଙ୍କା ମାତ୍ର

ବିକ୍ରୟାର୍ଥ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

## ଗବର୍ଣ୍ଣମେଣ୍ଟ ସିଙ୍କୋନା ଜ୍ୱରଘ୍ନ

କୁଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ କଲିକତାର ପ୍ରଧାନ ୨ ଦେଶୀୟ ଓ ବିଲାତି ଜୌହରୀଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଅଉନ୍ସକୁ ଟ ୭ ୯ ଙ୍କା ୮ ଅଃ ରୁ ଟ ୧୧ ୯ ୧୭ ଅଃ ରୁ ଟ ୨୦ ୩ ଫରମାସ ସଙ୍ଗେ ୨ ନଗଦ ମୂଲ୍ୟ ପଠାଇବାକୁ ହେବ ।

☞ ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ ଶ | ସଂ ୪୧ ସଂଖ୍ୟା

ତା ୧୧ ରଖ ମାହେ ଅକ୍ଟୋବର ସନ ୧୮୭୯ ମସିହା । ମୁ । ଅଶ୍ୱିନ ଚ ୨୭ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୮
ମଫସଲପାଁଇ ଡାକମାସୁଲ ଟ୧୫୵

ବାବୁ ବଳରାମଘୋଷ କମିଶ୍ନରୀ ସିରସ୍ତାଦାର ହେବାରୁ ବାବୁ ନଦୀୟାଚନ୍ଦ୍ର ଦେଙ୍କୁ ପୁରୀର କଲେକ୍ଟର ସେଠା ସବ୍‌ଡେପୁଟୀ ପଦରେ ମନୋନୀତ କରି କମିଶ୍ନରଙ୍କୁ ରିପୋର୍ଟ କରିବା ସଙ୍ଗେ ୨ ନଦୀୟା ବାବୁଙ୍କୁ କର୍ମ କରିବାର ଆଜ୍ଞା ଦେଲେ । ତଦନୁସାରେ ବାବୁ କେତେକ ଦାଖଲଖାରଜ ମୋକଦ୍ଦମା ଫଏସଲ କରିଥିଲେ ଏଥି ମଧ୍ୟରେ କମିଶ୍ନରସାହେବ ବାବୁ ଦୁର୍ଗାଦାସ ମୁଖୁର୍ଯ୍ୟାଙ୍କୁ ମନୋନୀତ କରି ଗବର୍ଣ୍ଣମେଣ୍ଟକୁ ରିପୋର୍ଟ କଲେ ଓ ତାହାଁର ସମ୍ବାଦ ପୁରୀ କଲେକ୍ଟରଙ୍କୁ ଦେବାରୁ ସାହେବ ଅଗତ୍ୟା ନଦୀୟା ବାବୁଙ୍କୁ ଆପଣା କରାଣିଗିରୀ କର୍ମକୁ ଫେରି ପଠାଇଲେ । ଏଥିରେ ପୁରୀର ଜଣେ ପତ୍ରପ୍ରେରକ ବଡ଼ ଦୁଃଖ ପ୍ରକାଶ କରି ଅଛନ୍ତି ଏବଂ ବାବୁଙ୍କର ଲାଇସେନ୍‌ସ ଟାକ୍‌ସ ବନ୍ଦୋବସ୍ତ ଓ ରୋଡ଼ସେସ୍ କର୍ମର ଅନେକ ପ୍ରଶଂସା କରି ଅଛନ୍ତି । ନଦୀୟାବାବୁ ଓ ଦୁର୍ଗାଦାସ ବାବୁଙ୍କ ମଧ୍ୟରେ କିଏ ଅଧିକ ଉପଯୁକ୍ତ ବର୍ତ୍ତମାନ୍ ତାହା କହିବାର ପ୍ରୟୋଜନ ନାହିଁ କିନ୍ତୁ ଆମ୍ଭମାନଙ୍କ ବିବେଚନାରେ କଲେକ୍ଟରଙ୍କ କାର୍ଯ୍ୟଟା କିଛି ତରତରୀୟା ହୋଇ ଥିଲା ।

---

ଏଠା ସୁହୃଦ ସମାଜ ଓ ସଦାବର୍ତ୍ତ ମଠ ସମ୍ବନ୍ଧରେ ସଭାର କାର୍ଯ୍ୟ ବିଷୟ ପାଠକମାନଙ୍କ ଗୋଚର ଥିବ । ଏ ସଭାର ସ୍ଥାପନକର୍ତ୍ତା ଶ୍ରୀଯୁତ କଡନସାହେବ ଥିଲେ ଓ ଏଥିରେ ତାଙ୍କର ବଡ ଯତ୍ନ ଥିଲା ମାତ୍ର ସେ ଏଠାରୁ ପ୍ରସ୍ଥାନ କଲାଦିନୁ ଏ ସଭାର ଆଉ ଅଧିବେଶନ ହୋଇ ନାହିଁ ଓ ତାହା ଲୋପ ହେଲା ପ୍ରାୟ ହୋଇଥିଲା । କିନ୍ତୁ ସୁଖର ବିଷୟ ଯେ ଶ୍ରୀଯୁତ ହାଣ୍ଡ୍ରଲ ସାହେବଙ୍କ ଯୋଗେ ଗତ କାଲି ଏ ସଭାର ଅଧିବେଶନ ହୋଇଥିଲା । ପାଠକମାନଙ୍କୁ ଜଣାଥିବ ଯେ ରାଜସ୍ୱ ଆଇନ ସଂଶୋଧନ ଓ ଉନ୍ନତି ପକ୍ଷରେ ଗବର୍ଣ୍ଣମେଣ୍ଟରେ ଅନେକ ଦିନୁ ବିଚାର ଲାଗିଅଛି ଓ ଏଥିର ଗୋଟିଏ ବିଲ ( ପାଣ୍ଡୁଲିପି ) ବ୍ୟବସ୍ଥାପକ ସଭାରେ ଆଗତ ଅଛି । ଏ ସମ୍ପର୍କରେ ଆମ୍ଭେମାନେ ମତାମତ ପୂର୍ବେ ପ୍ରକାଶ କରି ଅଛୁଁ । ବର୍ତ୍ତମାନ ଉକ୍ତ ବିଲ ସମ୍ବନ୍ଧରେ ବିଚାର କରିବା କାରଣ " ରେଣ୍ଟ କମିଶନ " ନାମରେ ସଭା ବସିଅଛି । ଉକ୍ତ ସଭା ଜିଲା କର୍ମଚାରୀମାନଙ୍କଠାରୁ ତତ୍‌ସମ୍ପର୍କରେ କେତେକ ବିଷୟର ଅଭିମତ ଚାହିଁ ଅଛନ୍ତି । ଏହେତୁ ହାଣ୍ଡ୍ରଲ ସାହେବ ସୁହୃଦ ସମାଜରେ ଏଥିର ତର୍କବିତର୍କ କରିବା କାରଣ ସଭା ଆହୁତ କରି ଥିଲେ । ବିବରଣ ବାରାନ୍ତରେ ପ୍ରକାଶ କରିବୁଁ । ଆମ୍ଭେମାନେ ଭରସା କରୁଁ ଏ ସମାଜ ଏତିକରେ ଖାନ୍ତ ନ ହୋଇ ଜାଗ୍ରତ ରହିବ ।

---

ଗତ ସୋମବାର ଏଠା ଉତ୍କଳ ସଭାର ମାସିକ ଅଧିବେଶନ ଉପଲକ୍ଷରେ ପ୍ରିଣ୍ଟିଂକମ୍ପାନିଙ୍କ ହୋମହଲଠାରେ ଏକ ସଭା ହୋଇଥିଲା ବାବୁ ସୁଦର୍ଶନଦାସ ସଭାପତିର ଆସନ ଗ୍ରହଣ କରିଥିଲେ । ବାବୁ ରାମଶଙ୍କର ରାୟ "ଏକତା ଓ ଓଡଶା" ବିଷୟରେ ଗୋଟିଏ ରଚନା ପାଠ କରି ଥିଲେ । ରଚନାଟି ମନ୍ଦ ହୋଇ ନ ଥିଲେହେଁ ତାହା ଅତି ଚଞ୍ଚଳରେ ପଢାଯାଇଥିବାରୁ ଶ୍ରୋତାମାନେ ତାହାଙ୍କ ପଶ୍ଚାତ୍‌ଗାମୀ ହେବାକୁ ଅତ୍ୟନ୍ତ କଷ୍ଟକର ଜ୍ଞାନ କରିଥିଲେ ଓ ବୋଧ ହୁଏ ଏଥିଯୋଗୁଁ ରଚନାର ସମସ୍ତ ଭାବ ସେମାନଙ୍କ ମନରେ ଦୃଢରୂପେ ସ୍ଥାନ ପାଇ ନାହିଁ । ଏଠା ଧନଲୋକଙ୍କପ୍ରତି କିଛି କଠିନ କଟାକ୍ଷ ହୋଇଥିଲା । ଯାହାଙ୍କ ସାହାଯ୍ୟ ନ ନେଲେ କାର୍ଯ୍ୟ ଚଳିବ ନାହିଁ ତାହାଙ୍କ ମନ ଘେନାଇ ଉଚିତ କହିବାର ବିହିତ । କଠିନ ଯୁକ୍ତିଦ୍ୱାରା ସର୍ବଦା ସୁଫଳ ଲାଭ ହୁଏ ନାହିଁ । ସେ ଯାହା ହେଉ ଉତ୍କଳଭାଷାରେ ଖଣ୍ଡିଏ ଉତ୍ତମ ଅଭିଧାନ ପ୍ରଣୟନ ଓ ଏ ନଗରରେ ଗୋଟିଏ ପୁସ୍ତକାଳୟ ସ୍ଥାପନ ବିଷୟରେ ସଭା ଯତ୍ନବାନ୍ ହୋଇଅଛନ୍ତି ବଡ ସୁଖର ବିଷୟ ଅଟଇ ଏବଂ ଶେଷୋକ୍ତ କାର୍ଯ୍ୟଟି କିରୂପେ ସାଧିତ ହେବ ତାହା ସ୍ଥିର କରିବାପାଇଁ ଗୋଟିଏ କମିଟୀ ନିଯୁକ୍ତ ହୋଇଅଛି । ଆମ୍ଭେମାନେ ଭରସା କରୁଁ ଯେ ଏ ବିଷୟରେ ସର୍ବସାଧାରଣ ସଭାକୁ ସାହାଯ୍ୟ କରିବାଦ୍ୱାରା ଏ ନଗରର ଗୋଟିଏ ପ୍ରଧାନ ଅଭାବ ଦୂର କରିବେ ।

---

Digitized by srujanika@gmail.com

Split by PDF Splitter



ଏନଗରରେ ବର୍ତ୍ତମାନ୍ ଅନେକ ଚୋରୀ ହେଉଥିବାର ଗତ ସପ୍ତାହରେ ଲେଖିଥିଲୁଁ । ପୁଲିସ ଚୋର ଧରିବାକୁ ଅପାରଗ ହେଲେ ବୃହତ ଚୋରୀକୁ ଅଳ୍ପ ( ଖଫିଫ ) କରିବାରେ ଅପାରଗ ନୁହନ୍ତି । ବସ୍ତୁର ପରିମାଣରୁ ମାଲ୍ ଚୋରୀ ହେଲେ ସେ ମକଦ୍ଦମା ପ୍ରତି ହାକିମଙ୍କର ଦୃଷ୍ଟି ରହେ ଓ ତାହା ଧରି ନ ପାରିଲେ ପୁଲିସପ୍ରତି ବଡ଼ ଅକଟ ବା ଧମକ ଚମକ ହୁଏ । ଏହି ଧମକ ଚମକରୁ ରକ୍ଷା ପାଇବା କାରଣ ଅନେକ ପୁଲିସ କର୍ମଚାରୀ ଚୋରୀ ମାଲର ପରିମାଣ ଊଣା କରି ରିପୋର୍ଟ କରନ୍ତି । ଏହା ସେମାନଙ୍କର ସ୍ୱଭାବ ହୋଇ ଅଛି ବୋଇଲେ ଅତ୍ୟୁକ୍ତି ହେବ ନାହିଁ ବର୍ତ୍ତମାନ୍ ଏଥିର ଗୋଟିଏ ମକଦ୍ଦମା ଉପସ୍ଥିତ ହୋଇ ଅଛି । ତହିଁର ବୃତ୍ତାନ୍ତ ବାଦୀର କହିବାନୁସାରେ ଏହି ଯେ ତାହାର କଛି ଦ୍ରବ୍ୟ ଓ ନଗଦ ମୋଟରେ ଟ୬୬ଙ୍କା ସିନ୍ଧ ପୂର୍ବକ ଚୋରୀ ଗଲା । ଜଣେ ହେଡ୍ କନଷ୍ଟବଲ ତଦନ୍ତ ନିମନ୍ତେ ଆସିଲା ମାତ୍ର ପଇସାଟିକର ମାଲ ବାହାର କରି ପାରିଲା ନାହିଁ । ଏତେ ଟଙ୍କାର ଚୋରୀ ଧରି ନ ପାରିଲେ ପୁଲିସସାହେବ ବଡ଼ ଧୂମ ଲଗାଇବେ ବୋଧ ହୁଏ ଏହି ବିବେଚନାରେ ସେ ବାଦୀର ସ୍ୱାକ୍ଷରିତ ତାଲିକାରେ କାଟକୁଟ ଓ ଛେଲଛେଲ କରି ଟ ୬୬ ଙ୍କା ପରିବର୍ତ୍ତେ ଟ ୨୪ ଙ୍କା କଲା । ବାଦୀ ଏହା ଜାଣିପାରି ମେଜଷ୍ଟରଙ୍କୁ ଜଣାଇବା କାରଣ ଉଦ୍ୟତ ହେବାରୁ ସେ ହେଡକନଷ୍ଟବଲ ପକ୍ଷରୁ କେହି୨ ପୁଲିସ କର୍ମଚାରୀ ଓ ଅନ୍ୟ ଲୋକମାନେ ବାଦୀକୁ କ୍ଷାନ୍ତ ରହିବା କାରଣ ଅନେକ ବୁଝାଇଲେ ଅର୍ଥ ଯାଚିଲେ ଓ ଧମକାଇଲେ ମାତ୍ର ବାଦୀ ଏ ଦୁଷ୍କର୍ମର ଉଚିତ ଦଣ୍ଡ ଦିଆଇବାର ଇଚ୍ଛାରେ ଅଟଳ ହୋଇ ରହିଲା ଓ କାହାର କଥାରେ ନ ଭୁଲି ମେଜଷ୍ଟରଙ୍କୁ ଜଣାଇଲା । ହେଡ୍‌କନଷ୍ଟବଲ ସସପେଣ୍ଡ ହୋଇ ମକଦ୍ଦମା ବିଚାରାଧୀନରେ ଅଛି । ଏଥିପାଇଁ ବାଦୀକୁ କେହି୨ ନିନ୍ଦା କରୁଅଛନ୍ତି ମାତ୍ର ଅମ୍ଭମାନଙ୍କ ବିବେଚନାରେ ଏ କଥା ସତ୍ୟ ଥିଲେ ସେ ଯଥାର୍ଥ କାର୍ଯ୍ୟ କରିଅଛି ଓ ଏଥିରେ ପୁଲିସ କର୍ମଚାରୀମାନେ ଭବିଷ୍ୟତକୁ ସତର୍କ ହେବାର ସମ୍ଭାବନା ।

---

ପୁରୀର ଗତ ରଥଯାତ୍ରା ।

ଏ ଯାତ୍ରାରେ ପୁଲିସର ଅସିଷ୍ଟାଣ୍ଟ ସାହେବମାନେ ରଥରେ ବସିବା ଇତ୍ୟାଦି ବିଷୟ ଗବର୍ଣ୍ଣମେଣ୍ଟରେ ନିଷ୍ପତ୍ତି ହୋଇଅଛି । ଅମ୍ଭେମାନେ ଏଥିପୂର୍ବେ ଅସିଷ୍ଟାଣ୍ଟମାନଙ୍କର କଏଫିଅତ ଉଲ୍ଲେଖ କରି ଯେପରି ଅଭିମତ ପ୍ରକାଶ କରିଥିଲୁଁ ସେହିପରି ଅଭିମତ ସହିତ ଶ୍ରୀଯୁକ୍ତ କମିଶ୍ନର ସାହେବ ଅସିଷ୍ଟାଣ୍ଟମାନଙ୍କର କଏଫିଏତ ଗବର୍ଣ୍ଣମେଣ୍ଟକୁ ପଠାଇଥିଲେ । ମହାମାନ୍ୟ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ତହିଁରେ ଐକ୍ୟ ହୋଇ ବୋଲନ୍ତି ଯେ ଅସିଷ୍ଟାଣ୍ଟ ଜଜ ସାହେବ ରଥରେ କେତେକ୍ଷଣର ବସିଥିବା ଓ ଥରେ ରଥରେ ବସି ଗୁହା ପାନ କରିଥିବା ଓ ଅସିଷ୍ଟାଣ୍ଟ ଗ୍ରବଟ ସାହେବ ଥରେ ରଥରେ ଆଉଜି ଠିଆ ହୋଇଥିବାର ସେମାନେ ସ୍ୱୀକାର କରି ଲେଖନ୍ତି ଯେ ଏହା ହିନ୍ଦୁଧର୍ମ ବିରୁଦ୍ଧ ଥିବାର ସେମାନଙ୍କୁ ଜଣା ନ ଥିଲା । ଏଥିକୁ ଜଜ ସାହେବ ନୂତନ ଓ ଯୁବା କର୍ମଚାରୀ ତାଙ୍କୁ ଜଣା ନ ଥିବ ମାତ୍ର ଗ୍ରବଟ ସାହେବ ନୂତନ ନୁହନ୍ତି ତାଙ୍କୁ ଏସବୁ କଥା ଜାଣିବାର ଉଚିତ ଥିଲା ଓ ଜଜସାହେବ ତାଙ୍କ ଅଧୀନରେ କାର୍ଯ୍ୟ କରୁଥିବାରୁ ସେ ତାଙ୍କୁ ଅଟକ କରି ରଥରେ ବସାଇ ଦେଇ ନ ଥାନ୍ତେ ମୁସଲମାନ କନଷ୍ଟବଲ ନିଯୁକ୍ତ କରିବା ପକ୍ଷରେ ଯୁକ୍ତିଯୁକ୍ତ ଆପତ୍ତି ହୋଇ ନ ପାରେ ତଥାପି ରଥଟଣା ବେଳେ କଳାମାଟିଆ ପାଖରେ ହିନ୍ଦୁ କନଷ୍ଟବଲ ନିଯୁକ୍ତ କରିବାର ଉଚିତ । ମେଜଷ୍ଟର ସାହେବ ପ୍ରତିଦିନ ରଥଯାତ୍ରାରେ ଉପସ୍ଥିତ ରହି ନ ପାରନ୍ତି । ତାଙ୍କର କର୍ତ୍ତବ୍ୟ ଏହି ଯେ ସେ ସବୁ ବନ୍ଦୋବସ୍ତ କରି ଦେବେ ଓ ତଦନୁସାରେ କାର୍ଯ୍ୟ ଚଳୁଅଛି କି ନା ସମୟ୨ରେ ଦେଖୁଥିବେ ।

ଅମ୍ଭେମାନେ ଯେପରି ଜଜ ସାହେବଙ୍କ ଅପେକ୍ଷା ଗ୍ରବଟ ସାହେବଙ୍କୁ ଅଧିକ ଦୋଷୀ କରିଥିଲୁଁ ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ ମଧ୍ୟ ତଦ୍ରୂପ ମୀମାଂସା କରିଅଛନ୍ତି କିନ୍ତୁ ତାଙ୍କୁ ଅତି ସହଜରେ ଛାଡି ଦେଇଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ଗ୍ରବଟ ସାହେବଙ୍କ ପ୍ରତି କିଛି ଅଟକ ଆଜ୍ଞା ହେବାର ଆବଶ୍ୟକ ଥିଲା । ଯାହା ହେଉ ଅମ୍ଭେମାନେ ଭରସା କରୁଁ ଯେ ଯେପରି ଧର୍ମବିରୁଦ୍ଧ କାର୍ଯ୍ୟ ଭବିଷ୍ୟତରେ ନ ହେବା ପକ୍ଷରେ ଏହାହିଁ ଯଥେଷ୍ଟ ହେବ ।

ଏ ସନ୍ଧାନ୍ତରେ ପୁରୀର ମେଜଷ୍ଟର ସାହେବ ରଥ ଟଣିବା କାରଣ ଟ୍ରାମୱେର ପ୍ରସ୍ତାବ କରିଥିଲେ । (ରେଲୱେ ପରି ଟ୍ରାମୱେ ହୁଏ ମାତ୍ର ଏ ଦେଶରେ ଅଳ୍ପ ପ୍ରଭେଦ ଅଛି) ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସାହେବ କମିଶ୍ନର ସାହେବଙ୍କ ସହିତ ଐକ୍ୟ ହୋଇ ତାହା ଅସାଧ୍ୟ ବୋଲି ଅଗ୍ରାହ୍ୟ କରିଅଛନ୍ତି । ପୁରୀର ରଥମାନ ଅତି ପ୍ରକାଣ୍ଡ ଓ ଉଚ୍ଚଶ୍ରେଣିରେ ଅନେକ ଚକ ତହିଁରେ ଅଛନ୍ତି । କଲେକ୍ଟର ସାହେବ ଏହା ଦେଖି ଶୁଣି କିପରି ଟ୍ରାମୱେର ପ୍ରସ୍ତାବ କଲେ ଆଶ୍ଚର୍ଯ୍ୟର ବିଷୟ । ଏଥିରେ ଅନେକ ଖର୍ଚ୍ଚ ଓ ଲମ୍ବା ପରିଶ୍ରମ ହୁଅନ୍ତା ଓ ପରିଶେଷେ ତାହା ସଫଳ ହୁଅନ୍ତା କି ନାହିଁ ସନ୍ଦେହ । ପୁଣି ପୁରାତନ ହିନ୍ଦୁମାନଙ୍କର ତହିଁପ୍ରତି ଆପତ୍ତି ହୋଇପାରନ୍ତା । ଲେଫ୍‌ଟେନେଣ୍ଟ ଗବର୍ଣ୍ଣରସାହେବ ସୁବିଗ୍ୟର ପୂର୍ବକ ସେ ପ୍ରସ୍ତାବକୁ ଅଗ୍ରାହ୍ୟ କରିଅଛନ୍ତି ।

---

କାବୁଲ ବିଦ୍ରୋହ ।

ଜେନରଲ ରବର୍ଟ ସାହେବ କାବୁଲକୁ ଘୋଷଣା ପଠାଇବାର ସ୍ଥାନାନ୍ତରେ ଉଲ୍ଲେଖ କରିଅଛୁଁ । ସେ କୁଷିଠାରେ ଗତମାସ ତା ୨୮ ରିଖରେ ପ୍ରବେଶ ହୋଇ ଓ ଅମିରଙ୍କ ସଙ୍ଗେ ସାକ୍ଷାତ କରି ଚଳିତମାସ ତା ୨ ରିଖରେ କାବୁଲକୁ ଯାତ୍ରା କଲେ । ଏଣେ ଦକ୍ଷ ଗତମାସ ତା ୨୯ ରିଖରେ ଅବରୋଧରେ ଅଧିକୃତ ହେଲା । ଅଫଗାନର କେତେକ ସରଦାର ଇଂରେଜଙ୍କର ସପକ୍ଷ ହୋଇ ସାହାଯ୍ୟ କରୁଅଛନ୍ତି ଓ ଅମିର ମଧ୍ୟ ରସଦ ଯୋଗାଇବା କାରଣ ଆଜ୍ଞା ଦେଇଅଛନ୍ତି । କାରଘନସହରଠାରୁ କେତେ ସୈନ୍ୟ ଯାଇଅଛନ୍ତି । କାବୁଲରେ ଇଂରେଜଙ୍କ ସୈନ୍ୟ ପ୍ରବେଶ ହେଲେ ସେଠାରୁ ଶ୍ୱତରଗର୍ଦ୍ଦନ ପର୍ଯ୍ୟନ୍ତ ତାରଡାକ ବସିବ ଓ ତାହା ରକ୍ଷାଥେ ସ୍ଥାନେ୨ ସୈନ୍ୟ ରହିବେ । ବିଦ୍ରୋହୀମାନେ ବାଲାହିସାର ନାରଖାର କରିବାର ଅନେକ ଆଶଙ୍କା କରନ୍ତି । ଇଂରେଜଙ୍କର ଏପରି ଦଖଲ ତଳ ଭୟରେ କାବୁଲିମାନେ ଚମକି ଅଛନ୍ତି । କାବୁଲରୁ ବଡ଼୨ ଗାଡିମାନ ଇଂରେଜ ସୈନ୍ୟଙ୍କର ସାମଗ୍ରୀ ନେବା ନିମିତ୍ତ କଳା ଅବରୋଧରେ ଅଣାଯାଉଅଛି ।

ଜେନରଲ ଗଫ ସାହେବ ଜଲାଲାବାଦରେ ପ୍ରବେଶ ହୋଇଅଛନ୍ତି ସେଠାରେ କିଛି ଗଣ୍ଡଗୋଳ ନାହିଁ । ଜଲାଲାବାଦର ଗବର୍ଣ୍ଣର ସାହାଯ୍ୟ କରିବାର ବଚନ ଦେଇଅଛନ୍ତି ଓ ମଧ୍ୟ ଲୋକମାନଙ୍କୁ ଧମକାଇ ଦେଇଅଛନ୍ତି ଯେ କେହି ଇଂରେଜଙ୍କର ବିରୁଦ୍ଧାଚରଣ ନ କରିବେ । ସେମାନେ ରସଦ ଯୋଗାଉଅଛନ୍ତି । ମେଜର କାନ ସାହେବ ଡେଲାଉପିଲିପାଲି–

Digitized by srujanika@gmail.com

Split by PDF Splitter



ଠାରେ ଗତମାସ ତା ୩୦ ରିଖରେ ପ୍ରବେଶ ହେଲେ । କାନ୍ଦାହାରର ଗବର୍ଣ୍ଣର ଶେରଅଲି ଖାଁ ରସଦ ଯୋଗାଇବାର ଉତ୍ତମ ବ୍ୟବସ୍ଥା କରିଥିଲେ । ସେଠାରେ ମଧ୍ୟ କଛି ଗଣ୍ଡଗୋଳ ନାହିଁ । ଜେନରଲ ରବର୍ଟ ସାହେବ ସୈନ୍ୟ ସହିତ ଜରଗନସହରରେ ତା ୩ ରିଖରେ ଲସପଦରେ ପ୍ରବେଶ ହେଲେ ତା ୫ ରିଖରେ ଜହ୍ନଦ ବାଦକୁ ଯାଇଥିବେ । ମୃତରାଜଦୂତଙ୍କ ସଙ୍ଗି କେତେକ ସର୍ଦ୍ଦାର କାବୁଲରୁ ପଳାଇଆସି କହନ୍ତି ଯେ ବିଦ୍ରୋହିମାନେ ଯୁଦ୍ଧ କରିବାକୁ ଉଦ୍ୟତ ଅଛନ୍ତି ।

ଏଣେ ତା ୬ ରିଖରେ ଶୁତରଗର୍ଦ୍ଦନଠାରେ ଇଂରେଜଙ୍କପ୍ରତି ଆକ୍ରମଣ ହୋଇଥିଲା । ଘିଲିଜାଇଯୃଲୋକେ ବୃହତ୍ ଦଲବଦ୍ଧ ହୋଇ ଆସି ଆକ୍ରମଣ କଲେ ମାତ୍ର ଇଂରେଜଙ୍କ ସୈନ୍ୟ ସେମାନଙ୍କୁ ମାରି ଘଉଡାଇଦେଲେ । ସେମାନଙ୍କ ମଧ୍ୟରୁ ଜ ୩୦ ଣ ହତ ଓ ଇଂରେଜ ସୈନ୍ୟ ଜ ୬ ଣ ଆହତ ହୋଇଅଛନ୍ତି ।

---

## କାବୁଲର ଅମିର ।

ଗତ ମାସ ତା ୨୯ ରିଖର ସମ୍ବାଦରୁ ଜଣାଯାଏ ଯେ ଜେନରଲ ରବର୍ଟ ସାହେବ କାବୁଲକୁ ଏହି ଘୋଷଣା ପଠାଇ ଥିବେ କି ଇଂରେଜଙ୍କ ସୈନ୍ୟ ଉକ୍ତ ନଗର ଅଧିକାର କରିବା କାରଣ ଅଗ୍ରସର ହେଉଅଛନ୍ତି । ଯେଉଁ ଶାନ୍ତିପ୍ରିୟ ଲୋକମାନେ ରାଜଦୂତଙ୍କ କୋଠି ଆକ୍ରମଣ ବା ନଗର ଅବଲୁଣ୍ଠନରେ ହସ୍ତକ୍ଷେପଣ କରି ନାହାନ୍ତି ସେମାନେ ଆପଣା ଓ ଆପଣା୨ ପରିବାରଙ୍କ ରକ୍ଷାର ବହୁତ ଉପାୟ ଭାବନ୍ତୁ । ଏ ଘୋଷଣା ପ୍ରଚାର ହେଲା ଉତ୍ତାରେ କାବୁଲରେ ବା ତହିଁ ନିକଟରେ ଯେଉଁମାନଙ୍କ ହସ୍ତରେ ଅସ୍ତ୍ର ଶସ୍ତ୍ର ଦେଖା ଯିବ ସେମାନଙ୍କୁ ଶତ୍ରୁ ଜ୍ଞାନ କରା ଯିବ । ବୋଧ ହୁଏ ଅମିରଙ୍କର ଆତ୍ମସମର୍ପଣରୁ ଏପରି ଘୋଷଣା ହୋଇଅଛି ଏତଦ୍ଦ୍ୱାରା ଅମିର ଓ ଶାନ୍ତିପ୍ରିୟ ଲୋକେ ରକ୍ଷା ପାଇଅଛନ୍ତି କେବଳ ବିଦ୍ରୋହିମାନେ ଆକ୍ରମଣର ଲକ୍ଷ୍ୟ ହୋଇଅଛନ୍ତି । ଅଧିକ ପ୍ରକାଶ ଯେ କେବଳ ରାଜଦୂତଙ୍କ କୋଠି ଆକ୍ରମଣ ହେତୁ ଇଂରେଜଙ୍କର ଚଢାଉ ହେଉ ନାହିଁ କାବୁଲ ନଗର ଲୁଟିବା ବ୍ୟକ୍ତିମାନଙ୍କୁ ସୁଦ୍ଧା ଦଣ୍ଡିବା ଉଦ୍ଦେଶରେ ଚଢାଉ ହେଉଅଛି । ଅତଏବ ଦାଉ ସାଧିବା ଓ ଶାନ୍ତି ବିସ୍ତାର କରିବା ଉଭୟ ଉଦ୍ଦେଶରେ ଇଂରେଜଙ୍କର ସୈନ୍ୟ କାବୁଲାଭିମୁଖୀ ହୋଇଅଛନ୍ତି । ଏଣୁ କରି ଅମିରଙ୍କର ସପକ୍ଷରେ ଏ ଯୁଦ୍ଧ ହେବାର ବୋଲିବାକୁ ହେବ । ସେ ଯେପରି ଅବସ୍ଥା ଓ ସମୟରେ ଇଂରେଜଙ୍କର ଶରଣାଗତ ହୋଇଅଛନ୍ତି ଏଥିରେ ସେ ବିଦ୍ରୋହରେ ଲିପ୍ତ ଥିବାର ଅନୁମାନ କରି ଯାଇ ନ ପାରେ । ସେ ରାଜଦୂତଙ୍କ ରକ୍ଷାରେ ବହୁତ ଯତ୍ନ କରି ନ ଥିବାର ଆମ୍ଭେମାନେ ତାଙ୍କଠାରେ ଦୋଷାରୋପ କରିଥିଲୁଁ ମାତ୍ର ଯେ ସ୍ଥଳେ ସେ ଆପଣା ଅପାରଗତା ସ୍ୱୀକାର କରି ଆତ୍ମସମର୍ପଣ କଲେଣି ସେ ସ୍ଥଳେ ତାଙ୍କର ଦୋଷ କ୍ଷମା ଦିଆ ଯାଇ ପାରେ । ଶରଣାଗତ ଶତ୍ରୁକୁ ସୁଦ୍ଧା ଦଣ୍ଡିବାର ବଡ ବୀରତ୍ୱ ନୁହଇ ।

ତଥାଚ କେହି୨ ଅମୀରଙ୍କୁ ନିର୍ଦ୍ଦୋଷୀ କରୁ ନାହାନ୍ତି ଓ ସେ ଗୁପ୍ତଭାବରେ ବିଦ୍ରୋହରେ ଲିପ୍ତ ଥିବାର ଅନୁମାନ କରୁଅଛନ୍ତି । କେହି୨ ମଧ୍ୟ କାବୁଲ ଦେଶକୁ ଅଧିକାର କରି ଭାରତବର୍ଷ ସଙ୍ଗେ ସଂଯୁକ୍ତ କରିବାର ବିଚାରୁଅଛନ୍ତି । ଅମୀରଙ୍କ ପକ୍ଷରେ ସନ୍ଦେହର କାରଣ ଏହି ଯେ ଯଦ୍ୟପି ସେ ବର୍ତ୍ତମାନ କୁଶି ପର୍ଯ୍ୟନ୍ତ ଆସିଲେ ତେବେ ସେ କାହିଁକି ପୂର୍ବରୁ ଅଲିଖେଲ ବା ସୁତରଗର୍ଦନ ପର୍ଯ୍ୟନ୍ତ ନ ଆସିଲେ । ଶେଷୋକ୍ତ ସ୍ଥାନ ଗତମାସ ତା ୧୬ ରିଖରେ ଅଧିକୃତ ହେଲା ଓ କୁଶି ସେଠାରୁ କେବଳ ଷୋଳମାଇଲ ଅନ୍ତର ସେ ଇଚ୍ଛା କରିଥିଲେ ଅନାୟାସେ ଆସି ପାରିଥାନ୍ତେ ଓ ତାଙ୍କପ୍ରତି କିଛି ପ୍ରତିରୋଧ ଘଟି ନ ଥାନ୍ତା । ଯେସ୍ଥଳେ ଅଫଗାନମାନେ ଇଂରେଜଙ୍କ ସୈନ୍ୟଙ୍କୁ ରସଦ ଯୋଗାଉଅଛନ୍ତି ଓ ସାହାଯ୍ୟ କରୁଅଛନ୍ତି ସେସ୍ଥଳେ ସେମାନଙ୍କର ଶାସନକର୍ତ୍ତା ଅମୀରଙ୍କପ୍ରତି କିଛି ବାଧା ହେଇ ନ ଥାନ୍ତେ । ଅମୀର ଆପଣା ସୈନ୍ୟଗଣ ଓ ଲୋକମାନଙ୍କର ଯୁଦ୍ଧଇଚ୍ଛା ଓ ଅଫଗାନସ୍ଥାନରେ ଇଂରେଜଙ୍କର ବଳ ଉଣା ଦେଖି ମନେ୨ ବିଦ୍ରୋହିଙ୍କ ସପକ୍ଷରେ ଥାଇ ଅସିଲେ ନାହିଁ । ମାତ୍ର ହଠାତ୍କାଣ୍ଡର ଦିନସପ୍ତ ମଧ୍ୟରେ ଇଂରେଜ ସୈନ୍ୟ ସେ ଦେଶର ଅନେକ ସ୍ଥାନ ଅଧିକାର କରି କାବୁଲ ନିକଟବର୍ତ୍ତୀ ହୋଇଯିବାରୁ ମାଙ୍ଗଲ ଇତ୍ୟାଦି ଜାତୀୟ ଲୋକମାନଙ୍କ ଓ ସେନାଗଣଙ୍କର ମେଳ ହୋଇ ପାରିଲା ନାହିଁ ତହୁଁ ଅମୀର ନିରୁପାୟ ହୋଇ ଇଂରେଜଙ୍କର ଶରଣାଗତ ହେଲେ । ଏ ଅନୁମାନ କଥାମାନ ନିତାନ୍ତ ଭ୍ରମଯୁକ୍ତ ବୋଲିଯାଇ ନ ପାରେ ଯାହା ହେଉ ପ୍ରକୃତ କଥା ଲୁଚି ରହିବ ନାହିଁ, ରବର୍ଟ ସାହେବ କାବୁଲରେ ପ୍ରବେଶ ହୋଇ ତଦନ୍ତ କଲାରୁ ସବୁ ଜଣାପଡିବ ।

ଅମୀର ବିଦ୍ରୋହରେ ଲିପ୍ତ ଥିବାର ପ୍ରମାଣ ନ ହେଲେ ମଧ୍ୟ ତାଙ୍କ ଅକ୍ଷମତା ଓ ଅପଟୁତା ସପ୍ରମାଣ ହୋଇଅଛି ଓ ସେ ନିଜେ ଏହା ସ୍ୱୀକାର କରି ଇଂରେଜଙ୍କର ସାହାଯ୍ୟ ଲୋଡୁଅଛନ୍ତି ଏପରି ସ୍ଥଳେ କାବୁଲ ବିଦ୍ରୋହ ଦମନ ଓ ଦେଶରେ ଶାନ୍ତି ବିସ୍ତାର ଓ କୌଣସିପ୍ରକାର ଶାସନ ସ୍ଥାପନର ଭାର ଇଂରେଜଙ୍କ ଉପରେ ପଡୁଅଛି । ଏହା ହେଲେ ପ୍ରଥମ ସନ୍ଧିରେ ଅମୀରଙ୍କର ଯେତେଦୂର ସ୍ୱାଧୀନତା ଥିଲା ତାହା ଆଉ ରହି ନ ପାରିବ ସେ ଆମ୍ଭମାନଙ୍କ ଗବର୍ଣ୍ଣମେଣ୍ଟଙ୍କର ଏକପ୍ରକାର ଅଧୀନ ହୋଇ ରହିବେ ତାଙ୍କର ସ୍ୱାଧୀନତା ଯିବ ଓ ଗବର୍ଣ୍ଣମେଣ୍ଟଙ୍କ ଉପରେ ଏକ ଦାୟ ପଡିବ । ଏ ଦାୟ ସହଜ ନୁହଇ ଯେହେତୁ କାବୁଲମାନେ ଦୁଃସାଧ ଲୋକ ଅଟନ୍ତି ଓ ସେମାନଙ୍କୁ ଶାସନରେ ରଖିବା କାରଣ ଅନେକ ସୈନ୍ୟ ଆବଶ୍ୟକ ହେବ । ଏଥିର ବ୍ୟୟ କି ଅମିର ନିର୍ବାହ କରି ପାରିବେ ? ଶେଷକୁ ଭାରତବର୍ଷ ଉପରେ ସେ ବ୍ୟୟ ନ ପଡିବ ? ଆମ୍ଭେମାନେ ଏହି କଥା ଭାଳୁଅଛୁଁ କାବୁଲକୁ ଭାରତବର୍ଷ ସଙ୍ଗେ ସଂଯୁକ୍ତ କରିବା କଥା କଣ କହିବୁଁ । ଯେଉଁମାନେ ତାହା କହୁଅଛନ୍ତି ସେମାନଙ୍କର ଆଗପଛ ବିଚାର ନାହିଁ । ସେ ଦେଶର ଆୟ ଅତି ଅଳ୍ପ ତାହା ଶାସନର ବ୍ୟୟକୁ ଅନେକ ଅକୁଳାନ ହେବ ଏହି ହେତୁ କାବୁଲକୁ ଭାରତବର୍ଷ ସଙ୍ଗେ ସଂଯୁକ୍ତ କରିବାର ପ୍ରବୀଣ ରାଜନୀତିଜ୍ଞମାନଙ୍କର ଅଭିମତ ନୁହେ ।

---

# ସାପ୍ତାହିକସଂବାଦ ।

ଆମ୍ଭେମାନେ ଅନେକ ଲୋକଙ୍କଠାରୁ ଶୁଣିଲୁଁ ମହାନଦୀ ଜୋବରା ଘାଟ ପାର ହେବାରେ ଲୋକେ ବଡ କଷ୍ଟ ପାଉ ଅଛନ୍ତି । ପଥିକ ଓ ଗାଡିମାନ ଓଳଏ୨ ଓ ଦଳେ, ସେପାରି କାଲରେ ପଡି ରହୁ ଅଛନ୍ତି । ଇଜାରଦାର ଅଳ୍ପ ନୌକା ଘାଟରେ ରଖି ଥିବାରୁ ଏପରି କଷ୍ଟ ଘଟୁଅଛି । ମେଜିଷ୍ଟର ସାହେବ ଏଥିର ଅନୁସନ୍ଧାନ କରି ଉଚିତ ପ୍ରତୀକାର କରନ୍ତୁ ।

ଜନରବ ଶୁଣାଯାଏ ଯେ ଶ୍ରୀଯୁତ ବମସ୍ ସାହେବ ଏଠାକୁ କଲେକ୍ଟର ସ୍ୱରୂପେ ଫେରି ଆସୁ ଅଛନ୍ତି । ସେ ବର୍ତ୍ତମାନ ତିନି ମାସର ଛୁଟିରେ ଅଛନ୍ତି । ଏ ମିଆଦ ଗତେ ସେ ଚଟଗାଁକୁ ନ ଯାଇ ନବମ୍ବର ମାସ ତା ୫ ରିଖରେ ଏଠାରେ ପ୍ରବେଶ ହେବେ । କାରଣ ଚଟଗାଁର କମିଶନର ଲୁଇସାହେବ ଆପଣା କର୍ମକୁ ଫେରି ଯାଉଅଛନ୍ତି । ଏଥିମଧ୍ୟରେ ଆଉ କଛି

Digitized by srujanika@gmail.com

Split by PDF Splitter



ପରିବର୍ତ୍ତନ ନ ହେଲେ କମସ୍ ସାହେବଙ୍କର ଏଠାକୁ ଆସିବାର ସମ୍ଭବ ।

ଆମ୍ଭେମାନେ ଆନନ୍ଦ ପୂର୍ବକ ଅବଗତ ହେଲୁଁ ଯେ ଏଠା ସଙ୍ଗତର ମଧ୍ୟମ ଶ୍ରେଣୀ ଇଂରେଜ ସ୍କୁଲ ନିମିତ୍ତ ଗବର୍ଣ୍ଣମେଣ୍ଟ ମାସିକ ଟ ୧୫ ଙ୍କା ସାହାଯ୍ୟ ଦେବାର ମଞ୍ଜୁର କରିଅଛନ୍ତି । ଚେଦାଇତ୍ୟାଦିରୁ ମାସିକ ଟ ୫୦ ଙ୍କା ଅଣ୍ଟିବ ହେବା ନିୟମରେ ଉକ୍ତ ସାହାଯ୍ୟ ସ୍ୱୀକୃତ ହୋଇଅଛି । ଏଥିରୁ ଏବେ ଟଙ୍କା ମାସିକ ଉଠିଲେ ହୁଏ ।

ପୁରୀର କଲେକ୍ଟରୀ ସିରସ୍ତାଦାରୀ କର୍ମରେ ବାବୁ ଭଗବାନଚନ୍ଦ୍ର ଦତ୍ତ ନିଯୁକ୍ତ ହୋଇଅଛନ୍ତି ।

କଳେବର ସ୍ୱଉତସ୍ୱ ନାମକ ପୁରୀ ରାଣୀର ଜଣେ ଗୁହର ଏକ ଗ୍ରେପ୍ତ ମକଦ୍ଦମାରେ ସାହାଯ୍ୟ କରିଥିବା ଅପରାଧରେ ତିନି ବରଷ କାରାବାସ ଦଣ୍ଡ ପାଇଅଛି ।

ପୁରୀ ଜିଲ୍ଲା ମରିଚପୁର ଏଲାକାରେ ଖଣ୍ଡେ ବିଲାତି ଜାହାଜ ବସି ଯିବାରୁ କେତେଲୋକ ମରି ପଡିଲେ ଆଉ କପ୍ତାନ ଏବଂ ୧୧ ଣ ଗୋଟି ଖଲାସି ସମୁଦ୍ର ପହଁରି କୂଳକୁ ଆସି ପ୍ରାଣରକ୍ଷା କରିଅଛନ୍ତି । ଏମାନଙ୍କର ଖଣ୍ଡିଏ ବସ୍ତ୍ର ଭିନ୍ନ ଆଉ କିଛି ନ ଥିଲା । ପୁରୀ କଲେକ୍ଟର ଏହାଙ୍କୁ ବିଶେଷ ଯତ୍ନ ସହିତ ଏଠାକୁ ପଠାଇ ଦେଇଅଛନ୍ତି ।

ଆଉ ଜଣେ ପତ୍ରପ୍ରେରକ ପୁରୀରୁ ଲେଖିଅଛନ୍ତି କି ଶ୍ରୀ ଜଗନ୍ନାଥଙ୍କର ନୀତିମାନ ବର୍ତ୍ତମାନ ବଡ଼ ବିଲମ୍ବରେ ହେଉଅଛି । ପତ୍ରପ୍ରେରକ ଭରସା କରନ୍ତି କି ଯେବେ ବାବୁ ରାମପ୍ରସାଦ ସିଂହ ଠାକୁରଙ୍କ ନୀତି ଓ ନାବାଳକ ରାଜାଙ୍କ ସୁଶିକ୍ଷା ବିଷୟରେ ଉତ୍ତମ ବନ୍ଦୋବସ୍ତ କରିବେ ଓ ଦୁଷ୍ଟ ଗୁହରଙ୍କୁ ଅକଟରେ ରଖିବେ ତେବେ ସବୁ କଥା ଉତ୍ତମ ହେବ ।

ସମ୍ପ୍ରତି ପୁରୀ ନଗରରେ ଜ୍ୱରରୋଗ ଅତ୍ୟନ୍ତ ପ୍ରବଳ ହୋଇଅଛି ବୋଧ ହୁଏ ଅଧିକ ବର୍ଷା ଏଥିର କାରଣ ଅଟଇ ମାତ୍ର ସେଠା ମାଜିଷ୍ଟ୍ରେଟ ସାହେବ ସହରର ଜଳନିକାଶୀ ପକ୍ଷରେ ଅତ୍ୟନ୍ତ ମନୋଯୋଗୀ ଥିବାର ଶୁଣି ଆମ୍ଭେମାନେ ଆନନ୍ଦିତ ହେଲୁଁ ।

ଅଦାଲତ କଚେରୀ ତା ୧୭ ଇଖରୁ ତା ୨୧ ନ ଓ କଲେକ୍ଟରୀ କଚେରୀ ତା ୨୦ ଇଖରୁ ତ ୧୨ ନ ଦୁର୍ଗାପୂଜା ଉପଲକ୍ଷେ ବନ୍ଦହେବ । ତହିଁ ପୂର୍ବଦିନ ରବିବାର ଥିବାରୁ ମୋଟରେ ଦ ୧୩ ନ କଲେକ୍ଟରୀ ବନ୍ଦ ହେବ ।

ଅସ୍ମାନଙ୍କ ଜଜସାହେବ ଆଗାମି ଜାନୁଏରି ମାସରେ ଛୁଟୀ ନେଇ ବିଲାତକୁ ଯିବାର ଶୁଣୁଅଛୁଁ ।

୧ । ବାହାକାରୁ ଅବଗତହେଲୁଁ ବାଲେଶ୍ୱରର କଲେକ୍ଟର ଓ ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ବର୍ମାନ୍ ସାହେବ ଶୀତକାଳ ଉଗରୁ ୧ ବର୍ଷ ୮ ମାସର ଫର୍ଲୋ ଛୁଟୀ ନେବାନିମନ୍ତେ ଦରଖାସ୍ତ କରିଅଛନ୍ତି ।

୨ । ଏକପନି ବାବୁ ପ୍ରକାଶ ଯେ, ପାରସ୍ୟ ଦେଶରେ ଏକ ଭୟାନକ ଭୂମିକମ୍ପ ହୋଇ ଯାଇଅଛି । ସେହି ଭୂମିକମ୍ପରେ ୨୨ ଖଣ୍ଡ ଗ୍ରାମ ଉଚ୍ଛିନ୍ନ ହୋଇଅଛି, ୫୫ ଖଣ୍ଡ ଗ୍ରାମର ତିଳମାତ୍ର ଅବଶିଷ୍ଟ ଅଛି । ୯୨୨ଜଣ ମନୁଷ୍ୟ ୨୭୬୦ ଛେଳି, ୧୨୫ ଗୋରୁ, ୧୨୪ ଘୋଡ଼ା ଏବଂ ୫୫ ଟି ଓଟ ମରିପଡି ଅଛନ୍ତି ।

୩ । କହନ୍ତି ଗତ ହେଲା ଗୋଟିଏ ଆଶ୍ଚର୍ଯ୍ୟ ପ୍ରକାର ମନୁଷ୍ୟ କୁଅ ରେଙ୍ଗୁନକୁ ଆସିଥିଲା ତାହାର ୨ ଟା ମସ୍ତକ ଓ ୨ ଟା ସ୍କନ୍ଧ କିନ୍ତୁ ଗୋଟିଏ ଶରୀର । ତତ୍ରସ୍ଥ ସାଧାରଣ ମିଉଜିୟମ ଗୃହରେ ରଖିବାପାଇଁ ତାହା କ୍ରୟ କରିବାରୁ କହିବାରୁ ତାହାର ଅଧିକାରୀ ସେଥିରେ ଅସମ୍ମତ ହୋଇ ଏବଂ ତାହା ଲୋକଙ୍କୁ ଦେଖାଇ ଅଗ୍ର ଦୁଇପଇସା ଉପାୟ କରୁଅଛି । ଈଶ୍ୱରଙ୍କର ମହିମା କଳନା କରିବ କିଏ ?

୧ ଏଡ୍ଭୋକେଟ ଗେଜେଟରୁ ଅବଗତ ହେଲୁଁ କଲିକତାର ବଣିକ ସଭା ଦୁର୍ଗାପୂଜାର ଛୁଟୀ ଊଣା କରିବା ନିମନ୍ତେ ଗବର୍ଣ୍ଣମେଣ୍ଟରେ ଆବେଦନ କରିଥିଲେ । ବର୍ତ୍ତମାନ ଶୁଣି ସନ୍ତୁଷ୍ଟ ହେଲୁଁ ଯେ ସେହି ସଭା ଦେଶୀୟ ମାନଙ୍କର ମନର ଭାବ ଏବଂ ଅସୁବିଧା ବୁଝି ଯହିଁରେ ଛୁଟୀ ଊଣା ନ ହୁଏ ତହିଁପାଇଁ ପୁଣି ପ୍ରାର୍ଥନା କରି ଅଛନ୍ତି ।

୨ ପଞ୍ଜାବର ସର୍ଦାରମାନେ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ପ୍ରତି ସ୍ୱକୀୟ ଭକ୍ତି ଓ ଅନୁରାଗ ପ୍ରଦର୍ଶନର ଅବସର ପାଇ ଅଛନ୍ତି । ଲାହୋରର ସର୍ଦାର ଆପଣାକୁ ଓ ଆପଣା ଧନ ପୁତ୍ରଙ୍କୁ ବ୍ରିଟିସ ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ସମର୍ପଣ କରୁ ଅଛନ୍ତି । ଗବର୍ଣ୍ଣମେଣ୍ଟ ବର୍ତ୍ତମାନ କାବୁଲ ବ୍ୟାପାରରେ ଇଚ୍ଛାକଲେ ସେମାନଙ୍କର ସାହାଯ୍ୟ ନେଇ ପାରନ୍ତି ।

୧ । ସୁଲଭ ସମାଚାରରୁ ଅବଗତ ହେଲୁଁ ଅଫଗାନର ଦୁର୍ଘଟନାରେ ପ୍ରାୟ ୬୦ହଜାର ଉଟ ମରିଯାଇଅଛନ୍ତି ।

୨ । ଦୁର୍ଭିକ୍ଷ ଥିଲେ ଲୋକଙ୍କର ଯେରୂପ କଷ୍ଟ ହୁଏ ଜୀବମାନଙ୍କର ସେଥି ଅପେକ୍ଷା ଅଧିକ କଷ୍ଟ । ବିବେକର କଥା ଶୁଣିବ କି ହଜୁରଙ୍କର ମନ ଉଷାଖର୍ବ ଏହା ଭାବ ଅସ୍ଥିର ହେବାକୁ ହୁଏ ସମ୍ପ୍ରତି ବିଲାତରେ ଏକ ସାହେବ ନୁଡ଼ିହେବା ଭୟରେ ଆତ୍ମହତ୍ୟା କରିଅଛନ୍ତି କି ତମାସା !

୩ ରାମକୃଷ୍ଣପୁରର ସମ୍ବାଦଦାତା କହନ୍ତି ହାବଡ଼ା ନିକଟରେ ଶଳୁଟ ନାମକ ଏକ ଗ୍ରାମ ଅଛି । ସେହି ଗ୍ରାମର ବଜାରକୁ ତା ୧୯ ଇଖ ସେପ୍ଟମ୍ବରରେ ଗୋଟିଏ ଓଲୁଅ ମାଛ ଅଣା ଯାଇଥିଲା । ତାହାମୂଲରେ ୧୩।୧୨ ସେରର ଗୋଟିଏ ଓଲୁଅ ଥିଲା । ଲାଞ୍ଜକ ପତ୍ରସହିତ ମାପିଲେ ଲମ୍ବରେ ୧୦ ହାତ ହେବ ସେର ମୋଟରେ କଦଳ ଗଛ ତୁଲ୍ୟ ଏହାକୁ ସେହି ବଜାରରେ ଘଟ ସ୍ଥାପନ କରି ଓ ତହିଁ ଉପରେ ନାରକେଳ ସ୍ଥାପନ ପୂର୍ବକ ଫୁଲ ଚନ୍ଦନ ବେଲପତ୍ର ଦେଇ ପୂଜାକରାଯାଇଅଛି ; ଏବଂ ସେହି ପୂଜା ଉପଲକ୍ଷରେ ଦିବାରାତ୍ରୀ ନାଚତାମାସା ଓ ଗାନ ବାଦ୍ୟ ହୋଇ ଯାଇଅଛି । ଗତମାସ ତା ୨୬ ଇଖରେ ସେହି ଓଲୁଅଠାକୁରଙ୍କୁ ଗଙ୍ଗାରେ ବିସର୍ଜନ ଦେବାର ଥିଲା ।

ଅଶ୍ୱାରୋହି ପଲଟନରେ ବେତନଭୁକ୍ତ ସାଇସ୍ୟାମାନେ ନିଯୁକ୍ତ ଅଛନ୍ତି । ବ୍ୟୟଲାଘବ ଝଣ୍ଡାନ୍ତରେ ପ୍ରସ୍ତାବ ହୋଇଅଛି ଯେ ସାଇସ୍ୟାମାନେ ବରଖାସ୍ତ ହେବେ ଓ ଘୋଡାଙ୍କ ଘାସ କଣାଯିବ । ପ୍ରଥମଚୋଟ ଏତ ଗରିବଙ୍କ ଉପରେ ପଡିଲା । ଏଥିରେ କେତେ ଲାଭହେବ ।

ଢାକାର ଅନ୍ନକଷ୍ଟ ନିବାରଣ ନିମିତ୍ତ କୁମାର ରାଜେନ୍ଦ୍ରନାରାୟଣ ରାୟ ପାଞ୍ଚହଜାର ଟଙ୍କା ଦାନ କରିଅଛନ୍ତି । ଏହା ଅତି ପ୍ରଶଂସନୀୟ ।

ଶୋଲାପୁରର ପାର୍ସିଜାତୀୟ ଲୋକମାନେ କାବୁଲରେ ଗବର୍ଣ୍ଣମେଣ୍ଟଙ୍କର ଜୟଲାଭ ନିମିତ୍ତ ଦୈବାର୍ଚ୍ଚନା କରିଅଛନ୍ତି । ସେମାନେ ଅଗ୍ନିପୂଜକ ଓ ଆପଣା ମତାନୁସାରେ ଅଗ୍ନି ମନ୍ଦିରରେ ଗୁରୁତର ଅଗ୍ନିପୂଜା ଉକ୍ତ ଉଦ୍ଦେଶ୍ୟରେ କରିଥିଲେ । ଯାହା ହେଉ ପାର୍ସିମାନେ ରାଜଭକ୍ତି ଦେଖାଇଅଛନ୍ତି ।

ଗତମାସ ତା ୨୮ଇଖରେ ସିମଲାରେ ଚାରିଜଣ ହିନ୍ଦୁ ଖ୍ରୀଷ୍ଟିୟାନଧର୍ମ ଗ୍ରହଣକରି ଭୂଷିତହେଲେ ।

ଅମ୍ବାଳାର ରେଲ କଚେରୀରେ ଜଣେ ପଞ୍ଜାବୀର ପଞ୍ଚା ଟଙ୍କା ଖୋଇ ପଡିଲାରୁ ଜଣେ ଦର୍ମରଣ ତାହା ପଞ୍ଜରରେ ତିନି ଗୋଇଠା ମାରିଲା । ତେତେବେଳେ ପଞ୍ଜାବୀର କିଛି ପୀଡା ହେଲା ନାହିଁ ମାତ୍ର ଚବିଶଘଣ୍ଟାରେ ସେ ଅଚେତନ ହୋଇ ପଡିଲା । ତହୁଁ ତାକୁ ଡାକ୍ତରଖାନାକୁ ନେଲାରୁ ସେଠାରେ ତାହାର କାଳ ହେଲା । ମାରିଥିବା ବ୍ୟକ୍ତି ଟ ୧୦୦୦ ଙ୍କା ଜାମିନରେ ଅଛି ।

ରୁଷମାନେ ଟର୍କୋମାନଙ୍କଦ୍ୱାରା ପରାସ୍ତ ହୋଇଥିବାର ଯେ ପ୍ରସଙ୍ଗ ପୂର୍ବେ ଲେଖାହୋଇ ଥିଲା ତହିଁ ପ୍ରତିବାଦରେ ରୁଷମାନେ କହନ୍ତି ଯେ ସେମାନେ ଜୟଲାଭ କରିଅଛନ୍ତି । ଟର୍କୋମାନମାନେ ସହସ୍ର ସେନା ହରାଇ ଦାଇଅଛନ୍ତି । ରୁଷ ସୈନ୍ୟଙ୍କ ମଧ୍ୟରୁ କେବଳ ୨୪୫ ଣ ମରିପଡି ଅଛନ୍ତି । ଏଥିରୁ ଅନେକେ ଏ ବୃତ୍ତାନ୍ତରେ ସନ୍ଦେହକରି ରୁଷ ତାହା ଆପଣାଙ୍କ ରକ୍ଷାନିମନ୍ତେ ଏପରି ମିଥ୍ୟାକଥା ରଟନା କରିଥିବାର କହୁଅଛନ୍ତି ।

ଅସ୍ମାନଙ୍କ ଏକଟିଂ ଲେଫଟେନେଣ୍ଟ ଗବର୍ଣ୍ଣର ବେଲିସାହେବ ଦାର୍ଜିଲିଙ୍ଗକୁ ଯାଇଅଛନ୍ତି । ମିଷ୍ଟର ଇଡେନସାହେବ ଡିସେମ୍ବରମାସର ମଧ୍ୟଭାଗରେ ଆପଣାକର୍ମକୁ ଫେରିଆସିବେ । ବେଲିସାହେବ କଲିକତାକୁ ଆଉ ନ ଆସି ଦାର୍ଜିଲିଙ୍ଗରୁ ତାରଯୋଗେ ଇଡେନସାହେବଙ୍କୁ ଚାର୍ଜ ଦେବେ ।

ଜନରବ ଶୁଣାଯାଏ ଯେ ଅସ୍ମାନଙ୍କର ବର୍ତ୍ତମାନର ଗବର୍ଣ୍ଣରଜେନରଲ ଲାଟଲିଟନସାହେବ ବିଲାତ ଯିବେ ଓ ତାଙ୍କ ସ୍ଥାନରେ ଲାଟଡଫରିନସାହେବ ନିଯୁକ୍ତ ହେବେ ।

ପୁନାର ଜଣେ ସ୍ତ୍ରୀ ଆପଣାର ଶିଶୁ ସନ୍ତାନକୁ କୂପରେ ପକାଇ ଦେଇଥିବା ଦୋଷରେ ଯାବଜ୍ଜୀବନ ଦ୍ୱୀପାନ୍ତର ଦଣ୍ଡ ପାଇଅଛି । ସେ ଏଡେ଼ ନିଷ୍ଠୁରଚରଣ କଲା କାହିଁକି ?

ଗତ ମାସ ତା ୨୬ ଇଖରେ ଅକିଆବରେ ଘର ପୋଡି ହୋଇଅଛି । ଗତ ମାର୍ଚ୍ଚମାସରେ ସେଠାରେ ଭୟଙ୍କର ଘରପୋଡି ହୋଇଥିଲା । ବର୍ଷାକାଳରେ ସୁଦ୍ଧା ସେଠାରେ ଘରପୋଡି । ଜବୁର୍ମାଙ୍କାରେ ଅଗ୍ନିଦେବତା ଏପରି କରନ୍ତି କାହିଁକି ?

ଅମୃତସରରେ ଜଣେ ଶିଖ ଅତ ସମ୍ପଲେ ବାହାଦୂର ପଛେ ଶିକାର କରୁଥିବା ସମୟରେ ଚୌକିଦାର ତାକୁ ବନ୍ଧୁକ ମାରିବାରୁ ସେ ମରିଗଲା ।

ଗତମାସ ତା୨୭ ଇଖରେ ସିମଲାରେ ଯନପଟ ଇତ୍ୟାଦି କାରିଗରୀ କର୍ମମାନର ପ୍ରଦର୍ଶନ ହୋଇଥିଲା । ପଞ୍ଜାବର ଲେଫ୍ଟନେଣ୍ଟ ଗବର୍ଣ୍ଣର ସାହେବ ଏ ପ୍ରଦର୍ଶନ ପ୍ରକାଶ କଲେ ତତ୍କାଳୀନ ଲର୍ଡସାହେବ ଗୋଟିଏ ବକ୍ତୃତା କଲେ । ଏଥିରେ ସହସ୍ର ଗୋଟି ଛବି ଇତ୍ୟାଦିର ପ୍ରଦର୍ଶନ ହୋଇଥିଲା ଓ ଦେଖିବା ନିମନ୍ତେ ଅନେକ ଲୋକ ଆସିଥିଲେ । ଉତ୍ତମ କାରିଗରମାନେ ପୁରସ୍କାର ପାଇଲେ । ଏପରି ପ୍ରଦର୍ଶନରେ ଶିଳ୍ପ ଚତୁରାର ଉତ୍ସାହ ଓ ଉନ୍ନତ ହୁଅଇ ।


## ଓଡ଼ିଶାର ଇତିହାସ ।

—×—

ଶ୍ରୀ ପ୍ୟାରୀମୋହନ ଆଚାର୍ଯ୍ୟ ପ୍ରଣୀତ ।

ମୂଲ୍ୟ ଏକଟଙ୍କା ମାତ୍ର

ବିକ୍ରୟାର୍ଥ ପ୍ରସ୍ତୁତ ଅଛି । କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ପ୍ରାପ୍ତବ୍ୟ ।

ଗବର୍ଣ୍ଣମେଣ୍ଟ ସିକ୍ୟୁରିଟୀ କ୍ରୟ

କୁଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ । କଲିକତାର ପ୍ରଧାନ ଦେଶୀୟ ଓ ବିଲାତି ଔଷଧବିକ୍ରେତାମାନଙ୍କଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଙ୍କଠାରେ ଡାକମାସୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଆଉନ୍ସର ଟ ୬ ୧ ଙ୍କା ୮ ଅଣ ଓ ଟ ୧୧ ୧୬ ଅଣ ଓ ଟ ୨୦୩ ଡାକମାସୁଲ ସଙ୍ଗେ ନଗଦ ମୂଲ୍ୟ ପଠାଇବାକୁ ହେବ ।


☞ ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଖ° ୧୭ ଗ
ସ ୪୨ ଖ୍ୟା
ତା ୧୮ ଋଣ ମାହେ ଅକ୍ଟୁବର ସନ ୧୮୭୯ ମସିହା । ମୂ । ଆଶ୍ୱିନ ଢ ୩ ନ ସନ ୧୨୮୭ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୲
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୲
ମଫସଲପାଁଇ ଡାକମାସୁଲ ଟ୧୲୵

ବର୍ତ୍ତମାନ୍ ବାର୍ଷିକ ମହୋତ୍ସବ-ଦୁର୍ଗାପୂଜା ଉପସ୍ଥିତ । ଏଥିର ସମ୍ଭୋଗ ନିମନ୍ତେ ସମସ୍ତେ ତତ୍ପର । ଅଦାଲତ କଚେରି ବନ୍ଦ ହେଲାଣି, । କଲେକ୍ଟରୀ କଚେରୀ ଆଜି ହୋଇ ବନ୍ଦ ହେବ । ଆଜି କାଲି ବଜାର ସଉଦାରେ ସମସ୍ତେ ବ୍ୟସ୍ତ ଓ ମୋଫସଲ ନିବାସୀ ଅମଲାମାନେ ସ୍ୱ୨ ଘରକୁ ଯିବା କାରଣ ଅତି ଉଦ୍ବିଗ୍ନ । ଆଗତ କାଲି ପ୍ରାୟ ସମସ୍ତେ ଏ ନଗରରୁ ପ୍ରସ୍ଥାନ କରିବେ ଓ ଆପଣା ଆପଣା ଘରେ ପ୍ରବେଶ ହେଇ ବନ୍ଧୁ ବାନ୍ଧବଙ୍କ ସଙ୍ଗେ ସାକ୍ଷାତ ଓ ମିଷ୍ଟାଳାପ, ପୂଜାର ଉଦ୍ଯୋଗ ଓ ସମ୍ଭୋଗ ଏବଂ ଘରକରଣା କମିବା ଡିଉ ବାର୍ଷିକ ବୁଝାସୁଝା ଓ ବ୍ୟବସ୍ଥାରେ ରତ ହେବେ । ମୋଫସଲରେ ଯେପରି ପୂଜାର ଉତ୍ସବ ସେପରି ନଗରରେ ନ ଥିଲେହେଁ ଏ ବର୍ଷ ଗୋଟିଏ ଅଧିକା କ୍ରୀଡ଼ା-ଘୋଡ଼ଦଉଡ଼ ଏଠାରେ ହେବାର ଅଛି । ଏ ହେତୁ ନଗରବାସିମାନେ କି ହିନ୍ଦୁ କି ମୁସଲମାନ କି ଇଂରେଜ ସମସ୍ତେ କଚେରି ବନ୍ଦକୁ ଅତି ଆନନ୍ଦରେ ଅତିବାହିତ କରିବେ ଏମନ୍ତ ଉତ୍ସବ ସମୟରେ ପାଠକମାନେ ଆମ୍ଭମାନଙ୍କର ସାକ୍ଷାତ ସମ୍ବାଦ ଗ୍ରହଣ କରିବାକୁ ଅବସର ପାଇବେ ନାହିଁ ଓ ସାକ୍ଷାତ କରିବାକୁ ଗଲେ ସେମାନଙ୍କ ସମ୍ଭୋଗରେ ବିଶେଷ ବାଧା ଜନ୍ମି ପାରେ ଓ ମଧ୍ୟ ଆମ୍ଭେମାନେ ଓ ଆମ୍ଭମାନଙ୍କର କର୍ମଚାରୀମାନେ ଏ ବାର୍ଷିକ ଉତ୍ସବରୁ ବଞ୍ଚିତ ହେବାର ଉଚିତ ନୁହେ । ଅତଏବ ଆମ୍ଭେମାନେ ଅଗାମୀ ସପ୍ତାହରେ ପାଠକମାନଙ୍କ ସହିତ ସାକ୍ଷାତ କରି ନ ପାରିବୁଁ ଓ ଭରସା କରୁଁ ଯେ ପାଠକବୃନ୍ଦ ଅତି ଆନନ୍ଦରେ ଉତ୍ସବ ସମ୍ଭୋଗ କରି ନିର୍ବିଘ୍ନରେ ଆପଣା୨ କାର୍ଯ୍ୟ କ୍ଷେତ୍ରକୁ ଫେରି ଆସିବେ ।

---

ଦେଶୀୟ ଲୋକଙ୍କୁ ସିଭିଲସର୍ବିସରେ ନିଯୋଗ କରିବା ବିଧି ଅନୁସାରେ ଏହିମାସରେ କେତେ ଲୋକ ନିଯୁକ୍ତ ହେବାର କଥା ଥିଲା ମାତ୍ର କାର୍ଯ୍ୟତଃ ତାହା ହୋଇ ପାରିଲା ନାହିଁ । ଶୁଣାଯାଏ ଯେ ଆଗାମୀ ମାସ ପ୍ରଥମସପ୍ତାହରେ ଏ କର୍ମ ସକାଶେ ମନୋନୀତ ହୋଇଥିବା ବ୍ୟକ୍ତିଙ୍କ ନାମ ବାହାରିବ । ବଙ୍ଗଳାହିତାର ତିନ ପ୍ରଧାନଖଣ୍ଡ ବଙ୍ଗଳା ବେହାର ଓଡ଼ିଶା ଏଥିରୁ କେବଳ ବଙ୍ଗଳାରୁ ଲୋକ ନିଯୁକ୍ତ ହେବେ କି ବେହାର ଏବଂ ଓଡ଼ିଶାରୁ କେହି ମନୋନୀତ ହେବେ କହି ନ ପାରୁଁ । ଓଡ଼ିଶା କଥା ଆମ୍ଭମାନଙ୍କ ଉଲ୍ଲେଖ କରିବା ବୃଥା ଯେଉଁସ୍ଥଳେ ଓଡ଼ିଶା କପାଳ ଏତେ ମନ୍ଦ ଯେ ଅଦ୍ୟାବଧି ଡେପୁଟୀକଲେକ୍ଟରୀ ପଦରେ ଏଦେଶର ଦୁଇ ଜଣରୁ ଅଧିକ ଜଣ ନାହିଁ ସେସ୍ଥଳେ ସିଭିଲସର୍ବିସର କଥା ବା କିସ ! ଚିରସ୍ମରଣୀୟ ରିକେଟ ଓ ଯୋରସାହେବଙ୍କ ପ୍ରତାପରୁ କିଛିକାଳ କେତେଜଣ ଓଡ଼ିଶାବାସୀ ଉଚ୍ଚବେତନ ଭୋଗ କରି ଗଲେ । ବର୍ତ୍ତମାନ ହାକିମଙ୍କ ମନରେ କି ସେପରି ଭାବ ଆଉ ଉଦୟ ହେବ ନାହିଁ ?

---

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ଅବଗତ ହେଲୁଁ ଯେ ଅଠଗଡ଼ର ରାଜା ଭୁବନେଶ୍ୱରୀ ମନ୍ଦିର ନିମିତ୍ତ ଦୁଇହଜାର ଟଙ୍କା ଦାନ କରିବାକୁ ଅଙ୍ଗୀକାର କରିଅଛନ୍ତି । ଏହାଙ୍କର ଆୟ ଦୃଷ୍ଟିରେ ଏ ଦାନ ଅତ୍ୟନ୍ତ ପ୍ରଶଂଶନୀୟ ଅଟଇ ଓ ଏହାଦ୍ୱାରା ଶ୍ରୀ ଶ୍ରୀମତୀ ଭୁବନେଶ୍ୱରୀଙ୍କ ପ୍ରତି ତାହାଙ୍କର ସମଧିକ ସ୍ନେହ ଓ ଭକ୍ତିର ପରିଚୟ ମିଳୁଅଛି । ଏ ରାଜା ଯେପରି ଉଦାର ଭାବରେ ଏ ମହତ୍ କାର୍ଯ୍ୟର ସାହାଯ୍ୟ ନିମିତ୍ତ ଅଗ୍ରସର ହୋଇଅଛନ୍ତି ଏଥିରୁ ବିଲକ୍ଷଣ ଜଣାଯାଏ କି ଯେବେ ଏହାଙ୍କର ଆୟ ଅନ୍ୟାନ୍ୟ ବଡ଼୨ ରାଜାଙ୍କ ପରି ହୋଇ ଥାନ୍ତା ଓ ରାଜସଂସାର ନିଯୁମିତଖର୍ଚ୍ଚ ଉତ୍ତାରୁ ତହିଁରୁ କିଛି ସଞ୍ଚୟ କରିବାକୁ ସମର୍ଥ ହୋଇ ଥାନ୍ତେ ତେବେ ସେ ପ୍ରଫୁଲ୍ଲଭାବରେ ଆହୁରି ଅଧିକ ଦେଇ ପାରି ଥାନ୍ତେ । ଯାହା ହେଉ ଅନ୍ୟାନ୍ୟ ରାଜା ଓ ଜମିଦାରମାନେ ଏହିପରି ବଦାନ୍ୟତା ସହିତ ଶୀଘ୍ର ଅଗ୍ରସର ହେଲେ ଅବିଲମ୍ବରେ ଏ ମହତ୍କାର୍ଯ୍ୟ ସାଧନ ହେବ ଏଥିରେ ସନ୍ଦେହ ନାହିଁ । ସେମାନେ କି ସକାଶେ ବିଲମ୍ବ କରୁଅଛନ୍ତି ?

---

ପଞ୍ଜାବ ସୀମାନ୍ତରେ କରମନଦୀ ଓ ଅଲ୍ ମଧ୍ୟସ୍ଥ ପ୍ରଦେଶରେ ଜୟମୁଷ୍ଟି ଓ ଅର୍କଜୟୀ ଜାତୀୟ ଲୋକେ ବାସ କରନ୍ତି ଏମାନେ ପାହାଡ଼ିଆ ଓ ବଣୁଆ ଲୋକ ଅଟନ୍ତି ଓ ଭାରି ବଳିଷ୍ଠ

Digitized by srujanika@gmail.com

Split by PDF Splitter



ଓ ଦୁଷ୍ଟ । କେତେକ ଦିନ ହେଲା ଏମାନେ ନାନାବିଧ ଅତ୍ୟାଚାର କରି ଆସୁଅଛନ୍ତି ଓ ତହିଁର କିଛି ଦଣ୍ଡ ପାଇ ନ ଥିବାରୁ ସେମାନେ ଉତ୍ସାହିତ ହୋଇ ନିକଟରେ ଲେଫ୍ଟନେଣ୍ଟ କନ୍ଲକ୍ ସାହେବଙ୍କୁ ବଧ କରିଅଛନ୍ତି । ଯେଉଁ ନିୟମରେ ସେମାନେ ଗବର୍ଣ୍ଣମେଣ୍ଟଙ୍କୁ ଏକରାରନାମା ଲେଖି ଦେଇଥିଲେ ତାହା ଭଙ୍ଗ କରିଅଛନ୍ତି ଓ ଯେଉଁ ପ୍ରଦେଶ ରକ୍ଷାର୍ଥେ ସେମାନେ ଗବର୍ଣ୍ଣମେଣ୍ଟରୁ କିଛି ଭତ୍ତା ପାଉଥିଲେ ସେହି ପ୍ରଦେଶ ଲୁଟ୍ କରିଅଛନ୍ତି । ଏ ହେତୁ ସେମାନଙ୍କୁ ଦଣ୍ଡ ଦେବା ଓ ବଶ କରିବା କାରଣ ଏହି ମାସ ମଧ୍ୟଭାଗରେ ସେଠାକୁ ସୈନ୍ୟ ପ୍ରେରିତ ହେବେ । ଏ ସୈନ୍ୟର ସଂଖ୍ୟା ଦୁଇସହସ୍ର ପଦାତି ଓ ଅଢ଼େଇଶତ ଅଶ୍ୱାରୋହୀ ଅଟଇ । ଟାଇଟଲର ସାହେବ ସୈନ୍ୟାଧ୍ୟକ୍ଷ ହେବେ । ଛଗୋଟା ପର୍ବତ ତୋପ ମଧ୍ୟ ପଠାଯିବ । କଥିତ ହୁଏ ଯେ ସେ ବଣୁଆମାନଙ୍କ ମଧ୍ୟରୁ ଜ ୨୫୦୦୦ ଣ ଯୁଦ୍ଧ ନିମନ୍ତେ ବାହାର ପାରନ୍ତି । ଏହା ହେଲେ କିଛି ଦିନ ସେମାନଙ୍କ ସଙ୍ଗେ ଯୁଦ୍ଧ ଲାଗିବ ମାତ୍ର ପରିଶେଷେ ପରାସ୍ତ ହେବେ ଏଥିରେ ସନ୍ଦେହ କଣ ? ଏଣେ ରମ୍ପା ବିଦ୍ରୋହ ନିବାରଣ ଓ ଜୁଲୁ ଯୁଦ୍ଧ ଶେଷ ହେଲା ବେଳକୁ ତେଣେ ଆଉ ଗୋଟିଏ ଉତ୍ପାତ ଲାଗିଲା, କାବୁଲ ଯୁଦ୍ଧତ ସଙ୍ଗୋପରେ । ଏ ବର୍ଷଟାଯାକକୁ କଣ କେବଳ ଯୁଦ୍ଧର ଯୋଗ ଘଟିଅଛି ?

---

## ଲାଇସେନ୍ସ ଟାକ୍ସ ।

ଏକଟଙ୍କା ଓ ଦୁଇଟଙ୍କା ଲାଇସେନ୍ସ ଟାକ୍ସ ଉଠି ଯିବାରୁ ଏ ଜିଲ୍ଲାରେ ନ ୧୬୦୧୯ ମ୍ବରକୁ ଟ ୧୬୮୫୩୲ ଙ୍କା କଟି ଯାଇ ନ ୧୬୧୭ ମ୍ବରକୁ ଟ ୧୮୨୮୫୲ ଙ୍କା ଟାକ୍ସ ରହିଲା । ଏଥି ମଧ୍ୟରୁ ପାଞ୍ଚଶ ଟଙ୍କାର ନ ୬, ଦୁଇଶ ଟଙ୍କାର ନ ୭, ଶଏ ଟଙ୍କାର ନ ୧୩, ପଚାଶ ଟଙ୍କାର ନ ୩୮, କୋଡିଏ ଟଙ୍କାର ନ ୨୦୭, ଓ ପାଞ୍ଚ ଟଙ୍କାର ନ ୧୩୪୭ ମ୍ବର ଅଟଇ । ଏଥିରୁ ସ୍ପଷ୍ଟ ପ୍ରକାଶ ଯେ ଏ ଜିଲ୍ଲାରେ ବା ଏ ଦେଶରେ ଧନୀ ବ୍ୟବସାୟୀ ଅତି ଅଳ୍ପ, ଦୁଃଖୀ ବ୍ୟବସାୟୀଙ୍କ ସଂଖ୍ୟାହିଁ ଅଧିକ ଓ ସେହିମାନଙ୍କ ଉପରେ ଏ ଟାକ୍ସ ଅଧିକ ପରିମାଣରେ ପଡ଼ୁଅଛି । ଏକା ଏ ଜିଲ୍ଲାରେ ନୁହେ, ସବୁ ଜିଲ୍ଲାରେ ଏହି ପ୍ରକାର ଟ ୨୫୦୲ ଙ୍କା ଆୟ ଉପରେ ଟ ୫୲ ଙ୍କା ଟାକ୍ସ ଥିବାରୁ ଏ ଶ୍ରେଣୀକୁ ମଧ୍ୟ ଦୁଃଖିଙ୍କ ମଧ୍ୟରେ ଗଣିବାକୁ ହେବ । ଏହା ହେଲେ ଏ ଜିଲ୍ଲାରେ ଟ ୧୲ ଙ୍କାରୁ ଟ ୫୲ ଙ୍କା ପର୍ଯ୍ୟନ୍ତ ଟାକ୍ସ ଦାୟୀଙ୍କର ସଂଖ୍ୟା ଜ ୧୩୩୭୬ ଣଙ୍କୁ ଟ ୨୩୫୯୮୲ ଙ୍କା ହେଉଅଛି; ଟ ୫୲ ଙ୍କାରୁ ଅଧିକ ଟାକ୍ସ ଦାୟୀ ଜ ୨୭୦ ଣଙ୍କୁ ଟ ୧୧୫୪୦୲ ଙ୍କା ଟାକ୍ସ ଅଟଇ । ଅତଏବ ଟାକ୍ସର ଜ୍ୱାଲା ଯେ ଅଧିକ ଦୁଃଖୀ ଦରିଦ୍ରଙ୍କ ଉପରେ ପଡ଼ଇ ଏଥିରେ ଆଉ ସନ୍ଦେହ ନାହିଁ । ଏକେ ଆଇନ ଦୋଷ ଶୂନ୍ୟ ନୁହେ ଦ୍ୱିତୀୟେ ଅସେସରମାନେ ସମସ୍ତେ ନ ହେଲେ ଅଧିକାଂଶ ଅସୁର ସମାନ । ଏ ସ୍ଥଳେ ଦୁଃଖିଙ୍କର ଆଉ ନିସ୍ତାର କାହିଁ ? ଯାହାହେଉ ବର୍ତ୍ତମାନର ଆଜ୍ଞାନୁସାରେ ଯେ ଏ ଜିଲ୍ଲାରେ ବାରସହସ୍ର ଦରିଦ୍ର ରକ୍ଷା ପାଇ ଗଲେ ବଡ଼ ସୁଖର ବିଷୟ ।

ଆମ୍ଭେମାନେ ପ୍ରଥମେ ଲେଖିଥିଲୁଁ ଯେ ଆମ୍ଭମାନଙ୍କର ଏକଟିଂ ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବଙ୍କ ଅନୁରୋଧରେ ଏ ଶୁଭଫଳ ଘଟିଅଛି । ତତ୍ପରେ ଅବଗତ ହେଲୁଁ ଯେ ଆମ୍ଭମାନଙ୍କର ଲେଫ୍ଟେନେଣ୍ଟ ଗବର୍ଣ୍ଣର ମାନ୍ୟବର ଇଡେନ ସାହେବ କମିଶନ ସଭାକୁ ଯିବା ପୂର୍ବେ ପଞ୍ଚଟଙ୍କିଆ ଟାକ୍ସ ପର୍ଯ୍ୟନ୍ତ ଛାଡ଼ ଦେବାର ପ୍ରସ୍ତାବ କରିଥିଲେ ଓ ବେଲୀ ସାହେବ ମଧ୍ୟ ତହିଁର ପୋଷକତା କଲେ । ମାତ୍ର ଏକାବେଳକେ ଏତେ ଟାକ୍ସ ଛାଡ଼ ଦେବାକୁ ବଡ଼ ଲାଟ ସାହେବଙ୍କର ମତ ହେଲା ନାହିଁ । ସେ କାଉନ୍ସିଲ କରି ଲେଫ୍ଟେନେଣ୍ଟ ଗବର୍ଣ୍ଣର ସାହେବମାନଙ୍କ ପ୍ରସ୍ତାବ ମତେ ପାଞ୍ଚଶତ ଟଙ୍କା ଆୟକୁ ଟାକ୍ସରୁ ବାଦ ନ ଦେଇ ଟ ୨୫୦୲ ଙ୍କା ଆୟ ପର୍ଯ୍ୟନ୍ତ ବାଦ ଦେଲେ । ସୁତରାଂ ପାଞ୍ଚଟଙ୍କିଆ ଟାକ୍ସ ରହି ଗଲା । ଏ ଟାକ୍ସ ସୁଦ୍ଧା କ୍ଷମା ହୋଇଥିଲେ ଆହୁରି ଉତ୍ତମ ହୋଇଥାନ୍ତା ଓ ଆଉ କେତେଗୁଡ଼ିଏ ସାମାନ୍ୟ ବ୍ୟବସାୟୀ ନିସ୍ତାର ପାଇ ଥାନ୍ତେ । ସମୁଦାୟ ଟାକ୍ସକୁ ଧରି ଆୟ ବ୍ୟୟର ବଜେଟ ଇଷ୍ଟିମିଟ ପ୍ରସ୍ତୁତ ହୋଇ ଥିବାରୁ ଏତେ ଛାଡ଼ ଦେବାକୁ ଲାଟ ସାହେବ ସମ୍ମତ ହେଲେ ନାହିଁ । ଶୁଣା ଯାଏ ଲାଇସେନ୍ସ ଟାକ୍ସ ଆଇନ ନିକଟରେ ସଂଶୋଧିତ ହେବ । ଯେତେ ଟାକ୍ସ ବର୍ତ୍ତମାନ ଛାଡ଼ ହେଲା ତାହା ଆଉ କୌଣସି ମତେ ପୂରଣ କରିବାର କଳ୍ପନା ନ ହୁଏ ? କେହି୨ ମଧ୍ୟ କହନ୍ତି ଯେ ବର୍ତ୍ତମାନ ଯେତେ ଶ୍ରେଣୀର ଟାକ୍ସ ରହିଲା ସେଥିର ଦର କିଛି ଅଧିକ ହେବ । ଆମ୍ଭମାନଙ୍କ ବିବେଚନାରେ ଏ ଟାକ୍ସକୁ ଆଉ ବୃଦ୍ଧି କରିବାର ଉଚିତ ନୁହେ ବରଂ ପାଞ୍ଚଶ ଟଙ୍କା ପର୍ଯ୍ୟନ୍ତ ଆୟ ଛାଡ଼ ଦେଇ ତହିଁରୁ ଊର୍ଦ୍ଧ୍ୱ ହଜାର ଟଙ୍କା ପର୍ଯ୍ୟନ୍ତ ଆୟରେ ଟ ୫୲ ଙ୍କା ଟାକ୍ସ ଚଳପାରେ । ସରକାରୀ ବ୍ୟୟ କର୍ତ୍ତନର ଯେପରି ପ୍ରସ୍ତାବ ହୋଇଅଛି ତାହା ସିଦ୍ଧାନ୍ତ ଓ କାର୍ଯ୍ୟରେ ପରିଣତ ହେଲେ ଅବୋ ଟାକ୍ସର ପ୍ରୟୋଜନ ହେବ ନାହିଁ । ଅତଏବ ଗବର୍ଣ୍ଣମେଣ୍ଟ ଏଥିରେ ମନୋଯୋଗୀ ହେଉନ୍ତୁ ଓ ଟାକ୍ସରେ ଆଉ ମତି ନ ବଳାଉନ୍ତୁ ।

---

## କାବୁଲ ବିଦ୍ରୋହ ।

ଏ ସପ୍ତାହରେ ଗୋଟିଏ ଘୋର ଯୁଦ୍ଧରେ ଇଂରାଜମାନେ ଜୟୀ ହୋଇ କାବୁଲନଗରରେ ପହଞ୍ଚିଥିବାର ସମ୍ବାଦ ଆସିଅଛି । ବୋଧହୁଏ ଏଇ ବିଦ୍ରୋହୀମାନଙ୍କର ଏହି ଶେଷଯୁଦ୍ଧ କାରଣ ତହିଁଉତ୍ତାରୁ ଆଉ କେହି ଶତ୍ରୁ ଇଂରାଜ ସେନାଙ୍କୁ ପ୍ରତିରୋଧ କରିବାକୁ ସାହସୀ ନ ହୋଇ ଇତସ୍ତତଃ ଛିନ୍ନଭିନ୍ନ ହୋଇ ପଳାଇବାର ଦେଖାଯାଉଅଛି । ଉକ୍ତ ଘୋର ଯୁଦ୍ଧ ଚାରସିଆ ନାମକ ସ୍ଥାନରେ ହୋଇଥିଲା । ଜେନରଲ ରବର୍ଟସ ଚଳିତମାସ ତା ୬ ରିଖରେ ସେଠାରେ ପ୍ରବେଶ ହୋଇ ଚରଅଡ଼େ ଚର ପଠାଇ ବୁଝିଲେ ଯେ ଶତ୍ରୁମାନେ ବହୁତ ଦଳବଦ୍ଧ ହୋଇ ତରାଉ କରୁଅଛନ୍ତି । ଦେଖିଁ୨ ଶତ୍ରୁ ଦଳ ପର୍ବତଶୃଙ୍ଗରେ ଋଣ୍ଡ ହେଲେ ଓ ତାହାଙ୍କ ସଂଖ୍ୟା ବଢ଼ିବାର ଆରମ୍ଭ ହେଲା ଜେନରଲ ରବର୍ଟସ୍ ସାହେବ ମେଜର ହ୍ୱାଇଟ ସାହେବଙ୍କୁ ସମ୍ମୁଖଯୁଦ୍ଧକୁ ପଠାଇ ଜେନରଲ ବେକରଙ୍କୁ ପର୍ବତର ପାର୍ଶ୍ୱଦେଶ ଚଢ଼ିବାକୁ ଆଜ୍ଞା ଦେଲେ ଏ ଉପାୟରେ ଆଉ ଶତ୍ରୁସେନା ପର୍ବତରୁ ଆସିପାରିଲେ ନାହିଁ ଓ ସମ୍ମୁଖଯୋଦ୍ଧା ଇଂରାଜମାନେ ଅସୀମ ସାହସ ସହିତ ଯୁଦ୍ଧ କରି ସନ୍ଧ୍ୟା ପୂର୍ବେ ଶତ୍ରୁଦଳକୁ ସମ୍ପୂର୍ଣ୍ଣରୂପେ ହଟାଇ ଦେଇ ସେ ପର୍ବତକୁ ଅଧିକାର କଲେ । ଇଂରାଜଙ୍କ ପକ୍ଷର ଦୁଇଜଣ ସରଦାର ଜଣେ ଡାକ୍ତର ଓ ଜ ୮୦ ଣ ସିପାହୀ ମରିପଡ଼ିଲେ । ଶତ୍ରୁର ମୃତ୍ୟୁସଂଖ୍ୟା ବହୁତ ।

ତା ୮ ରିଖରେ ଶତ୍ରୁ ଦଳ କାଲାହିସାର ପର୍ବତରେ ଋଣ୍ଡ ହୋଇଥିଲେ ମାତ୍ର ଜେନରଲ ରବର୍ଟସଙ୍କ ଆଜ୍ଞାରେ ମାସି ସାହେବ ଓ ବେକର ସାହେବ ସୈନ୍ୟ ସହିତ ସେଠାକୁ ତତ୍କ୍ଷଣାତ୍ ଯାତ୍ରା କରି ସେମାନଙ୍କୁ ଘଉଡ଼ାଇ ଦେଇ ୭୮ ଗୋଟା ତୋପ ହସ୍ତଗତ କଲେ । ସର୍ବ୍ବପ୍ରକା

Digitized by srujanika@gmail.com

ଶତ୍ରୁଙ୍କର ୧୧୦ ଗୋଟା ତୋପ ଇଂରେଜଙ୍କ ହସ୍ତଗତ ହୋଇଅଛି ।

ଏ ସ୍ଥଳିହାଠାରେ ଶତ୍ରୁମାନେ ଯେମନ୍ତ ଯୁଦ୍ଧ କରିଥିଲେ ଏମନ୍ତ ପୂର୍ବେ ଦେଖା ନ ଥିଲା କେବଳ ଜେନେରଲ ରବର୍ଟସଙ୍କ କୌଶଳ ଓ ତତ୍ପରତାରୁ ଶତ୍ରୁମାନେ ସମସ୍ତେ ଠୁଳ ହେବାକୁ ସମୟ ପାଇଲେ ନାହିଁ । କିଞ୍ଚିତ ବିଳମ୍ବ ହୋଇ ଥିଲେ ଯୁଦ୍ଧ ଅତ୍ୟନ୍ତ କଠିଣ ହୋଇ ଥାନ୍ତା ।

ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ଏ ଜୟ ବାର୍ତ୍ତା ଶୁଣି ଜେନେରଲ ରବର୍ଟସ୍ ଓ ସୈନ୍ୟମାନଙ୍କୁ ଧନ୍ୟବାଦ ଦେଇଅଛନ୍ତି ଏବଂ ଯେଉଁ ବୀରମାନେ ଏ ଯୁଦ୍ଧରେ ମରିପଡିଲେ ତାହାଙ୍କ ନିମିତ୍ତ ଶୋକ ପ୍ରକାଶ କରିଅଛନ୍ତି ।

ଏଥିଉତ୍ତାରୁ ଆଉ କୌଣସି ଜାତୀୟ ଶତ୍ରୁ ଯୁଦ୍ଧ କରିବାକୁ ସାହସୀ ହୋଇ ନାହାନ୍ତି ତେବେ ଦୁଃଖର ବିଷୟ ଯେ ବିଦ୍ରୋହକରଦାରମାନେ ଅଦ୍ୟାବଧି କେହି ଧରା ପଡି ନାହାନ୍ତି । ଜେନେରଲ ରବର୍ଟସ୍ ସସୈନ୍ୟରେ ଚଳିତମାସ ତା ୧୨ ରିଖରେ କାବୁଲସହର ଅଧିକାର କରି ଇଂରେଜଙ୍କର ଜୟପତାକା ଉଡାଇଥିବେ ।

---

ଜମିଦାର ଓ ପ୍ରଜାସମ୍ପର୍କୀୟ ବିଧାନ ।

ଏହିବିଷୟ ଅଗତସପ୍ତାହ ଶୁକ୍ରବାର ସୁହୃଦ୍ ସମାଜରେ ଉପସ୍ଥିତ ହୋଇଥିବାର ଆମ୍ଭେମାନେ ଗତଥର ଲେଖିଥିଲୁଁ । କମିସ୍ନରମାନେ ଯେସମସ୍ତ ପ୍ରଶ୍ନ କରିଥିଲେ ତାହା ସଭାରେ ପଠିତ ହୋଇ ସଭ୍ୟମାନଙ୍କ ମତରେ ପ୍ରାୟ ସମସ୍ତ ଯୁକ୍ତିଯୁକ୍ତ ବୋଲି ବୋଧ ହେଲା କାରଣ ସେସମସ୍ତ ପ୍ରଶ୍ନର ଅଧିକାଂଶର ଭାବ ଏପରି ହେଲା କି ଯାହା ଓଡିଶାପ୍ରତି ଖଟଇ ନାହିଁ । କାରଣ ବଙ୍ଗଳାରେ ଦେୱାନୀ ଅଦାଲତରୁ ଖଜଣା ଆଇନର ବିଚାରକାର୍ଯ୍ୟ ଉଠିଯାଇଥିବାରୁ ଅନେକ ବିଳମ୍ବ ଓ ଅସୁବିଧା ହେଉଅଛି ମାତ୍ର ଏଠାରେ କଲେକ୍ଟରୀରେ ସେ କାର୍ଯ୍ୟ ହେଉଅଛି ସୁତରାଂ କମିସ୍ନରମାନେ ଯେସମସ୍ତ ପରିବର୍ତ୍ତନ କରିବାକୁ ବର୍ତ୍ତମାନ ମାନସ କରନ୍ତି ତାହା ଏଠାରେ ପ୍ରଚଳିତ ଅଛି । ଫିଲ୍ଡ ସାହେବଙ୍କ କୃତ ପୁସ୍ତକପ୍ରତି କମିଶ୍ନରମାନେ ଯେ ପ୍ରଶ୍ନ ସମସ୍ତ କରିଥିଲେ ସମୁଦାୟ ପୁସ୍ତକ ନ ପଢିଲେ ତହିଁର ଉତ୍ତର ଦେବା କଠିନ ଓ ତାହା ଅଳ୍ପସମୟର କାର୍ଯ୍ୟ ନୁହଇ ବୋଲି ସଭା ତହିଁରୁ କ୍ଷାନ୍ତ ରହିଲେ । ଫଳତଃ ଏଦିନର ସଭାରେ କେତେଗୁଡିଏ ସାମାନ୍ୟ କଥାର ମୀମାଂସା ହୋଇଥିଲା ଓ ତହିଁମଧ୍ୟରେ କେବଳ ଦଶ୍ଯୋଟି କଥା ପ୍ରଧାନ ଥିଲା ଅର୍ଥାତ୍ ପଟ୍ଟା ଓ କବୁଲିୟତ ପାଇବାର ନାଲିଶ ପରିବର୍ତ୍ତେ କେବଳ ଜମି ଜମା ସ୍ଥିର କରି ନେବାର ନାଲିଶ କରିବା ଏବଂ ଯେଉଁ ବାକି ଖଜଣା ମୋକଦ୍ଦମାରେ ଭୂସ୍ୱତ୍ୱ ଉଚ୍ଛେଦର ତକରାର ଥିବ ତାହା ବିଶେଷସାବ୍ୟସ୍ତଦ୍ୱାରା ବିଚାରିତ ହେବା ଏବଂ ୫ ୫୦ ଟଙ୍କା ପର୍ଯ୍ୟନ୍ତ ଅପିଲ ନିଷିଦ୍ଧ କରିବା । ଏହି ଦୁଇ ବିଷୟରେ କିଞ୍ଚିତ ତର୍କ ବିତର୍କ ହୋଇ ଉକ୍ତ ଦୁଇ ନିୟମ ବିଧିବଦ୍ଧ ହେଲେ ଉତ୍ତମ ହେବ ବୋଲି ସଭା ମତ ଦେଲେ । ଏଣିକରେ ଏଦିନ ସଭା ଭଙ୍ଗ ହେଲା ଏବଂ ପ୍ରଜାର ସ୍ୱତ୍ୱ ହସ୍ତାନ୍ତର ଓ ଖଜଣା ବୃଦ୍ଧିର ବିଚାର ଗତ ମଙ୍ଗଳବାର ହେବାର ଧାର୍ଯ୍ୟ ହେଲା ।

ଗତ ମଙ୍ଗଳବାର ସଭାରେ ପ୍ରଥମେ ପ୍ରଜାକୁ ଆପଣାର ଯୋତସ୍ୱତ୍ୱ ହସ୍ତାନ୍ତର କରିବାର ଅଧିକାର ଦେଲେ ଉତ୍ତମ ହେବ କି ନାହିଁ ଏଥିର ତର୍କ ବିତର୍କ ଉତ୍ତାରୁ ସ୍ଥିର ହେଲା ଯେ ପ୍ରଜାକୁ ସେପରି ସ୍ୱତ୍ୱ ଦେବା ଉଚିତ ନୁହଇ ଓ ତହିଁରେ ପ୍ରଜାର ମଙ୍ଗଳ ହେବ ନାହିଁ । ଏଥିର ଉଦାହରଣ ସ୍ୱରୂପ ପ୍ରଦର୍ଶିତ ହେଲା ଯେ ପୁରୀ ଓ ଖୋର୍ଦ୍ଧାରେ ଢାଲପଟ୍ଟା ବିକ୍ରୟ ହେବାର ନିୟମ ପ୍ରଚଳିତ ଅଛି ଏବଂ ସେଠାରେ ଖଜଣାର ଦର ଅପେକ୍ଷାକୃତ ଊଣା ଥିଲେହେଁ ପ୍ରଜାଙ୍କର ଅବସ୍ଥା କିଛି ଭଲ ହୋଇ ନାହିଁ ଅଦ୍ୟାବଧି ସେମାନେ ଏଠା ପ୍ରଜାଙ୍କଠାରୁ ହୀନାବସ୍ଥାରେ ଅଛନ୍ତି । କମିସ୍ନରମାନଙ୍କ କଥାରୁ ଜଣାଯାଏ ଯେ ପ୍ରଜାଙ୍କୁ ସ୍ୱତ୍ୱ ଦେବାର ଏକପ୍ରକାର ନିଶ୍ଚୟ ହୋଇଅଛି କେବଳ କି ନିୟମାଧୀନରେ ତାହା ଦିଆଯିବ ଏଣିକି ବିଚାର କରିବାର ଆବଶ୍ୟକ । ଏଥିକୁ ଏ ସଭା ଏହି ମତ ଦେଲେ କି ଯେବେ ନିତାନ୍ତ ତାହା ଦିଆଇ ତେବେ କେବଳ ବାକି ଖଜଣା ସକାଶେ ଜମିଦାର ଯୋତସ୍ୱତ୍ୱ ନିଲାମ କରାଇ ପାରିବ ଏ ଭିନ୍ନ ଆଉ କୌଣସିପ୍ରକାରେ ପ୍ରଜାର ଯୋତ ହସ୍ତାନ୍ତର ହୋଇପାରିବ ନାହିଁ । ଏହିପରି ଏକଥା ମୀମାଂସା ହୋଇଗଲା ।

ଏଥି ଉତ୍ତାରୁ ଖଜଣା ବୃଦ୍ଧି କଥା ପଡିଲା । ଅବସ୍ଥା ବିଶେଷରେ ଯେପ୍ରକାର ଖଜଣା ବୃଦ୍ଧି ହୋଇ ପାରେ ଓ ହେବାର ଉଚିତ ଏ କଥାରେ କିଛି ତର୍କ ନାହିଁ ଓ ପ୍ରଚଳିତ ଆଇନ ଓ ନଜିର ଅନୁସାରେ ଯେ ଜମିଦାରମାନେ ଉଚିତ ସ୍ଥଳରେ ସୁଦ୍ଧା ଖଜଣା ବଢି ନ ପାରୁ ନାହାନ୍ତି ଏହା ମଧ୍ୟ ସ୍ୱତସିଦ୍ଧ ତେବେ କି ନିୟମରେ ଜମିଦାର ପ୍ରଜାର ଖଜଣା ବୃଦ୍ଧି କରି ପାରିବ ଓ ବୃଦ୍ଧିର ପରିମାଣ କି ହେବ ଏହି ସବୁ ବିବେଚନା କରିବାର ଆବଶ୍ୟକ । କଥାଟି ସାମାନ୍ୟ ନୁହଇ ବଡ ବଡ ବିଚାରପତିଙ୍କ ମସ୍ତକ ଘୁରି ଯାଇ ଅଛି ସୁତରାଂ ସମାଜରେ ଯେ ଏକ ଏକ ସଭ୍ୟର ଏକ ଏକ ମତ ହେବ ଏଥିର ବିଚିତ୍ର କି ? ସେ ସମସ୍ତ ଲେଖିବା ବାହୁଲ୍ୟ ତେବେ ତହିଁ ମଧ୍ୟରେ ଗୋଟିଏ କଥା ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଥିବାରୁ ତହିଁର ଉଲ୍ଲେଖରୁ କ୍ଷାନ୍ତ ହୋଇ ପାରିଲୁଁ ନାହିଁ । ଜଣେ ସଭ୍ୟ କହିଲେ କି ଖଜଣା ବୃଦ୍ଧିର ନିୟମ ଗବର୍ଣ୍ଣମେଣ୍ଟଙ୍କୁ ଅଜଣା ନାହିଁ । ଯେଉଁ ନିୟମରେ କଟକ ନଗର ଖାସମାହାଲର ଖଜଣା ବୃଦ୍ଧି କଲେ ସେହି ନିୟମରେ ଜମିଦାରଙ୍କୁ ଖଜଣା ବୃଦ୍ଧି କରିବାର ଅଧିକାର ଦେଲେ ଯଥେଷ୍ଟ ହେବ ସେଥିରୁ ଅଧିକ ଜମିଦାରମାନେ ଲୋଡୁ ନାହାନ୍ତି ଆଉ ଗବର୍ଣ୍ଣମେଣ୍ଟ ଆପଣା ଜମିଦାରୀରେ ଏକ ନିୟମ ଓ ଅପର ଜମିଦାର ପ୍ରତି ଅନ୍ୟ ନିୟମ କରିବା ଶୋଭନୀୟ ନୁହଇ । ସେ ଯାହା ହେଉ ପରଶେଷରେ ଏହି ଧାର୍ଯ୍ୟ ହେଲା କି ଯେଉଁ ଯୋତର ଖଜଣା ବୃଦ୍ଧି କରିବାକୁ ଜମିଦାର ଆଇନାନୁସାରେ ଯୋଗ୍ୟ ହେବ ତହିଁର ଉତ୍ପନ୍ନର ଏକ ତୃତୀୟାଂଶରୁ ଅଧିକ ପାଇବାର ଅଧିକାରୀ ହେବ ନାହିଁ ଓ ଫସଲ ଉଭୟଙ୍କ ସମ୍ମୁଖରେ ମାପ ବା ଓଜନ ହେବ ଜମିଦାର ଇଚ୍ଛାନୁସାରେ ତହିଁର ତିନି ଭାଗରୁ ଏକ ଭାଗ ଅଥବା ପ୍ରଚଳିତ ଭାଉରେ ତହିଁର ମୂଲ୍ୟ ପ୍ରଜାଠାରୁ ନେଇ ପାରିବ କିନ୍ତୁ ପ୍ରତିବର୍ଷର ଉତ୍ପନ୍ନ ସମାନ ନୁହଇ ଏଣୁ କରି ପାଞ୍ଚବର୍ଷର ଉତ୍ପନ୍ନର ହାରାହାରି ଧରିବାକୁ ହେବ ।

---

## ସାପ୍ତାହିକସଂବାଦ ।

ଏ ସପ୍ତାହରେ ଏଠାରେ ଭଲ ବୃଷ୍ଟି ହୋଇଅଛି ଓ ନଦୀ ମଧ୍ୟ କିଛି ବଢି ଥିଲା ଏଥିରେ ରବିର କିଛି କ୍ଷତି ହେବାର ଆଶଙ୍କା ହୋଇଅଛି ।

ଏଠା ଦାଖଲଖାରଜ ସବ୍‌ଡେପୁଟୀମାନେ ଅସନ୍ତା ନଭେମ୍ବରମାସ ତା ୧ ରିଖରେ ନିଯୁକ୍ତ ହେବେ । ବର୍ତ୍ତମାନ ଅଧିକ ମକଦ୍ଦମା ପ୍ରସ୍ତୁତ ନ ଥିବାରୁ [illegible]ମାନଙ୍କ ନିଯୋଗ ସେ ପର୍ଯ୍ୟନ୍ତ ସ୍ଥଗିତ ରହିଲା ।

ସେହି ତାରିଖରେ ବାବୁ କ୍ଷେତ୍ରମୋହନ ମହାନ୍ତି ଏଠା କଲେକ୍ଟରୀ ହେଡ଼କିରାଣୀଙ୍କ କର୍ମରେ ନିଯୁକ୍ତ ହେବେ । ପରନ୍ତୁ ଦାସ ହେଡ଼କିରାଣୀଙ୍କ କର୍ମର କିଛି ବନ୍ଦୋବସ୍ତ ଅଦ୍ୟାବଧି ହୋଇ ନାହିଁ ।

Split by PDF Splitter



ସ୍କୁଲର ଇନସ୍ପେକ୍ଟର ଶ୍ରୀ ବାବୁ ଭୂଦେବ ମୁଖୁର୍ଯ୍ୟା ସି, ଆଇ, ଇ, ଯେ କି ଅଠମାସ ପୂର୍ବେ ଏଠାକୁ ଆସିଥିଲେ ଓ ତାଙ୍କ ସମ୍ମାନାର୍ଥେ ସଭା ହୋଇଥିଲା ଦ୍ୱିତୀୟ ଶ୍ରେଣୀରୁ ପ୍ରଥମ ଶ୍ରେଣୀକୁ ପଦୋନ୍ନତ ହୋଇଅଛନ୍ତି । ସେ ବର୍ତ୍ତମାନ ମାସିକ ଟ ୧୫୦୦ ଙ୍କା ବେତନ ପାଇବେ ।

କେଟେଚନ ହେସ ଯେଉଁ କେରୋସିନ ତେଲର ବ୍ୟବସ୍ଥା ଏ ନଗରରେ ସର୍ବ ପ୍ରଚୁର ହୋଇଅଛି ସେ ତେଲର ଗୋଟିଏ ବିଶେଷ ଗୁଣ ବର୍ତ୍ତମାନ ଅବଗତ ହୋଇଅଛି । ମନ୍ଦ୍ରାଜରେ ଜଣେ ଡାକ୍ତର କେତେକ ଜଣ କାନ୍‌କାଲର କାନରେ ଶୋଇବା ସମୟରେ ସେ ତେଲ ଦୁଇବୁନ୍ଦ ଲେଖାଏ କ୍ରମାଗତ ଦଶ ପନ୍ଦର ଦିନ ପକାଇ ସେମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଆରୋଗ୍ୟ କରି ଅଛନ୍ତି । ସେମାନେ ପୂର୍ବେ ଉଚ୍ଚସ୍ୱରର କଥା ଶୁଣି ପାରୁ ନ ଥିଲେ ବର୍ତ୍ତମାନ ମୃଦୁସ୍ୱରର କଥା ଶୁଣି ପାରୁ ଅଛନ୍ତି ।

ଭଦ୍ରକ ମଧ୍ୟମଶ୍ରେଣୀ ଇଂରାଜୀ ସ୍କୁଲକୁ ଉଚ୍ଚ ଶ୍ରେଣୀ ଇଂରାଜୀ ସ୍କୁଲ କରିବା ସକାଶ କୁମାର ବୈକୁଣ୍ଠନାଥ ଦେ ମାସିକ ଟ ୩୦ ଙ୍କା ଓ ବାବୁ ରାଧାରମଣ ଦାସ ଟ ୨୦ ଙ୍କା ଦେବାକୁ ସ୍ୱୀକୃତ ହୋଇ ଅଛନ୍ତି । ସ୍କୁଲଟିରେ ପ୍ରଥମତଃ ପାଞ୍ଚ ବର୍ଷ ସକାଶ ଉଚ୍ଚଶ୍ରେଣୀ ଖୋଲାଯିବ । ପରେ ଅବସ୍ଥାନୁସାରେ କାର୍ଯ୍ୟ ହେବ । ବଡ଼ ଆନନ୍ଦର ବିଷୟ ।

ହାଇକୋର୍ଟର ଦେଶୀୟ ଜଜ ମାନ୍ୟବର ଶ୍ରୀ ବାବୁ ରମେଶଚନ୍ଦ୍ର ମିତ୍ର ସପରିବାର ଏଠାରେ ଗତ ଶନିବାର ଦିନ ଦାଖଲମାନ ହୋଇଅଛନ୍ତି । ଶୁଣିଲୁଁ ତାଙ୍କ ଶରୀର ଅସୁସ୍ଥତା ପ୍ରଯୁକ୍ତ କଟେଗ ବନ୍ଦ ଅବସ୍ଥା ଦୁଇ ତିନମାସର ଅବସର ନେଇ ଜଳବାୟୁ ପରିବର୍ତ୍ତନ ନିମନ୍ତେ ଏଠାକୁ ଆସିଅଛନ୍ତି ଓ ଏଠାରେ ଡିସେମ୍ବର ମାସ ପର୍ଯ୍ୟନ୍ତ ରହିବେ । ସେ ଦୁଇବଙ୍କର ବାବୁଙ୍କ ବସାରେ ରହୁଥିଲେ ବର୍ତ୍ତମାନ ଲେସି ସାହେବଙ୍କ କୋଠି ଭଡ଼ା ନେଇ ସେଠାରେ ରହିଅଛନ୍ତି । ବାବୁ ମହୋଦୟ ଅତି ମହତ ଧୀର ଓ ଶାନ୍ତ ଏଠାର କେତେକ ଭଦ୍ର ବ୍ୟକ୍ତିମାନେ ତାଙ୍କର ସାକ୍ଷାତ ସାର କରି ତାଙ୍କଠାରେ ପ୍ରୀତ ହୋଇ ତାଙ୍କର ପ୍ରଶଂସା କରୁଅଛନ୍ତି । ବାସ୍ତବରେ ସେ ଅତି ପ୍ରଶଂସନୀୟ ଓ ଆଦରଣୀୟ ବ୍ୟକ୍ତି ଅଟନ୍ତି ।

ବଙ୍ଗଳା ଗବର୍ଣ୍ଣମେଣ୍ଟ ଦପ୍ତରୀ ଦୁଇ ଖୋଟା ସୂତା ବହି ରେସ୍ତି କରିବାକୁ ଧୃତ ହୋଇ ନଗ୍ଣସ୍ଥାନରେ ଅଛି । ଦପ୍ତରୀମାନେ ପ୍ରାୟ କାଗଜ କଲମ କଟି ରେସ୍ତି କରନ୍ତି କରୁ ନେଇ ହାରେ କ ନଡ ଅଳ୍ପ ।

ରମାବାଇ ଶିଳହଟକୁ ଯାଉଅଛନ୍ତି । ତାଙ୍କ ମାନ୍ୟାର୍ଥେ ସେଠାରେ ଗତମାସ ତା ୨୧ ଦିନରେ ଗୋଟିଏ ସଭା ହୋଇ ଥିଲା ଅନେକ ଇଂରେଜ କର୍ମଚାରୀ ଓ ମେନ ଉପସ୍ଥିତ ହୋଇ ଥିଲେ । ସେଠାର ଜଣେ ପଣ୍ଡିତ ସଂସ୍କୃତ ଅଭିଜ୍ଞାନଶକୁନ୍ତ ପାଠ କଲେ ଓ ରମାବାଇ ତହିଁର ଉତ୍ତମ ଉତ୍ତର ସଂସ୍କୃତରେ ଦେଲେ । ତହିଁରେ ପ୍ରଶଂସିତା ବାଇ ଭଗବତ୍‌ଗୀତାର କେତେକ ଶ୍ଳୋକର ଅର୍ଥ ଓ ବ୍ୟାଖ୍ୟା କଲେ ଏଥିରେ ସମସ୍ତେ ବଡ ପ୍ରୀତ ହେଲେ । ତହିଁ କେତେଗୁଡ଼ିଏ ଶବ୍ଦ ତାଙ୍କୁ ଦିଆ ଗଲା । ସେ ସେ ଶବ୍ଦ ସବୁ ନେଇ ତିନି ଚାରି ମିନିଟରେ ଶ୍ଳୋକମାନ ରଚନା କଲେ ଏଥିରେ ସମସ୍ତେ ଚମତ୍କୃତ ହେଲେ । ତହୁଁଉତ୍ତାରେ ସେ ଦେଶୀୟ ସ୍ତ୍ରୀଙ୍କ ଅବସ୍ଥା ବିଷୟରେ ହିନ୍ଦିରେ ବକ୍ତୃତା କଲେ । ଶକ୍ତିଏ ପାଟଶାଢ଼ୀ ସ୍ୱର୍ଣ୍ଣଭୂତ ଓ ନଗଦ ଟ ୩୦୦୯ ଙ୍କା ରମାବାଇଙ୍କୁ ମର୍ଯ୍ୟାଦା ଦିଆ ଯାଇ ସଭା ଭଙ୍ଗ ହେଲା । ଆଉ ଦିନେ ସେ ଆମନ୍ତ୍ରିତ ହୋଇ ସେଠା ଇଂରେଜୀ ସ୍କୁଲକୁ ଯାଇ ସ୍ତ୍ରୀ ଶିକ୍ଷା ବିଷୟରେ କେତେକ କଥା କହିଲେ । ଛାତ୍ରମାନେ ଟ ୨୫୯ ଙ୍କା ମୂଲ୍ୟର ଗୋଟିଏ ଗଜଦନ୍ତ ପିଙ୍ଗା ଓ ଟ ୭୦ ଙ୍କା ମୂଲ୍ୟର ସ୍ୱର୍ଣ୍ଣସୂତ୍ରି କା ତାଙ୍କୁ ଭେଟି ଦେଲେ । ଆଉ ଏକ ସ୍କୁଲରେ ରମାବାଇଙ୍କ ମାନ୍ୟାର୍ଥେ ସଭା ହୋଇ ଥିଲା ସେଠାରେ ସେ ଧର୍ମ ଓ ଜାତି ବିଷୟରେ ହିନ୍ଦିରେ ଓ ତାଙ୍କ ଭଉଣୀ ସଂସ୍କୃତରେ ଉତ୍ତମ ବକ୍ତୃତା କଲେ ପିଲାମାନେ ତାଙ୍କୁ ଗୋଟିଏ ଘଡ଼ି ଦେଲେ । ଆଉ ଏକ ସ୍କୁଲରେ ସଭା ହୋଇ ଥିଲା ସେଠାରେ ରାଇ ଭଉଣୀ ଦୁହେଁ ସଂସ୍କୃତରେ ବକ୍ତୃତା କଲେ । ପିଲାମାନେ ରମାବାଇଙ୍କ ପାଟଶାଢ଼ୀ ଓ ଗଜଦନ୍ତ ପାନଅଁ ଓ ତାଙ୍କ ଭାଇଙ୍କୁ ଟ ୧୦୯ ଙ୍କା ମର୍ଯ୍ୟାଦା ଦେଲେ । ଧନ୍ୟ ସେ ମହିଳା !

୧ । ସୁଲତାନପୁରରୁ ଧାରବଗଡ ହେଲ୍ଥଁ ବସତର ଲୋକମାନେ ମଦ ଖାଇବାକୁ ଯେମନ୍ତ ଜାଣନ୍ତି ତେମନ୍ତ ମଦ ନିବାରଣ କରିବା ପକ୍ଷରେ ମଧ୍ୟ ଉତ୍ସାହ ପ୍ରକାଶ କରିବାକୁ ଜାଣନ୍ତି । ସେମାନେ ଦୁଇଅଡ଼େ ନିପୁଣ । ମଦ୍ୟପାନନିବାରିଣୀ ସଭାର ଜଣେ ପ୍ରଚାରକ ଗଫସାହେବ କେବଳ ସେହି କର୍ମରେ ଜୀବନ ଶେଷ କରି ଯାଉଛନ୍ତି । ବର୍ତ୍ତମାନ ତାଙ୍କର ବୟସ ବ ୭୨ ବର୍ଷ ହେବ ୪ ଲକ୍ଷ ୨୦ ହଜାର ମାଇଲ ମଦପିଆ ନିବାରଣ କରିବାପାଇଁ ଭ୍ରମଣ କରି ଅଛନ୍ତି । ୩୭ ବର୍ଷରେ ୮ ହଜାର ବକ୍ତୃତା ଦେଇ ଯାଇଛନ୍ତି । ତେବେ ମଧ୍ୟ ସେ ସନ୍ତୁଷ୍ଟ ନୁହନ୍ତି ।

୨ । ବମ୍ବେ ପ୍ରଦେଶରେ ଥାନାର ଜଜଙ୍କ ନିକଟରେ ଗୋଟିଏ ଅପୂର୍ବ ରକମ ମୋକଦ୍ଦମା ହୋଇ ଯାଇଅଛି । ଏକ ବ୍ରାହ୍ମଣୀ ପ୍ରଥମେ ହିନ୍ଦୁମତରେ ଏକ ବ୍ୟକ୍ତିର ସହିତ ବିବାହ କଲା ସେ ବ୍ୟକ୍ତି ନିଷ୍ଠୁର ବ୍ୟବହାର ଓ ପରିତ୍ୟାଗ କରିବାରୁ ସେ ବ୍ରାହ୍ମଣୀ ବ୍ୟବସ୍ଥାୟ ଧରିସ ଏବ ମୁସଲମାନ ଧର୍ମ ଅବଲମ୍ବନ କରି ପୁନଶ୍ଚ ଗୋଟିଏ ମୁସଲମାନକୁ ବିବାହ ହେଲା । ବର୍ତ୍ତମାନ ତାହାର ପୂର୍ବ ସ୍ୱାମୀ ଯେ ନାଲିଶ କଲା, ସେ ନାଲିଶ ବିଚାରରୁ ଜଜସାହେବ ସେ ସ୍ତ୍ରୀକୁ ୩ ବର୍ଷ ମିଆଦ ଦେଲେ କରୁ ସେସନ ଜଜଙ୍କ ନିକଟରେ ସେ ବେକସୁର ଖଲାସ ହୋଇଅଛି ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ ।

ମହାଶୟ ! ନିମ୍ନଲିଖିତ ବିଷୟଗୁଡ଼ିକୁ ଆପଣଙ୍କ ଉତ୍କଳଦୀପିକାରେ ଅନୁଗ୍ରହପୂର୍ବକ ସ୍ଥାନ ଦେଇ ବାଧିତ କରିବେ ।

ଅମ୍ଭର ଏହି ଖାଲଡେର କଷ୍ଟାର ଅଧିପତି ଶ୍ରୀଯୁକ୍ତ ରାଜାସାହେବଙ୍କର ଏକ ହସ୍ତୀ ଥ ତାହାର ନାମ ରଘୁବକ୍ସ । ଏ ହସ୍ତୀ ଅତି ବଳିଷ୍ଠ ଓ ଅତି ସୁନ୍ଦର ବୟସ ପ୍ରାୟ ୪୫ ବର୍ଷ ଆଉ ଅତିଶୟ ଦ୍ରୁତଗାମୀ ପ୍ରାୟ ଏକଦିନ ମଧ୍ୟରେ ତିରିଶ କୋଶ ରାସ୍ତା ଗତାୟାତ କରିପାରେ ପୁଣି ଗମନ କାଳରେ କଦାପି ମାହୁନ୍ତ ଚଳଲଷିତ ବ୍ୟକ୍ତିଙ୍କୁ ଅଦୃଶ୍ୟ ହୋଇଥାଏ । ଅନନ୍ତର ପୃଷ୍ଠାରୋହିଙ୍କର ମସ୍ତକ ଭୂଷଣ ଲୁମ୍ପନ ଆନୋଳନକୁ ଦୂର କର ଥାଏ ଏବଳ ଓଡ଼ିଶାସ୍ଥଳରେ ଅନ୍ୟ ହସ୍ତୀ ଥିବାର ଦେଖା ଯାଇ ନାହିଁ ଏ ହସ୍ତୀଟି ଅଳକୁ ଦର୍ଶନ ଦେଇ ପ୍ରାଣତ୍ୟାଗ କରିବାରୁ ନଗରବାସିମାନେ ଯତ୍ପରୋନାସ୍ତି ବସ୍ତୁତପ୍ତ ହୋଇ ଅଛନ୍ତି ଏପ୍ରାୟ ହସ୍ତୀ କ୍ରୟ କରିବାକୁ ରାଜାସାହେବଙ୍କର ସମ୍ପୂର୍ଣ୍ଣ ମାନସ ଅଛି ଯେ କେହି ଏପ୍ରାୟ ହସ୍ତୀ ବିକ୍ରୟ କରିବାକୁ ଇଚ୍ଛା କରିଥିବେ ସେ ପତ୍ରିକାଦ୍ୱାରା ଜଣାଇଲେ କମ୍ପା ବୃକ୍ଷସ ଗୋଟିର କରାଇଲେ ରାଜା ମହୋଦୟ ବହୁତର ଆହ୍ଲାଦିତ ହେବେ, ୩୦ ହିଁ ଅଗଷ୍ଟ ସନ ୧୮୭୯ ମସିହା ।

ବଶମ୍ବଦ
ନଟବର ଦେଓ୍ୟାନ ପଟ୍ଟନାୟକ ।

NOTICE.

A Head Master on Rs. 25 per mensem is wanted for the Middle Class English School at Bentkar. None need apply who has not passed the Entrance Examination. Applications with testimonials should be sent to the Undersigned at Jobra up to 31st Octer. 1879.

SUDDANUND MAHANTY.
*Secretary*
*English school Bentkar.*

Wanted a Sub-Overseer to be posted at Bhadrak on Rs. 25 per month for the Balasore District Road Cess Committee. None need apply who have not the qualificationsof a Sub-Overseer of the Public Works Department and some experience in road making.

Applications with testimonials should be sent to the undersigned before the 15th November next.

Balasore Road Cess office The7th October 1879.
J. P. SNEYD.
*Vice Chairman*
*District Road Cess Committee Balasore.*

ଗବର୍ଣ୍ଣମେଣ୍ଟ ସ୍ପିଡ଼୍‌ବୋଲା କୁଇନ୍

କୁଇନାଇନ ପରିବର୍ତ୍ତରେ ଏହା ଅତିକାର୍ଯ୍ୟକର ଅଟଇ । କଲିକତାର ପ୍ରଧାନ ଦେଶୀୟ ଓ ବଣିଗ ଡିସପେନସେରି ଜଠାରେ ଏହା ବିକ୍ରୟ ହେଉଅଛି । କଲିକତା ବୋଟାନିକଲ ଗାର୍ଡନର ସୁପରିଣ୍ଟେଣ୍ଡେଣ୍ଟଠାରେ ଡାକମାଶୁଲ ସହିତ ନିମ୍ନଲିଖିତ ମୂଲ୍ୟରେ ବିକ୍ରୟ ହେଉଅଛି ଯଥା ୪ ଆଉନ୍‌ସର ଟ ୭ ୯ ଙ୍କା ୮ ଆଉ ଟ ୧୧ ୯ ୧୨ ଆଉ ଟ ୨୦ ୩ ପଇସାର ଷ୍ଟାମ୍ପ ନଗଦ ମୂଲ୍ୟ ପଠାଇବାକୁ ହେବ ।

## ମୂଲ୍ୟପ୍ରାପ୍ତି ।

ଶ୍ରୀ ମହାରାଜା ଦଳଗଞ୍ଜନସିଂହ ଦେଓ ପାଟନା ଅଗ୍ରିମ ଟ ୩୷
ବକୟା ଟ୧୷
ଶ୍ରୀ ରାଜା ବଳେଶ୍ୱ ବରଡ
ଅଗ୍ରିମ ଟ ୩୷
ଶ୍ରୀ ଖାସୁରବସ୍ୱା ଗାରୁସରେନମଣ୍ଡି
ବାବୁ ସରେନ୍ଦ୍ର ମିଶ୍ର କଟକ ବକୟା ଟ ୨୯

ଏହି ଉତ୍କଳଦୀପିକା ସହର କଟକ ଦରଘାବଜାର କଟକ ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

EGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା


ଭାଗ ୧୦ ଗ
ସଂ ୪୩ ଖ୍ୟା

ତା ୧ ରଖ ମାହେ ନବମ୍ବର ସନ ୧୮୭୧ ମସିହା । ମୁ । କାର୍ତ୍ତିକ ତା ୧୭ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଇଁ ଡାକମାସୁଲ ଟ୧।୵


ବେଣ୍ଟକାରନବାସୀ ବାବୁ ସଦାନନ୍ଦ ମହାନ୍ତିଙ୍କର ସ୍ୱଦେଶର ହିତସାଧନ ଚେଷ୍ଟା ଦେଖି ଆମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇଅଛୁଁ । ସ୍ଥାନାନ୍ତରେ ଯେଉଁ ପ୍ରେରିତପତ୍ର ପ୍ରକାଶିତ ହେଲା ତହିଁରୁ ପାଠକମାନେ ଅବଗତ ହେବେ ଯେ ଏନଗରରେ ସ୍ଥାପିତ ଆୟୁର୍ବେଦୀୟ ଔଷଧାଳୟକୁ ଟ ୩୬୦ କା ଦାନ କରଅଛନ୍ତି । ତାହାର ପ୍ରାର୍ଥନାମତେ ଏ ଦାନ ହେଇଥିଲେ ଆମ୍ଭେମାନେ ଯେତେ ଆହ୍ଲାଦସହିତ ଏଥିର ଉଲ୍ଲେଖ କରନ୍ତୁ ନାହିଁ ମାତ୍ର ଗୋଟିଏ ହିତକର କାର୍ଯ୍ୟର ଅନୁଷ୍ଠାନ ଦେଖି ପ୍ରଫୁଲ୍ଲଚିତ୍ତରେ ଆପେ ଯାଚି ତହିଁରେ ଯୋଗ ଦେବା ସାମାନ୍ୟ କଥା ନୁହଇ ! ଏହାକୁ ଏକା ନିଃସ୍ୱାର୍ଥ ଦାନ ବୋଲାଯାଏ । ଆଉ ଆମ୍ଭେମାନେ ଆନନ୍ଦସହିତ ଅବଗତ ହେଲୁଁ ଯେ ବାବୁ ମହାଶୟ ଆପଣା ଗ୍ରାମରେ ଗୋଟିଏ ଇଂରାଜୀସ୍କୁଲ ବସାଇ ତହିଁର ଅଧିକାଂଶ ବ୍ୟୟଭାର ଆପଣା ଉପରେ ନେଇ ଅଛନ୍ତି ଓ ସ୍କୁଲର ଆବଶ୍ୟକୀୟ ଦ୍ରବ୍ୟମାନ ଶୀଘ୍ର ସଂଗ୍ରହ କରିବାରେ ଅତ୍ୟନ୍ତ ଯତ୍ନବାନ୍ ହୋଇଅଛନ୍ତି । ଏହିପ୍ରକାର ଉଦାରଭାବର ସ୍ୱଦେଶାନୁରାଗୀ ବ୍ୟକ୍ତିଙ୍କ ସଂଖ୍ୟା ଯେତେ ଅଧିକ ହେବ ଉତ୍କଳର ମୁଖ ସେତେ ଉଜ୍ଜ୍ୱଳ ହେବ ।

---

ଆମ୍ଭେମାନେ ମହାନଦୀ ଘାଟ ଇଜାରଦାରର ଅତ୍ୟାଚାର ବିଷୟ ଏଥିପୂର୍ବେ ପାଠକମାନଙ୍କୁ ଜଣାଇ ଥିଲୁଁ ବର୍ତ୍ତମାନ ତହିଁର ନାଲିସ ମେଜିଷ୍ଟ୍ରର ସାହେବଙ୍କଠାରେ ହୋଇ ଅଛି । ଗତମାସ ତା ୧୫ ରଖ ଦିନ ପଶ୍ଚିମାୟାଧୀ ଗଏଜଣ ୧୫ ଖଣ୍ଡ ଗାଡି ସହିତ ମହାନଦୀ ସେପାରୁ ଚଉଦ୍ୱାରରେ ପ୍ରବେଶ ହେଲେ । ମାଝିମାନେ ଘାଟ ରସୁମ ଛଡା ପ୍ରତିଜଣକେ ଏକଅଣା ଓ ପ୍ରତିଗାଡିରେ ଆଠଅଣା ଲେଖାଏ ଅଧିକା ମାଗିଲେ ସେମାନେ ଗାଡିପ୍ରତି ଏକଅଣା ଲେଖାଏଁ ଯାଚିଲେ ମାତ୍ର ମାଝିମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ସେମାନଙ୍କୁ ପାର ନ କଲେ । ସେମାନେ ତହୁଁ ଆରଦିନ ଦୁଇପ୍ରହର ପର୍ଯ୍ୟନ୍ତ ଘାଟରେ ପଡିରହି ସେମାନଙ୍କ ମଧ୍ୟରୁ ତିନିଜଣ କାଠୁଆରେ ପାର ହୋଇ ଆସି ମେଜିଷ୍ଟ୍ରର ସାହେବଙ୍କୁ ଏ କଥା ଜଣାଇଲେ । ସାହେବ ପ୍ରଶଂସିତ ସେମାନଙ୍କର ଇଜହାର ନେଇ ସେମାନଙ୍କୁ ତତ୍କ୍ଷଣାତ୍ ପାର କରାଇ ଦେଇ ଏଥିର ରିପୋର୍ଟ କରିବାକାରଣ ଘାଟ ଇନସ୍ପେକ୍ଟରଠାକୁ ଆଜ୍ଞା ପଠାଇଲେ । ଆମ୍ଭେମାନେ ଭରସା କରୁଁ ଯେ ମେଜିଷ୍ଟ୍ରର ସାହେବ ଏଥିର ତଦନ୍ତ କରି ଇଜାରଦାରକୁ ବିହିତ ଦଣ୍ଡ ଦେବେ । ସର୍ବଦା ଏପରି ଅତ୍ୟାଚାର ଶୁଣାଯାଏ ଓ ପଥିକମାନେ ବଡ଼ କଷ୍ଟ ପାନ୍ତି । ଇଜାରଦାର ପ୍ରତି କିଛି କଠିନ ଆଜ୍ଞା ନ ହେଲେ ସେ ଭବିଷ୍ୟତକୁ ସାବଧାନ ନ ହେବ ଓ ପଥିକମାନେ ଏହିପରି କଷ୍ଟଭୋଗ କରୁଥିବେ ଓ ଅପହୃତ ହେଉଥିବେ ।

---

### କଚେରୀ ବନ୍ଦ କର୍ତ୍ତନ ।

ଏ ବିଷୟଟି ନିର୍ଦ୍ଦିଷ୍ଟ ବିଷାଦ କରଅଛି । ଆମ୍ଭେମାନେ ସମ୍ବାଦପତ୍ରମାନଙ୍କରୁ ଦୁର୍ଗାପୂଜା କଚେରୀ ବନ୍ଦ କର୍ତ୍ତନର ପ୍ରସ୍ତାବ ଗବର୍ଣ୍ଣମେଣ୍ଟରେ ଅଗ୍ରାହ୍ୟ ହେବାର ଅବଗତ ହୋଇ ଆନନ୍ଦିତ ହେଇଥିଲୁଁ ଓ ସରକାରୀ କର୍ମଚାରୀମାନଙ୍କର ଆନନ୍ଦର ସୀମା ନ ଥିବ ମାତ୍ର ଏ ଆନନ୍ଦ କେବଳ ଏହିବର୍ଷ ପର୍ଯ୍ୟନ୍ତ ରହିଲା ଆଗାମୀ ବର୍ଷକୁ କଚେରୀ ବନ୍ଦ କର୍ତ୍ତନ ହେବ । ମହାମାନ୍ୟ ବଡ଼ ଲାଟସାହେବଙ୍କର ଏପରି ଆଜ୍ଞା ଆମ୍ଭେମାନେ ପାଠ କରି ଦୁଃଖିତ ହୋଇ ଅଛୁ । ସେ ଏ ବିଷୟରେ ଯେଉଁ ପତ୍ର ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କୁ ଲେଖି ଅଛନ୍ତି ତହିଁର ମର୍ମ ନିମ୍ନଲିଖିତ ପ୍ରକାର ଅଟଇ ।

ଲାଟସାହେବ ବୋଲନ୍ତି କଚେରୀବନ୍ଦ ସମ୍ପର୍କରେ ହିନ୍ଦୁସମାଜ ଓ ବଣିକସମ୍ପ୍ରଦାୟ ମଧ୍ୟରେ ମତାମତ ଅନେକଦିନୁ ଲାଗିଅଛି ଓ ଶେଷୋକ୍ତ ବ୍ୟକ୍ତିମାନେ ଏକାବେଳକେ ବାରଦିନ କଚେରୀ ବନ୍ଦରେ କାର୍ଯ୍ୟରେ ବିଶେଷ କ୍ଷତି ହେଉଥିବାର ପୁନଃପୁନ ଜଣାଇ ଅଛନ୍ତି । ସମସ୍ତେ ସ୍ୱୀକାର କରନ୍ତି ଯେ ଦୁର୍ଗାପୂଜା ସମୟରେ ଧର୍ମସଂକ୍ରାନ୍ତ କ୍ରିୟା ନିମନ୍ତେ ଶାସ୍ତ୍ରାନୁବର୍ତ୍ତୀ ହିନ୍ଦୁମାନଙ୍କ ପାଇଁ କେବଳ ଚାରିଦିନ କଚେରୀବନ୍ଦ ଆବଶ୍ୟକ ଓ ଏଥିପୂର୍ବେ ଏ ବିଷୟର ତର୍କବିତର୍କ ହୋଇ ଏହାହିଁ ସିଦ୍ଧାନ୍ତ ହୋଇ ଥିଲା । କଚେରୀବନ୍ଦ କର୍ତ୍ତନରେ ଧର୍ମସଂକ୍ରାନ୍ତ କ୍ରିୟାରେ କିଛି ବାଧା ହେବ ନାହିଁ, କେବଳ ସାମାଜିକ

Split by PDF Splitter
Digitized by srujanika@gmail.com

କ୍ରିୟା, ଘରକୁ ଯିବା ଓ ଅବସର ଭୋଗ କରିବା ଏହିସବୁ ବିଷୟର ଅସୁବିଧା ଘଟିବ ବୋଲି କଷ୍ଟମ ଘର ବନ୍ଦ ପକ୍ଷରେ ପଶ୍ଚାଦ୍ଧାନରୁ ଅଧିକ ଆବଶ୍ୟକ ନ ଥିବାରୁ ସନ ୧୮୭୪ ଓ ୭୫ ରେ ସିଦ୍ଧାନ୍ତ ହୋଇ ଥିଲା ଓ ଭାରତବର୍ଷର ଅନ୍ୟ ପ୍ରଦେଶମାନଙ୍କରେ ଏହିପ୍ରକାର ଚଳୁଅଛି । ବର୍ତ୍ତମାନ ଏ ବିଷୟର ବିଚାର କରିବା କମିଟୀର ଅଧିକାଂଶ ସଭ୍ୟ ଏହି ମତ ଦେଇ ଅଛନ୍ତି ଯେ (୧) ଧର୍ମସଂକ୍ରାନ୍ତ କ୍ରିୟା ନିମନ୍ତେ କେବଳ ଚାରିଦିନ ଆବଶ୍ୟକ, (୨) ଚଉଥଦିନ ଶୁକ୍ରବାର ପଡିଲେ ଶନିବାର କଚେରୀ ନ ଫିଟି ସୋମବାର ଫିଟିବ, (୩) ଖଜଣାଖାନା, ମନି ଅର୍ଡର ଅଫିସ, ଷ୍ଟାମ୍ପ ଅଫିସ୍ ଓ ଟଙ୍କା ଦେବା ନେବାର ସବୁ କଚେରିମାନ କେବଳ ଚାରିଦିନ ବନ୍ଦ ହେବ ଅନ୍ୟ କଚେରୀର ହାକିମମାନେ କାର୍ଯ୍ୟର କିଛି ବ୍ୟାଘାତ ନ ଘଟିଲେ ଅଧୀନସ୍ଥ କର୍ମଚାରୀମାନଙ୍କୁ ଚାରିଦିନରୁ କିଛି ଅଧିକ କମ୍ପା ସମୁଦାୟ ବାରଦିନ ଛୁଟୀ ଦେଇ ପାରନ୍ତି । ଏଥକୁ ଲେପ୍ଟେନେଣ୍ଟ ଗବର୍ଣ୍ଣରସାହେବ ବୋଲି ଅଛନ୍ତି ଯେ ଅଧିକଦିନ କଚେରୀ ବନ୍ଦ ହେଲେ ବଣିକସମ୍ପ୍ରଦାୟର ଅସୁବିଧା ଓ କ୍ଷତି ହୁଏ ସତ୍ୟ କିନ୍ତୁ ସେମାନଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଲୋକଙ୍କୁ ଅନେକ କଷ୍ଟ ନ ଦେଲେ ତାହା ନିବାରଣ ହୋଇ ନ ପାରେ ଅତଏବ କଚେରୀବନ୍ଦ ବର୍ଜ୍ଜନ କରାଯାଇ ନ ପାରେ । ମାତ୍ର ଲାଟସାହେବ ଏଥିରେ ସମ୍ମତ ନ ହୋଇ ବୋଲନ୍ତି ଯେ ଧର୍ମାନୁଷ୍ଠାନ ପାଳନପାଇଁ ଚାରିଦିନ ଆବଶ୍ୟକ ବାକି ଅଠଦିନ ଘରକୁ ଯିବା ଆସିବା ବା ସାମାଜିକ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାପାଇଁ ପ୍ରୟୋଜନ । ଛୁଟୀଦେବାର ଯେପରି ନିୟମ ଅଛି ତଦନୁସାରେ ହାକିମମାନେ ଅମଲଙ୍କୁ ଛୁଟୀଦେଲେ ସେମାନଙ୍କ ଅଭିଳାଷ ସିଦ୍ଧ ହେବ । ଏଥିପାଇଁ ଏକାବେଳକେ କଚେରିମାନ ବାରଦିନ ବନ୍ଦ କରି ବଣିକମାନଙ୍କର କ୍ଷତି କରାଇବା ଉଚିତ ନୁହେ ଅତଏବ ଆଗାମୀ ବର୍ଷରୁ କମିଟୀଙ୍କର ଉପରୋକ୍ତ ପ୍ରସ୍ତାବମତେ ଦୁର୍ଗାପୂଜାର କଚେରୀବନ୍ଦ ଚଳିବ ।

ଆମ୍ଭେମାନେ ଦେଖୁଁ ଯେ ଆମ୍ଭମାନଙ୍କର ଛୋଟଲାଟ ସାହେବ ଯଥାର୍ଥ ବିବେଚନା କରି କଚେରୀବନ୍ଦ ବର୍ଜ୍ଜନର ପ୍ରସ୍ତାବକୁ ଅନୁମୋଦନ କରି ନ ଥିଲେ ଓ ଏଥିପାଇଁ ତାଙ୍କର ପ୍ରଶଂସା କରୁଅଛୁଁ ମାତ୍ର ବଡ ଲାଟସାହେବ ବଡ ଅନୁଗ୍ରହ କଲେ । କେବଳ ଗୋଟିଏ ସମ୍ପ୍ରଦାୟର କ୍ଷତି ନିବାରଣ କରିବାକୁ ଯାଇ ଅଧୀନ ଲୋକଙ୍କର କ୍ଷତି କଷ୍ଟ ଓ ମନୋବେଦନା କରାଇବା ଉଚିତ ନୁହଇ । ବଣିକସମ୍ପ୍ରଦାୟ କ୍ଷମତାପନ୍ନ ଥିବାରୁ ସିନା ସେମାନଙ୍କର ପକ୍ଷ ଖାତିର ହେଲା ଏହା କହିଲେ ଦୋଷ ପଡିବ କି ? ହାକିମମାନେ ଅମଲଙ୍କୁ ଯେ ଚାରିଦିନରୁ ଅଧିକ ବା ବାରଦିନ ଛୁଟୀ ଦେବାର କମିଟୀ ଲେଖି ଅଛନ୍ତି ଏହା ପ୍ରାୟ କାର୍ଯ୍ୟରେ ପରିଣତ ହେବ ନାହିଁ । ବାରଦିନ କଚେରୀବନ୍ଦର ବିଧି ଥିବା ପ୍ରତ୍ୟକ୍ଷେ କେହି କେହି ହାକିମ ସମସ୍ତ ଅମଲଙ୍କୁ ଛୁଟୀ ନ ଦେଇ କର୍ମ କରନ୍ତି ଓ ସେ ବିଧି ଉଠିଗଲେ ଯେ ଆଉ ଛୁଟୀ ଦେବେ ଏହା ସମ୍ଭବକୁ ଅସ୍ତୁ ନାହିଁ । ନିୟମାନୁସାରେ ଛୁଟୀ ଦେବାର ଯେ ଲାଟସାହେବ ଲେଖନ୍ତି ଏଥକୁ ଅନେକ ହାକିମ ଛୁଟୀ ଦେବାକୁ ସୁଖ ପାନ୍ତି ନାହିଁ ଅତଏବ ଏଣିକି ଅମଲଙ୍କର ଘରକୁ ଯିବା ପକ୍ଷରେ କଷ୍ଟ ପଡିଲା କଲିକତାରେ ବାଣିଜ୍ୟର ଯେପରି ଭାରି କାରବାର ସେପରି ଜିଲ୍ଲାମାନଙ୍କରେ ନୁହେ ଅତଏବ ଜିଲ୍ଲା କଚେରିମାନ ବାରଦିନ ବନ୍ଦ କଲେ ବଣିକସମ୍ପ୍ରଦାୟର ତାଦୃଶ କ୍ଷତି ହେବ ନାହିଁ ଓ ଅସଂଖ୍ୟ ଅମଲା ଯୁଗ ଯୁଗରୁ ଯେଉଁ ସୁଖ ଭୋଗ କରି ଆସୁଅଛନ୍ତି ତହିଁରୁ ବଞ୍ଚିତ ହୁଅନ୍ତେ ନାହିଁ । ବଡଲାଟସାହେବ ଭଲ ଏ ପକ୍ଷରେ କିଛି ବିଚାର କରନ୍ତୁ ।

———

## କାବୁଲବିଦ୍ରୋହ ।

ଏଥିପୂର୍ବେ ଆମ୍ଭେମାନେ ଲେଖିଥିଲୁଁ କି ଗତମାସ ତା ୧୨ ରିଖରେ ଜେନରଲ ରବର୍ଟସାହେବ ସସୈନ୍ୟରେ କାବୁଲନଗରରେ ପ୍ରବେଶ ହେବାର ଥିଲା । ସମ୍ବାଦପତ୍ରିକାମାନଙ୍କରୁ ଜଣାଯାଏ ଯେ ଉକ୍ତ କର୍ମ ମହା ସମାରୋହ ସହିତ ସମ୍ପନ୍ନ ହୋଇଥିଲା । ଇଂରାଜସେନା କାବୁଲନଗରରେ ପ୍ରବେଶକରି ଶ୍ରୀମତୀ ମହାରାଣୀଙ୍କ ଜୟପତାକା ଉଡାଇଦେଲେ ଏବଂ ତୋପ ସଲାମୀ ଦେଇ ଉକ୍ତ ନଗରକୁ ଅଧିକାର କଲେ । ଏ ବିଷୟର ଯେଉଁ ଘୋଷଣାପତ୍ର ତତ୍କ୍ଷଣାତ ପ୍ରଚରିତ ହେଲା ତହିଁରେ ଲେଖାଥିଲା ଯେ କାବୁଲର ଶାସନକାର୍ଯ୍ୟ ସକାଶେ ଜଣେ ଇଂରାଜ ଶାସନକର୍ତ୍ତା ନିଯୁକ୍ତ ହେବେ ଓ ନଗରବାସିମାନେ ବିଦ୍ରୋହାନୁକୂଲ୍ୟ କ୍ଷମ ହୋଇ ଭାରି ଅର୍ଥଦଣ୍ଡ ଦେବେ । କେତେଗୁଡିଏ ଅଟ୍ଟାଳିକା ଯୁଦ୍ଧକୌଶଳର ସୁଯୋଗ ନିମିତ୍ତ ଭଙ୍ଗାଯିବ ଏବଂ ନଗରର ଚତୁର୍ଦ୍ଦିଗ ୧୦ମାଇଲ ଅନ୍ତରରେ ଶସ୍ତ୍ର ବ୍ୟବହାର ଏକାବେଳକେ ନିଷେଧ ହେବ । ଏପରି ଯେଉଁମାନେ ରେସିଡେଣ୍ଟଙ୍କ ବଧକରିବା କାର୍ଯ୍ୟରେ ଲିପ୍ତ ଥିଲେ ଏବଂ ଇଂରାଜଙ୍କ ବିରୁଦ୍ଧରେ ଯୁଦ୍ଧ କରିଅଛନ୍ତି ସେମାନଙ୍କୁ ଧରି ଦଣ୍ଡ ଦେବାର ଚେଷ୍ଟା ହେବ ଏବଂ ଯେଉଁମାନେ ରେସିଡେଣ୍ଟଙ୍କୁ ଆକ୍ରମଣ କରିବା କାର୍ଯ୍ୟରେ ସଂସର୍ଗ ରଖିଥିବା ବ୍ୟକ୍ତିଙ୍କୁ ଧରିଦେବେ ସେମାନଙ୍କୁ ପାରିତୋଷିକ ଦିଆଯିବ ।

ଘୋଷଣା ପତ୍ର ପଠିତ ହେବା ସଙ୍ଗେ ସଙ୍ଗେ ଅମିରଙ୍କ ସନ୍ତୁଷ୍ଟ ଜେନରଲ ରବର୍ଟସଙ୍କ ସଦର ମୋକାମକୁ ଆନୀତ ହେଲା ଏବଂ ଅମିର ଇଂରାଜସେନାଙ୍କ ନଜରବନ୍ଦିରେ ରହିଲେ । ତହିଁପରେ ତାଙ୍କର କେତେକଜଣ ସରଦାର ଓ ମନ୍ତ୍ରୀମାନେ ଧୃତ ହୋଇ ବନ୍ଦିପ୍ରାୟ ରଖାଗଲେ ଅମିର ନଜରବନ୍ଦିରେ ରହିବାରୁ ସ୍ୱେଚ୍ଛାପୂର୍ବକ ଆପଣା ପଦ ତ୍ୟାଗ କରି ଅଛନ୍ତି ଏବଂ ତହିଁ ସକାଶେ କାବୁଲର ଶାସନ ବିଷୟରେ ଗବର୍ଣ୍ଣମେଣ୍ଟକୁ ଅନ୍ୟ ବ୍ୟବସ୍ଥା ହେଉଅଛି । କାବୁଲ ଅଧିକାର କରିବା କାର୍ଯ୍ୟର ବନ୍ଦୋବସ୍ତ ଯେତେବେଳେ ହେଉଥିଲା ସେତେବେଳେ ବାଲାହିସାର ଦୁର୍ଗର ପ୍ରଥମେ ଗୋଟିଏ ସାନ ଓ ପରେ ଆଉ ତିନିଏକ ବାରୁଦଖାନା ଉଚ୍ଚ ଶବ୍ଦ କରି ଜ୍ୱଳି ଉଠିଲା । କେପରି ଅଗ୍ନି ପ୍ରବେଶ କଲା ଜଣା ଯାଇ ନାହିଁ । ଲୋକେ ହଠାତ୍ ଏ ଦୁର୍ଘଟନା ଦେଖି ଚମକି ଉଠିଲେ ଓ କେତେଲୋକ ତହିଁରେ ମରି ପଡିଲେ । ଦୁର୍ଗଟି ଭାରି ଅସାର ପାଇ ଅଛି ଏବଂ ଅନେକ ଯୁଦ୍ଧର ଉପକରଣ ତହିଁରୁ ପ୍ରାପ୍ତ ହୋଇ ଅଛି ।

କାବୁଲ ନଗର ଏହିପରି ଅଧିକାର ହୋଇ ଥିଲେହେଁ ଯୁଦ୍ଧ ଶେଷ ହୋଇ ନାହିଁ କାରଣ ଘିଲଯାଇ ପ୍ରଭୃତି ଜାତୀୟ ଲୋକଙ୍କ ସହିତ ଯେତେବେଳେ ଯୁଦ୍ଧ ହେବାର ବନ୍ଦ ନାହିଁ ।

———

# ସାପ୍ତାହିକସଂବାଦ ।

ଏ ବର୍ଷର ଦୁର୍ଗୋତ୍ସବ ପର୍ବ [illegible] ସମ୍ପନ୍ନ ହେଲା । ବୃଷ୍ଟି [illegible] ଲୋକମାନେ [illegible] ଓ ଯାତ୍ରା ଦେଖିବାକୁ ଅଧିକ ସୁଯୋଗ ପାଇଥିଲେ । କେବଳ କେତେକ ସ୍ଥାନରେ [illegible] କିଛି ବୃଷ୍ଟି ହୋଇଥିଲା । ଫସଲର ଅବସ୍ଥା ଭଲ ଦେଖା ଯାଏ ।

କଲିକତା [illegible]ରେ ଜଣେ ବ୍ୟକ୍ତି ଧୂଆଁ [illegible] ମୃତ [illegible] । [illegible] ପ୍ରତିବାସିମାନଙ୍କ [illegible] ପ୍ରବେଶ ହେଉଥିବାରୁ ସେମାନଙ୍କ ମଧ୍ୟରୁ କେହି କେ [illegible] ବାସ [illegible] ମରଣ ଓ [illegible] କରିବା [illegible]

Split by PDF Splitter
Digitized by srujanika@gmail.com